# ଧରିତ୍ରୀ
DHARITRI

ଧରିତ୍ରୀ 50 Years ୫୧

ଭୁବନେଶ୍ୱର, ବୁଧବାର, ନଭେମ୍ବର ୨୭/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, November 27/2024 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 4 | ମୂଲ୍ୟ ₹୭/-




**ସାତ୍ତ୍ୱିକଙ୍କୁ ରୌପ୍ୟ ପଦକ**

ଇଟାଲୀରେ ଅନୁଷ୍ଠିତ ଫିଡେ ୱାର୍ଲ୍ଡ କ୍ୟାଡେଟ ଚେସ୍ ଚାମ୍ପିୟନଶିପ୍‌ର ୮ ବର୍ଷରୁ କମ୍ ଓପନ ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁ। **୧୬**

**୧୧** **୪୦୦ କୋଟି ପାର୍ କଲା 'ଭୁଲ୍ ଭୁଲୈୟା ୩'**

ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ 'ଭୁଲ୍ ଭୁଲୈୟା ୩' ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ୪୦୮.୫୨ କୋଟି ଟଙ୍କାର ରୋଜଗାର କରିସାରିଛି।





ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା, ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଓ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କେନ୍ଦ୍ର ମନ୍ତ୍ରୀ ଜେ.ପି. ନଡ୍ଡା ଏବଂ କିରେନ୍ ରିଜିଜୁ ସମ୍ବିଧାନର ମୁଖବନ୍ଧ ପାଠ କରୁଛନ୍ତି।

# ୨୦ରେ ରାଜ୍ୟ ସଭା ଉପନିର୍ବାଚନ

## ତାଲିକାରେ ଓଡ଼ିଶା ସମେତ ୪ ରାଜ୍ୟର ୬ ଆସନ

**ଭୁବନେଶ୍ୱର,୨୬।୧୧(ସୁନିତ୍ ମିଶ୍ର)**

ଓଡ଼ିଶା ସମେତ ୪ ରାଜ୍ୟରେ ଖାଲି ପଡ଼ିଥିବା ୬ଟି ରାଜ୍ୟ ସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଡିସେମ୍ବର ୨୦ରେ ଏହିସବୁ ଆସନରେ ଉପନିର୍ବାଚନ ହେବା ନେଇ ମଙ୍ଗଳବାର ଭାରତର ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ସୂଚନା ଦିଆଯାଇଛି। ଆନ୍ଧ୍ରପ୍ରଦେଶର ୩ଟି, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ହରିୟାଣାର ଗୋଟିଏ ଲେଖା ମୋଟ ୬ ରାଜ୍ୟ ସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ବିଜେଡିର ପୂର୍ବତନ ସାଂସଦ ସୁଜିତ କୁମାର ରାଜ୍ୟ ସଭା ସଦସ୍ୟ ପଦରୁ ଇସ୍ତଫାଦେବା ପରେ ଗୋଟିଏ ଆସନ ଖାଲିପଡ଼ିଛି। ଘୋଷିତ କାର୍ଯ୍ୟ ନିର୍ଘଣ୍ଟ ଅନୁସାରେ ଡିସେମ୍ବର ୨୦ରେ ରାଜ୍ୟ ସଭା ପାଇଁ ଉପନିର୍ବାଚନ ହେବ। ଏନେଇ ଡିସେମ୍ବର ୩ରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ୧୦ ତାରିଖ ନାମାଙ୍କନର ଶେଷ ତାରିଖ ରହିଛି। ୧୧ରେ ନାମାଙ୍କନ ଯାଞ୍ଚ ଏବଂ ୧୩ରେ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରହିଛି। ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶାର ରାଜ୍ୟ ସଭା ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଦ୍ୱିପାକ୍ଷିକ ସମ୍ପର୍କର ସ୍ଥିତି**




# ଭିମ୍‌ସାରରେ ଶିଶୁ ଚୋରି

**ସମ୍ବଲପୁର,୨୬।୧୧(ପ୍ରମୋଦ ବହିଦାର)**

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମ୍‌ସାର)ରୁ ମଙ୍ଗଳବାର ଏକ ୨ଦିନର ଶିଶୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଶିଶୁର ମାତାପିତା ଛତିଶଗଡ଼ ମହାସମୁନ୍ଦ ଜିଲା ବଡ଼େସଜାପାଲି ଗ୍ରାମର ସୀତା ଦାସ ଓ ମୋହନ ଦାସ ବୁର୍ଲା ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଅନୁସାରେ ଅପରାହ୍ନରେ ସ୍ତ୍ରୀ ଓ ପ୍ରସୂତି ୱାର୍ଡରେ ଭର୍ତ୍ତି ହୋଇଥିବା ଜଣେ ରୋଗୀଙ୍କର ସମ୍ପର୍କୀୟ ଭାବେ ନିଜକୁ ପରିଚୟ ଦେଇ ଜଣେ ମହିଳା ତାଙ୍କ ପୁଅକୁ କୋଳରେ ଧରି ବୁଲାଉଥିଲେ। ସେମାନଙ୍କ ଅନ୍ୟମନସ୍କତାର ସୁଯୋଗ ନେଇ ସମ୍ପୃକ୍ତ ମହିଳା ପିଲାକୁ ଧରି ସେଠାରୁ କୁଆଡ଼େ ପଳାଇଥିଲେ। ଦୀର୍ଘ ସମୟ ଧରି ନ ଫେରିବାରୁ ୱାର୍ଡର ଅନ୍ୟ ରୋଗୀ, ଡ୍ୟୁଟିରେ ଥିବା ନର୍ସ, ଡାକ୍ତରଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ଶିଶୁର କୌଣସି ସନ୍ଧାନ ମିଳି ନ ଥିଲା। ଅଭିଯୋଗ ଆଧାରରେ ଏକ ମାମଲା ରୁଜୁକରି ପୋଲିସ ଘଟଣାର ☞ ପୃଷ୍ଠା-୪

# ୧୨,୧୫୬ କୋଟିର ଅତିରିକ୍ତ ବ୍ୟୟବରାଦ

## ସୁଭଦ୍ରା ଯୋଜନା ପାଇଁ ୧୧୯୬ କୋଟି ଟଙ୍କା

**ଭୁବନେଶ୍ୱର,୨୬।୧୧(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ବିଧାନସଭାରେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ୧୨,୧୫୬ କୋଟି ଟଙ୍କାର ଅତିରିକ୍ତ ବଜେଟ ଉପସ୍ଥାପନ କରିଛନ୍ତି। ବଜେଟରେ ରାଜ୍ୟ ସରକାର ଗ୍ରାମୀଣ ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ପର୍ଯ୍ୟଟନ, କୃଷି କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି।

ଏଥିରେ ରାଜ୍ୟ ସରକାରଙ୍କ ଅଧୀନରେ ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ସହ ପ୍ରଚଳିତ କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଏବଂ ଭାରତ ସରକାରଙ୍କ ଦ୍ୱାରା ଘୋଷିତ ନୂତନ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା



ପାଇଁ ଅତିରିକ୍ତ ବ୍ୟୟବରାଦ କରାଯାଇଛି। ଅତିରିକ୍ତ ବଜେଟରେ ପ୍ରଶାସନିକ ବ୍ୟୟବରାଦ ୧,୬୮୫ କୋଟି ଟଙ୍କା ରଖାଯାଇଥିବା ବେଳେ କାର୍ଯ୍ୟକ୍ରମ ବ୍ୟୟ ୧୦,୧୫୫ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୧୨୦କୋଟି ରଖାଯାଇଛି। ଅତିରିକ୍ତ ବଜେଟରେ ରତ୍ନଭଣ୍ଡାର ପାଇଁ ୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ପାଇଁ ୧୨୫ କୋଟି, ସିଏପିଏଫ୍ ମୁତୟନ ପାଇଁ ୨୧୯ କୋଟି, ପୋଲିସ ଷ୍ଟେଶନ ଓ ଫାଣ୍ଡିରେ ସିସିଟିଭି ପାଇଁ ୫୧ କୋଟି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ବିସ୍ତୃତ ସୁବିଧା ପାଇଁ ୨୬ କୋଟି, ଅଗ୍ନିସେବାର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ୧୨୦ କୋଟି ବ୍ୟୟ ଅଟକଳ ☞ ପୃଷ୍ଠା-୪

# ସୁଭଦ୍ରା ଟଙ୍କା ପାଇବା ପାଇଁ ଆବେଦନର ଶେଷ ତାରିଖ ମାର୍ଚ୍ଚ ୭

**ଭୁବନେଶ୍ୱର,୨୬।୧୧(ସୁନିତ୍ ମିଶ୍ର)**

ସୁଭଦ୍ରା ଯୋଜନା ପାଇଁ ଆସନ୍ତା ବର୍ଷ ମାର୍ଚ୍ଚ ୭ ଆବେଦନର ଡେଡ୍‌ଲାଇନ ରଖାଯାଇଛି। ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଲାଗି ହିତାଧିକାରୀଙ୍କୁ ୨୦୨୫ ମାର୍ଚ୍ଚ ୭ ଭିତରେ ଶେଷ ଥର ଲାଗି ଆବେଦନ କରିବାକୁ ସୁଯୋଗ ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ମାର୍ଚ୍ଚ ୮ ମହିଳା ଦିବସରେ ଦ୍ୱିତୀୟ କିସ୍ତି ସୁଭଦ୍ରା ଟଙ୍କା ମିଳିବ। ଅନ୍ୟପଟେ ମାଲକାନଗିରିର ବଣ୍ଡାଘାଟିରେ ହିତାଧିକାରୀଙ୍କ ପାଖକୁ ବିଭାଗୀୟ ଅଧିକାରୀ ଯାଇ ଫିଜିକାଲ ଭେରିଫିକେଶନ ☞ ପୃଷ୍ଠା-୪

# ହାତୀ ମୃତ୍ୟୁ ରୋକିବାକୁ ଆକ୍ସନ ପ୍ଲାନ୍ କର

## ନିଜ ଆଡୁ ମାମଲା କଲେ ହାଇକୋର୍ଟ

**କଟକ,୨୬।୧୧(କାର୍ତ୍ତିକ ସାହୁ)**

ହାତୀ ମୃତ୍ୟୁ ରୋକିବା ପାଇଁ ଆସନ୍ତା ୧୦ ଦିନ ମଧ୍ୟରେ ରାଜ୍ୟର ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକ ସହ ମୁଖ୍ୟ ବନ ସଂରକ୍ଷକ ବୈଠକ କରି ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବେ। ହାତୀ ମୃତ୍ୟୁ ରୋକିବାକୁ ଗଠନ ହୋଇଥିବା ଜଏଣ୍ଟ ଟାସ୍କ ଫୋର୍ସରେ ବନ ବିଭାଗ ଅଧିକାରୀ ଓ ପୋଲିସ ଅଧିକାରୀ ରହିଛନ୍ତି। ମାତ୍ର ଏବେଠୁ ଉକ୍ତ ଟାସ୍କଫୋର୍ସରେ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ସାମିଲ କରିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ସେହିପରି ଚିହ୍ନଟ ହୋଇଥିବା ୧୪ଟି ହାତୀ କରିଡର ସଂକ୍ରାନ୍ତରେ ଏପର୍ଯ୍ୟନ୍ତ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ରାଜ୍ୟ ସରକାର ଏହା ଉପରେ ଜବାବ ରଖିବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଖଣ୍ଡପୀଠ ମାମଲାର ଶୁଣାଣିକରି ଏଭଳି ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ଆସନ୍ତା ୧୪ ଦିନ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ହାଇକୋର୍ଟଙ୍କ ଆଦେଶ ଅନୁସାରେ ମୁଖ୍ୟ ବନ ସଂରକ୍ଷକ ମଙ୍ଗଳବାର ହାଇକୋର୍ଟରେ ହାଜର ହୋଇ ସତ୍ୟପାଠ ଦାଖଲ କରିଛନ୍ତି। ୨୦୨୦ରୁ ☞ ପୃଷ୍ଠା-୪

# ମାସାଧିକ କାଳ ଡିଜିଟାଲ ଆରେଷ୍ଟରେ ବୃଦ୍ଧା

## ୩.୮ କୋଟି ଟଙ୍କା ଲୁଟିନେଲେ ସାଇବର ଠକ

**ମୁମ୍ବାଇ, ୨୬।୧୧**

'ଡିଜିଟାଲ ଆରେଷ୍ଟ'ର ଏକ ସବୁଠାରୁ ଲମ୍ବା ଘଟଣା ମଙ୍ଗଳବାର ସାମ୍ନାକୁ ଆସିଛି। ଦକ୍ଷିଣ ମୁମ୍ବାଇର ଜଣେ ୭୭ ବର୍ଷୀୟା ବୃଦ୍ଧା ମହିଳାଙ୍କୁ ମାସେରୁ ଅଧିକ ସମୟ ଧରି ଡିଜିଟାଲ ଆରେଷ୍ଟ କରି ରଖାଯାଇଥିଲା। ଆଉ ଏଥିରେ ମହିଳା ଜଣକ ୩.୮ କୋଟି ଟଙ୍କାର ଠକାମିର ଶିକାର ମଧ୍ୟ ହୋଇଥିବା ପୋଲିସ ସୂଚନା ଦେଇଛି। ସ୍ୱାମୀଙ୍କ ସହ ଉକ୍ତ ମହିଳା ରହୁଥିବାବେଳେ ତାଙ୍କ ପିଲାମାନେ ବିଦେଶରେ ରହୁଛନ୍ତି।

ମହିଳାଙ୍କ ଅଭିଯୋଗ ଅନୁଯାୟୀ, ପ୍ରାୟ ମାସେ ତଳେ ତାଙ୍କୁ ଏକ ହ୍ୱାଟ୍ସଆପ୍ କଲ୍ ଆସିଥିଲା। ଏହି କଲ୍‌ରେ କୁହାଯାଇଥିଲା, ତାଇୱାନରେ ତାଙ୍କ ନାମରେ ଏକ ପାର୍ସଲ ଧରା ପଡ଼ିଛି। ଏହି ପାର୍ସଲରେ ୫ଟି



ପାସ୍‌ପୋର୍ଟ, ବ୍ୟାଙ୍କ କାର୍ଡ ସହ ନିଶା ଦ୍ରବ୍ୟ ମିଳିଛି। ତେବେ ତାଇୱାନକୁ କୌଣସି ପାର୍ସଲ ପଠାଇନଥିଲେ ବୋଲି ପୀଡ଼ିତା ମହିଳା କହିଥିଲେ। ତେବେ ମୁମ୍ବାଇ ପୋଲିସର ଜଣେ ଅଧିକାରୀଭାବେ ପରିଚୟ ଦେଇ ଜଣେ ଅଭିଯୁକ୍ତ ପୀଡ଼ିତା ମହିଳାଙ୍କୁ କହିଥିଲେ, ☞ ପୃଷ୍ଠା-୪

### ଡିଜିଟାଲ ଆରେଷ୍ଟ କ'ଣ

'ଡିଜିଟାଲ ଆରେଷ୍ଟ' ହେଉଛି ଜନସାଧାରଣଙ୍କୁ ଠକିବା ପାଇଁ ସାଇବର ଅପରାଧୀଙ୍କ ଦ୍ୱାରା ବ୍ୟବହୃତ ଏକ ନୂତନ ପଦ୍ଧତି। ଏହି ଉପାୟରେ ସାଇବର ଅପରାଧୀମାନେ ନିଜକୁ ବିଭିନ୍ନ ତଦନ୍ତକାରୀ ଏଜେନ୍ସିର ଅଧିକାରୀ ଭାବେ ପରିଚୟ ଦେଇ ସାଧାରଣ ଲୋକଙ୍କୁ କଲ୍ କରିଥାନ୍ତି। ବିଭିନ୍ନ ଦୁର୍ନୀତିରେ ସମ୍ପୃକ୍ତି ଥିବା ଦର୍ଶାଇ ନିରୀହ ଲୋକଙ୍କୁ ଏହି ସାଇବର ଅପରାଧୀମାନେ ଫୋନ୍ କିମ୍ବା ବିଭିନ୍ନ ଅନ୍‌ଲାଇନ ପ୍ଲାଟ୍‌ଫର୍ମ ଜରିଆରେ ଭିଡିଓ କଲ୍ ଜରିଆରେ ସେମାନଙ୍କଠାରୁ ବ୍ୟକ୍ତିଗତ ତଥ୍ୟ ଆଦାୟ କରିବା ସହ ଟଙ୍କା ପଠାଇବା ପାଇଁ ଧମକ ଦେଇଥାନ୍ତି।



हरियाणा सरकार

KURUKSHETRA DEVELOPMENT BOARD कुरुक्षेत्र विकास मंडल

भागीदार प्रदेश ओडिशा

भागीदार देश संयुक्त गणराज्य तंजानिया

यद्यदाचरति श्रेष्ठस्तत्तदेवेतरो जनः।
स यत्प्रमाणं कुरुते लोकस्तदनुवर्तते॥
भगवद्गीता 3.21



# अन्तर्राष्ट्रीय गीता महोत्सव 2024

28 नवम्बर – 15 दिसम्बर
कुरुक्षेत्र, हरियाणा



## मुख्य कार्यक्रम

| समय | स्थल | कार्यक्रम |
|---|---|---|
| **बृहस्पतिवार, 5 दिसम्बर** | | |
| प्रात: 09:00 | पुरुषोत्तमपुरा बाग, ब्रह्म सरोवर | गीता यज्ञ एवं गीता पूजन |
| प्रात: 11:15 | पुरुषोत्तमपुरा बाग, ब्रह्म सरोवर | हरियाणा, भागीदार प्रदेश ओडिशा एवं सहभागी देश तंजानिया के पैवेलियन का शुभारम्भ |
| अपराह्न 12:30 | श्रीमद्भगवद्गीता सदन, कुरुक्षेत्र विश्वविद्यालय | अन्तर्राष्ट्रीय गीता संगोष्ठी का उद्घाटन |
| सायं 05:00 | पुरुषोत्तमपुरा बाग, ब्रह्म सरोवर | भजन संध्या एवं महाआरती |
| सायं 06:00 | पुरुषोत्तमपुरा बाग, ब्रह्म सरोवर | साँस्कृतिक संध्या |
| **सोमवार, 9 दिसम्बर** | | |
| अपराह्न 02:00 | पुरुषोत्तमपुरा बाग, ब्रह्म सरोवर | संत सम्मेलन |
| **मंगलवार, 10 दिसम्बर** | | |
| अपराह्न 02:00 | पुरुषोत्तमपुरा बाग, ब्रह्म सरोवर | अखिल भारतीय देवस्थानम सम्मेलन |
| **बुधवार, 11 दिसम्बर** | | |
| प्रात: 9:00 | गीता जन्मस्थली-ज्योतिसर एवं सन्निहित सरोवर | श्रीमद्भगवद्गीता का सम्पूर्ण पाठ एवं गीता यज्ञ |
| प्रात: 10:00 | थीम पार्क, कुरुक्षेत्र | 18000 विद्यार्थियों द्वारा गीता का वैश्विक पाठ |
| अपराह्न 02:00 | श्रीमद्भगवद्गीता सदन, कुरुक्षेत्र विश्वविद्यालय | 48 कोस तीर्थ सम्मेलन |
| अपराह्न 03:00 | कुरुक्षेत्र विकास बोर्ड कार्यालय के सामने से | गीता शोभा यात्रा का प्रारम्भ |
| सायं 05:30 | ब्रह्म सरोवर, सन्निहित सरोवर एवं ज्योतिसर | दीपोत्सव |
| सायं 05:30 | 48 कोस कुरुक्षेत्र भूमि | तीर्थों पर दीपोत्सव |
| सायं 06:00 | पुरुषोत्तमपुरा बाग, ब्रह्म सरोवर | गीता महाआरती एवं दीप दान |
| **28 नवम्बर – 15 दिसम्बर** | | |
| प्रात: 09:00 | ब्रह्म सरोवर | ख्याति प्राप्त शिल्पियों का संगम – शिल्प एवं सरस मेला |
| **5 – 11 दिसम्बर** | | |
| प्रात: 09:00 | पुरुषोत्तमपुरा बाग, ब्रह्म सरोवर | राज्य स्तरीय प्रदर्शनी-सूचना, जन संपर्क एवं भाषा विभाग, हरियाणा |
| प्रात: 09:00 | ब्रह्म सरोवर | गीता पुस्तक मेला- हरियाणा ग्रंथ अकादमी के सौजन्य से |
| प्रात: 11:00 | पुरुषोत्तमपुरा बाग, ब्रह्म सरोवर | हरियाणा एवं ओडिशा पैवेलियन में साँस्कृतिक कार्यक्रम |
| सायं 06:00 | पुरुषोत्तमपुरा बाग, ब्रह्म सरोवर | साँस्कृतिक संध्या |



"सभी देशवासियों को गीता जयंती की अनंत शुभकामनाएं। श्रीमद्भगवद्गीता सदियों से मानवता का मार्गदर्शन करती आई है। अध्यात्म और जीवन-दर्शन से जुड़ा यह महान ग्रंथ हर युग में पथ प्रदर्शक बना रहेगा।"

**- नरेन्द्र मोदी**

@igmkkr

InternationalGitaMahotsav

www.internationalgitamahotsav.in
www.48koskurukshetra.com

No.1089/13/1890/2025/30533/276/21, Dated Chandigarh, the 26/11/2024

**सूचना, जन सम्पर्क एवं भाषा विभाग, हरियाणा** | www.prharyana.gov.in | Follow us on @diprharyana

# ଆଜି ଆସିପାରେ ଶୀତଦିନିଆ ହାତୀ ଗଣନା ରିପୋର୍ଟ

**ଭୁବନେଶ୍ୱର, ୨୬।୧୧ (ବନ୍ଦନା ସେଠୀ)**

ରାଜ୍ୟରେ ପ୍ରଥମ ଶୀତକାଳୀନ ହାତୀ ଗଣନା ସରିଛି। ଓଡ଼ିଶା ଜଙ୍ଗଲରେ କେତେ ହାତୀ ଅଛନ୍ତି ତାହାର ବିସ୍ତୃତ ରିପୋର୍ଟ ବୁଧବାର ପ୍ରକାଶ ପାଇପାରେ ବୋଲି ପିସିସିଏଫ୍ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ନଭେମ୍ବର ୧୪ରୁ ୧୬ ପର୍ଯ୍ୟନ୍ତ ୩ଦିନ ଧରି ରାଜ୍ୟର ୪୮ ବନଖଣ୍ଡରେ ବନ ବିଭାଗ ପକ୍ଷରୁ ହାତୀ ଗଣନା କରାଯାଇଥିଲା। ଏବେ ବିଭିନ୍ନ ବନଖଣ୍ଡରୁ ଆସିଥିବା ରିପୋର୍ଟକୁ ତର୍ଜମା କରାଯାଉଛି। ଯେଭଳି କୌଣସି ହାତୀ ଦୁଇଥର ଗଣତି ନ ହୁଏ, ସେନେଇ ଫିଲ୍ଡ ଡାଟା ତାଳମେଳ କରାଯିବା ସହିତ ଜିପିଏସ୍ କୋଅର୍ଡିନେଟ୍ କରାଯାଉଛି। ଖରାଦିନେ ହୋଇଥିବା ଗଣନା ବେଳେ ଯେଉଁ ହାତୀ ଅଭୟାରଣ୍ୟ ଭିତରେ ଥିଲେ, ଏବେ ସେମାନେ ଜନବସତିମୁହାଁ ହୋଇଛନ୍ତି। ସେସବୁର ତଥ୍ୟକୁ ଏକାଠି କରାଯାଉଛି। ବୁଧବାର ସନ୍ଧ୍ୟା ନଚେତ୍ ଗୁରୁବାର ଏହାର ବିସ୍ତୃତ ରିପୋର୍ଟ ପ୍ରଦାନ କରାଯିବ। ରାଜ୍ୟର ବିଭିନ୍ନ ଜଙ୍ଗଲରେ କେତେ ହାତୀ ଅଛନ୍ତି ଓ ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ପଶ୍ଚିମବଙ୍ଗରୁ କେତେ ରାଜ୍ୟକୁ ଆସିଛନ୍ତି, ଏସବୁର ବିସ୍ତୃତ ତଥ୍ୟ ପ୍ରଦାନ କରାଯିବ। ଏଥିସହ ଖରାଦିନେ ରାଜ୍ୟରେ କେତେ ହାତୀ ଥିଲେ ଏବଂ ଶୀତଦିନେ କେତେ ଅଛନ୍ତି, ତାହା ମଧ୍ୟ ଜଣାପଡିବ ବୋଲି ପିସିସିଏଫ୍ କହିଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ ଖରାଦିନେ ଅର୍ଥାତ୍ ମେ'ରେ ରାଜ୍ୟର ୩୮ଟି ବନଖଣ୍ଡରେ ହାତୀ ଗଣନା କରାଯାଇଥିଲା। ରାଜ୍ୟରେ ମୋଟ୍ ୨ହଜାର ୯୮ ହାତୀ ରହିଥିବା ଉକ୍ତ ଗଣନାରୁ ଜଣାପଡିଥିଲା। ଏହା ପୂର୍ବରୁ ୨୦୧୭ରେ ହୋଇଥିବା ହାତୀ ଗଣନାରେ ରାଜ୍ୟରେ ମୋଟ୍ ୧୯୭୬ଟି ହାତୀ ଥିବା ରିପୋର୍ଟ ପ୍ରକାଶ ପାଇଥିଲା। ତେଣୁ ରାଜ୍ୟରେ ଦିନକୁ ଦିନ ହାତୀ ସଂଖ୍ୟା ବୃଦ୍ଧି ପାଉଥିବା ଜଣାପଡୁଛି। ତେବେ ଶୀତଦିନିଆ ହାତୀ ଗଣନା ରିପୋର୍ଟରେ ରାଜ୍ୟରେ ହାତୀଙ୍କ ସ୍ଥିତିକୁ ନେଇ ଅଧିକ ତଥ୍ୟ ପ୍ରକାଶ ପାଇବ ବୋଲି ସୂଚନା ଦିଆଯାଇଛି।

# ବିଧାନସଭାରେ ଶୋକ

**ଭୁବନେଶ୍ୱର, ୨୬।୧୧ (ଅନିଲ ଦାସ)**

ସପ୍ତଦଶ ବିଧାନସଭାର ଶୀତ ଅଧିବେଶନ ପ୍ରଥମ ଦିନ ଗୃହରେ ପରଲୋକଗତ ୬ ଜଣ ସଦସ୍ୟଙ୍କ ବିୟୋଗରେ ଶୋକ କରାଯାଇଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଜାତୀୟସଙ୍ଗୀତ ଗାନ ପରେ ବାଚସ୍ପତି ସୁରମା ପାଢ଼ୀ ବିଧାନସଭାର ସ୍ୱର୍ଗତ ସଦସ୍ୟ ସମୀର ଦେ, ଧନେଶ୍ୱର ମାଝି, ମକରଧ୍ୱଜ ପ୍ରଧାନ, ନିରଞ୍ଜନ ପ୍ରଧାନ, ଉତ୍କଳକେଶରୀ ପରିଡ଼ା ଏବଂ ପୂର୍ଣ୍ଣଚନ୍ଦ୍ର ମାଝିଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ କରିବାକୁ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ଶୋକ ପ୍ରସ୍ତାବ ଆଗତ କରିବା ସହ ଦିବଂଗତ ସଦସ୍ୟଙ୍କ ରାଜନୈତିକ ଜୀବନୀ ଉପରେ ସଂକ୍ଷିପ୍ତ ସୂଚନା ଦେଇଥିଲେ। ଏଥିସହିତ ସ୍ୱର୍ଗତ ସଦସ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ସମର୍ଥନ କରିବା ସହ ସ୍ୱର୍ଗତ ସଦସ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଥିଲେ। ଶେଷରେ ବାଚସ୍ପତି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ନିଜର ତଥା ଗୃହର ସମବେଦନା ଜଣାଇଥିଲେ। ପରଲୋକଗତ ସଦସ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୃହରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଧାନସଭାରେ ୨୫ ମିନିଟ୍ ଧରି ଶୋକ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା।



ବଜ୍ର କର୍ର ଜେନେରାଲ କମାଣ୍ଡିଂ ଅଫିସର ତଥା ଲ୍ୟୁଟ୍ନାଣ୍ଟ୍ ଜେନେରାଲ ଅଜୟ ଚାନ୍ଦପୁରିଆ ମଙ୍ଗଳବାର ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ କାର୍ଯ୍ୟାଳୟକୁ ଆସିଥିବାବେଳେ ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଧରିତ୍ରୀ ପରିବାରର ସଦସ୍ୟଙ୍କ ଗହଣରେ ।

# ସୂଚନା କମିଶନ ପଦବୀ ୪ ସପ୍ତାହରେ ପୂରଣ ହେଉ

## କେନ୍ଦ୍ର, ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**୨୦୨୩ରେ ଏକ ମାମଲାର ଶୁଣାଣି ବେଳେ କେନ୍ଦ୍ର ଓ ରାଜ୍ୟଗୁଡ଼ିକର ସୂଚନା କମିଶନରେ ଖାଲି ପଡ଼ିଥିବା ପଦବୀ ପୂରଣରେ ବିଫଳତାକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସୂଚନା କମିଶନର ପଦବୀ ପୂରଣ କରିବାରେ ରାଜ୍ୟଗୁଡ଼ିକର ଅକ୍ଷମତା ହେତୁ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ, ୨୦୦୫ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହୋଇପାରୁନାହିଁ। ଏଥିଯୋଗୁ ଲୋକଙ୍କ ସୂଚନା ପାଇବା ଅଧିକାର ପ୍ରଭାବିତ ହେଉଛି। ଖାଲି ପଦବୀ ପୂରଣ ନ ହେଲେ ଆର୍‌ଟିଆଇ ଏକ 'ମୃତପତ୍ର'ରେ ପରିଣତ ହୋଇଯିବ ବୋଲି ଶୀର୍ଷ ଅଦାଲତ ସତର୍କ କରାଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ଏବଂ ରାଜ୍ୟ ସୂଚନା କମିଶନ (ଏସ୍‌ଆଇସି)ରେ ଅନେକ ପଦବୀ ଖାଲି ପଡ଼ିଛି। ୪ ସପ୍ତାହ ମଧ୍ୟରେ ଏହି ପଦବୀଗୁଡ଼ିକୁ ପୂରଣ କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।**

**ନୂଆଦିଲ୍ଲୀ, ୨୬।୧୧ (ପି.ଟି.)**

କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ଏବଂ ରାଜ୍ୟ ସୂଚନା କମିଶନ (ଏସ୍‌ଆଇସି)ରେ ଖାଲିପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେଉଁ ରାଜ୍ୟର ସୂଚନା କମିଶନରେ କେତେ ପଦବୀ ଖାଲିପଡ଼ିଛି ଏବଂ ସେଗୁଡ଼ିକୁ ପୂରଣ ଦିଗରେ କି ପଦକ୍ଷେପ ନିଆଯାଇଛି, ସେନେଇ ଅଦାଲତଙ୍କୁ ଅବଗତ କରାଇବା ପାଇଁ କୁହାଯାଇଛି। ଯେଉଁ ରାଜ୍ୟଗୁଡ଼ିକ ଖାଲି ପଦବୀ ପୂରଣ ଦିଗରେ ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି, ସେମାନେ ଏହାକୁ ୪ ସପ୍ତାହ ଭିତରେ ଶେଷ କରିବା ଉଚିତ ଦୁଇଜଣିଆ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ସୂଚନା ଅଧିକାର (ଆର୍‌ଟିଆଇ) ଅଧୀନରେ ପ୍ରତିଷ୍ଠିତ ସୂଚନା କମିଶନମାନଙ୍କ ଅଫିସରେ ଖାଲିପଡ଼ିଥିବା ପଦବୀ ପ୍ରସଙ୍ଗରେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଛି। ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠରେ ଶୁଣାଣି ବେଳେ ଆବେଦନକାରୀମାନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ପ୍ରଶାନ୍ତ ଭୂଷଣ ଯୁକ୍ତି ବାଢ଼ି କହିଛନ୍ତି, ୨୦୧୯ରେ ଅଞ୍ଜଳି ଭରଦ୍ୱାଜ ଓ ଓଗେର ବନାମ ଭାରତ ସରକାର ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ସତ୍ତ୍ୱେ ସିଆଇସି ଏବଂ ଏସ୍‌ଆଇସି ପଦବୀ ପୂରଣ ହୋଇନାହିଁ। ସିଆଇସିରେ ୮ ପଦବୀ ଖାଲିପଡ଼ିଥିବାବେଳେ ୨୦୨୪ ନଭେମ୍ବର ୧୧ ସୁଦ୍ଧା ସେଥିରୁ ମାତ୍ର ୩ ପଦବୀ ପୂରଣ ହୋଇଛି। ମହାରାଷ୍ଟ୍ର ଏସ୍‌ଆଇସିରେ ୭ ପଦବୀ ଖାଲିପଡ଼ିଛି। ୨୦୨୦ ମେ'ରୁ ଝାଡ଼ଖଣ୍ଡ, ୨୦୨୧ ଜୁଲାଇରୁ ତ୍ରିପୁରା, ୨୦୨୩ ଫେବୃୟାରୀରୁ ତେଲଙ୍ଗାନା ଏସ୍‌ଆଇସି ଅକାମୀ ହୋଇ ପଡ଼ିରହିଛି। ସେହିପରି ବିହାର, ପଶ୍ଚିମବଙ୍ଗ, ଓଡ଼ିଶା ଓ କର୍ନାଟକ ଏସ୍‌ଆଇସିରେ ମଧ୍ୟ ୧ରୁ ୮ ପର୍ଯ୍ୟନ୍ତ ପଦବୀ ଖାଲି ରହିଛି। ସୂଚନା କମିଶନ ପ୍ରତିଷ୍ଠା ପଛର ଉଦ୍ଦେଶ୍ୟ ଥିଲା ଏହି ସଂସ୍ଥା ସରକାରଙ୍କ ବାହାରେ ରହି ନିରପେକ୍ଷତା ବଜାୟ ରଖିବ। କିନ୍ତୁ ସେମାନେ ସ୍ୱାଧୀନ ଅପିଲ ପ୍ରକ୍ରିୟାକୁ ବନ୍ଦକରି ବସ୍ତୁତଃ ଆର୍‌ଟିଆଇକୁ ଧ୍ୱଂସ କରୁଛନ୍ତି। ସମୟବଦ୍ଧ ଭାବେ ଏହି ଅପିଲଗୁଡ଼ିକର ଶୁଣାଣି କିଏ କରିବ?

କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ବ୍ରିଜେନ୍ଦ୍ର ଚହର କହିଥିଲେ, ୨୦୨୩ ନଭେମ୍ବରରେ ସିଆଇସିର ୪ ଜଣ କମିଶନର ଅବସର ନେଇଥିବାବେଳେ ସେମାନଙ୍କ ସ୍ଥାନରେ ନୂଆ କମିଶନରଙ୍କୁ ନିଯୁକ୍ତି ଦିଆଯାଇଥିଲା। ତେବେ ଏହା ଗତବର୍ଷର ରେକର୍ଡ ହୋଇଥିବାରୁ ନୂଆ ରିପୋର୍ଟ ଦାଖଲ ପାଇଁ ଖଣ୍ଡପୀଠଙ୍କୁ ବ୍ରିଜେନ୍ଦ୍ର ସମୟ ମାଗିଥିଲେ। ଖଣ୍ଡପୀଠ ତାଙ୍କ ନିବେଦନକୁ ରକ୍ଷାକରିବା ସହ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସିଆଇସିରେ ୧୧ ପଦବୀ ମଧ୍ୟରୁ ୮ଟିରେ ପୂରଣ କରିବା ପାଇଁ ନିର୍ଦ୍ଦିଷ୍ଟ ଭାବେ କ'ଣ ପଦକ୍ଷେପ ନିଆଯାଇଛି, ସେନେଇ ଏଥିରେ ଉଲ୍ଲେଖ କରିବାକୁ ଖଣ୍ଡପୀଠ କହିଛନ୍ତି।

ତେଲଙ୍ଗାନା ସରକାରଙ୍କ ଓକିଲ ଖଣ୍ଡପୀଠଙ୍କୁ ଅବଗତ କରାଇଛନ୍ତି, ୨୦୨୪ ଜୁନ୍‌ରେ ଏନେଇ ବିଜ୍ଞପ୍ତି ଜାରି କରାଯାଇଥିବାବେଳେ ଜୁଲାଇରେ ନିଯୁକ୍ତି କମିଟି ଗଠନ କରାଯାଇଛି। ଖଣ୍ଡପୀଠ ଏହା ଶୁଣିବା ପରେ କେତେଶୀଘ୍ର ନିଯୁକ୍ତି କରାଯାଇପାରିବ ସେନେଇ ୨ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଝାଡ଼ଖଣ୍ଡ ସରକାରଙ୍କ ଓକିଲ କହିଛନ୍ତି, କୋରମ୍ ଅଭାବରୁ ଚୟନ କମିଟି ଗଠନ ଏବଂ ନିଯୁକ୍ତି ସମ୍ଭବ ହୋଇନାହିଁ। କୋର୍ଟ ୪ ସପ୍ତାହ ମଧ୍ୟରେ ସୂଚନା କମିଶନର ପଦବୀଗୁଡ଼ିକୁ ପୂରଣ କରି ଅନୁପାଳନ ରିପୋର୍ଟ ସତ୍ୟପାଠ ଆକାରରେ ଦାଖଲ ଲାଗି ଝାଡ଼ଖଣ୍ଡ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ତ୍ରିପୁରା ସରକାରଙ୍କ ଓକିଲ ଚୟନ ପ୍ରକ୍ରିୟା ଜାରି ରହିଥିବା କହିବା ପରେ କୋର୍ଟ ଅନୁରୂପ ସତ୍ୟପାଠ ଦାଖଲ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଖାଲି ପଦବୀ ପୂରଣ ନିମନ୍ତେ ଏହି ନିର୍ଦ୍ଦେଶନାମା ସବୁ ରାଜ୍ୟ ପାଇଁ ଜାରି ହେବା ଉଚିତ ବୋଲି ପ୍ରଶାନ୍ତ ଭୂଷଣ କହିଥିଲେ। ସୁପ୍ରିମକୋର୍ଟ ତାଙ୍କ ଅନୁରୋଧ ରଖି ସମସ୍ତ ରାଜ୍ୟର ମୁଖ୍ୟ ସଚିବଙ୍କୁ ୨ ସପ୍ତାହ ମଧ୍ୟରେ ଷ୍ଟାଟସ୍ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି।

### ଓଡ଼ିଶାରେ ୬ରୁ ୪ ଖାଲି

**ଭୁବନେଶ୍ୱର, ୨୬।୧୧ (ଅନିଲ ଦାସ)**

ଓଡ଼ିଶାରେ ମୁଖ୍ୟ ସୂଚନା କମିଶନରଙ୍କୁ ଛାଡ଼ି ୫ ସୂଚନା କମିଶନର ନିଯୁକ୍ତି ପାଇପାରିବେ ବୋଲି ବ୍ୟବସ୍ଥା ରହିଛି। ହେଲେ ଏବେ ମାତ୍ର ଦୁଇ ଜଣ ସୂଚନା କମିଶନର ଅଛନ୍ତି। ଅର୍ଥାତ୍ ମୁଖ୍ୟ ସୂଚନା କମିଶନର ଓ ୩ ସୂଚନା କମିଶନର ପଦବୀ ଖାଲି ପଡ଼ିଛି। ମୁଖ୍ୟ ସୂଚନା କମିଶନର ଜଗଦ ତ୍ରିପାଠୀଙ୍କ ଅବସର ପରେ ସେହି ପଦବୀ ଖାଲି ପଡ଼ିଛି।

# ଆଜି ଶ୍ରୀମନ୍ଦିରରେ ୫ ଘଣ୍ଟା ଦର୍ଶନ ବନ୍ଦ

## ମହାପ୍ରଭୁଙ୍କ ବନକଲାଗି ନୀତି ହେବ

**ପୁରୀ, ୨୬।୧୧ (ଅଜିତ୍ କୁମାର ମହାନ୍ତି)**

ମାର୍ଗଶିର ମାସ କୃଷ୍ଣପକ୍ଷ ଦ୍ୱାଦଶୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତ ନୀତି। ତେଣୁ ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ବୁଧବାର ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବନକ ଲାଗି ନୀତି ଅନୁଷ୍ଠିତ ହେବାକୁ ଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଏହି ନୀତି ଅନୁଷ୍ଠିତ ହୋଇଥାଏ। ଦତ୍ତମହାପାତ୍ର ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥାନ୍ତି। ସେମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ ସହ ଅନ୍ୟାନ୍ୟ ନୀତି ବଢ଼ିବା ପରେ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥାଏ।





ନୂତନ ଉପଲବ୍ଧି...
ଉତ୍କଳ ବିଶ୍ୱବିଦ୍ୟାଳୟ
ଆମ ସଫଳତା : ୨୭ ନଭେମ୍ବର ୧୯୪୩......

- ରାଷ୍ଟ୍ରୀୟ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପରିଷଦ (NAAC) ଗ୍ରେଡ୍ ତାଲିକାରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦ୍ୱିତୀୟ ଥର ପାଇଁ 'ଏ+' ମାନ୍ୟତା।
- ଜାତୀୟ ସଂସ୍ଥାଗତ ରାଙ୍କି ଫ୍ରେମ୍‌ୱାର୍କ (NIRF) ତରଫରୁ 'ଇଣ୍ଡିଆ ରାଙ୍କିଙ୍ଗସ୍-୨୦୨୪: ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ' ତାଲିକାରେ ୪୨ତମ ସ୍ଥାନରେ ସ୍ଥାନିତ ହେବାର ଗୌରବ।
- ରାଷ୍ଟ୍ରୀୟ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପରିଷଦ (NAAC), ବେଙ୍ଗାଲୁରୁ ସହିତ ପ୍ରତ୍ୟକ୍ଷ ସହଭାଗିତାରେ 'ନାକ୍-ସଂଶୋଧନ ୨୦୨୪ (ଦ୍ୱିଆଧାରୀ ସ୍ୱୀକୃତି)' ଉପରେ କ୍ଷେତ୍ରୀୟ ପରାମର୍ଶ କର୍ମଶାଳା-ଭାରତର ପୂର୍ବ କ୍ଷେତ୍ରର ସଫଳ ଆୟୋଜନ ଏବଂ ଏଥିରେ ୭୦୦ରୁ ଊର୍ଦ୍ଧ୍ୱ ଶିକ୍ଷା-ପ୍ରଶାସକଙ୍କ ପ୍ରତ୍ୟକ୍ଷ ଯୋଗଦାନ।
- ରାଷ୍ଟ୍ରୀୟ ଶୈକ୍ଷିକ ଯୋଜନା ଏବଂ ପ୍ରଶାସନ ସଂସ୍ଥାନ (ଏନ୍.ଆଇ.ଇ.ପି.ଏ.), ନୂଆଦିଲ୍ଲୀ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ମିଳିତ ସହଭାଗିତାରେ 'ନୂତନ ଶିକ୍ଷାନୀତି-୨୦୨୦'ର କାର୍ଯ୍ୟାନ୍ୱୟନ ପାଇଁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ହେବାର ବିଶେଷ ଉପଲବ୍ଧି ଏବଂ ସମଗ୍ର ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ୬୦୦ରୁ ଊର୍ଦ୍ଧ୍ୱ ଅଧିକାରୀମାନଙ୍କର ଅଂଶଗ୍ରହଣ।
- ଦକ୍ଷତା ବିକାଶ ଏବଂ ଉଦ୍ୟମିତା ପ୍ରୋତ୍ସାହନ କ୍ଷେତ୍ରରେ ଗବେଷଣା ଓ ବିଦ୍ୟାର୍ଥୀ ବିନିମୟ କାର୍ଯ୍ୟକ୍ରମ ପାଇଁ ଆମେରିକାର ନର୍ଥ ଇଷ୍ଟର୍ଣ୍ଣ ୟୁନିଭରସିଟି ସହ ଉତ୍କଳ ବିଶ୍ୱବିଦ୍ୟାଳୟର ଚୁକ୍ତିପତ୍ର ସ୍ୱାକ୍ଷର।
- ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣର ବୃଦ୍ଧି ପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ଡିଜିଟାଲ ଭିତ୍ତିଭୂମି ଓ କ୍ରୀଡ଼ା ଭିତ୍ତିଭୂମିର ବିକାଶକୁ ଗୁରୁତ୍ୱ ଏବଂ 'Digilocker (NAD)'ରେ 'ଏକାଡେମିକ୍ ବ୍ୟାଙ୍କ କ୍ରେଡିଟ୍'ର ଉପଲବ୍ଧି।
- UECH ପକ୍ଷରୁ ଓଡ଼ିଶାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଓ ସଚେତନତା ଶିବିର ସଫଳ ଭାବେ ଆୟୋଜନ। ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ Centre for Innovation and Incubation (CII)ରେ ଉଦ୍ୟୋଗ ଓ ଉଦ୍ୟୋମିତା ସୁବିଧା ରହିଛି।
- ବୃହତ୍ତର ଗବେଷଣା ପାଇଁ 'Central Instrumentation Facility (CIF)'ର ଆଧୁନିକୀକରଣ ଏବଂ 'Confocal Microscope', 'Zeta Potential Analyser, Highpower Computing Facility ଇତ୍ୟାଦିର ଗବେଷଣାତ୍ମକ ଯନ୍ତ୍ରପାତିର ସଂସ୍ଥାପନା।
- RUSA ଏବଂ WB-OHEPEE ଅନୁଦାନ ସହାୟତାରେ ସ୍ଥାପିତ ୧୦ଟି 'ଉତ୍କର୍ଷ ଗବେଷଣା କେନ୍ଦ୍ର (CoE)'ରେ ଆନ୍ତଃବିଭାଗୀୟ ଗବେଷଣାକୁ ଗୁରୁତ୍ୱ ତଥା ପିଏଚ୍.ଡି ଏବଂ ପୋଷ୍ଟ-ଡକ୍ଟରାଲ୍ ବିଦ୍ୟାର୍ଥୀଙ୍କ ପାଇଁ ଫେଲୋସିପ୍ ବ୍ୟବସ୍ଥା। ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ୫ଟି CoE ଅନୁଦାନ ପାଇବାକୁ ଯୋଗ୍ୟ ବିବେଚିତ।
- BARC Technology ଜରିଆରେ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଜଳ ଅମଳ ଓ ବର୍ଜ୍ୟବସ୍ତୁ ପରିଚାଳନା ବୈଷୟିକ ପ୍ରଯୁକ୍ତିଜ୍ଞାନ ଉପଲବ୍ଧ।


ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ସ୍ୱପ୍ନର ବିଶ୍ୱବିଦ୍ୟାଳୟ
ପ୍ରଫେସର ସବିତା ଆଚାର୍ଯ୍ୟ
କୁଳପତି
ଡ. କାହ୍ନୁଚରଣ ଧୀର(ଓ.ପ୍ର.ସେ)
କୁଳସଚିବ

# ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ର ମଙ୍ଗଳ ସମିତି ଆନୁକୂଲ୍ୟରେ ୧୧ତମ ବାର୍ଷିକୋତ୍ସବ ଉଚ୍ଛ୍ୱାସର ରଙ୍ଗ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତ ନାଟ୍ୟ ମହୋତ୍ସବ 'ଦଶରୂପକମ୍', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ଅପରାହ୍ନ ୩ଟା।
- ବିଶିଷ୍ଟ ସାହିତ୍ୟିକ, ସଂକୀର୍ତ୍ତନ ପ୍ରଚାରକ ନରସିଂହ ନନ୍ଦଙ୍କ ତ୍ରୟୋଦଶତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ମୃତି ସଭା ଓ ଆଲୋଚନାଚକ୍ର, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ପ୍ରଣାସ ଟ୍ରଷ୍ଟ ପକ୍ଷରୁ ବାଗ୍ମୀ ପ୍ରଦ୍ୟୁମ୍ନ ପ୍ରଣାମ ଉତ୍ସବ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସୃଜନୀ ପ୍ରତିଭା ସମ୍ମାନ, ସ୍ଥାନ: ସୂଚନା ଭବନ, ସମୟ: ରାତି ୮ଟା।

### ବାଲେଶ୍ୱର

- ଅଲିଭ୍ ରିଡ୍ଲେ ସାମୁଦ୍ରିକ କଇଁଛର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ସଚେତନତା ଶିବିର, ସ୍ଥାନ: ଆରିବାଡ଼ ସମ୍ମିଳନୀ କକ୍ଷ, ଡିଏଫ୍ଓଙ୍କ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଆଧ୍ୟାତ୍ମିକ ମହୋତ୍ସବ କମିଟି ପକ୍ଷରୁ ୧୦ଦିନ ବ୍ୟାପୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଭବ୍ୟ ୩୨ ବେଶ, ସ୍ଥାନ, ଥାନାଛକ ହେଲିପ୍ୟାଡ ପଡିଆ, ଭୋଗରାଇ, ସମୟ: ଅପରାହ୍ନ ୩ଟା।

### ଭଦ୍ରକ

- ଭାରତ ବିକାଶ ପରିଷଦ ପକ୍ଷରୁ ଚାରାରୋପଣ ଓ ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ଚରମ୍ପା କୋଡ଼ଗମ୍ଭୀରା, ଭଦ୍ରକ, ସମୟ: ସକାଳ ୭ଟା ୩୦।
- ଶ୍ରୀଜଗନ୍ନାଥ କଳା ସଂସ୍କୃତି, ସଂକୀର୍ତ୍ତନ ସେବା ବିକାଶ ପରିଷଦର ୧୦ମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

- ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଲଞ୍ଜାତର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।

### ମୟୂରଭଞ୍ଜ

- ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଗୋପୂଜା ଓ ସୂର୍ଯ୍ୟପୂଜା, ସ୍ଥାନ: ବେତନଟୀ ବ୍ଲକ ଅଧୀନ ବେତନଟୀ,ସମୟ: ସକାଳ ୭ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ:ବାପୁଜୀ ଉଚ୍ଚ ବିଦ୍ୟାଳୟ, ସାନ ବେଲାକୁଟୀ, ପସୁଦା ପଞ୍ଚାୟତ, ଗୋପବନ୍ଧୁ ନଗର ବ୍ଲକ,ସମୟ: ପୂର୍ବାହ୍ନ୧୦ଟା।
- ଜଗଦ୍ଧାତ୍ରୀ ମେଳାରେ ବଲିଉଡ୍ ନାଇଟ୍ସ, ସ୍ଥାନ:ଭଞ୍ଜପୁର, ବାରିପଦା,ସମୟ: ସନ୍ଧ୍ୟା ୭ଟା।

### ବ୍ରହ୍ମପୁର

- ନିଖିଳ ଓଡ଼ିଶା ବିଦ୍ୟୁତ ମଜଦୁର ମହାସଂଘ ପକ୍ଷରୁ ବିକ୍ଷୋଭ,ସ୍ଥାନ: ଟିପିଏସ୍ଓଡିଏଲ୍ ମୁଖ୍ୟ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୧ଟା।

### ଜଗତସିଂହପୁର

- ଆଦାନୀ ୱିଲମାର କମ୍ପାନୀରେ ଠିକା ଶ୍ରମିକ ଛଟେଇ ପ୍ରତିବାଦରେ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସିଆଇଟିୟୁ ପକ୍ଷରୁ ଧାରଣା, ସ୍ଥାନ: ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ, ମଧୁବନ ପାରାଦୀପ, ସମୟ: ସକାଳ ୯ଟା।

### କେନ୍ଦ୍ରାପଡ଼ା

- ଶ୍ରୀଲ ରାମଦାସ ବାବାଜୀ ମହାଶୟଙ୍କ ସ୍ମରଣୋତ୍ସବ, ସ୍ଥାନ: ନୃସିଂହଚିଁକିରି ମଠ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।

### ନୟାଗଡ଼

- ବାଲ୍ୟ ବିବାହ ମୁକ୍ତ ଭାରତ କର୍ମଶାଳାର ଉଦ୍‌ଘାଟନ, ସ୍ଥାନ:ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ଅପରାହ୍ନ ୩ଟା।

### ରାୟଗଡ଼ା

- କଳା ଓ ହସ୍ତ ଶିଳ୍ପ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ: ରାୟଗଡ଼ା ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଯୁବ ରେଡ଼କ୍ରସ ଉଦ୍‌ଯାପିତ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡା ସ୍ୱୟଂଶାସିତ ମହା ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ପଣ୍ଡିତ ଆଶୀର୍ବାଦ ମହାରାଜଙ୍କ ପ୍ରବଚନ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡା, ସମୟ: ସନ୍ଧ୍ୟା ୬ ଟା।

### ନବରଙ୍ଗପୁର

- ପୌରାଞ୍ଚଳସ୍ତରୀୟ ଲୋକୋ ମହୋତ୍ସବ ମଣ୍ଡେଇ ଉଦ୍‌ଯାପିତ, ସ୍ଥାନ: ନବରଙ୍ଗପୁର ପୋଲିସ ପଡ଼ିଆ, ସମୟ: ସନ୍ଧ୍ୟା ୫ଟା।
- ବ୍ଲକସ୍ତରୀୟ ମଣ୍ଡେଇ, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୨ଟା।

### କୋରାପୁଟ

- ଜିଲାସ୍ତରୀୟ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ସ୍ପୋର୍ଟସ କମ୍ପ୍ଲେକ୍ସ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ରାଜସ୍ୱ ବୈଠକ, ସ୍ଥାନ: କୋରାପୁଟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଜିଲା ଲେମନ ଗ୍ରାସ ମିଶନ ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ ଟା।

### ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ବନ୍ଦନା ଆର୍ଟ କର୍ଣ୍ଣର ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଦୁର୍ଗା–୨ ପ୍ରଦର୍ଶନୀ, ସ୍ଥାନ : ଲଳିତ କଳା ଏକାଡେମୀ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ : ପୂର୍ବାହ୍ନ ୧୧ଟା।
- ଜିଲା ପ୍ରଶାସନ ପକ୍ଷରୁ ସମ୍ବଲପୁର ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ ଜିଲାପାଳ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ୫ଟା।

### ସୁବର୍ଣ୍ଣପୁର

- ୩୧ତମ ଅମରପାଲି କ୍ରିକେଟ କପ୍‌ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଭଗବାନ ସାହୁ ଖେଳ ପଡିଆ,ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- କମଳପୁର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: କମଳପୁର, ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣ ଲୋକ ମହୋତ୍ସବ ପାଇଁ ବ୍ଲକସ୍ତରୀୟ କଳାକାର ଚୟନ ବୈଠକ, ସ୍ଥାନ: ତରଭା ବ୍ଲକ ସଭା ଗୃହ, ସମୟ: ଅପରାହ୍ନ ୩ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଡୁରପଙ୍କ ଜଗନ୍ନାଥ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

### ବରଗଡ଼

- ବରଗଡ଼ ପୁସ୍ତକମେଳାରେ ସାଂସ୍କୃତିକ ବିଚିତ୍ରା, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ଅପରାହ୍ନ ୫ଟା।
- ବରଗଡ଼ ପୁସ୍ତକମେଳାରେ ଆଲୋଚନାଚକ୍ର, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସନ୍ଧ୍ୟା ୬ଟା ୩୦।

### ଝାରସୁଗୁଡ଼ା

- ଗଣେଶ ଗାୟତ୍ରୀ ଜପ, ସ୍ଥାନ: ମଲଦା, ସମୟ: ସକାଳ ୮ଟା।
- ନାରୀ ସୁରକ୍ଷା ସଚେତନତା ସଭା, ସ୍ଥାନ: ବାଗଡ଼ିହି, ସମୟ: ସକାଳ ୯ଟା।
- ଜିଲା ସାମ୍ବାଦିକ ସଂଘର ବୈଠକ, ସ୍ଥାନ: ବେହେରାମାଲ, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଗୌରବ ଦିବସ ପାଳନ, ସ୍ଥାନ: ଭିକାମପାଲି, ସମୟ: ସନ୍ଧ୍ୟା ୭ଟା।

### ରାଉରକେଲା

- ଡ୍ରେନେଜ ସମସ୍ୟା ନେଇ କମିଶନରଙ୍କୁ ଦାବିପତ୍ର, ସ୍ଥାନ: ଆର୍‌ଏମ୍‌ସି, ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ୟାମନୁ ଦେବକୀ ମେମୋରିଆଲ ପକ୍ଷରୁ କ୍ୟାନ୍ସର ସଚେତନତା କର୍ମଶାଳା, ସ୍ଥାନ: ସେକ୍ଟର–୧୯ ସିଭିକ୍‌ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

### ଦେବଗଡ଼

- ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ସାମାଜିକ ସମୀକ୍ଷା ଗ୍ରାମସଭା ବୈଠକ, ସ୍ଥାନ: ବସାଲଇ ପଞ୍ଚାୟତ ସମିତି, ବାରକୋଟ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରହ୍ମଲୀନ ସ୍ୱାମୀ ଶେଖରା ନନ୍ଦ ସରସ୍ୱତୀଙ୍କ ଦ୍ୱିତୀୟ ସମାଧି ଦିବସ, ସ୍ଥାନ: ସାଇଧାମ ସେବା ସଂସ୍ଥାନ ପ୍ରଧାନପଟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ପ୍ରଧାନପାଟ ଫୁଟ୍‌ବଲ କପ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ଦେବଗଡ଼, ସମୟ: ଅପରାହ୍ନ ୨ଟା ୪୫।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

### କଳାହାଣ୍ଡି

- କଳାହାଣ୍ଡି ଗ୍ରାମସଭା ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ନିକଟ, ସମୟ: ପୂର୍ବାହ୍ନ ୧୦ଟା।

### ନୂଆପଡ଼ା

- ଏକାଦଶୀ ଉପଲକ୍ଷେ ଦୀପ ପ୍ରଜ୍ୱଳନ ଓ ଭାଗବତ ପଠନ, ସ୍ଥାନ: ବୋଡେନ ବ୍ଲକ ରୋକାଲ ପଞ୍ଚାୟତ ତାରାପୁର ଗାଁ ଜଗନ୍ନାଥ ମନ୍ଦିର, ସମୟ: ପ୍ରାତଃ ୪ଟା ୩୦ ଓ ସନ୍ଧ୍ୟା ୬ଟା।
- ଏକାଦଶୀ ଅବସରରେ ଭାଗବତ ପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା।

### ବୌଦ୍ଧ

- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ସହଯୋଗ ପାଇ ସ୍ଥଗିତ କାମ ସମ୍ପନ୍ନ ହେବ। ଘରୋଇ କ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ଅଶ୍ୱିନୀ ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବୃଷ**
କର୍ମକ୍ଷେତ୍ରରେ ସମସ୍ୟା ମଧ୍ୟରେ ଗତି କଲେ ମଧ୍ୟ କିଛି ଅସୁବିଧା ହେବନି। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ନିଃସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ ଯାଇ ଆତ୍ମସନ୍ତୋଷ ଲାଭ କରିପାରନ୍ତି। କୃତ୍ତିକା ନକ୍ଷତ୍ରର ପରିବାରରେ ଅର୍ଥ କିମ୍ବା ଜମିଜମାକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ।

**ମିଥୁନ**
ଅର୍ଥ ସଂକଟ ଗୁରୁତ୍ୱପୂର୍ଣ୍ଣ କାମଟିକୁ ଅଟକାଇ ରଖିବାର ଆଶଙ୍କା ରହିଛି। ଲୁଚି ରହିଥିବା ମନର ଦୁଃଖକୁ ବନ୍ଧୁଙ୍କ ସମ୍ମୁଖରେ କହି ଆଶ୍ୱସ୍ତି ଲାଭ କରିପାରନ୍ତି। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ବନ୍ଧୁଙ୍କ ଦ୍ୱାରା ଦିଗ୍‌ଦର୍ଶନ ପାଇବେ। ମୃଗଶିରା ନକ୍ଷତ୍ରର ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**କର୍କଟ**
କର୍ମକ୍ଷେତ୍ରରେ ସହକର୍ମୀଙ୍କ ପ୍ରତିଶ୍ରୁତି ପାଇ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ପୁନର୍ବସୁ ନକ୍ଷତ୍ର ପାଇଁ ନିଜ ପରିସରର ବ୍ୟକ୍ତିବିଶେଷ ଚିନ୍ତାର କାରଣ ହୋଇପାରନ୍ତି। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ସାମାଜିକ ସ୍ତରରେ ଆତ୍ମୀୟମାନେ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି।

**ସିଂହ**
ଶାରୀରିକ ସୁସ୍ଥତା କାର୍ଯ୍ୟହାସଲ ସକାଶେ ମନୋବଳ ବୃଦ୍ଧି କରିବ। ସନ୍ତାନଙ୍କ ସମସ୍ୟାକୁ ସରଳଭାବରେ ସମାଧାନ କରିପାରିବେ। ଆନୁଷ୍ଠାନିକ କାମ, ସତ୍‌ସଙ୍ଗ, ଧାର୍ମିକ କାର୍ଯ୍ୟରେ ନିଜକୁ ସାମିଲ୍ କରିପାରନ୍ତି। ମଘା ନକ୍ଷତ୍ର ପଡ଼ୋଶୀଙ୍କ ଘରୋଇ କଥାରେ ମୁଣ୍ଡ ପୂରାଇଲେ ଅପମାନିତ ହେବାକୁ ପଡ଼ିବ।

**କନ୍ୟା**
ବନ୍ଧୁମାନଙ୍କ ସହାନୁଭୂତି ସାମୟିକ ମନର ଦୁଃଖକୁ ଲାଘବ କରିପାରେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଜଣେ ସମ୍ମାନନୀୟ ବ୍ୟକ୍ତି ସହାୟତା କରି ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରାଇବେ।

**ତୁଳା**
ସହକର୍ମୀଙ୍କ ମନଗଢ଼ା କଥାକୁ ବିଶ୍ୱାସ କରି ଭାବପ୍ରବଣ ହୋଇପାରନ୍ତି। ବିଶାଖା ନକ୍ଷତ୍ରର ପାରିବାରିକ ସମ୍ପର୍କ ପୂର୍ବପରି ଅକ୍ଷୁଣ୍ଣ ରହିବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ଉନ୍ନତି କରିବେ। ଦରକାରୀ କାଗଜପତ୍ର କିମ୍ବା ଜିନିଷ ଆବଶ୍ୟକ ସମୟରେ ନ ପାଇ ଅନ୍ୟମନସ୍କ ରହିପାରନ୍ତି।

**ବିଛା**
ବିଭିନ୍ନ ଜଞ୍ଜାଳରେ ବ୍ୟସ୍ତ ରହିବା ହେତୁ ମନ ଅସ୍ଥିର ରହିବ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟିକୁ ନିକଟରେ ପାଇ ଆତ୍ମହରା ହୋଇପାରନ୍ତି। ଆନୁଷ୍ଠାନିକ କାମ,ସଂଗଠନ, ସଭାସମିତି ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବେ। ଅନୁରାଧା ନକ୍ଷତ୍ରର ସ୍ଥଗିତ କାର୍ଯ୍ୟଟି ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହୋଇଯିବ।

**ଧନୁ**
ଉତ୍ତରାଷାଢ଼ା ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ସଙ୍ଗକୁ କାମରେ ପ୍ରତିବନ୍ଧକ ଦୁଶ୍ଚିନ୍ତାକୁ ବଢ଼ାଇଦେବ। ଅଫିସିଆଲି କାମରେ ସମସ୍ୟାର ସମାଧାନ ହୋଇଯିବ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ କ୍ଷେତ୍ରରେ ସମସ୍ୟାର ସମାଧାନ କରିବାରେ ସଫଳ ହେବେ।

**ମକର**
ଉପରିସ୍ଥଙ୍କ ପୃଷ୍ଠପୋଷକତା କାରଣରୁ କର୍ମକ୍ଷେତ୍ରରେ ସଫଳତା ଯୋଗୁ ମନ ଖୁସି ରହିବ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ। ଶ୍ରବଣା ନକ୍ଷତ୍ରର ସମସ୍ୟା ବଢ଼ିଚାଲିଥିବାରୁ କେତେକ କ୍ଷେତ୍ରରେ ଅନ୍ୟମନସ୍କ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ଶିକ୍ଷା,ବିଦେଶଯାତ୍ରା,ଆମଦାନୀ କାରବାରରୁ ଖୁସି ରହିବେ।

**କୁମ୍ଭ**
ଧନିଷ୍ଠା ନକ୍ଷତ୍ର ସରକାରୀ କାମରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଶତ୍ରୁତା କାରଣରୁ ଦୀର୍ଘଦିନରୁ ସ୍ଥଗିତ ରହିଥିବା କାମଟି ହଠାତ୍ ହୋଇଯିବ। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କ ନ ହେଲେ ହଜିଯାଇପାରେ। ସକାଳୁ ସକାଳୁ ପ୍ରିୟଜନଙ୍କ ସହ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମୀନ**
ଉପସ୍ଥିତି ବୁଦ୍ଧି ପ୍ରୟୋଗ କରି ଅସାଧ୍ୟ ସାଧନ କରିପାରିବେ। ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ଉତ୍ତରଭାଦ୍ର ନକ୍ଷତ୍ର ବ୍ୟବସାୟ ଓ ପରିବହନରେ ଲାଭବାନ୍ ହେବେ। ପିଲାମାନଙ୍କ କୃତିତ୍ୱରୁ ଆନନ୍ଦ ଲଭିବେ। ଅଫିସ କାମର ଟେନ୍‌ସନ୍ ସାମାନ୍ୟ ଲାଘବ ହୋଇପାରେ।

ଆଜି ନଭେମ୍ବର ୨୭ ତାରିଖ, ମାର୍ଗଶିର କୃଷ୍ଣପକ୍ଷ ଦ୍ୱାଦଶୀ ବୁଧବାର, ବୈଷ୍ଣବ ସମ୍ମତ ବ୍ୟୁଳିନୀ ଏକାଦଶୀ ଉପବାସ, ରାଶିନକ୍ଷତ୍ର–ଚିତ୍ରା/କନ୍ୟା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୦୭ମି. ଗତେ ଘ.୦୮.୧୭ମି. ମଧ୍ୟେ, ଘ.୧୦.୨୮ମି. ଗତେ ଘ.୧୧.୩୪ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୩୪ମି. ଗତେ ଘ.୧୨.୫୬ମି. ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ୧୨,୧୫୬ କୋଟିର...

କରାଯାଇଛି। ସେହିପରି ବନ୍ୟା ନିୟନ୍ତ୍ରଣ ଓ ଡ୍ରେନେଜ୍ ପାଇଁ ୬୬ କୋଟି, ମଧୁବାବୁ ପେନ୍‌ସନ ଯୋଜନା ପାଇଁ ୩୩୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ୬୪୪ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା ବେଳେ ସୁଭଦ୍ରା ଯୋଜନା ପାଇଁ ୧, ୧୯୬ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ବଜେଟରେ ବିଭିନ୍ନ ନିଯୁକ୍ତି ପରୀକ୍ଷା ଆୟୋଜନ ପାଇଁ ୧୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା ବେଳେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ ଥିବା ଅଣଆବାସିକ କୋଠାର ରକ୍ଷଣାବେକ୍ଷଣ ପାଇଁ ୧୩ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। କୋଠ ଭୋଗ ଦାନ ଯୋଜନା ପାଇଁ ୧୫ କୋଟି, ଶ୍ରଦ୍ଧାଳୁମାନେ ରଥ ଚଢ଼ି ନ ଥିବାରୁ ଦଇତାପତିଙ୍କ କ୍ଷତିପୂରଣ ବାବଦରେ ୧୨ କୋଟି, ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀଙ୍କୁ ପାରିଶ୍ରମିକ ଦେବା ପାଇଁ ଅନୁଦାନ ବାବଦରେ ୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଓଡ଼ିଶା ବିଧାନସଭାର କୋଠା ନିର୍ମାଣ ପାଇଁ ୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ମାଧ୍ୟମିକ ବିଦ୍ୟାଳୟର ଅତିଥି ଅଧ୍ୟାପକଙ୍କ ଦରମା ବାବଦରେ ୨୦ କୋଟି, ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦକୁ୧୩ କୋଟି, କର୍ମଚାରୀ ରାଜ୍ୟ ବୀମା ଯୋଜନାରେ ଔଷଧ ବାବଦରେ ୧୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସେହିପରି ବଜେଟରେ ଓଡ଼ିଶା ଉଠାଜଳସେଚନ ନିଗମକୁ ଅନୁଦାନ ବାବଦରେ ୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ସାଧାରଣ ମହାବିଦ୍ୟାଳୟଗୁଡ଼ିକ ପାଇଁ ୩୭ କୋଟି, ସରକାରୀ ପ୍ରଶିକ୍ଷଣ ମହାବିଦ୍ୟାଳୟଗୁଡ଼ିକ ସକାଶେ ଅନୁଦାନ ବାବଦରେ ୧୭ କୋଟି, ବିଶ୍ୱବିଦ୍ୟାଳୟ ଲାଗି ଅନୁଦାନ ବାବଦରେ ୨୭ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସେଥିରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପାଇଁ ୫ କୋଟି ଟଙ୍କା, ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ୧୩ କୋଟି ଟଙ୍କା ଏବଂ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନିମନ୍ତେ ୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

ସଂରକ୍ଷଣ ଏବଂ ଗୋଦାମ ପାଇଁ ୫୯ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ ଗୋଦାମ ଭିତ୍ତିଭୂମି ପାଣ୍ଠି ପାଇଁ ୧୦ କୋଟି, ଓଡ଼ିଶା ଉଠା ଜଳସେଚନ ନିଗମ ଜରିଆରେ ଅଚଳ ହୋଇପଡ଼ିଥିବା ଉଠା ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ଓ ନବୀକରଣ ପାଇଁ ୮୦ କୋଟି, ଜଳ ଅଭାବ ଥିବା ଅଞ୍ଚଳରେ ଭୂତଳ ଜଳର ସ୍ଥାୟୀ ଉପଯୋଗ ପାଇଁ ୧୩୦ କୋଟି, ବନ୍ୟା ନିୟନ୍ତ୍ରଣ ଓ ଡ୍ରେନେଜ୍ ପାଇଁ ୬୬ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ବଜେଟରେ ମଧୁବାବୁ ପେନ୍‌ସନ ଯୋଜନା ଅଧୀନରେ ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ୧୬ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା ବେଳେ ଭିନ୍ନକ୍ଷମ ଏବଂ ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ ବିବାହ ପ୍ରୋତ୍ସାହନ ପାଇଁ ୧୦ କୋଟି, ବିଧବା ଭତ୍ତା ଯୋଜନା ପାଇଁ ୧୬ କୋଟି ଟଙ୍କା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲାଗି ୬୪୪ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ମିଶନ ଶକ୍ତି ସାମର୍ଥ୍ୟ ପାଇଁ ୨୫ କୋଟି ଟଙ୍କା ଏବଂ ମିଶନ ଶକ୍ତି ସମ୍ବଳ ପାଇଁ ୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା ବେଳେ ଆଦିବାସୀମାନଙ୍କ ବିକାଶକୁ ଦୃଷ୍ଟିରେ ରଖି ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ପାଇଁ ୯୨ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।

ବଜେଟରେ ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ପାଇଁ ୧୧୨ କୋଟି ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନାର ପୋଷ୍ଟ ମାଟ୍ରିକ ସ୍କଲାରଶିପ୍ ପାଇଁ ୧୨୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ଆନ୍ଦୋଳନ ଯୋଜନାର ଓବିସି ଏବଂ ସଂଖ୍ୟାଲଘୁ ଛାତ୍ରୀଛାତ୍ରଙ୍କ ପାଇଁ ୧୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତିଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଶିକ୍ଷା ସହାୟତା ପାଇଁ ୮୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ୫୦ କୋଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସକାଶେ ୧୦୦ କୋଟି ଏବଂ ପିଏମ୍-ଶ୍ରୀ ପାଇଁ ୧୨୩ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ପାଇଁ ୩୯ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା ବେଳେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୬୦ କୋଟି ଟଙ୍କା ଏବଂ ଅନୁଦାନପ୍ରାପ୍ତ ବେସରକାରୀ କଲେଜ ପାଇଁ ୧୩୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପାଇଁ ୧୦ କୋଟି ଟଙ୍କା, ଆଇଟିଆଇ ଭିତ୍ତିଭୂମି ବିକାଶ ଲାଗି ୩୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।

ସେହିପରି ବନୀକରଣ ପାଣ୍ଠି କ୍ଷତିପୂରଣ ପାଇଁ ୧୨୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା ବେଳେ ରାଜ୍ୟର ସବୁଜ ମହାନଦୀ ମିଶନ ପାଇଁ ୧୦ କୋଟି ଟଙ୍କା ଏବଂ ସବୁଜିମା ବୃଦ୍ଧି ଲାଗି ୪୦ କୋଟି ଟଙ୍କା ଅତିରିକ୍ତ ବଜେଟରେ ବ୍ୟବସ୍ଥା କରାଯାଇଛି। ଇକୋ-ଟୁରିଜମ୍‌ର ବିକାଶ ପାଇଁ ୨୦ କୋଟି ଟଙ୍କା ଏବଂ ସବୁଜ ଜଳବାୟୁ ପାଣ୍ଠି ପ୍ରକଳ୍ପ ନିମନ୍ତେ ମଧ ୨୩ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସେହିପରି ବ୍ୟାଘ୍ର ପ୍ରକଳ୍ପ ପାଇଁ ୯ କୋଟି ଟଙ୍କା, ହାତୀ କରିଡର ପରିଚାଳନା ପାଇଁ ୫ କୋଟି ଟଙ୍କା ଏବଂ ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ସକାଶେ ୧୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଗ୍ରାମୀଣ ଭିତ୍ତିଭୂମିର ବିକାଶ ପାଇଁପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ପାଇଁ ୨୭୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସହରାଞ୍ଚଳ ନାଳବାହିତ ଆବର୍ଜନା ପରିଚାଳନା ଯୋଜନା ପାଇଁ ୧୪୮ କୋଟି ଟଙ୍କା ଏବଂ ସହରାଞ୍ଚଳ ଜଳଯୋଗାଣ ପାଇଁ ୨୨୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।

ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଯୋଜନା ପାଇଁ ୧୦୦ କୋଟି ଓ ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ରାଜ୍ୟ ସଂଗ୍ରହାଳୟ ଓ ଗବେଷଣା ପାଇଁ ୧୨ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ହସ୍ତଶିଳ୍ପର ପ୍ରୋତ୍ସାହନ ଲାଗି ୧୧ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।

ଏହି ଅତିରିକ୍ତ ବଜେଟର ରାଜସ୍ୱ ବଳକା ସ୍ଥିତି ବଜାୟ ରହିବା ସହ ବିତ୍ତୀୟ ନିଅଣ୍ଟ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ପ୍ରାୟ ୩ ପ୍ରତିଶତ ମଧ୍ୟରେ ସୀମିତ ରହିବ। ଋଣ ଓ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ଅନୁପାତ ୨୫ ପ୍ରତିଶତ ମଧ୍ୟରେ ସୀମିତ ରହିବ ବୋଲି ଅନୁମାନ କରାଯାଉଛି। ୨୦୨୩ ଜୁଲାଇ ପର୍ଯ୍ୟନ୍ତ ରାଜ୍ୟର ଋଣଭାର ରାଜ୍ୟ ସକଳ ଘରୋଇ ଉତ୍ପାଦର ଅନୁପାତ ୧୦.୧୨ ପ୍ରତିଶତ ରହିଛି। ସୁଧ ଦେୟ ଓ ରାଜସ୍ୱ ଆୟର ଅନୁପାତ ୧.୮୫ ପ୍ରତିଶତରେ ସୀମିତ ରହିଛି। ଅତିରିକ୍ତ ବଜେଟକୁ ମିଶାଇ ୨୦୨୪-୨୫ ଆର୍ଥିକ ବର୍ଷରେ ପୁଞ୍ଜି ବ୍ୟୟବରାଦ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ୬ ପ୍ରତିଶତରୁ ଅଧିକ ହେବ ବୋଲି ଆକଳନ କରାଯାଇଛି।

## ଅତିରିକ୍ତ ବଜେଟରେ ବିଭାଗୱାରି ବ୍ୟୟବରାଦ

| କ୍ର. ନଂ. | ବିଭାଗ | ଅତିରିକ୍ତ ବ୍ୟୟବରାଦ (କୋଟି ଟଙ୍କାରେ) |
|---|---|---|
| ୧ | ସ୍ୱରାଷ୍ଟ୍ର ବିଭାଗ | ୧,୩୫୨ |
| ୨ | ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ | ୩୪ |
| ୩ | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | ୯୯ |
| ୪ | ଆଇନ ବିଭାଗ | ୬୫ |
| ୫ | ଅର୍ଥ ବିଭାଗ | ୧,୭୫୦ |
| ୬ | ବାଣିଜ୍ୟ ବିଭାଗ | ୧ |
| ୭ | ନିର୍ମାଣ ବିଭାଗ | ୨୭୭ |
| ୮ | ଓଡ଼ିଶା ବିଧାନସଭା | ୯ |
| ୯ | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | ୬୬ |
| ୧୦ | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ୧,୧୧୪ |
| ୧୧ | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ | ୪୦୬ |
| ୧୨ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | ୧,୫୩୦ |
| ୧୩ | ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ | ୧,୦୦୦ |
| ୧୪ | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | ୨୫ |
| ୧୫ | କ୍ରୀଡ଼ା ଓ ଯୁବସେବା ବିଭାଗ | ୬ |
| ୧୬ | ଯୋଜନା ଓ ସଂଯୋଜନ ବିଭାଗ | ୨୮ |
| ୧୭ | ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ | ୨୨୧ |
| ୧୮ | ସାଧାରଣ ଅଭିଯୋଗ ଓ ପେନ୍‌ସନ ପ୍ରଶାସନ | ୦ |
| ୧୯ | ଶିଳ୍ପ ବିଭାଗ | ୧୧୫ |
| ୨୦ | ଜଳ ସମ୍ପଦ ବିଭାଗ | ୩୪୭ |
| ୨୧ | ପରିବହନ ବିଭାଗ | ୧୬ |
| ୨୨ | ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ | ୨୬୫ |
| ୨୩ | କୃଷି ଓ କୃଷକ ସଶକ୍ତୀକରଣ ବିଭାଗ | ୬ |
| ୨୪ | ଇସ୍ପାତ ଓ ଖଣି ବିଭାଗ | ୦ |
| ୨୫ | ସୂଚନା ଓ ଲୋକ ସମ୍ପର୍କ ବିଭାଗ | ୩୨ |
| ୨୬ | ଅବକାରୀ ବିଭାଗ | ୨୮ |
| ୨୭ | ବିଜ୍ଞାନ ଓ ବୈଷୟିକ ଶିକ୍ଷା ବିଭାଗ | ୦ |
| ୨୮ | ଗ୍ରାମ୍ୟ ଉନ୍ନୟନ ବିଭାଗ | ୪୧୩ |
| ୨୯ | ସଂସଦୀୟ ବ୍ୟାପାର ବିଭାଗ | ୦ |
| ୩୦ | ଶକ୍ତି ବିଭାଗ | ୧୦୩ |
| ୩୧ | ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ | ୨୨ |
| ୩୨ | ପର୍ଯ୍ୟଟନ ବିଭାଗ | ୫୦ |
| ୩୩ | ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ | ୪୩ |
| ୩୪ | ସମବାୟ ବିଭାଗ | ୭୨ |
| ୩୫ | ସରକାରୀ ଉଦ୍ୟୋଗ ବିଭାଗ | ୦ |
| ୩୬ | ମହିଳା ଓ ଶିଶୁ ବିକାଶ ବିଭାଗ | ୧,୨୩୦ |
| ୩୭ | ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ | ୨୫୨ |
| ୩୮ | ଉଚ୍ଚ ଶିକ୍ଷା ବିଭାଗ | ୩୦୫ |
| ୩୯ | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | ୨୬୩ |
| ୪୦ | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | ୦ |
| ୪୧ | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ | ୪୦୦ |
| ୪୨ | ବିପର୍ଯ୍ୟୟ ପରିଚାଳନା ବିଭାଗ | ୫ |
| ୪୩ | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ | ୨୦୩ |
| ୪୪ | ମିଶନ ଶକ୍ତି ବିଭାଗ | ୦ |
| | **ମୋଟ** | **୧୨,୧୫୬** |

## ସୁଭଦ୍ରା ଟଙ୍କା ପାଇବା...

କରାଇବାକୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରଥମ କିସ୍ତିର ୩ୟ ପର୍ଯ୍ୟାୟ ଟଙ୍କା ମହିଳାଙ୍କ ଆକାଉଣ୍ଟକୁ ପଠାଯାଇଛି। ୩ଟି ପର୍ଯ୍ୟାୟରେ ମୋଟ ୮୦ ଲକ୍ଷ ୪୬ ହଜାର ମହିଳାଙ୍କୁ ସୁଭଦ୍ରା ସହାୟତା ରାଶି ମିଳିସାରିଲାଣି। ଡିସେମ୍ବରରେ ୪ର୍ଥ ପର୍ଯ୍ୟାୟରେ ଆଉ ୨୦ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ଦେଇ କୋଟିଏ ହିତାଧିକାରୀଙ୍କୁ ସାମିଲ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ହେଲେ ହିତାଧିକାରୀଙ୍କୁ ବ୍ୟାଙ୍କରେ ଅଯଥା ଭିଡ଼ ନ ଜମାଇବାକୁ ପ୍ରଭାତୀ ପରାମର୍ଶ ଦେଇଛନ୍ତି। ବଣ୍ଡାଘାଟିରେ 'ସୁଭଦ୍ରା' ଅପହଞ୍ଚ ନେଇ ପ୍ରତିକ୍ରିୟା ରଖି ପ୍ରଭାତୀ କହିଛନ୍ତି, ସରକାରୀ ଅଧିକାରୀ ବଣ୍ଡାଘାଟି ଯାଇ ଲୋକଙ୍କ ପାଖରେ ପହଞ୍ଚିବେ। ଯାହା ସମସ୍ୟା ରହିଛି ତାକୁ ସେମାନେ ଦୂରକରିବେ। ବଣ୍ଡାଘାଟିର ୧୭୧୧ ମହିଳାଙ୍କ ମଧ୍ୟରୁ ୫ ଶହରୁ ଉର୍ଦ୍ଧ୍ୱ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇସାରିଛନ୍ତି। ଆବେଦନ ସମସ୍ୟା ନେଇ ଅନ୍ୟ ହିତାଧିକାରୀମାନେ ସୁଭଦ୍ରା ଟଙ୍କା ପାଇବାରେ ବିଳମ୍ବ ହୋଇଛି। ତେଣୁ ଯାହା ବି ସମସ୍ୟା ରହିଛି ଦୂରକରାଯାଇ ସେମାନଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରଭାତୀ କହିଛନ୍ତି।

## ହାତୀ ମୃତ୍ୟୁ ରୋକିବାକୁ...

ଅଦ୍ୟାବଧି କେତେ ହାତୀ ମରିଛନ୍ତି, ହାତୀ ମୃତ୍ୟୁର କାରଣ, ଗୁଜୁ ହୋଇଥିବା ମାମଲା ଆଦି ସଂକ୍ରାନ୍ତରେ ସତ୍ୟପାଠରେ ସେ ଦର୍ଶାଇଛନ୍ତି। ସତ୍ୟପାଠରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ୨୦୨୦-୨୧ରୁ ୨୦୨୪-୨୫ର ନଭେମ୍ବର ୨୨ ତାରିଖ ମଧ୍ୟରେ ମୋଟ ୩୮୭ଟି ହାତୀଙ୍କ ମୃତ୍ୟୁ ଘଟିଛି। ସେଥିମଧ୍ୟରେ ବିଦ୍ୟୁତ୍ ଆଘାତଜନିତ ହାତୀ ମୃତ୍ୟୁ ସଂଖ୍ୟା ୮୫ ରହିଛି। ସେହିପରି ବିଭିନ୍ନ କାରଣରୁ ହାତୀ ମୃତ୍ୟୁ ତଥ୍ୟ ଅନୁଯାୟୀ, ଶିକାର ୧୬, ଟ୍ରେନ୍ ଦୁର୍ଘଟଣାରେ ୧୮, ସଡ଼କ ଦୁର୍ଘଟଣାରେ ୧, ଅନ୍ୟାନ୍ୟ ଦୁର୍ଘଟଣାରେ ୪୧, ରୋଗାକ୍ରାନ୍ତ ଜନିତ ୧୨୮, ସ୍ୱାଭାବିକ ଭାବେ ୩୭, କାରଣ ଅସ୍ପଷ୍ଟ ୪୫ ଓ ଉଦ୍ଦେଶ୍ୟମୂଳକ ହତ୍ୟା ୧୬ ରହିଛି। ଅପରପକ୍ଷରେ ୨୦୨୦-୨୧ରେ ୭୭, ୨୦୨୧-୨୨ରେ ୮୬, ୨୦୨୨-୨୩ରେ ୯୨, ୨୦୨୩-୨୪ରେ ୬୬ ଓ ୨୦୨୪-୨୫ରେ ୬୬ଟି ହାତୀ ମୃତ୍ୟୁ ହୋଇଛି। ସୂଚନାନୁସାରେ, ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଘୋଷରାମାଳ ଫରେଷ୍ଟ ସେକ୍ସନ ବୁରୋମାଳ ଜଙ୍ଗଲ ସଂଲଗ୍ନ ଚାଷଜମି ନିକଟରେ ଗତ ୧୮ ତାରିଖରେ ବିଦ୍ୟୁତ୍ ଆଘାତରେ ୩ ହାତୀଙ୍କ ମୃତ୍ୟୁ ପରେ ହାଇକୋର୍ଟ ନିଜ ଆଡୁ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ହାଇକୋର୍ଟ ରେଜିଷ୍ଟ୍ରାର (ଜୁଡିସିଆଲ)ଙ୍କ ପକ୍ଷରୁ ଗୁଜୁ ଜନସ୍ୱାର୍ଥ ମାମଲାକୁ ତ୍ୱରିତ ଶୁଣାଣି କରାଯାଇଛି। ଗତ ୧୯ ତାରିଖ ଶୁଣାଣିରେ ମୁଖ୍ୟ ବନ ସଂରକ୍ଷକ ଭର୍ଚୁଆଲ ମାଧ୍ୟମରେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

## ମାସାଧିକ କାଳ...

ଆଧାର କାର୍ଡ ଡିଟେଲ୍ସରୁ ଏହି ପାର୍ସଲ ତାଙ୍କର ହୋଇଥିବା ସ୍ପଷ୍ଟ ଭାବେ ଜଣାପଡ଼ିଛି। ସେହିପରି ତାଙ୍କ ଆଧାର କାର୍ଡ ଏକ ଅର୍ଥ ହେରଫେର ମାମଲା ସହ ଲିଙ୍କ୍ ରହିଛି। ଏହାଶୁଣି ବୃଦ୍ଧା ମହିଳା ଜଣକ ଭୟଭୀତ ହୋଇଯାଇଥିଲେ। ଅଭିଯୁକ୍ତମାନଙ୍କୁ ଭୟଭୀତ ନ ହୋଇ ସ୍କାଇପ୍ ଆପ୍ ଡାଉନଲୋଡ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସାହାଯ୍ୟରେ ତାଙ୍କର ଅନ୍‌ଲାଇନ ଜେରା କରାଯିବ ବୋଲି ଅଭିଯୁକ୍ତମାନେ କହିଥିଲେ। ଏନେଇ କାହାକୁ ନ ଜଣାଇବା ପାଇଁ ମହିଳାଙ୍କୁ ଧମକ ମିଳିଥିଲା। ଜଣେ ଅଭିଯୁକ୍ତ ଆଇପିଏସ୍ ଆନନ୍ଦ ରାଣା ଏବଂ ଅନ୍ୟ ଜଣେ ଅର୍ଥ ବିଭାଗର ଅଧିକାରୀ ଜର୍ଜ ମାଥ୍ୟୁ ଭାବେ ନିଜକୁ ପରିଚୟ ଦେଇ ତାଙ୍କୁ କଲ୍ କରୁଥିଲେ ବୋଲି ପୀଡ଼ିତା ମହିଳା କହିଛନ୍ତି। ସେ କହିଛନ୍ତି, ତାଙ୍କୁ ସବୁବେଳେ ହ୍ୱାଟ୍ସଆପ୍ ଭିଡିଓ କଲ୍‌କୁ ଅନ୍ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଉଥିଲା। ତେଣୁ ସେ ଭୟଭୀତ ହୋଇ ନିଜ ଘରର କମ୍ପ୍ୟୁଟରରେ ମାସେ କାଳ ଭିଡିଓ କଲ୍‌କୁ ଅନ୍ କରି ରଖିଥିଲେ। ଯେତେବେଳେ ଭିଡିଓ କଲ୍ ଡିସ୍‌କନେକ୍ଟ ହୋଇଯାଉଥିଲା, ସଙ୍ଗେ ସଙ୍ଗେ ପୁନର୍ବାର ଭିଡିଓ କଲ୍ ଅନ୍ କରିବା ପାଇଁ ତାଙ୍କୁ ଅଭିଯୁକ୍ତଙ୍କ ପକ୍ଷରୁ ନିର୍ଦ୍ଦେଶ ଆସୁଥିଲା।

ଭିଡିଓ କଲ୍ ଜେରା ସମୟରେ ମହିଳା ଜଣଙ୍କ ନିଜ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେଇଥିଲେ। ଅର୍ଥ ହେରଫେର ମାମଲାର ଠିକ୍ ଭାବେ ଯାଞ୍ଚ ପାଇଁ ଆକାଉଣ୍ଟରେ ଥିବା ସମସ୍ତ ଟଙ୍କାକୁ ଅନ୍ୟ ଏକ ଆକାଉଣ୍ଟକୁ ଟ୍ରାନ୍ସଫର କରିବାକୁ ଅଭିଯୁକ୍ତମାନେ ପୀଡ଼ିତା ମହିଳାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯଦି ଦୁର୍ନୀତିରେ ସମ୍ପୃକ୍ତି ନ ଥିବ ତେବେ ସେ ସମସ୍ତ ଟଙ୍କା ଫେରସ୍ତ ପାଇବେ ବୋଲି ମହିଳାଙ୍କୁ କୁହାଯାଇଥିଲା। ମହିଳା ଜଣଙ୍କ ନିଜ ଆକାଉଣ୍ଟରେ ଥିବା ସମସ୍ତ ଟଙ୍କା ପଠାଇବା ପରେ ଅଭିଯୁକ୍ତମାନେ ୧୫ ଲକ୍ଷ ଟଙ୍କା ଫେରାଇ ତାଙ୍କ ବିଶ୍ୱାସ ଜିତିବାକୁ ସଫଳ ହୋଇଥିଲେ। ତେଣୁ ମହିଳା ଜଣକ ନିଜ ୬ ବ୍ୟାଙ୍କ ଆକାଉଣ୍ଟରୁ ୩.୮ କୋଟି ଟଙ୍କା ଅଭିଯୁକ୍ତଙ୍କ ନିକଟକୁ ପଠାଇଥିଲେ। ତେବେ ଏହାପରେ ଅଭିଯୁକ୍ତମାନେ ପୀଡ଼ିତା ମହିଳାଙ୍କ ଟଙ୍କା ଆଉ ଫେରାଇ ନ ଥିଲେ। ତେଣୁ ମହିଳା ଜଣକ ବିବ୍ରତ ହୋଇ ବିଦେଶରେ ରହୁଥିବା ନିଜ ଝିଅଙ୍କୁ ଜଣାଥିଲେ। ଝିଅର ପରାମର୍ଶ କ୍ରମେ ସେ ମୁମ୍ବାଇ ସାଇବର ପୋଲିସକୁ ନିଜ ଅଭିଯୋଗ ଜଣାଇଥିଲେ। ଘଟଣାକୁ ନେଇ ପୋଲିସ ମାମଲା ରୁଜୁ କରିଛି। ମୁମ୍ବାଇ କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଚଳାଇଛି।

## ୨୦ରେ ରାଜ୍ୟ ସଭା...

ଆସନ ଭାଜପା ଖାତାକୁ ଯିବା ଏକ ପ୍ରକାର ନିଶ୍ଚିତ। ସୁଜିତ୍ କୁମାରଙ୍କ କାର୍ଯ୍ୟକାଳ ୨ ଏପ୍ରିଲ ୨୦୨୬ରେ ସରୁଥିଲା। ତେବେ ଭାଜପା ସୁଜିତ୍ କୁମାରଙ୍କ ସ୍ଥାନରେ କାହାକୁ ରାଜ୍ୟ ସଭାକୁ ପଠାଇବ ତାକୁ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ମମତା ମହାନ୍ତଙ୍କ ପରି ଭାଜପା ସୁଜିତ୍ କୁମାରଙ୍କୁ ରାଜ୍ୟ ସଭାକୁ ପଠାଇପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୬ରେ ସୁଜିତ କୁମାର ରାଜ୍ୟ ସଭା ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏହାସହ ସେ ବିଜେଡିରୁ ମଧ ଇସ୍ତଫା ଦେଇଥିଲେ। ଇସ୍ତଫାର କିଛି ସମୟ ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ଭର୍ତ୍ତୃହରି ମହତାବ, ଭାଜପା ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମରଙ୍କ ଉପସ୍ଥିତିରେ ସେ ଭାଜପାରେ ଯୋଗଦେଇଥିଲେ। ଅନ୍ୟପଟେ ଆନ୍ଧ୍ରପ୍ରଦେଶର ଭେଙ୍କଟରମଣ ରାଓ ମୋପିଦେବୀ, ବିଧ ମସ୍ତନ ରାଓ ଯାଦବ, ର୍ୟାଗା କ୍ରିଷ୍ଣାୟିହା, ପଶ୍ଚିମବଙ୍ଗର ଜୌହ୍ୱାର ସିରକର ଏବଂ ହରିୟାଣାର କ୍ରିଷନ ଲାଲ୍ ପନୱାର ରାଜ୍ୟ ସଭାରୁ ଇସ୍ତଫା ଦେଇଛନ୍ତି। ଏହିସବୁ ସ୍ଥାନରେ ମଧ ଉପନିର୍ବାଚନ ହେବ।

## ଭିମ୍‌ସାରରେ ଶିଶୁ...

ଅନୁସନ୍ଧାନ କରୁଛି। ପିଲା ଚୋରି ପରେ ସେମାନଙ୍କ ମାନସିକ ସନ୍ତୁଳନ ବିଗିଡିଯାଇଥିବା ମୋହନ ଓ ତାଙ୍କ ସ୍ତ୍ରୀ ସୀତା କହିଛନ୍ତି। ଛତିଶଗଡ଼ର ମୋହନ ଦାସ ତାଙ୍କ ଆସନ୍ନ ପ୍ରସବା ସ୍ତ୍ରୀ ସୀତାଙ୍କୁ କିଛିଦିନ ତଳେ ଭିମ୍‌ସାରର ସ୍ତ୍ରୀ ଓ ପ୍ରସୂତି ୱାର୍ଡରେ ଭର୍ତ୍ତି କରିଥିଲେ। ରବିବାର ତାଙ୍କର ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ସିସି ଟିଭି ସ୍କାନ୍‌ରେ ଥିବା ଭିମ୍‌ସାରର ସୁରକ୍ଷା ବ୍ୟବସ୍ଥାକୁ ଭେଦକରି ୱାର୍ଡରୁ ପିଲା ଚୋରି ହେବାକୁ ନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ଅବହେଳାକୁ ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ଭିମ୍‌ସାର ନିର୍ଦ୍ଦେଶକ ଡା. ଭାବଗ୍ରାହୀ ରଥ କହିଛନ୍ତି, ସ୍ତ୍ରୀ ଓ ପ୍ରସୂତି ୱାର୍ଡରୁ ଶିଶୁ ଚୋରି ଘଟଣାରେ ଉକ୍ତ ୱାର୍ଡରେ ନିୟୋଜିତ ସୁରକ୍ଷା କର୍ମୀଙ୍କ ସହ ସୁରକ୍ଷା ଦାୟିତ୍ୱରେ ଥିବା ସଂସ୍ଥାକୁ ରିପୋର୍ଟ ମଗାଯାଇଥିଲା। ସୁରକ୍ଷା ସଂସ୍ଥା ରିପୋର୍ଟ ଆଧାରରେ ବୁର୍ଲା ଥାନାରେ ଭିମ୍‌ସାର କର୍ତ୍ତୃପକ୍ଷ ଏତଲା ଦେଇଛନ୍ତି। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭିରେ ଜଣେ ମହିଳା ଉକ୍ତ ଶିଶୁକୁ ଧରି ବାହାରକୁ ଚାଲିଯାଉଥିବା ଦୃଶ୍ୟ ସ୍ପଷ୍ଟ ହେଉଛି। ଯେତେ କଡ଼ା ସୁରକ୍ଷା ବ୍ୟବସ୍ଥା ଥିଲେ ବି ଲୋକେ ସଚେତନ ହେବା ଉଚିତ ବୋଲି ଡା. ରଥ କହିଛନ୍ତି। ପୋଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି।




# ମୃତଦେହକୁ ଅପେକ୍ଷା କରିଥିବାବେଳେ ଘରୁ ଡକାୟତି

- ଖଣ୍ଡା, ବନ୍ଧୁକ ଧରି ବୋଲେରୋରେ ଆସିଥିଲେ ୧୦ ଦୁର୍ବୃତ୍ତ
- ନେଇଗଲେ ଲକ୍ଷାଧିକ ଟଙ୍କା, ୩୫୦ ଗ୍ରାମର ସୁନା ଅଲଙ୍କାର
- ସାନ୍ତ୍ୱନା ଦେବାକୁ ଆସିଥିବା ବନ୍ଧୁବାନ୍ଧବ ମଧ ହରାଇଲେ ଗହଣା

ବଇଣ୍ଡା, ୨୬।୧୧ (ପରିକ୍ଷିତ ସାହୁ)

ଦୁର୍ଘଟଣାରେ ଜଣେ ସଦସ୍ୟ ପ୍ରାଣ ହରାଇଥିବାରୁ ପରିବାର ଲୋକେ ଭାଙ୍ଗି ପଡ଼ିଥିଲେ। ଖବରପାଇ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେବାକୁ ବନ୍ଧୁବାନ୍ଧବ ମଧ ପହଞ୍ଚି ଯାଇଥିଲେ। ସମସ୍ତେ ଶୋକରେ ବୁଡି ମୃତଦେହକୁ ଅପେକ୍ଷା କରିଥିବା ବେଳେ ରାତିରେ ଖଣ୍ଡା, ବନ୍ଧୁକ ଧରି ହଠାତ୍ ପହଞ୍ଚିଥିଲେ ୧୦ ଜଣ ଦୁର୍ବୃତ୍ତ। ସମସ୍ତଙ୍କୁ ଭୟଭୀତ କରିବା ସହ ଘରେ ଥିବା ଲକ୍ଷାଧିକ ଟଙ୍କା ଓ ୩୫୦ ଗ୍ରାମର ସୁନାଗହଣା ନେଇ ଫେରାର ହୋଇଯାଇଥିଲେ। ଏପରି କି ମୃତକଙ୍କ ସ୍ତ୍ରୀ ଓ ବନ୍ଧୁବାନ୍ଧବ ପିନ୍ଧିଥିବା ଗହଣାକୁ ମଧ ଦୁର୍ବୃତ୍ତମାନେ ଝିଙ୍କି ନେଇଥିଲେ। ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଲକ୍ଷ୍ମୀପ୍ରିୟାପୁର ଗ୍ରାମରେ ସୋମବାର ରାତିରେ ହୋଇଥିବା ଏପରି ଏକ ଡକାୟତି ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ହଣ୍ଡପା ଥାନା ଲକ୍ଷ୍ମୀପ୍ରିୟାପୁର ଗ୍ରାମର ଟ୍ରାକ୍ଟର ଚାଳକ ବିଜୟ କୁମାର ସାହୁଙ୍କ ସୋମବାର ଗାଡ଼ିରୁ ଖସିପଡ଼ି ମୃତ୍ୟୁ ହୋଇଥିଲା। ସନ୍ଧ୍ୟା ହୋଇଯିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିଲା। ହାଟରୁ ଘରକୁ ଫେରୁଥିବା ବିଜୟଙ୍କ ଏପରି ମୃତ୍ୟୁ ପରିବାରକୁ ସ୍ତବ୍ଧ କରିଦେଇଥିବା ବେଳେ ସମସ୍ତେ ମୃତଦେହକୁ ଅପେକ୍ଷା କରିଥିଲେ। ବନ୍ଧୁବାନ୍ଧବମାନେ ମଧ ବିଜୟଙ୍କ ଘରେ ପହଞ୍ଚି ଯାଇଥିଲେ। ହେଲେ ରାତିରେ ବୋଲେରୋରେ ଗାଁକୁ ଆସିଥିବା ୧୦ ଜଣ ଡକାୟତ ବିଜୟଙ୍କ ଘରେ ପଶିଯାଇଥିଲେ। ସେମାନେ ବିଜୟଙ୍କ ଭାଇ ଅଜୟ କୁମାର ସାହୁଙ୍କ ବେକରେ ଖଣ୍ଡା ଲଗାଇବା ସହ ମୁଣ୍ଡରେ ମାଉଜର ଲଗାଇ ସମସ୍ତଙ୍କୁ ଭୟଭୀତ କରାଇଥିଲେ। ଏଥିସହ ଘରେ ଥିବା ଆଲମାରି, କାଠବାକ୍ସ ଭାଙ୍ଗି ୧ ଲକ୍ଷ ୩୫ ହଜାର ଟଙ୍କା, ୫ ଭରି ସୁନା, ରୁପା ଗହଣା ନେଇଯାଇଥିଲେ। ମୃତ ବିଜୟଙ୍କ ସ୍ତ୍ରୀ ଚାରୁଲତା ସାହୁଙ୍କ ବେକରୁ ସୁନା ଚେନ୍ ଓ କାନରେ ପିନ୍ଧିଥିବା ଅଲଙ୍କାର, ବନ୍ଧୁବାନ୍ଧବ ଆଲିସା ବେହେରା, ପ୍ରେମଲତା ସାହୁ, ସୁଷମା ସାହୁ, ବିଳାସ ସାହୁ, ମିନତୀ ସାହୁଙ୍କ ସମେତ ୧୫ ଜଣ ମହିଳାଙ୍କ ବେକ ଓ କାନରୁ ମୋଟ ୩୫୦ ଗ୍ରାମ୍‌ର ଅଲଙ୍କାର ଲୁଟି ନେଇଥିଲେ। ସେମାନଙ୍କଠାରୁ ୧୧ଟି ମୋବାଇଲ ଛଡ଼ାଇ ନେବା ସହ ସମସ୍ତଙ୍କୁ ୨ଟି ଘରେ ପୂରାଇ ବାହାରୁ କବାଟଦେଇ ଫେରାର ହୋଇଯାଇଥିଲେ। ଘଟଣା ଜଣାପଡ଼ିବା ପରେ ଲକ୍ଷ୍ମୀପ୍ରିୟାପୁର ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି। ଖବରପାଇ ମଙ୍ଗଳବାର ସକାଳେ ହଣ୍ଡପା ଥାନା ଆଇଆଇସି ନମିତା ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଆଇଆଇସି ପ୍ରକାଶ କରିଛନ୍ତି। ସନ୍ଧ୍ୟାରେ ମୃତକଙ୍କ ଭାଇ ଅଜୟ ସାହୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୪୦୧/୨୪ରେ ଏକ ମାମଲା ରୁଜୁ କରିଛି।

# ବିପର୍ଯ୍ୟୟ ମୁକାବିଲା ପାଇଁ ସ୍ଥାୟୀ ଭିତ୍ତିଭୂମିର ବିକାଶ ଆବଶ୍ୟକ

ଭୁବନେଶ୍ୱର, ୨୬।୧୧ (ସୁନିତ୍ ମିଶ୍ର)

ବାତ୍ୟା 'ଦାନା'ର କ୍ଷୟକ୍ଷତି ଆକଳନ କରିବା ପାଇଁ ଆସିଥିବା ଆନ୍ତଃ ମନ୍ତ୍ରଣାଳୟ କେନ୍ଦ୍ରୀୟ ଟିମ୍ ମଙ୍ଗଳବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଲୋଚନା କରିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ ପି.କେ. ରାଏଙ୍କ ନେତୃତ୍ୱରେ ଏକ ୭ ଜଣିଆ ଟିମ୍ ୨୪ ତାରିଖରେ ଆସି ସବୁଠୁ ଅଧିକ କ୍ଷତିଗ୍ରସ୍ତ ଭଦ୍ରକ, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଜିଲା ଗସ୍ତକରି କ୍ଷୟକ୍ଷତି ଆକଳନ କରିଛନ୍ତି। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ କ୍ଷୟକ୍ଷତିର ଭରଣା ପାଇଁ ସହାୟତା ସହ ବିପର୍ଯ୍ୟୟ ମୁକାବିଲା ପାଇଁ ସ୍ଥାୟୀ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ପ୍ରତିବର୍ଷ ବାତ୍ୟା, ବନ୍ୟା ପରି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିଆସୁଛି। ଲୋକଙ୍କ ଜୀବନ ବଞ୍ଚାଇବାରେ ସରକାର ସଫଳ ହେଉଥିବା ବେଳେ ବିଭିନ୍ନ ଭିତ୍ତିଭୂମିର ବ୍ୟାପକ କ୍ଷୟକ୍ଷତି ହେଉଛି। ଏହାର ପୁନଃ ନିର୍ମାଣ ପାଇଁ ବହୁ ଅର୍ଥ ବିନିଯୋଗ କରିବାକୁ ପଡୁଛି। ତେଣୁ ବିପର୍ଯ୍ୟୟ ପ୍ରତିରୋଧୀ ସ୍ଥାୟୀ ଭିତ୍ତିଭୂମିର ବିକାଶ କରାଯିବାର ଆବଶ୍ୟକତା ରହିଛି। ଉପକୂଳବର୍ତ୍ତୀ ଜିଲାରେ ଭୂତଳ ବିଦ୍ୟୁତ୍ କେବୁଲ ସ୍ଥାପନ, ଉପକୂଳରେ ବନ୍ଧ ନିର୍ମାଣ, ବ୍ୟାପକ ହେନ୍ତାଳବନ ସୃଷ୍ଟି ଆଦି ପଦକ୍ଷେପ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହା ସହ ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ସ୍ଥାପନ ପାଇଁ ସେ ମତ ରଖିଛନ୍ତି। ଏ ଦିଗରେ କେନ୍ଦ୍ର ସରକାର ଆବଶ୍ୟକ ସହଯୋଗ ଯୋଗାଇଦେବା ପାଇଁ ସେ ପ୍ରସ୍ତାବ ରଖିଥିଲେ। ଆଲୋଚନାରେ ଅଂଶଗ୍ରହଣକରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ସ୍ଥାୟୀ ଭିତ୍ତିଭୂମି ସୃଷ୍ଟି କରାଯାଇପାରିଲେ ଓଡ଼ିଶାର ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହୋଇପାରିବ। କେନ୍ଦ୍ରୀୟ ଟିମ୍ ମୁଖ୍ୟ ରାଏ ବାତ୍ୟା 'ଦାନା'ର ସୁପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂହ ଉପସ୍ଥିତ ଥିଲେ। ବୈଠକ ପରେ ଗଣମାଧ୍ୟମକୁ ପୂଜାରୀ କହିଛନ୍ତି, ବିପର୍ଯ୍ୟୟ ବେଳେ କ୍ଷୟକ୍ଷତି ହ୍ରାସ ଲାଗି ଦୀର୍ଘକାଳୀନ ଯୋଜନା ଦାବି କରାଯାଇଛି। ବାତ୍ୟା, ବନ୍ୟା ନିରୋଧୀ ଗୃହ ନିର୍ମାଣ ଲାଗି କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଛି। ଉପକୂଳ ଜିଲାରେ ହେନ୍ତାଳ ବନ ସୃଷ୍ଟି ପାଇଁ ପ୍ରସ୍ତାବ ମଧ ରଖାଯାଇଛି। ଓଡ୍ରାଫକୁ ଆଧୁନିକୀକରଣ କରିବାକୁ ମଧ ସହଯୋଗ ଲୋଡ଼ିଛନ୍ତି। ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଆସିଲେ ଦାବି ଦୋହରାଇବେ ବୋଲି ସୁରେଶ କହିଛନ୍ତି।


ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବାତ୍ୟା 'ଦାନା' କ୍ଷୟକ୍ଷତି ଆକଳନ ପାଇଁ ଆସିଥିବା କେନ୍ଦ୍ରୀୟ ଟିମ୍

- ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଆଗରେ ଦାବି ଦୋହରାଇବୁ: ରାଜସ୍ୱ ମନ୍ତ୍ରୀ




# ବୋହୂ, ପୁଅଙ୍କ ନିର୍ଯାତନା ସୀମା ଟପିଲା | ପଡ଼ୋଶୀଙ୍କ ଗୁହାଳରେ ଝୁଲି ପଡ଼ିଲେ ବୃଦ୍ଧ ବାପା

## ମୁଖାଗ୍ନି ଦେଲେ, ସତ୍କାର କଲେ ଗ୍ରାମବାସୀ

ଭୋଗରାଇ, ୨୬।୧୧ (ପ୍ରଦୀପ ଦାସ)

ବହୁ ଦୁଃଖ କଷ୍ଟ ସହି ଦୁଇ ପୁଅଙ୍କୁ ବଡ଼ କରିଥିଲେ। ଭାବିଥିଲେ ପରିଣତ ବୟସରେ ସାହାରା ହେବେ। ହେଲେ ସେ ହୋଇଗଲେ ଅଲୋଡ଼ା। ବୋହୂ, ପୁଅଙ୍କ ନିର୍ଯାତନା ସହି ନ ପାରି ଶେଷରେ ୭୨ବର୍ଷୀୟ ବୃଦ୍ଧ ବାପା ପଡୋଶୀଙ୍କ ଗୁହାଳରେ ବେକରେ ରଶି ଲଗାଇ ଝୁଲିପଡିଲେ। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଚଣ୍ଡିପୁର ଗ୍ରାମରେ। ମୃତ ବୃଦ୍ଧ ହେଲେ ନିରଞ୍ଜନ କର। ମୃତଦେହ ନିକଟରୁ ଏକ ସୁଇସାଇଡ ନୋଟ୍ ଜବତ ହୋଇଛି। ଏଥିରେ ୧୦ଡିସମିଲ ଜାଗା ଗ୍ରାମବାସୀଙ୍କୁ ଦାନ କରିଥିବା ଉଲ୍ଲେଖ କରିଛନ୍ତି। ମୃତ୍ୟୁପରେ ସାନ ପୁଅ ବୋହୂ ମୃତଦେହ ଛୁଇଁବେ ନାହିଁ କିମ୍ବା ସତ୍କାର କରିବେ ନାହିଁ। ଗ୍ରାମବାସୀ ମୁଖାଗ୍ନି ଦେବା ସହ ମୃତଦେହ ସତ୍କାର କରିବା ପାଇଁ ଉକ୍ତ ସୁଇସାଇଡ୍ ନୋଟରେ ଲେଖାଯାଇଛି। ଭୋଗରାଇ ପୋଲିସ ପହଞ୍ଚି ପଡୋଶୀ ଅରୁଣ କୁମାର ମହାନ୍ତିଙ୍କ ଗୁହାଳ ଘରୁ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ଏଥିସହିତ ୫ବର୍ଷ ଧରି ଏକୁଟିଆ ରହୁଥିବା ଏକ କୁଡ଼ିଆରେ ତକିଆ ତଳୁ ୨୩ହଜାର ୪୨୦ଟଙ୍କା ଉଦ୍ଧାର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩୫/୨୪) ରୁଜୁ ହୋଇ ପ୍ରାଥମିକ ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, କୌଣସି ରୋଗରେ ସ୍ତ୍ରୀ ଆଖିବୁଜିବା ପରେ ନିରଞ୍ଜନ ପୁଅ, ବୋହୂଙ୍କ ପାଖରେ ରହୁଥିଲେ। ବଡପୁଅ ରାଜେଶ ୨୦୧୯ରୁ ନିଖୋଜ ହୋଇଯିବା ପରେ ତାଙ୍କ ସ୍ତ୍ରୀ କୌଶଲ୍ୟା ୧୨ବର୍ଷର ଝିଅଙ୍କୁ ନେଇ ବାପଘରକୁ ପଳାଇ ଯାଇଥିଲେ। ନିରଞ୍ଜନ ସାନପୁଅ ସୁରେଶ ଓ ବୋହୂ ମମତାଙ୍କ ପାଖରେ ରହିଆସୁଥିଲେ। ଦିନକୁ ଦିନ ସାନ ପୁଅ, ବୋହୂଙ୍କ ଅତ୍ୟାଚାର ବଢିଚାଲିଲା। ବୃଦ୍ଧ ବାପାଙ୍କୁ ୩ ଓଳି ପେଟକୁ ଦାନା ଓ ପିନ୍ଧିବାକୁ ନ ଦେବା ସହ ମାଡ଼ ମାରି ଘରୁ ବାହାର କରିଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନିରଞ୍ଜନ ଅନ୍ୟ ଏକ କୁଡ଼ିଆରେ ରହି ପଡୋଶୀଙ୍କ ଘରୁ ଖାଦ୍ୟ ସଂଗ୍ରହ କରି ଜୀବନ ବଞ୍ଚାଉଥିଲେ। ଶେଷରେ ଅତିଷ୍ଠ ହୋଇ ଆତ୍ମହତ୍ୟା ଭଳି ଚରମ ପନ୍ଥା ବାଛିନେଲେ ନିରଞ୍ଜନ। ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୃଦ୍ଧଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ଆତ୍ମୀୟ ସ୍ୱଜନଙ୍କୁ ହସ୍ତାନ୍ତର କରାଯାଇଛି। ଗ୍ରାମବାସୀ ଓ ଆତ୍ମୀୟସ୍ୱଜନମାନେ ମିଳିତ ହୋଇ ଗାଁ ଶ୍ମଶାନରେ ବୃଦ୍ଧଙ୍କ ମୃତଦେହ ଦାହ କରିଛନ୍ତି।










# ଜେଲରୁ ମୁକ୍ତ ହେଲେ ୧୪ ଆଜୀବନ କଏଦୀ

## ୧୧ ବିଚାରାଧୀନ କଏଦୀ ମଧ ମୁକୁଳିଲେ

ଭୁବନେଶ୍ୱର,୨୬।୧୧(ସତ୍ୟଜିତ୍ ରାଉତ)

ରାଜ୍ୟର ବିଭିନ୍ନ ଜେଲରେ ଆଜୀବନ ସଜା କାଟୁଥିବା ୧୪ଜଣ କଏଦୀ ମଙ୍ଗଳବାର ସମ୍ବିଧାନ ଦିବସ ଅବସରରେ ମୁକ୍ତ ହୋଇ ସମାଜର ମୁଖ୍ୟ ସ୍ରୋତକୁ ଫେରିଛନ୍ତି। ଷ୍ଟେଟ୍ ସେଣ୍ଟେନ୍ସ ରିଭ୍ୟୁ ବୋର୍ଡର ନିଷ୍ପତ୍ତି ଅନୁଯାୟୀ ଏହା କାର୍ଯ୍ୟକାରୀ ହୋଇଛି ବୋଲି ଜେଲ ଡିଜି ଅରୁଣ ରାଏ ସୂଚନା ଦେଇଛନ୍ତି। ଏନେଇ ଜେଲ ନିର୍ଦ୍ଦେଶାଳୟ ପକ୍ଷରୁ ସୋମବାର ବିଭିନ୍ନ ଜେଲ ଅଧିକ୍ଷଙ୍କୁ ଚିଠି ଲେଖାଯାଇ ଅବଗତ କରାଯାଇଥିଲା। ୧୪ଜଣ ଆଜୀବନ ସଜା କାଟୁଥିବା କଏଦୀଙ୍କ ମଧ୍ୟରେ ରାଉରକେଲା ସ୍ୱତନ୍ତ୍ର ଜେଲରେ ୨ଜଣ କଏଦୀ ରହିଥିବା ବେଳେ ଜାମୁଝରୀସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମରେ ୩, କୋରାପୁଟ ସର୍କଲ ଜେଲରେ ୪ ଏବଂ ସମ୍ବଲପୁର ସର୍କଲ ଜେଲ, ଭୁବନେଶ୍ୱର ଝାରପଡା ସ୍ୱତନ୍ତ୍ର ଜେଲ, ଫୁଲବାଣୀ ସର୍କଲ ଜେଲ, ବଣାଇଗଡ ସ୍ୱତନ୍ତ୍ର ଜେଲ ଓ ଦେବଗଡ ସ୍ୱତନ୍ତ୍ର ସବ୍-ଜେଲରେ ଜଣେ ଲେଖାଏ କଏଦୀ ରହିଛନ୍ତି। ମୁକ୍ତ ହୋଇଥିବା ଏହି କଏଦୀମାନେ ୧୪ବର୍ଷ ସଜା କାଟିଦେଇଥିବା ବେଳେ ସରକାରୀ ନିୟମ ଅନୁଯାୟୀ ଭଲ ବ୍ୟବହାର, ବୟସାଧିକ ଓ ସ୍ୱାସ୍ଥ୍ୟଗତ ଆଦି କାରଣରୁ ସେମାନଙ୍କୁ ମୁକ୍ତ କରିଦିଆଯାଇଛି। ସେହିପରି ବିଭିନ୍ନ ଜେଲରେ ଥିବା ୧୧ଜଣ ବିଚାରାଧୀନ କଏଦୀ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍) ଦଫା ୪୭୯ ଅନୁଯାୟୀ ଜେଲରୁ ମୁକ୍ତ ହୋଇଛନ୍ତି ବୋଲି ଜେଲ ଡିଜି ସୂଚନା ଦେଇଛନ୍ତି। ବିଏନ୍ଏସ୍ଏସ୍ ୪୭୯ ଅନୁଯାୟୀ, ଯେଉଁ କଏଦୀମାନେ ସେମାନଙ୍କ ଅପରାଧ ଦଣ୍ଡର ଅଧା ସମୟ ବିତାଇ ସାରିଥିବେ ଏବଂ ପ୍ରଥମଥର ଅପରାଧରେ ସମ୍ପୃକ୍ତ ରହି ସର୍ବାଧିକ ଦଣ୍ଡର ଏକ ତୃତୀୟାଂଶ ସମୟ ଜେଲରେ ବିତାସାରିଥିବେ, ସେଭଳି କ୍ଷେତ୍ରରେ ସେମାନଙ୍କୁ ମୁକ୍ତ କରାଯାଇପାରିବ। ତେବେ ମୃତ୍ୟୁଦଣ୍ଡ କିମ୍ବା ଆଜୀବନ ସଜା ଦଣ୍ଡ ଥିବା ଅପରାଧରେ ଏହା ଲାଗୁହେବ ନାହିଁ ବୋଲି ନିୟମ ରହିଛି। ତେବେ ୨୦୦୭ରୁ ଏକ ହତ୍ୟା ମାମଲାରେ ଗିରଫ ହୋଇ ଝାରପଡା ଜେଲରେ ଥିବା କଏଦୀ ଟାଙ୍ଗୁରୁ ଦିଗୀଙ୍କୁ ମଙ୍ଗଳବାର ସକାଳେ ଛଡାଯାଇଥିବା ବେଳେ ତାଙ୍କୁ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଫୁଲମାଳ ପକାଇ ସୌହାର୍ଦ୍ଦ୍ୟପୂର୍ଣ୍ଣ ବିଦାୟ ଦିଆଯାଇଥିଲା। ଏଥିସହ ପାରିଶ୍ରମିକ ବାବଦକୁ ଟାଙ୍ଗୁରୁଙ୍କୁ ଚେକ୍ ପ୍ରଦାନ କରାଯାଇଥିଲା।

ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। -ଶ୍ରୀଅରବିନ୍ଦ



# ଦ୍ୱିପାକ୍ଷିକ ସମ୍ପର୍କର ସ୍ଥିତି



ଆକାର ପଟେଲ

୨୦୨୪ର ଭାରତ-ବାଂଲାଦେଶ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଭାରତର ବୈଦେଶିକ ମନ୍ତ୍ରଣାଳୟ ଏକ ସଂକ୍ଷିପ୍ତ ଲେଖା ପ୍ରକାଶ କରିଥିଲା। ଏଥିରେ ଉଲ୍ଲେଖ ରହିଥିଲା- ''ଇତିହାସ, ଭାଷା, ସଂସ୍କୃତି ଏବଂ ଅନ୍ୟାନ୍ୟ ସାଧାରଣ ବିଷୟରେ ଭାରତ ଓ ବାଂଲାଦେଶ ମଧ୍ୟରେ ଗଭୀର ସମ୍ପର୍କ ରହିଛି। ସାର୍ବଭୌମତ୍ୱ, ସମାନତା, ବିଶ୍ୱାସ ଏବଂ ବୁଝାମଣା ଉପରେ ଆଧାରିତ ଏକ ବ୍ୟାପକ ଭାଗୀଦାରିରେ ଦ୍ୱିପାକ୍ଷିକ ସମ୍ପର୍କର ଉଲ୍ଲେଖନୀୟ ବିଶେଷତା ପ୍ରତିଫଳିତ ହୋଇଛି। ଏହି ସହଭାଗିତା ସମଗ୍ର ଏସିଆ ଓ ଏହା ବାହାରେ ଦ୍ୱିପାକ୍ଷିକ ସମ୍ପର୍କର ଏକ ମଡେଲ ଭାବରେ ଉଭାହୋଇଛି।''ବର୍ତ୍ତମାନ ୨ ଦେଶ ମଧ୍ୟରେ ୩ଟି ଟ୍ରେନ୍ ଚଳାଚଳ କରୁଛି -(୧) ମୈତ୍ରୀ ଏକ୍ସପ୍ରେସ୍ (୨୦୦୮ ପରଠାରୁ କୋଲକାତା ଏବଂ ଢାକାକୁ ସଂଯୋଗ କରୁଛି), (୨) ବନ୍ଧନ ଏକ୍ସପ୍ରେସ୍ (୨୦୧୭ ପରଠାରୁ କୋଲକାତା ଏବଂ ଖୁଲ୍‌ନାକୁ ସଂଯୋଗକରେ) ଏବଂ (୩) ମିତାଲି ଏକ୍ସପ୍ରେସ୍ (ଜୁନ୍ ୨୦୨୨ ଠାରୁ ନୂତନ ଜାଲପାଇଗୁଡ଼ି ଏବଂ ଢାକା ମଧ୍ୟରେ ଚାଲୁଛି)। ଏହା ବ୍ୟତୀତ ଭାରତ ଏବଂ ବାଂଲାଦେଶ ମଧ୍ୟରେ କୋଲକାତା, ଅଗରତାଲା ଓ ଗୁଆହାଟୀ ଦେଇ ଢାକା ଏବଂ ଖୁଲ୍‌ନା ପର୍ଯ୍ୟନ୍ତ ୫ଟି ବସ୍ ଚାଲୁଛି। କୋଭିଡ୍ ମହାମାରୀ ଆରମ୍ଭହେବାର କିଛି ସପ୍ତାହ ପୂର୍ବରୁ ମୁଁ ଟ୍ରେନ୍‌ରେ ଖୁଲ୍‌ନା ଯାଇଥିଲି। ଏହି ଟ୍ରେନ୍ ସେବା ୧୯୬୫ ଯୁଦ୍ଧ ସମୟରେ ବନ୍ଦ ହୋଇଯାଇଥିଲା ଏବଂ ୨୦୧୭ରେ ପୁନର୍ବାର ଆରମ୍ଭ ହୋଇଥିଲା।

ଦକ୍ଷିଣ ଏସିଆରେ ବାଂଲାଦେଶ ହେଉଛି ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଭାଗୀଦାରି ଏବଂ ଏସିଆରେ ବାଂଲାଦେଶର ଦ୍ୱିତୀୟ ବୃହତ୍ତମ ବାଣିଜ୍ୟିକ ଭାଗୀଦାରି ହେଉଛି ଭାରତ। ୨୦୨୩-୨୪ ଆର୍ଥିକ ବର୍ଷରେ ବାଂଲାଦେଶ ଭାରତକୁ ୨ ବିଲିୟନ ଡଲାର ସାମଗ୍ରୀ ରପ୍ତାନି କରିଥିଲା। ଆର୍ଥିକ ବର୍ଷ ୨୦୨୩-୨୪ରେ ମୋଟ ଦ୍ୱିପାକ୍ଷିକ ବାଣିଜ୍ୟର ମୂଲ୍ୟ ୧୪ ବିଲିୟନ ଡଲାର ବୋଲି ରିପୋର୍ଟରେ ପ୍ରକାଶ ପାଇଛି, ଯାହା ଭାରତ ସପକ୍ଷରେ ଅଧିକ ରହିଛି। ଅର୍ଥାତ୍ ଏହା ଭାରତ ସପକ୍ଷରେ ଅଧିକ ମାତ୍ରାରେ ରହିଛି। ବୈଦେଶିକ ମନ୍ତ୍ରଣାଳୟ ରିପୋର୍ଟରେ କୁହାଯାଇଛି, ଭାରତରେ ଚିକିତ୍ସା ହେବା ଲାଗି ଜଣେ ରୋଗୀଙ୍କ ସହଯୋଗୀ ବା ମେଡିକାଲ ଆଟେଣ୍ଡାଣ୍ଟ ଭାବେ ୩ଜଣ ବାଂଲାଦେଶୀଙ୍କୁ ଭିଜା ପ୍ରଦାନ କରିଛି। ସ୍ୱତନ୍ତ୍ରଭାବେ ବାଂଲାଦେଶ ସହ ଏଭଳି କୋହଳ ଭିଜା ପ୍ରକ୍ରିୟା ସମ୍ଭବ ହେଉଛି। ଭିଜା ଆବେଦନ କେନ୍ଦ୍ର, ଦୈନିକ ଗ୍ରହଣ କରାଯାଇଥିବା ଆବେଦନ ସଂଖ୍ୟା ତଥା ବ୍ୟବସ୍ଥା ଏବଂ ପ୍ରଦାନ କରାଯାଉଥିବା ଭିଜା ସଂଖ୍ୟାକୁ ଦେଖିଲେ ବାଂଲାଦେଶରେ ଭାରତର ଭିଜା ପ୍ରକ୍ରିୟା ବିଶ୍ୱରେ ସବୁଠୁ ବଡ଼। ଶେଖ ହାସିନାଙ୍କ ସରକାର ପତନ ଏବଂ ବାଂଲାଦେଶରେ ଭାରତ ତାହାର କୂଟନେତିକ ଉପସ୍ଥିତି ହ୍ରାସ କରିବା ପରେ ଭିଜା ପ୍ରକ୍ରିୟା ଗଭୀର ଭାବେ ପ୍ରଭାବିତ ହୋଇଛି। କୋହଳ ଭିଜା ପ୍ରକ୍ରିୟା ଭାରତୀୟ ବ୍ୟବସାୟ, ବିଶେଷକରି ମେଡିକାଲ ପର୍ଯ୍ୟଟନ ପାଇଁ ଅତ୍ୟନ୍ତ ଅନୁକୂଳ ରହି ଆସିଥିଲେ ମଧ୍ୟ କୂଟନୈତିକ ହ୍ରାସ ଯୋଗୁ ଭାରତର ଅଧିକ କ୍ଷତି ଘଟିଛି। ବାସ୍ତବରେ, ବାର୍ଷିକ ଭାରତକୁ ଆସୁଥିବା ମୋଟ ୬,୩୫,୦୦୦ ମେଡିକାଲ ପର୍ଯ୍ୟଟକଙ୍କ ମଧ୍ୟରୁ ପାଖାପାଖି ଅଧା, ଅର୍ଥାତ୍ ୩,୨୫,୦୦୦ ହେଉଛନ୍ତି ବାଂଲାଦେଶୀ।

ଅନ୍ୟପକ୍ଷରେ, ଭାରତ ଗସ୍ତ ପାଇଁ ପାକିସ୍ତାନୀମାନେ ଯାହାସବୁ କରିବାକୁ ପଡ଼େ ତାହା ଅକ୍ଟୋବର ୨୦୨୪ରେ ମୋ ବନ୍ଧୁମାନଙ୍କ ବେଙ୍ଗାଲୁରୁ ଗସ୍ତରୁ ବୁଝାଯାଇପାରେ। ସେଦିନ ଥିଲା ଗୁରୁବାର ଓ ସେମାନଙ୍କ ମଧ୍ୟରୁ ଜଣେ ସେହିଦିନ ରାତିରେ ଅଟ୍ଟାରି-ୱାଘା ସୀମା ଦେଇ ଅମୃତସରରୁ ବେଙ୍ଗାଲୁରୁ ଯାଇଥିଲେ। ପରଦିନ ବେଙ୍ଗାଲୁରୁରେ ପ୍ରବେଶ କରିଛନ୍ତି ବୋଲି ପଞ୍ଜୀକରଣ କରିବାକୁ ଥାନାରେ ପହଞ୍ଚିଥିଲେ। ପାକିସ୍ତାନୀମାନଙ୍କୁ ସହରକୈନ୍ଦ୍ରିକ ଭିଜା ଦିଆଯାଏ, ଯେଉଁଥିରେ ପ୍ରବେଶ ଏବଂ ପ୍ରସ୍ଥାନ ସମୟରେ ପ୍ରତ୍ୟେକ ସହରର ଯେ କୌଣସି ଥାନାରେ ପଞ୍ଜୀକରଣ କରିବାକୁ ପଡ଼େ। ତା'ପରଦିନ ଅର୍ଥାତ୍ ଶନିବାରରେ ତାଙ୍କ ପ୍ରସ୍ଥାନ ସମ୍ପର୍କରେ ପୁଣି ଥରେ ଥାନାରେ ଜଣାଇ ରବିବାର ଦିଲ୍ଲୀ ଯାତ୍ରା କରିଥିଲେ ଏବଂ ସୋମବାର ସେଠାରେ ଥାନାରେ ରିପୋର୍ଟ କରିବାକୁ ପଡ଼ିଥିଲା। ମୋ ବନ୍ଧୁ ଏ ସମ୍ପର୍କରେ ଯାହା ଅନୁଭବ କରୁଥିବେ ମୁଁ ସେ ବିଷୟରେ ମଧ୍ୟ ଅବଗତ। କାରଣ ପାକିସ୍ତାନ ଗସ୍ତରେ ମୋତେ ସମାନ ପ୍ରକାରେ ଥାନାରେ ଜଣାଇବା ଭଳି ବ୍ୟବସ୍ଥା ଥିବା ଭିଜା ଦିଆଯାଇଛି। ଲୋକମାନଙ୍କୁ ଆସିବାକୁ ନିରୁତ୍ସାହିତ କରିବା ପାଇଁ ଏସବୁ ଉଦ୍ଦିଷ୍ଟ। ଏହି କଠୋରତା ଉଭୟ ପକ୍ଷ ଅବଲମ୍ବନ କରୁଛନ୍ତି। ଭାରତକୁ ବର୍ଷକୁ ପ୍ରାୟ ୪୦,୦୦୦ ପାକିସ୍ତାନୀ ପର୍ଯ୍ୟଟକ ଆସୁଥିବାବେଳେ ବାଂଲାଦେଶୀଙ୍କ କ୍ଷେତ୍ରରେ ଏହି ସଂଖ୍ୟା ୨୫ ଲକ୍ଷ। ପର୍ଯ୍ୟଟନ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ୨୦୨୪ର ପ୍ରଥମାର୍ଦ୍ଧରେ ଆମେରିକା, ବ୍ରିଟେନ୍ ଏବଂ କାନାଡା ତୁଳନାରେ ଭାରତକୁ ଅଧିକ ବାଂଲାଦେଶୀ ପର୍ଯ୍ୟଟକ ଆସିଥିଲେ। ୨୦୧୦ ପର୍ଯ୍ୟନ୍ତ ବାର୍ଷିକ ବାଂଲାଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ଥିଲା ପ୍ରାୟ ୫ ଲକ୍ଷ। ତା'ପରେ ୨୦୧୪ ରେ ଏହା ଦ୍ୱିଗୁଣିତ ହୋଇ ପ୍ରାୟ ୧୦ ଲକ୍ଷରେ ପହଞ୍ଚିଥିଲା ଏବଂ ପରେ ମୋଦି ସରକାରଙ୍କ ଦଶନ୍ଧିରେ ଏହା ମଧ୍ୟ ୨ଗୁଣ ହୋଇଛି। ଭାରତକୁ ଆସୁଥିବା ବାଂଲାଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବାସ୍ତବରେ ଉଲ୍ଲେଖନୀୟ। କିନ୍ତୁ ଏହି ସମୟରେ ଭାରତରେ କ୍ଷମତାରେ ଥିବା ରାଜନୈତିକ ଦଳର ଘୃଣା ଭାବ ବାଂଲାଦେଶବାସୀଙ୍କୁ ଅସନ୍ତୁଷ୍ଟ କରିଛି। ଏପରିକି ଶେଷ ହୋଇଥିବା ନିର୍ବାଚନ ପ୍ରଚାରରେ ଭାଜପାର ନେତାମାନେ 'ବାହାର ଲୋକ'(ବାଂଲାଦେଶୀଙ୍କୁ ଇଙ୍ଗିତକରି) ଦେଶ ପାଇଁ ବିପଦ ବୋଲି ଭୋଟରମାନଙ୍କୁ ବାର୍ତ୍ତା ଦେଇଥିଲେ। ଲଗାତର ଭାବେ ଏଭଳି ପ୍ରଚାର କରି ଭୟ ସୃଷ୍ଟି କରାଯାଉଥିବାରୁ ଅଧିକାଂଶ ଭାରତୀୟ ଭାବୁଥାଇପାରନ୍ତି ଯେ ବାଂଲାଦେଶ ସହ ଥିବା ଭିଜା ବ୍ୟବସ୍ଥା ପାକିସ୍ତାନ ସହିତ ସମାନ। ବାସ୍ତବରେ ଏହା ନୁହେଁ। ପ୍ରକୃତ ସଂଖ୍ୟାକୁ ଦେଖିଲେ ଜଣାପଡ଼େ, ବାଂଲାଦେଶ ସହ ସମ୍ପର୍କ ଗଢ଼ିବାରେ ପୂର୍ବ ସରକାରଙ୍କ ବୁଦ୍ଧିମାନ କାର୍ଯ୍ୟକୁ ଭାଜପା ଜାରି ରଖିଛି। ଅବଶ୍ୟ ଭାରତ-ବାଂଲାଦେଶ ମଧ୍ୟରେ ଗତିବିଧି ନେପାଳ ଭଳି ମୁକ୍ତ ନୁହେଁ। ବୈଦେଶିକ ମନ୍ତ୍ରଣାଳୟ ଲେଖାରେ ଦର୍ଶାଯାଇଛି ଯେ, ଭାରତ ଏବଂ ନେପାଳର ଘନିଷ୍ଠ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ପୁରୁଣା ଐତିହାସିକ ଏବଂ ସାଂସ୍କୃତିକ ଯୋଗାଯୋଗ, ମୁକ୍ତ ସୀମା ଏବଂ ଉଭୟ ଦେଶର ଲୋକମାନଙ୍କ ମଧ୍ୟରେ ଥିବା ଗଭୀର ସମ୍ପର୍କ ଯୋଗୁ ସମ୍ଭବ ହୋଇଛି। ବାଂଲାଦେଶ ସହ ଆମର ସମ୍ପର୍କ କ୍ଷେତ୍ରରେ ଏହା ମଧ୍ୟ ସମାନ। କିନ୍ତୁ ଗୋଟିଏ ପାର୍ଥକ୍ୟ ହେଉଛି, ନେପାଳ ସହ ଆମର ସୀମା ସମ୍ପୂର୍ଣ୍ଣ ମୁକ୍ତ। ଉଭୟ ଦେଶର ନାଗରିକମାନେ ଅନ୍ୟ ଦେଶକୁ ଯିବା କିମ୍ବା ଚାକିରି ଖୋଜିବାରେ କୌଣସି ଭିଜା ଏପରିକି ପାସ୍‌ପୋର୍ଟର ଆବଶ୍ୟକତା ପଡୁନାହିଁ।

Email:aakar.patel@gmail.com

# ଜୈବବିବିଧତା ସୁରକ୍ଷା ଓ କପ୍-୧୬



ଡ. ଜୟକୃଷ୍ଣ ପାଣିଗ୍ରାହୀ

ପୃଥିବୀରେ ଜୀବନର ଉତ୍ପତ୍ତି ଏବଂ ଅଭ୍ୟୁଦୟ ଯେତିକି ଆଶ୍ଚର୍ଯ୍ୟଜନକ ବୋଧହୁଏ, ବହୁବିଧ ବୈଶିଷ୍ଟ୍ୟ ବହନକାରୀ ଉଦ୍ଭିଦ, ପ୍ରାଣୀ ଏବଂ ଅଣୁଜୀବ ଜାତିଙ୍କର ବିଭିନ୍ନ ପରିସଂସ୍ଥାରେ ପରିସ୍ଫୁଟନ ଓ ଜୀବନଯାପନ ସେତିକି ବିସ୍ମୟକର ଅନୁଭୂତ ହୁଏ । ମାନବ ସମେତ ପୃଥିବୀରେ ଆବିର୍ଭୂତ ଜୀବନର ସମସ୍ତ ପ୍ରକାର ରୂପକୁ ଅନ୍ତର୍ଭୁକ୍ତ କରୁଥିବା ପ୍ରସଙ୍ଗଟି ହେଉଛି ଜୈବବିବିଧତା, ଯାହାର ସମୃଦ୍ଧତା ବ୍ୟତିରେକ ଆମ ଗ୍ରହରେ ଏକ ପ୍ରାଚୁର୍ଯ୍ୟ ପରିପୂର୍ଣ୍ଣ, ସୁସ୍ଥ ଜୀବଜଗତର ଗଠନ ସମ୍ଭବପର ନୁହେଁ। ଆବଶ୍ୟକ ଖାଦ୍ୟ, ଔଷଧ, ଶକ୍ତି, ନିର୍ମଳ ବାୟୁ ଓ ଜଳ, ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ତଥା ମନୋରଞ୍ଜନ ଏବଂ ସାଂସ୍କୃତିକ ପ୍ରେରଣା ନିମନ୍ତେ ଆମେ ଜୈବବିବିଧତା ଉପରେ ନିର୍ଭରଶୀଳ। ଏହା ମଧ୍ୟ ପୃଥିବୀରେ ପରିଦୃଷ୍ଟ ସମସ୍ତ ଜୀବନ ପ୍ରଣାଳୀକୁ ସମର୍ଥନକରେ । ମାନବ କଲ୍ୟାଣ, ଅର୍ଥନୈତିକ ଅଭିବୃଦ୍ଧି ଏବଂ ଗ୍ରହର ସୁସ୍ଥତା ନିମନ୍ତେ ଏହା ହେଉଛି ଏକ ମୌଳିକ ଆବଶ୍ୟକତା, ଯାହା ପ୍ରାକୃତିକ ସନ୍ତୁଳନ ରକ୍ଷା ଏବଂ ଧରିତ୍ରୀ ମାତା ସହ ସୁସମ୍ପର୍କରେ ଉତ୍ତମ ଜୀବନ ନିର୍ବାହ ନିମନ୍ତେ ଏକାନ୍ତ ଅପରିହାର୍ଯ୍ୟ । ଜୈବ ବିବିଧତାର ଏପରି ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ହୃଦୟଙ୍ଗମକରି ଏହାର ସୁରକ୍ଷା ନିମନ୍ତେ ଏକ ବିଶ୍ୱସ୍ତରୀୟ ଚୁକ୍ତି ବ୍ରାଜିଲର ରିଓ ଡି'ଜେନିରୋରେ ୫ ଜୁନ୍ ୧୯୯୨ରେ ଅନୁଷ୍ଠିତ ଧରିତ୍ରୀ ସମ୍ମିଳନୀ ଅବସରରେ ସ୍ୱାକ୍ଷର ନିମନ୍ତେ ଉନ୍ମୁକ୍ତ ହୋଇଥିଲା। ୧୯୯୩ର ଶେଷଭାଗରୁ କାର୍ଯ୍ୟକାରୀ ହୋଇଥିବା ଏହି ଜୈବ ବିବିଧତା ଚୁକ୍ତି (ସିବିଡି)କୁ ଏ ପର୍ଯ୍ୟନ୍ତ ବିଶ୍ୱର ୧୯୬ ରାଷ୍ଟ୍ର ଅନୁମୋଦିତ କରିଛନ୍ତି। ଏହି ଚୁକ୍ତି ହେଉଛି 'ଜୈବ ବିବିଧତାର ସଂରକ୍ଷଣ, ଏହାର ଉପାଦାନଗୁଡ଼ିକର ସହନୀୟ ବ୍ୟବହାର ଏବଂ ଜିନୀୟ ଉତ୍ସଗୁଡିକର ଉପଯୋଗରୁ ଉତ୍ପନ୍ନ ଲାଭ ସବୁର ନ୍ୟାୟଯୁକ୍ତ ଏବଂ ସମବଣ୍ଟନ ନିମନ୍ତେ ଏକ ଅନ୍ତର୍ଜାତୀୟ ଆଇନଗତ ଉପକରଣ'।

ସମ୍ପ୍ରତି ପ୍ରତି ୨ବର୍ଷରେ ଜାତିସଂଘ ଆନୁକୂଲ୍ୟରେ ବିଶ୍ୱସ୍ତରରେ ଅନୁଷ୍ଠିତ ହେଉଥିବା ସିବିଡି ସଦସ୍ୟମାନଙ୍କ ସମ୍ମିଳନୀର ଷୋଡ଼ଶ ଅଧିବେଶନ (କପ୍-୧୬) କଲମ୍ବିଆର କାଲି ସହରରେ ସଦ୍ୟ ସମାପ୍ତ ହୋଇଛି, ଯାହାକି ବୈଶ୍ୱିକ ଜୈବବିବିଧତା ସମ୍ପର୍କିତ ପ୍ରଶାସନ ନିମନ୍ତେ ଏକ ପ୍ରମୁଖ ମୁହୂର୍ତ୍ତ ଥିଲା। ସମ୍ମିଳନୀର କାର୍ଯ୍ୟସୂଚୀରେ ଆଲୋଚନାର ପ୍ରମୁଖ ପ୍ରସଙ୍ଗ ମଧ୍ୟରେ ଥିଲା ଜୈବବିବିଧତା ଓ ଜଳବାୟୁ ପରିବର୍ତ୍ତନ, ସମ୍ବଳର ସହନୀୟ ବ୍ୟବହାର, ସମବଣ୍ଟନ ଓ ଅନ୍ତର୍ଭୁକ୍ତୀକରଣ, ପାଣ୍ଠି ଓ ସମ୍ବଳ ଏବଂ ୨୦୨୦ ପରବର୍ତ୍ତୀ ବୈଶ୍ୱିକ ଜୈବବିବିଧତା ଢାଞ୍ଚା (ଜିବିଏଫ୍)। ଏହି ଅବସରରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ୨୦୨୨ରେ କାନାଡାର ମଣ୍ଟ୍ରିଲରେ ଅନୁଷ୍ଠିତ କପ୍-୧୫ ଅବସରରେ ଗୃହୀତ 'କୁନ୍‌ମିଙ୍ଗ-ମଣ୍ଟ୍ରିଲରେ ବୈଶ୍ୱିକ ଜୈବ ବିବିଧତା ଢାଞ୍ଚା'ର କାର୍ଯ୍ୟକାରିତା ସ୍ଥିତିକୁ ସମୀକ୍ଷା କରିଛନ୍ତି । ଏହି ଢାଞ୍ଚା ପରିପ୍ରେକ୍ଷୀରେ ରାଷ୍ଟ୍ରଗୁଡ଼ିକ ସେମାନଙ୍କର ଜାତୀୟ ଜୈବ ବିବିଧତା ରଣନୀତି ଏବଂ କାର୍ଯ୍ୟଯୋଜନା ସହ ସମ୍ବଳ ସଂଗ୍ରହ ବିଷୟକୁ ମଧ୍ୟ ବିଶ୍ଳେଷଣ କରିଛନ୍ତି। ଏହି




ପ୍ରମୁଖ ସମାବେଶରେ ୨୦୩୦ ନିମନ୍ତେ ଉଚ୍ଚାଭିଳାଷୀ ଲକ୍ଷ୍ୟ ରହିଥିଲା ବିଶ୍ୱ ଜୈବବିବିଧତା ସମ୍ମୁଖୀନ ହେଉଥିବା ଜରୁରୀ ଆହ୍ୱାନ ସବୁକୁ ସମାଧାନ କରିବା, ଜୀବଜାତି ତଥା ପରିସଂସ୍ଥାର ଅବନତିକୁ ରୋକିବା ଉଦ୍ଦେଶ୍ୟରେ ପ୍ରଭାବଶାଳୀ ରଣନୀତି କାର୍ଯ୍ୟକାରୀ କରିବା, ଅବକ୍ଷୟିତ ବାସସ୍ଥଳୀର ପୁନରୁଦ୍ଧାର କରିବା, ନିରନ୍ତର ବିକାଶକୁ ପ୍ରୋତ୍ସାହିତ କରିବା, ଜଳବାୟୁ ସ୍ଥିରତା ଓ ମାନବ କଲ୍ୟାଣକୁ ଦୃଢ଼ୀଭୂତ କରିବା ଏବଂ ଶକ୍ତିଶାଳୀ ସହଭାଗିତାର ରୂପାୟନ କରିବା। ପ୍ରତୀକ୍ଷା ରହିଥିଲା ଯେ କାଲିରେ ହେବାକୁ ଥିବା ଆଲୋଚନା ଏବଂ ନିଷ୍ପତ୍ତି, ଉଭୟ ପରିବେଶଗତ ଅଖଣ୍ଡତା ଏବଂ ସାମାଜିକ-ଅର୍ଥନୈତିକ ଦିଗକୁ ସମାଧାନକରି ଆଗାମୀ ଦଶନ୍ଧି ମଧ୍ୟରେ ରାଷ୍ଟ୍ରଗୁଡ଼ିକ ଏହି ଲକ୍ଷ୍ୟ ହାସଲ ଦିଗରେ କିପରି କାର୍ଯ୍ୟଧାରା ଜାରି ରଖିବେ, ତାହାକୁ ପ୍ରଭାବିତ କରିବ। ଏହାସହ କୃଷି, ଜଙ୍ଗଲ, ମତ୍ସ୍ୟ ସମ୍ପଦ ଏବଂ ସହରାଞ୍ଚଳ ବିକାଶ ସମେତ ସମାଜର ସମସ୍ତ କ୍ଷେତ୍ରରେ ଜୈବ ବିବିଧତା ସୁରକ୍ଷା ପ୍ରସଙ୍ଗକୁ ଯୋଡ଼ିବା ଉପରେ ଗୁରୁତ୍ୱାରୋପ କରିବା ମଧ୍ୟ ଏକାନ୍ତ ଅପରିହାର୍ଯ୍ୟ ଥିଲା।

୨୦୨୦ ପରବର୍ତ୍ତୀ ବୈଶ୍ୱିକ ଜୈବ ବିବିଧତା ଢାଞ୍ଚାର ମୂଳଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା ଗ୍ରହର ୩୦% ସ୍ଥଳଭାଗ ଏବଂ ସାମୁଦ୍ରିକ ଅଞ୍ଚଳକୁ ସୁରକ୍ଷା ଦେବା, ଯାହାକି ଏସବୁ କ୍ଷେତ୍ରର ଉପଯୁକ୍ତ ସୁରକ୍ଷା ଏବଂ ଯଥାର୍ଥ ପରିଚାଳନା ଉପରେ ଧ୍ୟାନ ପ୍ରଦାନ କରିବ। କପ୍୧୬ ସମ୍ମିଳନୀରେ ଜୈବ ବିବିଧତା ସଂରକ୍ଷଣକୁ ସୁଦୃଢ଼ କରିବା ପାଇଁ ଆର୍ଥିକ ପ୍ରତିବଦ୍ଧତାର ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଛି। ସୁରକ୍ଷା କ୍ଷେତ୍ରରେ ପୁଞ୍ଜି ବିନିଯୋଗର ବୃଦ୍ଧି ଘଟାଇବା, ନିର୍ଦ୍ଦିଷ୍ଟ ରୂପେ ବିକାଶଶୀଳ ଦେଶଗୁଡ଼ିକୁ ସମର୍ଥନ କରିବା ଉପରେ ବିଶେଷ ଧ୍ୟାନ ପ୍ରଦାନ ନିମନ୍ତେ ବିଭିନ୍ନ ରାଷ୍ଟ୍ରର ସରକାର ଏବଂ ବେସରକାରୀ ସଂସ୍ଥାଗୁଡ଼ିକ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟ ଏକ ଉଲ୍ଲେଖନୀୟ ଉପଲବ୍ଧି ହେଉଛି, ଜୈବ ବିବିଧତା ପ୍ରଶାସନରେ ସମାନତା ଏବଂ ଅନ୍ତର୍ଭୁକ୍ତୀକରଣକୁ ଗୁରୁତ୍ୱ ଦେବା। ସମ୍ମିଳନୀ ମଧ୍ୟ ଜୈବ ବିବିଧତା ସୁରକ୍ଷାରେ ଅନୁସୂଚିତ ଜନଜାତି ଏବଂ ସ୍ଥାନୀୟ ସମ୍ପ୍ରଦାୟର ଅଧିକାରକୁ ସ୍ୱୀକୃତି ଦେଇ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସେମାନଙ୍କୁ ଜଡ଼ିତ କରିବାର ଆବଶ୍ୟକତାକୁ ଦର୍ଶାଇଛି। ସଂରକ୍ଷଣ ପ୍ରୟାସରେ ସ୍ୱଦେଶୀ ଜ୍ଞାନ ଓ ଅଭ୍ୟାସଗୁଡ଼ିକ ଅନ୍ତର୍ଭୁକ୍ତ କରିବା ଏବଂ ସମ୍ପ୍ରଦାୟଗୁଡ଼ିକୁ ସେମାନଙ୍କ ଅବଦାନ ନିମନ୍ତେ ଯଥେଷ୍ଟ କ୍ଷତିପୂରଣ ସୁନିଶ୍ଚିତ କରାଇବା ସମ୍ମିଳନୀର କୌଶଳ ବିକାଶରେ ପ୍ରତିଫଳିତ ହୋଇଛି।

କପ୍-୧୬ ସମ୍ମିଳନୀର ଅନ୍ୟ ଏକ ପ୍ରମୁଖ ସଫଳତା ହେଉଛି କୁନ୍‌ମିଙ୍ଗ-ମଣ୍ଟ୍ରିଲ ଢାଞ୍ଚାର ଲକ୍ଷ୍ୟଗୁଡ଼ିକ୍ ଏଥିରେ ଅନୁମୋଦନ ହୋଇଛି। ଆଞ୍ଚଳିକ ପ୍ରାଥମିକତା ଏବଂ ସ୍ଥାନୀୟ ପ୍ରସଙ୍ଗଗୁଡ଼ିକ ଭିତ୍ତିରେ ପ୍ରସ୍ତୁତ ହୋଇଥିବା ଏହି ଲକ୍ଷ୍ୟସବୁକୁ ଅଧିକ ସୁସ୍ପଷ୍ଟ କରିବାରେ ଏହା ଉପଯୁକ୍ତ ଭୂମିକା ନିର୍ବାହ କରିଛି। ଏହି ସମ୍ମିଳନୀ ଜୈବ ବିବିଧତା ସୁରକ୍ଷା ପାଇଁ ଏକୀକୃତ ଆଭିମୁଖ୍ୟର ଆବଶ୍ୟକତାକୁ ସୂଚାଇ ପ୍ରକାଶ କରିଛି ଯେ ଜଳବାୟୁ ପରିବର୍ତ୍ତନ, ଖାଦ୍ୟ ନିରାପତ୍ତା ଏବଂ ମାନବ ସ୍ୱାସ୍ଥ୍ୟସମସ୍ୟା ଜୈବ ବିବିଧତା ଅବକ୍ଷୟ ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଉଭୟ ଆମ ଗ୍ରହର ସ୍ୱାସ୍ଥ୍ୟ ଏବଂ ମାନବ ସମୃଦ୍ଧତା ନିମନ୍ତେ 'ବିଜୟ-ବିଜୟ' ସମାଧାନର ପନ୍ଥା ସୃଷ୍ଟି ପ୍ରତି ଜଳବାୟୁ ଏବଂ ଜୈବ ବିବିଧତା ନୀତି ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ରାଷ୍ଟ୍ରଗୁଡ଼ିକ ପ୍ରତିବଦ୍ଧ ହେବା ବାଞ୍ଛନୀୟ। ଆଶା ଥିଲା, ସମ୍ମିଳନୀର ପ୍ରତିନିଧିମାନେ ଅଭିନବ ଉପାୟର ଅନୁସନ୍ଧାନ କରିବେ, ଯାହା ମାନବ ଆବଶ୍ୟକତାକୁ ପରିବେଶ ସଂରକ୍ଷଣ ସହ ସନ୍ତୁଳିତ କରିବ, ଉପଯୁକ୍ତ କାର୍ଯ୍ୟଧାରାକୁ ପ୍ରୋତ୍ସାହିତ କରିବ ଏବଂ ସ୍ଥିରତା ଓ ନିରନ୍ତରତା ରକ୍ଷାରେ ବୃଦ୍ଧି ଘଟାଇବ। ଏ ଦୃଷ୍ଟିରୁ ସମ୍ମିଳନୀ ହାସଲ କରିଥିବା ସଫଳତାର ସ୍ତର ଭବିଷ୍ୟତ ହିଁ ନିର୍ଣ୍ଣୟ କରିବ। ପରିଶେଷରେ, କପ୍-୧୬ ସମ୍ମିଳନୀର ନିଷ୍କର୍ଷ ରୂପେ ଲାଭର ସମବଣ୍ଟନ, ଅର୍ଥନୈତିକ ସହାୟତା ଏବଂ ବୈଶ୍ୱିକ ସହଯୋଗ ସ୍ଥାପନ ଉପରେ ଦୃଢ଼ ଧ୍ୟାନ କେନ୍ଦ୍ରୀଭୂତ କରି ଜୈବବିବିଧତା ଅବକ୍ଷୟର ପ୍ରତିକାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିର୍ଣ୍ଣିତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ସମ୍ମିଳନୀ ଆଗାମୀ ଦଶନ୍ଧିରେ ଜୈବବିବିଧତା ସଂରକ୍ଷଣ ନିମନ୍ତେ ଏକ ସମନ୍ୱିତ, ଅନ୍ତର୍ଭୁକ୍ତ ଏବଂ ଉଚ୍ଚାଭିଳାଷୀ ଆଭିମୁଖ୍ୟ ଥିବା ମଞ୍ଚର ସ୍ଥାପନକରେ। ବର୍ଦ୍ଧିତ ପରିବେଶ ସଙ୍କଟ ସହ ବିଶ୍ୱ ମୁକାବିଲା କରୁଥିବାବେଳେ ରାଷ୍ଟ୍ରଗୁଡ଼ିକ ପ୍ରକୃତି ଓ ଜୈବବିବିଧତାର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ପରସ୍ପରକୁ ସହଯୋଗର ହସ୍ତ ପ୍ରସାରିତ କରିବାର ପ୍ରୟାସ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ଉପସ୍ଥାପନକରେ। ଅନ୍ୟଥା, ନକାରାତ୍ମକ ମାନବୀୟ କାର୍ଯ୍ୟକଳାପ ଓ ଉଦାସୀନତାର ପରିଣାମରେ ପୃଥିବୀରେ ସଂଘଟିତ ହେଉଥିବା ଉଦ୍ଭିଦ, ପ୍ରାଣୀ ଏବଂ ଅଣୁଜୀବମାନଙ୍କର ସଂଖ୍ୟା ହ୍ରାସ ଓ ବିଲୁପ୍ତି ପ୍ରକ୍ରିୟା ଆଗକୁ ତ୍ୱରାନ୍ୱିତ ହେବ ଏବଂ ପ୍ରକୃତିରୁ ଆମକୁ ଉପଲବ୍ଧ ହେଉଥିବା ଦ୍ରବ୍ୟ ଓ ସେବାର ପ୍ରବାହ କ୍ରମଶଃ ନିଃଶେଷ ହୋଇଚାଲିବ। ଆମ ଗ୍ରହର ଜୈବିକ ଐତିହ୍ୟର ଭବିଷ୍ୟତ ସୁରକ୍ଷା ନିମନ୍ତେ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଏହି ସମ୍ମିଳନୀରେ ଏକତ୍ରିତ ହୋଇଥିବା ପ୍ରତିନିଧିମାନେ ଆଗାମୀ ଦିନରେ ଗୃହୀତ ନିଷ୍ପତ୍ତିକୁ କିପରି କାର୍ଯ୍ୟକାରୀକରି ଏକ ସୃଜନାତ୍ମକ ପରିବର୍ତ୍ତନର ବାର୍ତ୍ତା ଉପସ୍ଥାପନ କରୁଛନ୍ତି, ତାହା ଉପରେ ହିଁ ବିଶ୍ୱବାସୀଙ୍କ ନଜର ରହିବ।

କାର୍ଯ୍ୟକାରୀ ସଭାପତି,
ଓଡ଼ିଶା ପରିବେଶ ସମିତି
ମୋ:୯୪୩୭୦୭୬୧୦୦

# ପ୍ରତିଦ୍ୱନ୍ଦ୍ୱୀ ନୁହେଁ, ସାଥୀ ହେବା



ଶ୍ରୁତକୀର୍ତ୍ତି ତ୍ରିପାଠୀ

ବହୁ ସମୟରେ ତର୍କ, ବିତର୍କ, ଆଲୋଚନା ଓ ସମାଲୋଚନା ହେଉଛି ଯେ ନାରୀ, ପୁରୁଷଙ୍କ ସହ ସମାନ ହେବା ଉଚିତ! ମହିଳାମାନେ ପୁରୁଷ ଭଳି ପୋଷାକ ପିନ୍ଧିପାରିବେ, ରାତିରେ ବୁଲାବୁଲି କରିପାରିବେ ; ଯାହା ଯାହା ପୁରୁଷମାନେ କରନ୍ତି, ସେ ସବୁ କରିବା ପାଇଁ ମହିଳାମାନେ ସ୍ୱାଧୀନ। ଏଣୁ ସେମାନଙ୍କୁ ବାରଣ କରା ନ ଯାଉ ବା ସେଭଳି କଲେ ସମାଲୋଚନା କରା ନ ଯାଉ। ପୁରୁଷଙ୍କ ଭଳି ଯେକୌଣସି ସମୟରେ ବାହାରେ ବୁଲିବା ଦ୍ୱାରା ଯଦି କୌଣସି ଝିଅ ବା ମହିଳା ଅସଦାଚରଣ, ଦୁର୍ବ୍ୟବହାର ବା ଅପରାଧର ଶିକାର ହୁଏ ; ବିବାଦ ସେଇଠି ସୃଷ୍ଟି ହୁଏ ଯେ ମହିଳାମାନେ କାହିଁକି ନିଜ ସ୍ୱାଧୀନତା ଅନୁଯାୟୀ ପୋଷାକ ପିନ୍ଧିପାରିବେ ନାହିଁ, କି ବାହାରେ ନିରାପଦରେ ବିଚରଣ କରିପାରିବେ ନାହିଁ ! ମାତ୍ର କେହିହେଲେ କେବେ ଠିକ୍ ରୂପେ ସମାନତାର ଅର୍ଥ ବୁଝିବାକୁ ଚେଷ୍ଟା କରିଛନ୍ତି କି? ଅପ୍ରିୟ ସତ ହେଉଛି, ତାହା ଏପର୍ଯ୍ୟନ୍ତ ସମାନତା ଚାହୁଁଥିବା ସେହି ଗୋଷ୍ଠୀ ଠିକ୍ ଭାବରେ ଜାଣିନାହାନ୍ତି। ପୁରୁଷ ଭଳି ହେବାର ମୋହ ତାଙ୍କୁ ଉଦ୍ଧତ, ଉଗ୍ରଆଧୁନିକ, ସମ୍ବେଦନହୀନ ଏବଂ ଦାୟିତ୍ୱହୀନ ବ୍ୟକ୍ତିତ୍ୱରେ ପରିଣତ କରିବାକୁ ବସିଲାଣି। ପରିଣାମ ସ୍ୱରୂପ ସାମ୍ପ୍ରତିକ ସମୟରେ ଘଟି ଯାଉଥିବା ବିବାହ ବିଚ୍ଛେଦ ଏବଂ ବିଭିନ୍ନ ଅପରାଧ ; ଯାହାର ପ୍ରଭାବ ସନ୍ତାନସନ୍ତତି, ପରିବାର ଏବଂ ଆତ୍ମୀୟଙ୍କ ଉପରେ ପଡ଼େ। ଫଳରେ ଭଗ୍ନ ପରିବାର ଓ ସମ୍ପର୍କକୁ ନେଇ କେତେ ଯେ ମଣିଷ ମାନସିକ ଅବସାଦ ଭିତରେ ବଞ୍ଚିବାକୁ ବାଧ୍ୟ ହୁଅନ୍ତି।

ମହିଳା-ପୁରୁଷ ଭିତରେ ଏଭଳି ସମାନତାର ମହତ୍ତ୍ୱ କ'ଣ ଯେଉଁଠି ସଂସାରଟିଏ କିମ୍ବା ଘରଟିଏ ଉଜୁଡ଼ିଯିବାର ସମ୍ଭାବନା ରହିଛି! ଜଣେ ଅନ୍ୟ ପାଇଁ ସମ୍ବେଦନଶୀଳ ନ ହୋଇ, କେବଳ ନିଜ ସ୍ୱାର୍ଥ ପାଇଁ କିଛି କରିଯିବାର ଦୌଡ଼ରେ ଲଗାତାର ବ୍ୟସ୍ତ ରହୁଛନ୍ତି। ପ୍ରକୃତି ଏବଂ ଶରୀର ଗଠନ ଅନୁସାରେ ନାରୀ ଓ ପୁରୁଷ ଭିତରେ ସମାନତା ଅସମ୍ଭବ। କହିବାକୁ ଗଲେ ଏଭଳି ସମାନତାର ସମାଜରେ ଆବଶ୍ୟକ ହିଁ କ'ଣ! ହଁ, ସମାନତା ଲୋଡ଼ା ଦକ୍ଷତାରେ, ଅଧିକାରରେ, ଯୋଗ୍ୟତାରେ, ସୁଯୋଗରେ ଏବଂ ସ୍ୱାଧୀନତାରେ! ମହିଳାମାନଙ୍କ ଜୀବନରେ ଚାଲିଥିବା ବିସଙ୍ଗତିକୁ ଯଦି ଦୂର କରାଯାଇପାରେ, ତା'ହେଲେ କୁହାଯିବ ପ୍ରକୃତ ସମାନତା ଆସିଯାଇଛି।

ମହିଳାମାନେ ଉନ୍ନତି ନ କରିବା କିମ୍ବା ପଛେଇଯିବାକୁ ସବୁବେଳେ ପୁରୁଷମାନଙ୍କ ସହିତ ଯୋଡ଼ିବାର କିଛି ଆବଶ୍ୟକତା ନାହିଁ। କାରଣ ସବୁ ପୁରୁଷଙ୍କ ମାନସିକତା ବା ଚିନ୍ତାଧାରା ନାରୀମାନଙ୍କୁ ଅସମ୍ମାନ କରିବା ବା ତାଙ୍କୁ ହୀନଦୃଷ୍ଟିରେ ଦେଖିବା ହୋଇ ନ ଥାଏ। ନାରୀ-ପୁରୁଷ ଭିତରେ ପାର୍ଥକ୍ୟ ଦେଖାଇ ନିଜର ସୁବିଧା ହାସଲ କରୁଥିବା କିଛି ଲୋକଙ୍କର ଏହା ଏକ ସୁଚିନ୍ତିତ ଯୋଜନା। ନାରୀ ଓ ପୁରୁଷ ପରସ୍ପରକୁ ପ୍ରତିଦ୍ୱନ୍ଦ୍ୱୀ ଭାବି ଉଭୟେ ଉଭୟଙ୍କୁ ଛୋଟ ଦେଖେଇଲେ ନିଜର ଦକ୍ଷତା, କ୍ଷମତା ଓ ଯୋଗ୍ୟତା ଅନୁଯାୟୀ କାମ ନ କରି ଅନ୍ୟର ଭୁଲ୍ ଖୋଜିବାରେ ବ୍ୟସ୍ତ ରହିଲେ ; ସେହି ସୁବିଧାବାଦୀ



ଗୋଷ୍ଠୀଙ୍କ ସ୍ୱାର୍ଥ ଓ ମନୋକାମନା ପୂରଣ ହୁଏ। ନାରୀ-ପୁରୁଷର ଲଢ଼େଇ ଭିତରେ ଲାଭବାନ୍ ହୁଅନ୍ତି ସେଇମାନେ, ଯେଉଁମାନେ ଏହାକୁ ଆରମ୍ଭ କରିଥା'ନ୍ତି।

ବୁଝିବାର ସମୟ ଆସିଛି ଯେ, ଯେଉଁଭଳି ପ୍ରତ୍ୟେକ ସଫଳ ପୁରୁଷ ପଛରେ ଜଣେ ନାରୀର ଭୂମିକା ରହିଥାଏ, ଠିକ୍ ସେହିଭଳି ପ୍ରତ୍ୟେକ ସଫଳ ମହିଳା ପଛରେ ଜଣେ ପୁରୁଷର ଅବଦାନ ନିଶ୍ଚିତ ରୂପେ ରହିଥାଏ। ପୁରୁଷର ତ୍ୟାଗ ହଉ କିମ୍ବା ସହଯୋଗ ; ନାରୀର ସଫଳତା ପଛରେ ସଦା ଲୁକ୍କାୟିତ ଭାବରେ ରହିଥାଏ ଏବଂ ଏହି କାରଣଗୁଡ଼ିକୁ ଅଣଦେଖା କରିବା ଉଚିତ ନୁହେଁ। ଭାରତୀୟ ସମ୍ବିଧାନରେ ମଧ୍ୟ ନାରୀ ଓ ପୁରୁଷଙ୍କ ସମାନ ଅଧିକାର କଥା କୁହାଯାଇଛି। ମାତ୍ର ଏହି ସତ୍ୟକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରିବ ନାହିଁ ଯେ ନାରୀ ଓ ପୁରୁଷ ସମାନତା କଥା ଆମେ ଯେତେ କହିଲେ ବି ଏ କ୍ଷେତ୍ରରେ ଆହୁରି ଅନେକ ଦିଗରେ ଚିନ୍ତା କରିବା ବାକି ରହିଯାଇଛି।

ସମାନତା ନାଁରେ ନାରୀ ନିଜର ମର୍ଯ୍ୟାଦା ଉଲ୍ଲଂଘନ କରିବା, ନିଜର ଦାୟିତ୍ୱ ଏବଂ ପରିବାରର ଦେଖାଶୁଣା କରିବାରୁ ବିରତ ରହିବା, ସ୍ୱାଧୀନତା ନାଁରେ ପାରିବାରିକ ସମ୍ପର୍କ ପ୍ରତି ଧ୍ୟାନ ନ ଦେବା, ନିଜ ଆତ୍ମୀୟଙ୍କୁ ଉପେକ୍ଷା କରିବା ଆଦୌ ଗ୍ରହଣୀୟ ନୁହେଁ। ଆଶ୍ଚର୍ଯ୍ୟର ବିଷୟ ପୁରୁଷ ସହିତ ସମାନତାର ଦୌଡ଼ରେ ନାରୀ ନିଜର ବେଶ ପରିପାଟୀକୁ ମଧ୍ୟ ବଦଳେଇ ସାରିଛି। ପୁରୁଷ ସହିତ ସମାନ ହେବାର ଅନ୍ଧ ଦୌଡ଼ରେ ମହିଳା ନିଜ ସତ୍ତା, ସଂସ୍କୃତି ଓ ସ୍ୱତନ୍ତ୍ରତାକୁ ଭୁଲିଯାଇଛି। ବାସ୍ତବରେ ମହିଳା ସଶକ୍ତୀକରଣର ଆବଶ୍ୟକତା ରୋଜଗାରକ୍ଷମ ହେବା, ନିର୍ଣ୍ଣୟ ନେବା ଏବଂ ରାଜନୈତିକ ସ୍ତରରେ ଉନ୍ନତ ହେବା ଦିଗରେ ହେବା ଆବଶ୍ୟକ ; ଯେଉଁଠି ଏବେ ମଧ୍ୟ ନାରୀ-ପୁରୁଷ ଭିତରେ ଅନେକ ପାର୍ଥକ୍ୟ ରହିଛି।

ନାରୀ ଯେବେ ପ୍ରକୃତିଦତ୍ତ ନିଜ ଅମୂଲ୍ୟ ଗୁଣଗୁଡ଼ିକ ତ୍ୟାଗ କରି ପୁରୁଷ ପରି ହେବାକୁ ଚେଷ୍ଟା କରେ, ସେହି ସ୍ଥିତିରେ ନାରୀର ଅବଚେତନ ନା ସମ୍ପୂର୍ଣ୍ଣ ସ୍ତ୍ରେଣ ରହିପାରେ ନା ପୁରୁଷ ଗୁଣଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ସମ୍ଭବପର ହୋଇପାରେ। ନାରୀସୁଲଭ ଗୁଣ ରିକ୍ତ ସେହି ସ୍ତ୍ରୀ ଭିତରେ ବିଶ୍ୱାସ, କୋମଳତା, ନିଷ୍ଠା, ପ୍ରତୀକ୍ଷା, ସରଳତା, ନମ୍ରତା, ଉଦାରତା, ସମର୍ପଣ, ମାଧୁର୍ଯ୍ୟ, ଦୟା ଆଦି ନୈସର୍ଗିକ ଗୁଣ ଧୀରେ ଧୀରେ ସମାପ୍ତ ହୋଇଯାଏ। ସେ କଠୋର ହୋଇଉଠେ, ଯାହା ସ୍ୱୟଂ ନାରୀ ପାଇଁ କ୍ଷତିକାରକ ।

ନାରୀ-ପୁରୁଷର ସମାନତା ବିଷୟକୁ ଦ୍ୱନ୍ଦ୍ୱାତ୍ମକ କରା ନ ଯାଉ। ଉଭୟେ ପରସ୍ପରକୁ ସମ୍ମାନ ଦିଅନ୍ତୁ, ବୁଝନ୍ତୁ ଏବଂ ଏକାଠି ସାଥି ହୋଇ ଚାଲନ୍ତୁ। ସାମାଜିକ, ପାରିବାରିକ, ଆର୍ଥିକ ଏବଂ ବିଚାରଗତ ବିକାଶ ପାଇଁ ଉଭୟ ନାରୀ ଓ ପୁରୁଷଙ୍କୁ ନିଜର ଅହଂ ତ୍ୟାଗ କରିବାକୁ ହେବ। ଜଣେ ଅନ୍ୟର ଦୋଷ, ଦୁର୍ବଳତା, ତ୍ରୁଟି ନ ବାଛି ପରସ୍ପରର ମହାନତା ଏବଂ ଦକ୍ଷତାକୁ ମୁକ୍ତକଣ୍ଠରେ ସ୍ୱୀକାର କରିବାର ସାହସ ରଖିଲେ ସବୁ ସମସ୍ୟାର ସମାଧାନ ହୋଇପାରିବ। ପରସ୍ପରକୁ ପ୍ରତିଦ୍ୱନ୍ଦ୍ୱୀ ନୁହେଁ, ସାଥୀ ମନେକରି ଆଗେଇଲେ ଏକ ସୁନ୍ଦର ଓ ସୁସ୍ଥ ସମାଜ ଗଠନ ସମ୍ଭବ ହେବ।

ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

୨୦୫୦ ସୁଦ୍ଧା ବିଶ୍ୱରେ ନିର୍ଗମନ ହେବାକୁ ଥିବା ମୋଟ ସବୁଜ ଗୃହ ବାଷ୍ପର ୫-୧୦ ପ୍ରତିଶତ ପ୍ଲାଷ୍ଟିକ୍ ବର୍ଜ୍ୟ ଯୋଗୁ ହେବ ବୋଲି ବୈଜ୍ଞାନିକମାନେ ସତର୍କ କରିଦେଇଛନ୍ତି। କାରଣ ଏହା ମାଟିରେ ମିଶିବାକୁ ଅନେକ ହଜାର ବର୍ଷ ଲାଗିଯାଏ ଓ ଲଗାତର ଭାବେ ସବୁଜ ଗୃହ ବାଷ୍ପ ନିର୍ଗମନ କରିଚାଲିଥାଏ। ବାସ୍ତବରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟୟନର ପ୍ରଭାବ ପଡ଼ିଛି ମହାରାଷ୍ଟ୍ରର ନେହା ଜୈନଙ୍କ ଉପରେ। ସେ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବା ପାଇଁ ଚାକିରି ଛାଡ଼ି ଏହାର ବିକଳ୍ପ ଭାବେ ସମୁଦ୍ର ଘାସରୁ ବିଘଟନ ଯୋଗ୍ୟ ପ୍ୟାକେଜିଂ ଜିନିଷ ପ୍ରସ୍ତୁତ କରୁଛନ୍ତି। ଫଳରେ ପ୍ଲାଷ୍ଟିକ ବ୍ୟବହାର ହ୍ରାସ ପାଉଛି। ନେହା ବେଙ୍ଗାଲୁରୁର କ୍ରାଏଷ୍ଟ ବିଶ୍ୱବିଦ୍ୟାଳୟରୁ ସାମ୍ବାଦିକତାରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ୨୦୧୧ରେ ଗୁଗଲରେ ଯୋଗଦେଇଥିଲେ। କିନ୍ତୁ ୨୦୧୯ରେ ସେ ଚାକିରି ଛାଡ଼ି ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବା ଲାଗି ବିକଳ୍ପ ଉପାୟ ସନ୍ଧାନ ଆରମ୍ଭ କରିଦେଇଥିଲେ। ଏହି କ୍ରମରେ ସେ 'ଜିରୋସର୍କଲ' ଷ୍ଟାର୍ଟଅପ ଗଠନ କରି ସମୁଦ୍ର ଘାସରୁ ପରିବେଶ ଉପଯୋଗୀ ପ୍ୟାକେଜିଂ ଜିନିଷ ପ୍ରସ୍ତୁତ କରୁଛନ୍ତି। ବିଶେଷକରି ହ୍ୟାଣ୍ଡ ବ୍ୟାଗ୍‌ଠାରୁ ଆରମ୍ଭକରି ଖାଦ୍ୟ ସୁରକ୍ଷା ଫିଲ୍ମ ତିଆରି କରୁଛନ୍ତି। ସମୁଦ୍ରଘାସର ଉପସ୍ଥିତି ଓ ଉତ୍ପାଦନ ବଢ଼ାଇବା ଏବଂ ସଂଗ୍ରହ କ୍ଷେତ୍ରରେ ତାଙ୍କ ଲାଗି ସହଯୋଗ କରୁଛନ୍ତି ଜୀବ ବିଜ୍ଞାନୀ ସି.ଆର.କେ. ରେଡ୍ଡୀ। ବିଶେଷକରି ଗୁଜରାଟ ସମୁଦ୍ର ତଟରୁ ସେ ଏହି ଘାସ ସଂଗ୍ରହ କରୁଛନ୍ତି। ସମୁଦ୍ରରେ ଏହି ଘାସ ବଢୁଥିବାରୁ ଏଥିରେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର ହେଉ ନ ଥିବାରୁ ଏହା ସମ୍ପୂର୍ଣ୍ଣ ଜୈବିକ। ଏଣୁ ଏଥିରୁ ପ୍ରସ୍ତୁତ ସାମଗ୍ରୀ ମଧ୍ୟ ପୂରା ପରିବେଶ ଉପଯୋଗୀ। ଏହାର ଉତ୍ପାଦନ ବୃଦ୍ଧିକରି ଆଗକୁ ବର୍ଷକୁ ୨୫୦୦ରୁ ୩୦୦୦ ଟନ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବାକୁ ଯୋଜନା କରିଛନ୍ତି ନେହା।

## ଚିରନ୍ତନୀ

ମନର ବାସନା ଆଖିର ତୃଷା
ଦେହର ତାପ
ରସନା ଲୋଡ଼େ ରସର ସ୍ୱାଦୁ
କସେ କିବା ପାପ ?
ତରଣ ନ ଇଚ୍ଛେ ଚାଲିବା ଆଶେ
ମୁକତ ପଥେ
କରମ-କଠିନ ହେବାକୁ ହାତ
ନ ଚାହିଁ ସତେ ?
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 6 | | 2 |
| | 1 | | | | | | | 5 |
| 3 | | 4 | | 8 | 2 | | | |
| | | | | 2 | 3 | | | |
| | | | | | 1 | | 7 | |
| 2 | | | 9 | 5 | | | | 6 |
| | | | | | 9 | | | |
| 5 | 9 | | | 6 | | | 1 | |
| | | | | 7 | | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 4 | 8 | 5 | 6 | 7 | 3 | 2 |
| 6 | 8 | 2 | 4 | 7 | 3 | 5 | 9 | 1 |
| 3 | 5 | 7 | 9 | 2 | 1 | 8 | 4 | 6 |
| 8 | 1 | 5 | 2 | 3 | 9 | 6 | 7 | 4 |
| 9 | 2 | 6 | 5 | 4 | 7 | 3 | 1 | 8 |
| 7 | 4 | 3 | 1 | 6 | 8 | 2 | 5 | 9 |
| 4 | 6 | 9 | 3 | 8 | 5 | 1 | 2 | 7 |
| 2 | 3 | 8 | 7 | 1 | 4 | 9 | 6 | 5 |
| 5 | 7 | 1 | 6 | 9 | 2 | 4 | 8 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଉଟ୍ ସୋର୍ସିଂ ନିଯୁକ୍ତି ବ୍ୟବସ୍ଥାର ଉଚ୍ଛେଦ ହେଉ

ମହାଶୟ,
ଓଡ଼ିଶା ସରକାରଙ୍କ ଅଧୀନରେ ଶୌଚାଳୟଠାରୁ ସଚିବାଳୟ ପର୍ଯ୍ୟନ୍ତ ପ୍ରାୟ ୨୦ ହଜାର ଆଉଟସୋର୍ସିଂ କର୍ମଚାରୀ ବିଭିନ୍ନ ସରକାରୀ ଦପ୍ତରରେ କାର୍ଯ୍ୟ କରୁଛନ୍ତି। ଏମାନେ ୧୦ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରି ଆସୁଥିବା ସତ୍ତ୍ୱେ ଏମାନଙ୍କୁ ନିୟମିତ କରାଯାଉନାହିଁ କିମ୍ବା ବେତନ ବୃଦ୍ଧି କରାଯାଉନାହିଁ। ସେମାନେ ମଧ୍ୟ ସବୁବେଳେ ଚାକିରିରୁ ଛଟେଇ ହେବାର ଆଶଙ୍କାରେ ଅଛନ୍ତି। ସେମାନେ ସ୍ୱଳ୍ପ ବେତନରେ କାର୍ଯ୍ୟ କରୁଥିଲେ ମଧ୍ୟ ବେତନ ବୃଦ୍ଧି କରାଯାଉନାହିଁ। ଏହା ଅତି ଅନ୍ୟାୟ। ଏଣୁ ଏହି ନିଯୁକ୍ତି ବ୍ୟବସ୍ଥାର ଉଚ୍ଛେଦ ହେବା ସହ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ଶୀଘ୍ର ନିୟମିତ କରାଯିବା ଉଚିତ। ଅନ୍ୟ କର୍ମଚାରୀଙ୍କୁ ପର୍ଯ୍ୟାୟକ୍ରମେ ନିୟମିତ କରାଯାଉ। ଏଥିସହ ଆଉଟ୍‌ସୋର୍ସିଂ ନିଯୁକ୍ତି ପ୍ରକ୍ରିୟା ବନ୍ଦ କରାଯାଉ। ପ୍ରଚଳିତ ବ୍ୟବସ୍ଥା 'ସମାନ କାମକୁ ସମାନ ଦରମା' ନୀତିର ଉଲ୍ଲଂଘନ କରୁଛି।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୁଜାତାଙ୍କ ଛୁଟିର ପୁନଃ ଆବେଦନ ଖାରଜ

ଭୁବନେଶ୍ୱର,୨୬।୧୧(ସୁନିତ୍ ମିଶ୍ର)


ସୁଜାତା କାର୍ତ୍ତିକେୟନ୍

ଆଇଏଏସ୍ ଅଫିସର ସୁଜାତା କାର୍ତ୍ତିକେୟନ ପାଣ୍ଡିଆନ୍ଙ୍କୁ ମଙ୍ଗଳବାର ଶକ୍ତ ଝଟକା ଲାଗିଛି। ଗତ ମେ' ୩୧ରୁ ୬ ମାସ ଧରି ଛୁଟିରେ ଯାଇଥିବା ସୁଜାତା କାର୍ତ୍ତିକେୟନ୍ ପୁଣି ଥରେ ନିଜର ଛୁଟି ସମୟକୁ ଆହୁରି ୬ ମାସ ବୃଦ୍ଧି ଲାଗି ଆବେଦନ କରିଥିଲେ। ରାଜ୍ୟ ସରକାର ଏହାକୁ ଖାରଜ କରିଦେଇଛନ୍ତି। ସେ ନେଇଥିବା ୬ ମାସିଆ ଛୁଟି ସମୟ ନଭେମ୍ବର ୨୬ ଅର୍ଥାତ୍ ମଙ୍ଗଳବାରକୁ ଶେଷ ହୋଇଛି। ବୁଧବାର ତାଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ରାଜ୍ୟ ସରକାର ପରାମର୍ଶ ଦେଇଛନ୍ତି। ନିଜ ସନ୍ତାନର ଯତ୍ନନେବା କଥା ଦର୍ଶାଇ ସୁଜାତା ନଭେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ଛୁଟି ମାଗିଥିଲେ, ଯାହାକୁ ତତ୍କାଳୀନ ମୁଖ୍ୟ ଶାସନ ସଚିବ ଅନୁମୋଦନ କରିଥିଲେ। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ମନୋଜ କୁମାର ମହାନ୍ତି ମଙ୍ଗଳବାର ୨୦୦୦ ବ୍ୟାଚ୍ ଆଇଏଏସ୍ ଅଫିସର ସୁଜାତାଙ୍କୁ ଚିଠି ଲେଖି ତାଙ୍କର ଛୁଟି ଆବେଦନକୁ ରାଜ୍ୟ ସରକାର ଖାରଜ କରିଥିବା କଥା ଅବଗତ କରାଇଛନ୍ତି। ସୁଜାତା ନଭେମ୍ବର ୨୭ରୁ ଆଉ ୬ ମାସ ପାଇଁ

## ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ

ଛୁଟିରେ ଯିବାକୁ ଗତ ନଭେମ୍ବର ୪ ରେ ମୁଖ୍ୟ ଶାସନ ସଚିବଙ୍କୁ ଲିଖିତ ଅନୁରୋଧ କରିଥିଲେ। ତାଙ୍କୁ ଅଧିକ ଛୁଟି ଦେବା ପାଇଁ ସରକାର ରାଜି ନ ଥିବା ନେଇ ସୁଜାତାଙ୍କୁ ଲିଖିତ ଭାବେ ମନୋଜ କୁମାର ମହାନ୍ତି ସ୍ପଷ୍ଟ କରିବା ସହ ନଭେମ୍ବର ୨୭ରୁ କାର୍ଯ୍ୟରେ ଯୋଗଦେବାକୁ କହିଛନ୍ତି।

ସୂଚନଯୋଗ୍ୟ, ନବୀନ ପଟ୍ଟନାୟକ ସରକାର ସମୟରେ ସର୍ବେସର୍ବା ସାଜିଥିବା କାର୍ତ୍ତିକ ପାଣ୍ଡିଆନ୍ଙ୍କ ସ୍ତ୍ରୀ ସୁଜାତା ବହୁ କ୍ଷମତାଶାଳୀ ହୋଇଯାଇଥିଲେ। ହେଲେ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିର ବିପର୍ଯ୍ୟୟ ପରେ ସୁଜାତା ଛୁଟିରେ ଯାଇଥିଲେ। ଏହି ଛୁଟି ଅବଧି ସମୟ ମଧ୍ୟରେ ସୁଜାତାଙ୍କୁ ସମ୍ପୂର୍ଣ୍ଣ ଦରମା ମଧ୍ୟ ମିଳୁଥିଲା। ସର୍ବଭାରତୀୟ ସେବା ଆଇନ-୧୯୫୫ର ରୁଲ୍-୧୮(ଘ)ରେ ଥିବା ପ୍ରାବଧାନ ଆଧାରରେ ସେ ତାଙ୍କ ଝିଅର ଦଶମ ପରୀକ୍ଷା ପାଇଁ ରାଜ୍ୟ ସରକାରଙ୍କୁ ଛୁଟି ଆବେଦନ କରିଥିଲେ। ସାଧାରଣ ନିର୍ବାଚନ ସମୟରେ ବିଜେଡିକୁ ସହଯୋଗ କରୁଥିବା ଅଭିଯୋଗରେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ସୁଜାତାଙ୍କୁ ମିଶନ ଶକ୍ତି ସଚିବ ପଦରୁ ହଟାଇ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି କରାଯାଇଥିଲା।


ବିଧାନସଭା ପରିସରରେ ସମ୍ବିଧାନ ଦିବସ ଅବସରରେ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶପଥପାଠ କରୁଛନ୍ତି।

# ଭାରତ ଓ ମାଲଡୋଭା ମଧ୍ୟରେ ଶିକ୍ଷା ଓ ଗବେଷଣା ସହଯୋଗ ସୁଗମ ହେବ: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୬।୧୧(ସୁନିତ୍ ମିଶ୍ର)



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ମାଲଡୋଭାର ଶିକ୍ଷା ଏବଂ ଗବେଷଣା ମନ୍ତ୍ରୀ ଡାନ୍ ପର୍ସିୟୁନ୍ ଏବଂ ରାଷ୍ଟ୍ରଦୂତ ଆନା ଟବାନଙ୍କୁ ସାକ୍ଷାତ ଆଲୋଚନା କରିଛନ୍ତି। ଏହି ଆଲୋଚନା କାଳରେ ଉଭୟ ଦେଶର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟରେ ଶୈକ୍ଷିକ ଏବଂ ଗବେଷଣା ସହଯୋଗକୁ ସୁଗମ କରିବା ଉପରେ ଫଳପ୍ରଦ ଆଲୋଚନା ହୋଇଛି। ବୈଠକ ସମୟରେ ଧର୍ମେନ୍ଦ୍ର ଜାତୀୟ ଶିକ୍ଷାନୀତି ଉପରେ ଚର୍ଚ୍ଚା କରିବା ସହ ଭାରତର ଶିକ୍ଷାକୁ ଅନ୍ତର୍ଜାତୀୟକରଣ ପାଇଁ ହେଉଥିବା ଉଦ୍ୟମ ସମ୍ପର୍କରେ ସୂଚନା ଦେଇଛନ୍ତି। ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଭାରତ ନୂଆ ଠିକଣା ହୋଇଛି। ମାଲଡୋଭା ଓ ଭାରତର ଛାତ୍ରୀଛାତ୍ର, ଅଧ୍ୟାପକ, ଗବେଷକ, ଉଦ୍ଭାବକ ଏବଂ କର୍ମଚାରୀଙ୍କ ପାଇଁ ନୂତନ ସୁଯୋଗ ଅନ୍ୱେଷଣ କରିବା ପାଇଁ ସହଯୋଗ ଓ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ଉପରେ ଉଭୟେ ମନ୍ତ୍ରୀ ଆଲୋଚନା କରିଛନ୍ତି।

# ସମ୍ବିଧାନ ଆମ ଦେଶର ମାର୍ଗଦର୍ଶକ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୧୧(ସୁନିତ୍ ମିଶ୍ର)

ଦେଶବ୍ୟାପୀ ମଙ୍ଗଳବାର ସମ୍ବିଧାନ ଦିବସ ପାଳନ କରାଯାଇଛି। ଏହି ଅବସରରେ ରାଜଧାନୀ ସ୍ଥିତ ଏଜି ଛକଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ସମ୍ବିଧାନ ହେଉଛି ଆମ ସ୍ୱାଧୀନ ଭାରତର ପୁଣ୍ୟ ଗ୍ରନ୍ଥ ଏବଂ ଦେଶର ମାର୍ଗଦର୍ଶକ। ଏହା ଦେଶର ସବୁ ଆଇନକାନୁନ, ବିଧି ବ୍ୟବସ୍ଥାର ମୁଖ୍ୟସ୍ରୋତ। ସମ୍ବିଧାନର ମୂଲ୍ୟବୋଧ ପ୍ରତି ସଚେତନ ରହି ସବୁ ନାଗରିକ ନିଜ ନିଜର ମୌଳିକ କର୍ତ୍ତବ୍ୟ ପାଳନ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ମନ୍ତ୍ରିମଣ୍ଡଳର ଉପସ୍ଥିତ ସଦସ୍ୟମାନେ ପ୍ରଥମେ ସମ୍ବିଧାନ ଚିଠା ପ୍ରସ୍ତୁତ କମିଟିର ଅଧ୍ୟକ୍ଷ ବାବା ସାହେବ ଭୀମ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ପ୍ରଦାନକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବିଧାନର ମୁଖବନ୍ଧକୁ ପାଠ କରାଇଛନ୍ତି। ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ସମ୍ବିଧାନ ସଭାର ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ, ସମ୍ବିଧାନ ଚିଠା ପ୍ରସ୍ତୁତକାରୀ କମିଟିର ଅଧ୍ୟକ୍ଷ ଡ. ବାବା ସାହେବ ଆମ୍ବେଦକର ଓ କମିଟିର ସମସ୍ତ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସମ୍ବିଧାନ ଆମ ପାଇଁ ଏକ ଆଶୀର୍ବାଦ। ଏହା ଜାତି-ଧର୍ମ, ଧନୀ- ଗରିବ, ପୁରୁଷ-ନାରୀ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ଦେଇଛି। ତେଣୁ ଆମେ ଆମ ସମ୍ବିଧାନ ନିର୍ମାତାମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ଉଚିତ। ସମ୍ବିଧାନ ଆମ ଦେଶର ଏକତା ଓ ଅଖଣ୍ଡତାର ମୂଳ ସ୍ରୋତ। ସେଥିପାଇଁ ଆମ ସମସ୍ତଙ୍କୁ ସମ୍ବିଧାନରେ ଥିବା ମୌଳିକ କର୍ତ୍ତବ୍ୟଗୁଡ଼ିକ ପାଳନକରିବା ଆବଶ୍ୟକ। ଦେଶର ସାର୍ବଭୌମତ୍ୱ, ଏକତା ଓ ସଂହତି ପ୍ରତି ଆମେ ପ୍ରତି ମୁହୂର୍ତ୍ତରେ ସଚେତନ ରହିବା ଆବଶ୍ୟକ। ଆମ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ମଧ୍ୟ ସମ୍ମାନ ପ୍ରଦର୍ଶନ କରିବା ଆବଶ୍ୟକ। ଦେଶର ଐତିହ୍ୟର ସୁରକ୍ଷା ପାଇଁ ମଧ୍ୟ ଦାୟିତ୍ୱବାନ ହୋଇ କାମ କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ଏଜି ଛକରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଲେ ମୋହନ ମାଝୀ

ଏହା ପରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଏଜି ଛକଠାରୁ କ୍ୟାପିଟାଲ ହସ୍ପିଟାଲ ପର୍ଯ୍ୟନ୍ତ ପ୍ରାୟ ୧ ହଜାରରୁ ଅଧିକ ଲୋକ ଏକ ପଦଯାତ୍ରାରେ ଯାଇଛନ୍ତି। ପଦଯାତ୍ରାରେ 'ଆମ ସମ୍ବିଧାନ ଆମ ସ୍ୱାଭିମାନ' ଧ୍ୱନି ଦେଇ ସମସ୍ତେ ଉତ୍ସାହର ସହ ଯାଇଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀଗଣ ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର ପ୍ରମୁଖ ସଚିବ ଭାସ୍କର ଜ୍ୟୋତି ଶର୍ମା, ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ, ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ, କ୍ରୀଡ଼ାବିତ୍, ଛାତ୍ରୀଛାତ୍ର ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଏହି ଅବସରରେ ପଥପ୍ରାନ୍ତ ନାଟକ ଓ ଅନ୍ୟାନ୍ୟ ସଚେତନତା ଧର୍ମୀ କାର୍ଯ୍ୟକ୍ରମ କରିଥିଲେ।

# ଏସ୍‌ସିବିରୁ ଡିସ୍‌ଚାର୍ଜ ହେଲେ ଟୁନି ମାଝୀ

କଟକ,୨୬।୧୧
(ଶିଳ୍ପା ପ୍ରିୟଦର୍ଶିନୀ)

ଆମ୍ବଟାକୁଆ ଜାଉ ଖାଇ ଗୁରୁତର ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଗଦାପୁର ପଞ୍ଚାୟତ ଅନ୍ତର୍ଗତ ମାଣ୍ଡିପଙ୍କା ଗ୍ରାମର ଟୁନି ମାଝୀଙ୍କୁ ମଙ୍ଗଳବାର ଡିସ୍‌ଚାର୍ଜ କରାଯାଇଛି। ସେ ୨୦ରୁ ଅଧିକ ଦିନ ହେବ ଚିକିତ୍ସିତ ହୋଇ ସମ୍ପୂର୍ଣ୍ଣ

## ଆମ୍ବଟାକୁଆ ଜାଉ ଖାଇ ଗୁରୁତର ହେବା ଘଟଣା

ସୁସ୍ଥ ହେବା ପରେ ଏକ ଡାକ୍ତରୀ ଟିମ୍ ତାଙ୍କୁ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ଅପରାହ୍ନରେ ତାଙ୍କ ଗ୍ରାମକୁ ପଠାଇ ଦେଇଛନ୍ତି। ଏନେଇ ଭେଷଜ ବିଭାଗ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା କହିଛନ୍ତି, ଆମ୍ବଟାକୁଆ ଜାଉ ଖାଇ ଗୁରୁତର ହେବା ପରେ ମାଣ୍ଡିପଙ୍କା ଗ୍ରାମର ଟୁନି ମାଝୀ ଓ ଜିତା ମାଝୀଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ଲିଭର, କିଡ୍‌ନୀ, ମସ୍ତିଷ୍କ ଓ ଫୁସ୍‌ଫୁସ୍ ସମସ୍ୟା ରହିଥିଲା। ଚିକିତ୍ସାଧୀନ ଅବସ୍ଥାରେ ଜିତାଙ୍କ ମୃତ୍ୟୁ ଘଟିଥିଲା। ହେଲେ ଟୁନିଙ୍କ ଲିଭର ଓ କିଡ୍‌ନୀ ଠିକ୍ ଭାବେ କାମ କରୁଛି। ଏବେ ସେ ବିପଦମୁକ୍ତ ଅଛନ୍ତି। ତାଙ୍କୁ ଔଷଧ ଖାଇବା ସହ ଶରୀରର ଯତ୍ନ ନେବାକୁ ପରାମର୍ଶ ଦିଆଯାଇଛି। ଏଥିସହ ୧୫ ଦିନ ପରେ ଏସ୍‌ସିବି କିମ୍ବା ଏମ୍‌କେସିଜି ମେଡିକାଲରେ ସମସ୍ତ ପରୀକ୍ଷା କରାଇବାକୁ କୁହାଯାଇଛି। ଅପରପକ୍ଷରେ ଉତ୍ତମ ଚିକିତ୍ସା ଯୋଗାଇ ଦିଆଯାଇଥିବାରୁ ରାଜ୍ୟ ସରକାର ଓ ଏସ୍‌ସିବି ମେଡିକାଲ ଡାକ୍ତରଙ୍କୁ ଟୁନି ଧନ୍ୟବାଦ ଜଣାଇଛନ୍ତି। ଏଭଳି ଆମ୍ବ ଟାକୁଆ ନ ଖାଇବାକୁ ସେ ନିଜ ଅଞ୍ଚଳବାସୀଙ୍କୁ ସଚେତନ କରାଇବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ମାଣ୍ଡିପଙ୍କା ଗ୍ରାମରେ ଆମ୍ବଟାକୁଆ ଜାଉ ଖାଇ ୮ ଜଣ ଗୁରୁତର ହୋଇଥିଲେ। ଚିକିତ୍ସାଲାଗି ସେମାନଙ୍କୁ ବ୍ରହ୍ମପୁରର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୬ ଜଣଙ୍କ ମଧ୍ୟରୁ ଟୁନି ଓ ଜିତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# ୩୦ରୁ ବଢ଼ିବ ତାପମାତ୍ରା

ଭୁବନେଶ୍ୱର,୨୬।୧୧
(ଅନୁରାଧା ମହାରଣା)

ରାଜ୍ୟରେ ଗତ କିଛିଦିନ ହେଲା ଶୀତର ଲହରି ଜାରି ରହିଥିବାବେଳେ ସୁନ୍ଦରଗଡ଼ ଓ କନ୍ଧମାଳ ଆଦି ଜିଲାରେ ଗଭୀର କୁହୁଡ଼ି ଦେଖିବାକୁ ମିଳୁଛି। ସେହିପରି କଳାହାଣ୍ଡି ସମେତ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣ କୁହୁଡ଼ିର ଆସ୍ତରଣ ରହୁଛି। ତେବେ ନଭେମ୍ବର ୩୦ରୁ ଡିସେମ୍ବର ପହିଲା ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ୍ ବଢ଼ିପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# 'ସମ୍ବିଧାନ ସ୍ୱାଧୀନ ଭାରତର ପୁଣ୍ୟ ଗ୍ରନ୍ଥ'

କଟକ,୨୬।୧୧ (କାର୍ତ୍ତିକ ସାହୁ)

ସମ୍ବିଧାନ ଦିବସ ଅବସରରେ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ଶପଥ ପାଠ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ଦୟାଳ ଗଙ୍ଗୱାର ଯୋଗଦେଇ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଛନ୍ତି। ସମ୍ବିଧାନ ହେଉଛି ଆମ ସ୍ୱାଧୀନ ଭାରତର ପୁଣ୍ୟ ଗ୍ରନ୍ଥ। ଦେଶର ମାର୍ଗ ଦର୍ଶକ। ଦେଶର ସବୁ ଆଇନ୍‌କାନୁନ, ବିଧି ବ୍ୟବସ୍ଥାର ମୁଖ୍ୟ ସ୍ରୋତ। ତେଣୁ ସମ୍ବିଧାନର ମୂଲ୍ୟବୋଧ ପ୍ରତି ସଚେତନ ରହି ସବୁ ନାଗରିକ ନିଜର ମୌଳିକ କର୍ତ୍ତବ୍ୟ ପାଳନ କରିବାକୁ ଗଙ୍ଗୱାର ଆହ୍ୱାନ ଦେଇଛନ୍ତି। ସେହିପରି ଆମ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ଦେବା ଆବଶ୍ୟକ। ଦେଶର

## ରାଜ୍ୟ ପୋଲିସ ମୁଖ୍ୟାଳୟରେ ଶପଥ ପାଠ

ଐତିହ୍ୟର ସୁରକ୍ଷା ପାଇଁ ଦାୟିତ୍ୱବାନ ହୋଇ କାମ କରିବା ଆବଶ୍ୟକ। ସମ୍ବିଧାନ ଆମ ଦେଶର ଏକତା ଓ ଅଖଣ୍ଡତାର ମୂଳ ସ୍ରୋତ। ସେଥିପାଇଁ ଆମ ସମସ୍ତଙ୍କୁ ସମ୍ବିଧାନରେ ଥିବା ମୌଳିକ କର୍ତ୍ତବ୍ୟଗୁଡ଼ିକୁ ପାଳନ କରିବା ଆବଶ୍ୟକ। ଦେଶର ସାର୍ବଭୌମତ୍ୱ, ଏକତା ଓ ସଂହତି ପ୍ରତି ଆମେ ପ୍ରତି ମୁହୂର୍ତ୍ତରେ ସଚେତନ ରହିବା ଆବଶ୍ୟକ ବୋଲି ସମସ୍ତ କର୍ମଚାରୀ ଶପଥ ପାଠ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏଆଇଜି (ପ୍ରୋଭିଜନିଂ) ବାମଦେବ ସିଂଙ୍କ ସମେତ ପୋଲିସ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ, ସମସ୍ତ ସଂସ୍ଥାର ଅଧିକାରୀ, ଉପବିଭାଗ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।





**ଜନସାଧାରଣଙ୍କୁ ନିବେଦନ**

ମେସର୍ସ ରାଗାଟ୍ରେଡକନ୍ସ ପ୍ରାଇଭେଟ ଲିମିଟେଡ ପକ୍ଷରୁ ଜନସାଧାରଣଙ୍କୁ ଘୋଷଣା କରାଯାଇଛି ଯେ, ସୁନ୍ଦରଗଡ଼ ଜିଲ୍ଲାର ତହସିଲ: କୋଇଡ଼ା, ଗ୍ରାମ: ବଲଡିହି ଓ ସଣୁଆ, ତହସିଲ: କୋଇଡ଼ାଠାରେ ୧ ଏମ୍‌ଟିପିଏ ଲୁହାପଥର ଉତ୍ପାଦନ ନିମନ୍ତେ ୭୪.୩୭୦ ହେକ୍ଟର ଅଞ୍ଚଳରେ ନେତ୍ର ବନ୍ଧ ପାହାଡ଼ (ପଶ୍ଚିମ)ର ପରିବେଶ ମଞ୍ଜୁରୀ ରାଜ୍ୟ ପରିବେଶ ଆକଳନ କର୍ତ୍ତୃପକ୍ଷ ଇସି ପରିଚୟ ନମ୍ବର EC24B0000OR5521001N, ଫାଇଲ ନଂ. 462515/07-ମିନ୍/୦୨-୨୦୨୪ ଜରିଆରେ ପ୍ରଦାନ କରିଛନ୍ତି। ତାରିଖ: 18.11.2022, ଯାହା **Parivesh.nic.in**ରେ ଉପଲବ୍ଧ।
ପ୍ରକଳ୍ପ ପ୍ରବକ୍ତା ରାଜ୍ୟ ପରିବେଶ ମୂଲ୍ୟାୟନ କର୍ତ୍ତୃପକ୍ଷ, ରାଜ୍ୟସ୍ତରୀୟ ପରିବେଶ ମୂଲ୍ୟାଙ୍କନ କମିଟି ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଏବଂ ସମ୍ପୃକ୍ତ ଅନ୍ୟ ସମସ୍ତ ବ୍ୟକ୍ତିଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

**ଜିଲ୍ଲା ପରିଷଦ, ସୁନ୍ଦରଗଡ଼**
**ପ୍ରଗତିପଥେ ଜିଲ୍ଲା ପରିଷଦ, ସୁନ୍ଦରଗଡ଼**

ଜିଲ୍ଲା ପରିଷଦ, ସୁନ୍ଦରଗଡ଼ ଜରିଆରେ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ନିମ୍ନପ୍ରଦତ୍ତ ଯୋଜନାଗୁଡ଼ିକ ସୁନ୍ଦରଗଡ଼ ଜିଲ୍ଲାର ୧୭ ଗୋଟି ପଞ୍ଚାୟତ ସମିତି ଏବଂ ୨୭୯ ଗୋଟି ଗ୍ରାମ ପଞ୍ଚାୟତ ମାଧ୍ୟମରେ କାର୍ଯ୍ୟକାରୀ କରାଯାଉଅଛି । ଏହି ସବୁ ଯୋଜନା ମାଧ୍ୟମରେ ସୁନ୍ଦରଗଡ଼ ଜିଲ୍ଲାରେ ନଭେମ୍ବର, ୨୦୨୪ ପର୍ଯ୍ୟନ୍ତ (୨୦୨୪-୨୫ ଆର୍ଥିକ ବର୍ଷ) ମିଳିଥିବା ସଫଳତାଗୁଡ଼ିକର ବିବରଣୀ ନିମ୍ନମତେ ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦାନ କରାଗଲା ।

| କ୍ରମାଙ୍କ | ଯୋଜନାଗୁଡ଼ିକର ନାମ | ଲକ୍ଷ୍ୟ | ସଫଳତା |
|---|---|---|---|
| ୦୧ | ମହାତ୍ମା ଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନା (ଶ୍ରମ ଦିବସ) | ୧,୧୧,୨୦,୫୩୩ | ୫୦,୮୨,୩୧୬ |
| ୦୨ | ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) (ବ୍ୟକ୍ତିଗତ ପାଇଖାନା, ପର୍ଯ୍ୟାୟ-୦୨) | -- | ୨୫,୦୨୦ |
| ୦୩ | ପ୍ରଧାନ ମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା | ୨୩,୨୩୬ | ୯,୭୬୦ |

ଜନସାଧାରଣଙ୍କୁ ଅନୁରୋଧ କରାଯାଉଅଛି କି ଯେ, ସେମାନେ ନିଜର ଜମିଗୁଡ଼ିକୁ ମହାତ୍ମା ଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ଉନ୍ନତି କରାଇପାରିବେ । ସେଥିପାଇଁ କୌଣସି ନିର୍ଦ୍ଧାରିତ ଲକ୍ଷ୍ୟ ନାହିଁ। ଜଙ୍ଗଲ ଜମି ଅଧିକାର ବଳରେ ପାଇଥିବା ଜମିଗୁଡ଼ିକୁ ମଧ୍ୟ ଜିଲ୍ଲା ପ୍ରଶାସନ ଉନ୍ନତି କରିବା ପାଇଁ ଶତ ଚେଷ୍ଟାବଦ୍ଧ । ଯେଉଁ ହିତାଧିକାରୀମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ମାଧ୍ୟମରେ ପାଇଥିବା ଗୃହଗୁଡ଼ିକୁ ଚାରିମାସ କିମ୍ବା ଛଅମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବେ, ସେମାନଙ୍କୁ ପ୍ରୋତ୍ସାହନ ରୂପକ ୨୦,୦୦୦ ଓ ୧୦,୦୦୦ ଟଙ୍କା ଯଥାକ୍ରମେ ଦେବାର ବ୍ୟବସ୍ଥା ଅଛି ।

ସ୍ୱା./- ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-ନିର୍ବାହୀ ଅଧିକାରୀ
ଜିଲ୍ଲା ପରିଷଦ, ସୁନ୍ଦରଗଡ଼

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଭୁବନେଶ୍ୱର ପାହାଳ ରେ ମେଡିସିନ ଗୋଦାମ ପାଇଁ TATA ACE COMMERCIAL Licence ଥିବା Driver, private Mahindra XYLO, XUV Driver ଦରକାର। ଏଥିପାଇଁ ୨ ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ। ଉପଯୁକ୍ତ ଦରମା ସହିତ ରହିବା ପାଇଁ ମଧ୍ୟ ସୁବିଧା ରହିଛି। ଯୋଗାଯୋଗ -
6370953002
6370953001

**WANTED**
LADY OFFICE ASSISTANT
Age upto 30 year. ଖାଇବା + ରହିବା ସହ Salary 10,000/-. Phulanakhara, Cuttack.
Contact: 7809525452

**WANTED FOR A PHARMACEUTICAL UNIT IN ODISHA**
1. **Quality Assurance-cum-Regulatory Affairs Officer:** The candidate must have minimum 3 years experience as QA Officer. Should be able to face ISO & GMP Audit Inspections. Must have knowledge to prepare documents for regulatory authorities.
2. **Quality Control Officer:** The candidate must be able to handle sophisticated equipment like HPLC etc. and conduct tests independently as per different pharmacopoeia's. He should have minimum 5 years experience as QC Officer.
*Please apply with confidence to email:*
consultant4466@gmail.com within 15 days intimating expected salary.

**JPSS PVT. LTD.**
REQUIRE DATA ENTRY OPERATOR & FIELDS STAFF
Interested candidates can send the resume to this
Whatsapp No.: 7855982241 & Mail ID: interviewforjpss@gmail.com

**REQUIRED**
MARKETING EXECUTIVES
ONLY OFFICES VISIT FOR GODREJ INTERIO.
M/S ARCHANA TRADERS
Tankapani Road, Bhubaneswar
Contact : 9437104943

**STAR MANAGEMENT COLLEGE**
Govt. of Odisha Recognised Under Utkal University
Required urgently **Telecaller** (15Nos), **Faculty** - Pol.Sc, Logic, Psy., Biology, Physics, Chemistry, Math. (10Post). **Marketing Manager** (4Nos), **Peon** (4Nos), **Driver** (2Nos) & **Admin.** (2Nos) (Experience in Education Institutions).
167, Forest Park, Bhubaneswar, Mail id - starmgtcollege@gmail.com
Contact: 7077263799, 9853489329, 9861444447, 9937337659

**Walk in Interview**
**MNC-LEPRA Society**, an ISO certified & NABH accredited eye care centre is inviting applications from intending candidates having requisite qualifications to attend the **Walk In interview** scheduled for **4th December 2024 (Wednesday)**.
Candidates are requested to bring their CV & relevant documents with them as per below details.

| Position | Qualification | Place of Posting | Place of interview |
|---|---|---|---|
| Tr. Clinical Asst. | +2 | MNC-LEPRA Society | MNC-LEPRA Society At-Pandapali Biramaharajpur, Dist.-Subarnapur Odisha- 767018 Mob- 9437443354 |
| Tr. VT (for vision centres) | +2 | For VCs & Outreach activities. | |
| Tr. Nurse | GNM/ BSc. Nursing | MNC-LEPRA Society | |
| Tr. Maintenance Asst. | ITI in Electrical/ Electronics | MNC-LEPRA Society | |
| District Outreach Coordinator | Graduation | Jharsuguda, Bargarh & Bolangir district | |
| Tr. Social Media & Documentation Executive | Knowledge in Multimedia, Graphic designs | Social Media Marketing, Designing IEC materials | |
| Community Eye Health Worker | 10th | All Blocks in (Sonepur, Boudh, Kandhamal, Bargarh, Balangir, Angul, Sambalpur, Jharsuguda, Deogarh) | |

Women candidates are encouraged to apply.
*LEPRA Society is an equal opportunity employer*
*Registration after 11 am not to be entertained.*

**ପୋଖରୀରେ ବୁଡି ଯୁବକ ମୃତ**

ଟିଟିଲାଗଡ଼,(ଶରତ ମିଶ୍ର): ଟିଟିଲାଗଡ଼ ଥାନା ଅନ୍ତର୍ଗତ ସିହିନୀ ଗାଁ ପୋଖରୀରେ ବୁଡିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ପହଁର ଛତରଙ୍କ ପୁଅ ରୋମାଞ୍ଚଳ ଛତର (୩୦) ସେ ସକାଳେ ଶୌଚ ପାଇଁ ପୋଖରୀକୁ ଯାଇ ବୁଡି ଯାଇଥିଲେ। ଟିଟିଲାଗଡ଼ ଅଗ୍ନିଶମ ବାହିନୀ ପୋଖରୀରୁ ତାଙ୍କୁ ଉଦ୍ଧାର କରି ଟିଟିଲାଗଡ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ସଂକ୍ଷେପରେ**

## ଗଣଧାରଣା ଦ୍ୱିତୀୟ ଦିନରେ
### ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଦାବି

ଖପ୍ରାଖୋଲ,୨୬।୧୧(ଅଭୟ ତ୍ରିପାଠୀ)

ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ତରଫରୁ ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଦାବିରେ ଚାଲିଥିବା ଗଣଧାରଣା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଆନ୍ଦୋଳନକାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସି ରହିଛନ୍ତି।

## ଦେଓଗାଁ ଡିଗ୍ରୀ କଲେଜରେ ସମ୍ବିଧାନ ଦିବସ ପାଳିତ

ଦେଓଗାଁ,୨୬।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଡ.ସୁରେଶ ପ୍ରସାଦ ଷଡଙ୍ଗୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଲେଜର ଅଧ୍ୟକ୍ଷ ରମେଶଚନ୍ଦ୍ର ପ୍ରଧାନୀ ଯୋଗଦେଇ ସମ୍ବିଧାନ ଦିବସର ତାତ୍ପର୍ଯ୍ୟ ଓ ନାଗରିକମାନଙ୍କର ରାଷ୍ଟ୍ର ଗଠନରେ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବଲାଙ୍ଗୀର ସରକାରୀ ବାଳିକା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ମନୋରଞ୍ଜନ ମିଶ୍ର ଯୋଗଦେଇ ସମ୍ବିଧାନ ଦିବସ ପାଳନର ମହତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ସନାତନ ନାଗ ସ୍ୱାଗତ ସଂଗୀତ ଗାନ କରିଥିଲେ। ଏହି ଅବସରରେ ସମସ୍ତେ ଶପଥ ପାଠ କରିଥିଲେ। ଅଧ୍ୟାପକ ମହେଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସନତ କୁମାର ରଥ, ସରୋଜ କୁମାର ମହାନ୍ତି, ମଞ୍ଜରୀ ପୋଡ଼, ସାରଦାଭଞ୍ଜ ଦେଓ, ଆକାଂକ୍ଷା ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ । ବ୍ଲକର ସମସ୍ତ ପଞ୍ଚାୟତରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି ।

## ଗଛରେ ପିଟି ହୋଇ ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ: ୨ ମୃତ

ପାଟଣାଗଡ,୨୬।୧୧(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଅଧୀନ ପାଢେଲ ଛକର ଅନତି ଦୂରରେ ଥିବା ବୁଲାଣିରେ ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ନିମ୍ବଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଘଟଣାସ୍ଥଳରେ ଚାଳକ ଓ ତାଙ୍କ ସହଯୋଗୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଦପଡା ଫାଣ୍ଡି ଅଧୀନ ସିଙ୍ଗାମୁଣ୍ଡା ଗାଁର ଜଳ ସାହୁ ଏବଂ ବାଭିନିଯୋର ଗାଁର ନିତ୍ୟାନନ୍ଦ ବାଗ। ପ୍ରକାଶ ଯେ, ଦେଓଗାଁ ଥାନା ବନ୍ଦପଡାର ଜୈନିକ କିରାନା ବ୍ୟବସାୟୀ ବରଗଡ଼ ଜିଲା ପଦ୍ମପୁର ସହରରେ ଥିବା ଏକ ନିର୍ଦ୍ଦିଷ୍ଟ କିରାନା ହୋଲସେଲରଙ୍କ ଠାରୁ ବିଭିନ୍ନ ସାମଗ୍ରୀ ନିଜ ପିକ୍‌ଅପ୍ ଭ୍ୟାନ ଯୋଗେ ଆଣିଥାନ୍ତି। ସୋମବାର ସକାଳୁ ମାଲିକଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ପିକ୍‌ଅପ୍ ଭ୍ୟାନରେ ଜଳ ଓ ନିତ୍ୟାନନ୍ଦ କିରାନା ସାମଗ୍ରୀ ଆଣିବାକୁ ପଦ୍ମପୁରକୁ ଯାଇଥିଲେ। ସାମଗ୍ରୀ ଲୋଡ ହେବା ପରେ ଭ୍ୟାନଟି ପଦ୍ମପୁରରୁ ବାହାରି ବନ୍ଦପଡା ଅଭିମୁଖେ ଆସିବା ବେଳେ ଅପରାହ୍ନରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବରପାଇ ପୋଲିସ ଓ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ‘ଦୁଗ୍ଧ ଆର୍ଥିକ ସ୍ୱାବଲମ୍ବନର ସୂତ୍ର’

ବଲାଙ୍ଗୀର,୨୬।୧୧(ବୀରେନ୍ଦ୍ର କୁମାର ଝାଙ୍କର)

**ବଲାଙ୍ଗୀରରେ ଜାତୀୟ ଦୁଗ୍ଧ ଦିବସ ପାଳିତ**

ବଲାଙ୍ଗୀର-କଳାହାଣ୍ଡି-ନୂଆପଡା ଆଞ୍ଚଳିକ ଦୁଗ୍ଧ ସଂଘ ପକ୍ଷରୁ ସ୍ଥାନୀୟ ସଂଘ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜାତୀୟ ଦୁଗ୍ଧ ଦିବସ ପାଳିତ ହୋଇଥିଲା। ଶ୍ୱେତ ବିପ୍ଳବର ଜନକ ଡ. ଭିରଗିସ୍ କୁରିଆନ୍‌ଙ୍କ ୧୦୩ତମ ଜୟନ୍ତୀ ଉପଲକ୍ଷେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରାଣୀଧନ ନିରୀକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଡ. ଅରବିନ୍ଦ ସେଠୀ, ପ୍ରାଣୀଧନ ବିଶେଷଜ୍ଞ ଡ. ଶମ୍ଭୁ ପ୍ରସାଦ ସାହୁ, ବଲାଙ୍ଗୀର-କଳାହାଣ୍ଡି-ନୂଆପଡା ଆଞ୍ଚଳିକ ଦୁଗ୍ଧ ସଂଘ ସଭାପତି ସୀମା ପଟେଲ, ଉପସଭାପତି ନରହରି ରାଉତ୍, ବଲାଙ୍ଗୀର-କଳାହାଣ୍ଡି-ନୂଆପଡା ଆଞ୍ଚଳିକ ଦୁଗ୍ଧ ସଂଘ ସାଧାରଣ ପରିଚାଳକ ଡ. ରଜନୀକାନ୍ତ ପଣ୍ଡା ମଞ୍ଚାସୀନ ଥିଲେ। ପ୍ରଥମେ ଦୁଗ୍ଧରୁ ତିଆରି ହୋଇଥିବା ଛେନାପୋଡ଼ କାଟି ଅତିଥିମାନେ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଦୁଗ୍ଧ କିଭଳି ଦୁଗ୍ଧଚାଷୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିଛି ସେ ଉପରେ ମଞ୍ଚାସୀନ ଅତିଥିମାନେ କହିଥିଲେ। ଆଞ୍ଚଳିକ ଦୁଗ୍ଧ ସଂଘ ସାଧାରଣ ପରିଚାଳକ ଡ. ପଣ୍ଡା କହିଥିଲେ ଯେ, ବୈଜ୍ଞାନିକ ପଦ୍ଧତିରେ ଗୋପାଳନ କଲେ ଗୋ ସମ୍ପଦ ସୁରକ୍ଷିତ ରହିବା ସହ ଚାଷୀ ଅଧିକ ଲାଭବାନ ହୋଇପାରିବେ। ସରକାରୀ ଯୋଜନା ଓ ଏହାର ସୁଫଳ ଦିଗରେ ଚାଷୀଙ୍କୁ ଅବଗତ କରାଇଥିଲେ। ପ୍ରାଣୀଧନ ବିଶେଷଜ୍ଞ ଡ. ସାହୁ ଓ ଡ ସେଠୀ ଗୋ-ପାଳନର ସରଳ ସୂତ୍ର ଏବଂ ଅଧିକ ଲାଭ ସମ୍ପର୍କରେ କହିଥିଲେ। ସରକାର କେଉଁ ଯୋଜନାରେ ଚାଷୀଙ୍କୁ ଉତ୍ସାହିତ କରୁଛନ୍ତି ସେ ନେଇ କହିଥିଲେ। ସଂଘ ସଭାପତି ପଟେଲ ଓ ଉପସଭାପତି ରାଉତ ଦୁଗ୍ଧଚାଷୀଙ୍କ ଉପଲବ୍ଧି ଓ ସମ୍ମୁଖୀନ ହେଉଥିବା ଆହ୍ୱାନ ଉପରେ କହିଥିଲେ। ସଭା କାର୍ଯ୍ୟକୁ ଜୁନିୟର ଆସିଷ୍ଟାଣ୍ଟ ସରିତା ରାଣୀ ନନ୍ଦ ପରିଚାଳନା କରିଥିଲେ। ସଭାରେ ବିଭିନ୍ନ ଦୁଗ୍ଧ ସମିତିର ସଦସ୍ୟା ସଦସ୍ୟ, ସମ୍ପାଦକ ଓ ସଭାପତି, ସଂଘର ଦୁଗ୍ଧଚାଷୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



ଜାତୀୟ ଦୁଗ୍ଧ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି, ଦୁଗ୍ଧଚାଷୀ ଓ କର୍ମଚାରୀ।

## ବାଇକ୍‌ରୁ ଖସି ପଡ଼ି ଯୁବକ ମୃତ

ଲୋଇସିଂହା,୨୬।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନା ଉଛବାହାଲ ଗ୍ରାମର ବୁଲାଣି ନିକଟରେ ମଙ୍ଗଳବାର ଏକ ବାଇକ୍‌ରୁ ଖସିପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ବଲାଙ୍ଗୀର ଲାଲଟିକ୍ରାର ଶିବ ରାଓ। ପୋଲିସ ସୂଚନା ଅନୁଯାୟୀ, ଶିବ ଉଛବାହାଲ ଗ୍ରାମରେ ରହୁଥିବା ଶ୍ୱଶୁର ଘରକୁ ବୁଲି ଯାଇଥିଲେ। ସେ ଅନ୍ୟ ଜଣଙ୍କ ସହ ଏକ ବାଇକ୍‌ରେ ଇଛାପୁର ଅଞ୍ଚଳକୁ ଯାଇ ଫେରିବା ବେଳେ ଉଛବାହାଲ ବୁଲାଣି ନିକଟରେ ଭାରସାମ୍ୟ ହରାଇ ବାଇକ୍‌ରୁ ପଡି ଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଲୋକେ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆଗଲପୁର ପୋଲିସ ମୃତଦେହ ଜବତ କରି ବଲାଙ୍ଗୀର ମେଡିକାଲରେ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ପୋଲିସ ବାଇକ୍‌କୁ ଜବତ କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

## ବିଭିନ୍ନ ଉନ୍ନୟନମୂଳକ କାମର କଲେ ତଦାରଖ



ପୂର୍ତ୍ତ ବିଭାଗ ସଚିବ ଓ ଅନ୍ୟମାନେ ।

**ପୂର୍ତ୍ତବିଭାଗ ସଚିବଙ୍କ ପାଟଣାଗଡ ଗସ୍ତ**

ପାଟଣାଗଡ଼,୨୬।୧୧(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ଗସ୍ତରେ ଥିବା ପୂର୍ତ୍ତବିଭାଗର ସଚିବ ଭି.ଭି ଯାଦବ ମଙ୍ଗଳବାର ପାଟଣାଗଡ ଆସି ବିଭିନ୍ନ ଉନ୍ନୟନମୂଳକ କାମର ତଦାରଖ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ପାଟଣାଗଡ ରାମପାଲିରେ ନବନିର୍ମିତ ଉପଖଣ୍ଡ ଚିକିତ୍ସାଳୟକୁ ଯାଇ ପୂର୍ତ୍ତ ବିଭାଗ ଉପ ନିର୍ବାହୀ ଯନ୍ତ୍ରୀ ଅରୁଣ ପ୍ରକାଶ ଟେଟେଙ୍କ ଉପସ୍ଥିତିରେ ନିର୍ମାଣାଧୀନ କୋଠାଗୁଡିକର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ଉପ ନିର୍ବାହୀ ଯନ୍ତ୍ରୀଙ୍କ ସହ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହାପରେ ସେ ଗଙ୍ଗାସାଗରସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ୫ଟି କାମର ସ୍ଥିତି ଅନୁଧ୍ୟାନ ସହ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ପରେ ବିଭିନ୍ନ ଶ୍ରେଣୀ ଗୃହ ପରିଦର୍ଶନ କରିବା ସହ ପାଠପଢା ବିଷୟରେ ଛାତ୍ରୀଛାତ୍ରମାନଙ୍କ ସହ ଆଲୋଚନା କରିଥିଲେ। ଉପସ୍ଥାନ କମ୍ ଥିବାରୁ ଅନୁପସ୍ଥିତ ଥିବା ଛାତ୍ରୀଛାତ୍ରମାନେ କିଭଳି ଭାବରେ ବିଦ୍ୟାଳୟକୁ ନିୟମିତ ଭାବେ ପାଠ ପଢିବାକୁ ଆସିବେ ସେନେଇ ସ୍କୁଲର ପ୍ରଧାନଶିକ୍ଷକ ଓ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କର ଏହି ଗସ୍ତ ସମୟରେ ପାଟଣାଗଡ ବିଡିଓ ସୁମନ ମିଞ୍ଜ ଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ‘ଦୈନନ୍ଦିନ ଜୀବନରେ ସମ୍ବିଧାନ କାର୍ଯ୍ୟକାରୀ କର’

ବଲାଙ୍ଗୀର,୨୬।୧୧(ବୀରେନ୍ଦ୍ର କୁମାର ଝାଙ୍କର)

**ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ**

ଜିଲା ଆଇନ ସେବା ପ୍ରାଧିକରଣ ଏବଂ ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟ ମିଳିତ ଆୟୋଜନରେ ମଙ୍ଗଳବାର ମହାବିଦ୍ୟାଳୟ ପରିସରରେ ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ନ୍ୟାୟାଧୀଶ ଡ. ପବିତ୍ର ମୋହନ ସାମଲ, ଫ୍ୟାମିଲି କୋର୍ଟ ଜଜ୍ ବିକ୍ରମ କେଶରୀ ପଟ୍ଟନାୟକ, ଭିଜିଲାନ୍ସ ନ୍ୟାୟାଳୟ ଜଜ୍ ମଳୟ ରଞ୍ଜନ ଦାଶ, ଅତିରିକ୍ତ ଜିଲା ଜଜ୍ ପ୍ରିୟରଞ୍ଜନ ମିଶ୍ର, ଆଇନ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ଅମରେନ୍ଦ୍ର ମିଶ୍ର, ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୀବ କୁମାର ପ୍ରଧାନ ମଞ୍ଚାସୀନ ଥିଲେ। ଜିଲା ନ୍ୟାୟାଧୀଶ ସାମଲ ୭୫ତମ ସମ୍ବିଧାନ ଦିବସ ସମ୍ବନ୍ଧରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ବିସ୍ତୃତ ବିବରଣୀ ପ୍ରଦାନ କରିବା ସହ ଏହାକୁ କିପରି ସେମାନେ ଦୈନନ୍ଦିନ ଜୀବନରେ କାର୍ଯ୍ୟକାରୀ କରିବେ କହିଥିଲେ। ଏହି ଅବସରରେ ଜଷ୍ଟିସ୍ ବିଭୂଦତ୍ତ ଗୁରୁ ଓ ଆଇନଜୀବୀ ଅନନ୍ତ ପ୍ରସାଦ ଥନାପତିଙ୍କୁ ଯୁଧିଷ୍ଠିର ମିଶ୍ର ମେମୋରିଆଲ ପୁରସ୍କାର ପ୍ରଦାନ କରାଯାଇଥିଲା। ଜଷ୍ଟିସ୍ ଗୁରୁ ଅନୁପସ୍ଥିତି ଥିଲେ ଓ ଆଇନଜୀବୀ ଥନାପତି ପୁରସ୍କାର ଗ୍ରହଣ କରିଥିଲେ। ସଭାରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ପବିତ୍ରାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ଅନ୍ୟ ଜଜ୍ ଏବଂ ଆଇନ କଲେଜ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ସମ୍ବିଧାନ ଦିବସ ସଭାରେ ମଞ୍ଚାସୀନ ଅତିଥି।

## ଓମ୍‌ଭ୍ୟାଲି ସ୍କୁଲରେ ଚକ୍ଷୁ ପରୀକ୍ଷା ଶିବିର

ଟିଟିଲାଗଡ଼,୨୬।୧୧(ଶରତ ମିଶ୍ର)

ଟିଟିଲାଗଡ଼ ଲାୟନ୍ସ କ୍ଲବ ଓ ଏସସିଡି ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ମଙ୍ଗଳବାର ଦିନ ଟିଟିଲାଗଡ଼ ନିକଟସ୍ଥ ଚାହାରଭଟାସ୍ଥିତ ଓମ ଭ୍ୟାଲି ସ୍କୁଲରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଓମ୍ ଭ୍ୟାଲି ସ୍କୁଲର ଅଧ୍ୟକ୍ଷ ମହେଶ୍ୱର ପ୍ରସାଦ ମିଶ୍ର, ଚିଫ ଆଡଭାଇଜର ରବିନ ଚନ୍ଦ୍ର ପରମାଣିକ, ଏସସିଡି ସେଣ୍ଟରର କୋର୍ଡିନେଟର ଶୈଳେନ୍ଦୁ ନନ୍ଦ, ସମ୍ପାଦକ ଜ୍ୟୋତି ରଞ୍ଜନ ପାଇକ, ଲାୟନ୍ସ କ୍ଲବ ସଭାପତି ଗଙ୍ଗାଧର ଶର୍ମା, ସମ୍ପାଦକ ଆବାସ ଖାଁ, କ୍ଲବର ମାର୍କେଟିଂ ଚେୟାର ପର୍ସନ ସଞ୍ଜୟ କୁମାର ନାୟକ, ବରିଷ୍ଠ ଲାୟନ ସଦସ୍ୟ ରାମ ଗୋପାଳ ଚୌଧୁରୀ , ପ୍ରୋଜେକ୍ଟ ଚେୟାରମ୍ୟାନ ସୁଜିତ ଚୌଧୁରୀ, ଗୌରବ ରଥ, ଅସୀମ କୁଣ୍ଡୁ, ଅଙ୍କିତ ଲାଠ, ପ୍ରଦୀପ ବାରିକଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନରେ ସହଯୋଗ କରିଥିଲେ।

# ସମ୍ବିଧାନ ସଚେତନତା ରଥକୁ ସ୍ୱାଗତ

ଲାଠୋର,୨୬।୧୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରସ୍ଥିତ ବାବା ସାହେବଙ୍କ ପ୍ରତିମୂର୍ତ୍ତି ନିକଟରେ ମଙ୍ଗଳବାର ସାବାସ ସାମାଜିକ ପରିବର୍ତ୍ତନ ସଂଗଠନର ସଦସ୍ୟମାନେ ସମ୍ବିଧାନ ସଚେତନତା ରଥକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସମ୍ବିଧାନ ମୁଖବନ୍ଧ ପଠନ କରାଯାଇଥିଲା।

ଗତ ଅକ୍ଟୋବର ୨୭ ତାରିଖରେ ବରଗଡ଼ ଜିଲା ଗାଇସିଲେଟ ବ୍ଲକର ଗନିଆପାଲି ମୁଚଲିନ୍ଦ ଚତୁର୍ଥ ଶତାବ୍ଦୀ ବୁଦ୍ଧ ବିହାରଠାରୁ ମୂଳ ନିବାସୀ ବହୁଜନ ମିଳିତ ମହାସଂଘ ଆନୁକୂଲ୍ୟରେ ବାହାରି ଥିବା ସମ୍ବିଧାନ ସଚେତନତା ରଥ ୧୫ ଗୋଟି ଜିଲା ଭ୍ରମଣ କରି ସକାଳେ ଲାଠୋର ଗ୍ରାମରେ ପହଞ୍ଚି ଥିଲା। ଆସନ୍ତା ୧ ତାରିଖ ଦିନ ରଥ ବଲାଙ୍ଗୀର କଳାମଣ୍ଡଳ ପଡ଼ିଆରେ ପହଞ୍ଚି ୭୫ ତମ ରାଜ୍ୟସ୍ତରୀୟ ସମ୍ବିଧାନ ଦିବସ ପାଳନ କରିବାକୁ ନିଷ୍ପତ୍ତି ହୋଇଥିବା ସୂଚନା ଦିଆଯାଇଛି। ଉକ୍ତ ରଥକୁ ସାବାସ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇ ସମ୍ବିଧାନ ସାଧାରଣ ଲୋକଙ୍କୁ କ'ଣ ସବୁ ଅଧିକାର ଦେଇଛି ସେ ଉପରେ ଆଲୋଚନା ହୋଇଥିଲା। ସରକାର ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦିକା ଅମୃତ ମହୋତ୍ସବ ପାଳନ କରିଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ବିଧାନ କା ଅମୃତ ମହୋତ୍ସବ ପାଳନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଥିଲା। ଏହି ଅବସରରେ ସାବାସ ସଂଗଠନ ପକ୍ଷରୁ ଗ୍ରାମର ବିଭିନ୍ନ ବିଦ୍ୟାଳୟରେ ସମ୍ବିଧାନ ପ୍ରଣେତା ବାବା ସାହେବଙ୍କ ଫଟୋଚିତ୍ର ବଣ୍ଟନ କରାଯାଇଥିଲା। ସରକାରୀ ନୋଡ଼ାଲ ଦୁର୍ଗେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନେଇ ସମ୍ବିଧାନ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଗଠନର ପୂର୍ବତନ ସଭାପତି କପିଳ ସୁନା,ବରିଷ୍ଠ ସଦସ୍ୟ ବିଦ୍ୟାଧର ଗୁର୍ଲାଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



ରଥକୁ ସ୍ୱାଗତ କରାଯାଉଛି।

## ଅସହାୟ ଭଗବାନଙ୍କ ଅନ୍ତିମ ସଂସ୍କାର କଲେ ଜନକଲ୍ୟାଣ ଟ୍ରଷ୍ଟ ସଦସ୍ୟ

ବେଲପଡା,୨୬।୧୧ (ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ସହରର ଶ୍ରୀରାମ ମନ୍ଦିର ନିକଟ ପଡାରେ ରହୁଥିବା ଜଣେ ଅସହାୟ ବୃଦ୍ଧଙ୍କ ଅନ୍ତିମ ସଂସ୍କାର ସ୍ଥାନୀୟ ଜନକଲ୍ୟାଣ ଟ୍ରଷ୍ଟ ସଦସ୍ୟମାନେ କରିଛନ୍ତି । ମୃତକ ହେଲେ ସିହିନି ଗ୍ରାମ ପଞ୍ଚାୟତ ସେମେଲପାଲି ଗ୍ରାମର ଭଗବାନ ମଲ୍ଲିକ। ତାଙ୍କ ମୃତଦେହ ସଂସ୍କାର କରିବା ପାଇଁ କେହି ଜାତି ଭାଇ ଆସି ନ ଥିଲେ। ମୃତ୍ୟୁ ଖବର ପାଇ ଟ୍ରଷ୍ଟର ସଦସ୍ୟମାନେ ପହଞ୍ଚି ଅନ୍ତିମ ସଂସ୍କାର କରିଥିଲେ। ଟ୍ରଷ୍ଟର ସଭାପତି କାନ୍ତ ରଣା, ସମ୍ପାଦକ କେଦାର ଦଣ୍ଡସେନା, ସଞ୍ଜୀବ କୁମାର ପୃଷ୍ଟି, ସୁରେଶ ବରିହା, ସଂଗ୍ରାମ ଦୀପ, ନରେଶ ସାହୁ, ମୁରଲି ମେହେର ଉପସ୍ଥିତ ଥିଲେ । ଭଗବାନ ଦୀର୍ଘ ୮ ବର୍ଷ ହେବ ନିଜ ଘରୁ ଚାଲି ଆସି ରାମମନ୍ଦିର ନିକଟ ପଡ଼ାର ଜଣେ ବ୍ୟକ୍ତିଙ୍କ ଘରେ ରହୁଥିଲେ। ବାର୍ଦ୍ଧକ୍ୟଜନିତ କାରଣରୁ ନିକଟରେ ତାଙ୍କର ମୃତ୍ୟୁ ଘଟିଥଲା ।

## ନାବାଳିକାଙ୍କ ଝୁଲନ୍ତା ମୃତଦେହ ଜବତ

ଲୋଇସିଂହା,୨୬।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନା ଅନ୍ତର୍ଗତ ବାବୁଫାସଡ ଗ୍ରାମର ଜଣେ ନାବାଳିକାଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ଏନେଇ ଥାନାରେ ନଂ ୧୫।୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ବାବୁଫାସଡ ଗ୍ରାମର ସ୍ୱର୍ଗତ ଯୁବରାଜ ଖମାରୀଙ୍କ ପରିବାର ଲୋକେ ସୋମବାର ରାତିରେ ଖାଇ ପିଇ ଶୋଇଥିଲେ। ୧୭ ବର୍ଷୀୟା ନାବାଳିକା କ୍ରିଷ୍ଣା ଖମାରୀ ମଧ୍ୟ ଅନ୍ୟ ଏକ କୋଠରୀରେ ଶୋଇଥିଲେ। ମଙ୍ଗଳବାର ସକାଳ ୮ଟା ସୁଦ୍ଧା ସେ ନ ଉଠିବାରୁ ପରିବାର ଲୋକେ ସେହି କୋଠରୀକୁ ଯାଇ କ୍ରିଷ୍ଣା ବେକରେ ଲୁଗାବାନ୍ଧି ଝୁଲି ପଡିଥିବା ଦେଖିବାକୁ ପାଇଥିଲେ। ଏ ନେଇ ପରିବାର ଲୋକେ ଆଗଲପୁର ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତ୍ୟୁର କାରଣ ଜଣାପଡିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ବାସୁଦେବ ଭୋଇ କହିଛନ୍ତି ।

## ସମ୍ବିଧାନ ଦିବସ ପାଳିତ

ଲୋଇସିଂହା,୨୬।୧୧(ସୁଶାନ୍ତ ବାରିକ)

ମଙ୍ଗଳବାର ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟ ପକ୍ଷରୁ ୭୫ ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଉତ୍ସବରେ ଅଧ୍ୟକ୍ଷ ଗୋବିନ୍ଦଚନ୍ଦ୍ର ସାହୁ ଅଧ୍ୟକ୍ଷତା କରି ସମ୍ବିଧାନ ଦିବସ ପାଳନର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଦୟାନିଧି ସାହୁ ସମ୍ବିଧାନ, ସାମ୍ବିଧାନିକ ମୂଲ୍ୟବୋଧ ବିଷୟରେ କହିଥିଲେ । ଏହି ଉପଲକ୍ଷେ ଆୟୋଜିତ ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା, କୁଇଜ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅଧ୍ୟକ୍ଷ ସାହୁ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ । ଅଧ୍ୟାପକ ରାମଚନ୍ଦ୍ର ବଗର୍ତ୍ତି ସଭା କାର୍ଯ୍ୟ ପରିଚାଳନା କରିଥିଲେ ।

## ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ସମ୍ବିଧାନ ଦିବସ ପାଳିତ

ମୁରିବାହାଲ,୨୬।୧୧(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ମହାବିଦ୍ୟାଳୟ ପକ୍ଷରୁ ୭୫ ତମ ସମ୍ବିଧାନ ଦିବସ ମଙ୍ଗଳବାର ଦିନ ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଇତିହାସ ଅଧ୍ୟାପକ ଗୁଣସାଗର ମେହେର, ସମ୍ମାନିତ ଅତିଥି ଭାବେ ଜାତୀୟ ସେବା ଯୋଜନାର ସଂଯୋଜକ ଅଧ୍ୟାପକ ଛନ୍ଦାଚରଣ ଖୁଣ୍ଟିଆ, ରେଡ଼କ୍ରସ ପରାମର୍ଶଦାତା ଘନଶ୍ୟାମ ଖମାରୀ, ଅଧ୍ୟାପକ ଭ୍ରିଙ୍ଗରାଜ ରଣା ଯୋଗଦେଇ ସମ୍ବିଧାନ ଦିବସର ଗୁରୁତ୍ୱ ଓ ଉଦ୍ଦେଶ୍ୟ ଉପରେ କହିଥିଲେ। ଏହି ଅବସରରେ ମହାବିଦ୍ୟାଳୟରେ ବକ୍ତୃତା, ରଚନା ଓ କୁଇଜ ପ୍ରତିଯୋଗିତା ହୋଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ପଦଯାତ୍ରା ମୁରିବାହାଲ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ପର୍ଯ୍ୟନ୍ତ କରାଯାଇଥିଲା। ଏଥିରେ ପୂର୍ଣ୍ଣଚନ୍ଦ୍ର ପଧାନ, ସୋମେଶ ଦତ୍ତ ହୋତା, ପ୍ରେମଚାନ୍ଦ ତାଣ୍ଡି, ଫାଲଗୁନୀ ଦାସ, ପଙ୍କଜ ସାହୁ, ବାବୁଲା ନାଏକ, ପର୍ଶୁରାମ ବାଗ, ମୀରାବାଇ ଗଡତ୍ୟା, ଶୈଳୀକା ନାଏକ, ସରିତା ରଣା, ଯଶୋସ୍ମିତା ବେହେରା ସହଯୋଗ କରିଥିଲେ। ଶେଷରେ ଓଡ଼ିଆ ଅଧ୍ୟାପକ ଘନଶ୍ୟାମ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ ।




# ୧୫ ଜଣ ଦାଦନ ଶ୍ରମିକ ଉଦ୍ଧାର

କଣ୍ଟାବାଞ୍ଜି,୨୬।୧୧(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ପୋଲିସ ସୋମବାର ଦିନ ଲରକି ଗ୍ରାମରୁ ୧୫ ଜଣ ଦାଦନ ଶ୍ରମିକ ଓ ୨ ଜଣ ନାବାଳକଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ମାଧବ ଷଣ୍ଢ ଓ ଧନେଶ୍ୱର ନାଗ ନାମକ ୨ ଜଣ ଦଲାଲଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ମାଧବ(୨୫) ଓ ତୁରେକେଲା ଥାନା ଲରକି ଗ୍ରାମର ଧନେଶ୍ୱର ନାଗ (୪୦) ଅଧିକ ରୋଜଗାର ଆଶା ଦେଖାଇ ଦେଓଗାଁ ଥାନା ଅଧୀନ ଶିବତଲା, ଭୂତିଆରବାହଲ ଓ କୁଡ଼ାସିଂହା ଗ୍ରାମର ୭ଜଣ ପୁରୁଷ, ୮ଜଣ ମହିଳା ଶ୍ରମିକଙ୍କ ସହ ୨ ଜଣ ନାବାଳକଙ୍କୁ ବେଆଇନ ଭାବେ ଅନ୍ୟ ରାଜ୍ୟକୁ ଚାଲାଣ କରୁଥିଲେ। ଏନେଇ ତୁରେକେଲା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲେ। ସମ୍ପୃକ୍ତ ଦଲାଲ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ଶ୍ରମିକମାନଙ୍କୁ ଉଦ୍ଧାର କରାଯାଇଥିଲା। ଏ ସଂକ୍ରାନ୍ତରେ ତୁରେକେଲା ଥାନାରେ ନଂ ୩୬୫/୨୦୨୪ରେ ମାମଲା ରୁଜୁ ହୋଇଛି।



ଉଦ୍ଧାର ହୋଇଥିବା ଦାଦନ ଶ୍ରମିକ ।

**ସମ୍ବିଧାନ ଦିବସ ପାଳିତ**

ବାଉଁଶୁଣୀ, ୨୬ା୧୧(ଦେବାଶିଷ ନେପାକ)-ବୌଦ୍ଧ ଜିଲା ବାଉଁଶୁଣୀ ମା' ମାହେଶ୍ୱରୀ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଏନଏସଏସ କୋ-ୟୁନିଟର ସମସ୍ତ ସ୍ୱେଚ୍ଛାସେବୀ ତଥା ଛାତ୍ରୀଛାତ୍ର ଅଧାପକ ଓ କର୍ମଚାରୀ ସାମିଲ ଥିଲେ । ବିଦ୍ୟାଳୟର ଅଧକ୍ଷ ମାନଭଞ୍ଜନ ତ୍ରିପାଠୀ ଆମର ଅଧିକାର ଓ କର୍ତ୍ତବ୍ୟ ସମ୍ବନ୍ଧରେ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଏନଏସଏସ କୋ-ୟୁନିଟ ପ୍ରୋଗ୍ରାମ ଅଫିସର ଡ.ଉମାକାନ୍ତ ବିଶାଳ ସଞ୍ଚାଳନ କରିଥିଲେ

## ସଂକ୍ଷେପରେ

### ଜାନୁଆରୀ ୬ରୁ ସୁବର୍ଣ୍ଣ ଲୋକ ମହୋତ୍ସବ

**ପ୍ରସ୍ତୁତି ବୈଠକକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଡକାଗଲାନି**

ସୋନପୁର,୨୬ା୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମରେ ଆସନ୍ତା ଜାନୁଆରୀ ମାସ ୬ ତାରିଖଠାରୁ ସୁବର୍ଣ୍ଣ ଲୋକ ମହୋତ୍ସବ ସହ ଜିଲା ଉନ୍ନୟନ ପ୍ରଦର୍ଶନୀ ଓ ପଲ୍ଲିଶ୍ରୀ ମେଳା ଆୟୋଜିତ ହେବ। ଏହା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ମଙ୍ଗଳବାର ଜିଲାପାଳଙ୍କ ସଭାଗୃହରେ ଆୟୋଜିତ ଜିଲା ସଂସ୍କୃତି ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୫ ଦିନ ବ୍ୟାପୀ ଚାଲିବାକୁ ଥିବା ୩୧ତମ ଲୋକ ମହୋତ୍ସବ ଜିଲା ସଂସ୍କୃତି ପରିଷଦ, ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓରମାସର ମିଳିତ ସହଯୋଗରେ ଆୟୋଜିତ ହେବ। ତେବେ ଜିଲାର କଳା, ସଂସ୍କୃତି, ଐତିହ୍ୟ ଓ ବିକାଶ ଧାରାର ବାର୍ତ୍ତାବହ ଥିବା ଏହି ମହୋତ୍ସବ ପ୍ରସ୍ତୁତି ବୈଠକରେ ଜିଲାରେ କାର୍ଯ୍ୟରତ ଗଣମାଧ୍ୟମର ପ୍ରତିନିଧିଙ୍କୁ ଡକାଯାଇନି। ପ୍ରଥମ ଥର ପାଇଁ ଲୋକ ମହୋତ୍ସବ ପ୍ରଚାର ପ୍ରସାର କମିଟିର ସଦସ୍ୟ ଥିବା ଗଣମାଧ୍ୟମର ପ୍ରତିନିଧିଙ୍କ ବିନା ବୈଠକ ଆୟୋଜିତ ହୋଇଛି। ପ୍ରଶାସନର ଏଭଳି କାର୍ଯ୍ୟକୁ ସୁବର୍ଣ୍ଣପୁର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ସଂଘ ସଭାପତି ଗୋରେଖନାଥ ସାହୁ କହିଛନ୍ତି, ଗଣମାଧ୍ୟମର ପ୍ରତିନିଧିମାନେ ଲୋକମହୋତ୍ସବର ପ୍ରଚାର ପ୍ରସାର ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସୁଥିବା ବେଳେ ଜିଲା ପ୍ରଶାସନର କାର୍ଯ୍ୟ ନିନ୍ଦନୀୟ। ଆଗାମୀ ଦିନରେ ପ୍ରଶାସନର ମନମୁଖୀ କାର୍ଯ୍ୟକୁ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଅନ୍ୟା ଦାସଙ୍କୁ ପଚାରିବାରୁ ମୁଁ ଏହି ବୈଠକରେ ନ ଥିଲି। କାହିଁକି ଏଭଳି ତ୍ରୁଟି ହେଲା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରି ବୁଝିବି ବୋଲି କହିଥିଲେ।

### ଧବଳେଶ୍ୱର ପ୍ରିମିୟର ଲିଗ୍

ଖୁଣ୍ଟିଗୋରା,୨୬ା୧୧(ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ଅନ୍ତର୍ଗତ ଖଡଙ୍ଗ ମହୋତ୍ସବ ଖେଳପଡ଼ିଆରେ ଚାଲିଥିବା ଧବଳେଶ୍ୱର ପ୍ରିମିୟର ଲିଗ୍‌ର ମଙ୍ଗଳବାର ପଞ୍ଚମ ଦିବସରେ ପ୍ରଥମ ମ୍ୟାଚ୍‌ରେ ଆଶିଷ ମୋବାଇଲକୁ ହରାଇ ମହାକାଳ ଇଲେଭେନ, ଦ୍ୱିତୀୟ ମ୍ୟାଚ୍‌ରେ ମନଷ୍ଟର୍ ଇଲେଭେନକୁ ହରାଇ ବିକାଶ ଇଲେଭେନ, ତୃତୀୟ ମ୍ୟାଚ୍‌ରେ ମନଷ୍ଟର୍ ଇଲେଭେନକୁ ହରାଇ ମହାକାଳ ଇଲେଭେନ ଏବଂ ଚତୁର୍ଥ ମ୍ୟାଚ୍‌ରେ ବିକାଶ ଇଲେଭେନକୁ ପରାସ୍ତ କରି ଆଶିଷ ମୋବାଇଲ ବିଜୟୀ ହୋଇଛି। ଶୁଭମ ସାହୁ ଓ ସୋନୁ ପୂଜାରୀ ଖେଳ ପରିଚାଳନା କରିଥିଲେ। ଜଗା ବକୁଳ ଓ ଉଜ୍ଜଳ ଭୋଇ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପବିତ୍ର ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବରେ ଶିକ୍ଷାବିତ୍ କାର୍ତ୍ତିକେଶ୍ୱର ବେହେରା ଏବଂ ମନୋଜ ଦାସ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ବର୍ଷାଭାବ, ଧାନଚାଷ ପ୍ରଭାବିତ

ସୋନପୁର,୨୬ା୧୧(ମୃତ୍ୟୁଞ୍ଜୟ ଶତପଥୀ)

- ଅକ୍ଟୋବରରେ ସାମାନ୍ୟ, ନଭେମ୍ବରରେ ଟୋପାଏ ବର୍ଷିନି
- ଧାନ ଗର୍ଭଧାରଣ ପରେ ଦାଉ ସାଧିଲା ବର୍ଷା
- ବୃହତ ଉଠା ଜଳସେଚନ ପ୍ରକଳ୍ପ ଚାଷୀଙ୍କ କାମରେ ଲାଗିଲାନି

ଧାନ ବୁଣିବା ସମୟରେ ନିଅଣ୍ଟିଆ ବର୍ଷା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏବେ ଗର୍ଭଧାରଣ ଓ ଫସଲ ଅମଳ ପୂର୍ବରୁ ବର୍ଷା ଅଭାବ ଦାଉ ସିଜିଛି। ଗର୍ଭଣା ସଂକ୍ରାନ୍ତି ପରେ ଧାନ ଗର୍ଭଧାରଣ କରିଥାଏ। ଏଥିପାଇଁ ଧାନଗଛକୁ ପ୍ରଚୁର ପାଣିର ଆବଶ୍ୟକତା ହୁଏ। ହେଲେ ଅକ୍ଟୋବର ମାସରେ ସାମାନ୍ୟ ବର୍ଷା ଓ ନଭେମ୍ବର ମାସରେ ଆଦୌ ବର୍ଷା ନଥିବାରୁ ଧାନ ଗର୍ଭଧାରଣ କରିବା ସମୟରୁ ଜମି ଶୁଖିଲା ପଡିଛି। କ୍ରପ୍ କଟିଂ ରିପୋର୍ଟ ଅନୁଯାୟୀ ନିଅଣ୍ଟିଆ ବର୍ଷା ଯୋଗୁ ସୁବର୍ଣ୍ଣପୁର ଜିଲାର ଅଣଜଳସେଚିତ ତରଭା, ସୋନପୁର, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକରେ ଖରିଫ ଧାନଚାଷ ପ୍ରଭାବିତ ହୋଇଛି।

ତରଭା ବ୍ଲକରେ ଜଳସେଚନ ସୁବିଧା ନଥିବା ବେଳେ ଚଳିତ ବର୍ଷ ଚାଷୀ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷ କାମ ଆରମ୍ଭରୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଅକ୍ଟୋବର ପହିଲାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଟୋପାଏ ହେଲେ ବର୍ଷା ହୋଇନାହିଁ। ଆଦୌ ବର୍ଷା ନହେବାରୁ ଜମିରୁ ପାଣି ଶୁଖିଗଲାଣି। ଢିପ ଜମିଗୁଡିକରେ ମାଟି ଫାଟି ଆଁ କରିଛି। ଅମଳ ସମୟରେ ଜମିରେ ଧାନଗଛ ମରି ଶୁଖିଗଲା। ଶତାଧିକ କୋଟି ଟଙ୍କା ବ୍ୟୟରେ ନିର୍ମିତ ପାର୍ବତୀ ଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପଗୁଡିକ ଆବଶ୍ୟକ ସମୟରେ ଚାଷୀଙ୍କ କାମରେ ଲାଗିଲାନି। ଅଧିକାଂଶ ଉଠାଜଳସେଚନ ପ୍ରକଳ୍ପଗୁଡିକ ଅଚଳ। ତେଣୁ ଏହି ବ୍ଲକରେ ମରୁଡି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି। ସୋନପୁର ଓ ବୀରମହାରାଜପୁର ବ୍ଲକ ଏବଂ ଉଲୁଣ୍ଡା ବ୍ଲକର ଢିପ ଅଞ୍ଚଳରେ ସମାନ ଅବସ୍ଥା। ଜଳବାୟୁ ପରିବର୍ତ୍ତନ ଯୋଗୁ ସ୍ୱଳ୍ପ ବୃଷ୍ଟିପାତ ହୋଇଛି। ଅମଳ ପୂର୍ବରୁ ହଜାର ହଜାର ହେକ୍ଟର ଜମି ଶୁଖିବାକୁ ବସିଛି। ଚଳିତବର୍ଷ ଭଲ ଫସଲ ହେବ ବୋଲି ଚାଷୀମାନେ ଆରମ୍ଭରୁ ଆଶା କରିଥିଲେ। ତେବେ ବର୍ଷାଭାବ ସେମାନଙ୍କୁ ନିରାଶ କରିଛି। ଧାନ ବାହାରିବା ସମୟରେ ୨ ମାସ ଧରି ବର୍ଷାଭାବ ଚାଷୀଙ୍କୁ ଚିନ୍ତାରେ ପକାଇଛି। ଅନେକ ଗାଁରେ ଗଭୀର ନଳକୂପ ୨ରୁ ୩ ବର୍ଷ ପୂର୍ବରୁ ଖୋଳାଯାଇଛି। ତେବେ ବିଦ୍ୟୁତ୍ ସଂଯୋଗ ହୋଇ ନଥିବାରୁ ଏହା ଚାଷୀଙ୍କ କାମରେ ଲାଗୁନି। ପାଣି ଅଭାବ ଯୋଗୁ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବାତ୍ୟା ଦାନାକୁ ଜିଲାର ଚାଷୀ ଶେଷ ଭରସା କରିଥିଲେ । ବାତ୍ୟା ପ୍ରଭାବରେ ପାଗ ମେଘୁଆ ରହିଲା, କିନ୍ତୁ ବର୍ଷା ହେଲାନି।

ସୁବର୍ଣ୍ଣପୁର ଜିଲାରେ ଖରିଫରେ ପ୍ରାୟ ୮୦ହଜାର ୦୬୩ ହେକ୍ଟର ଜମିରେ ଧାନ ଚାଷ କରାଯାଇଛି। ଜିଲାର ବିନିକା ଓ ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳରେ ହୀରାକୁଦ କେନାଲ ପାଣି ଦ୍ୱାରା ଚାଷ ହୋଇଥାଏ। ତେବେ ତଳି ଅଞ୍ଚଳକୁ କେନାଲ ପାଣି ପହଞ୍ଚୁ ନଥିବା ଚାଷୀ ଅଭିଯୋଗ କରି ଆସୁଛନ୍ତି। ଅଣଜଳସେଚିତ ବୀରମହାରାଜପୁର, ଉଲୁଣ୍ଡା, ତରଭା ଓ ସୋନପୁର ବ୍ଲକରେ ଚାଷୀ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଯେଉଁ ଚାଷଜମି ନିକଟରେ ଜଳଉତ୍ସର ସୁବିଧା ଅଛି ଖର୍ଚ୍ଚାନ୍ତ ହୋଇ ଚାଷୀମାନେ ଫସଲ ବଞ୍ଚାଇବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଯେଉଁ ଚାଷୀଙ୍କ ସମ୍ବଳ ନାହିଁ କି ନିକଟରେ ଜଳଉତ୍ସ ନାହିଁ ସେମାନଙ୍କ ଆଖି ଆଗରେ ସୁନାର ଫସଲ ଉଜୁଡିଗଲା। ସୋନପୁର ବ୍ଲକର ମୟୁରଉଡାନ ପଞ୍ଚାୟତର ୫୨ ଜଣ ଚାଷୀଙ୍କ ଗଭୀର ନଳକୂପ ଖୋଳାଯାଇଛି। କିନ୍ତୁ ୩ ବର୍ଷ ବିତି ଯାଇଥିଲେ ମଧ୍ୟ ଗୋଟିଏ ବି ଗଭୀର ନଳକୂପକୁ ବିଦ୍ୟୁତ୍ ସଂଯୋଗ ହୋଇନି। କେବଳ ବିଦ୍ୟୁତ୍ ଖୁଣ୍ଟ ପୋତି ଠିକାଦାର କାମ ସାରିଦେଇଛି। ନିଅଣ୍ଟିଆ ବର୍ଷା ସମୟରେ ଚାଷୀ ଏହି ପ୍ରକଳ୍ପରୁ ଲାଭ ପାଇଲେ ନାହିଁ। ଧାନ ଗଛ ଖରାରେ ପାଚି ଗଲାଣି, ଏଥିଯୋଗୁ ୨୬୦ ଏକରରୁ ଉର୍ଦ୍ଧ ଧାନ ଫସଲ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଜିଲାରେ ବର୍ଷା ନଥିବାରୁ ଧାନ ଗର୍ଭଧାରଣଠାରୁ ଅମଳ ପର୍ଯ୍ୟନ୍ତ ଜମି ଶୁଖିଲା ପଡିଛି। ଅକ୍ଟୋବର ମାସରେ ସୁବର୍ଣ୍ଣପୁର ଜିଲାରେ ୫୦.୨ମି.ମି. ସ୍ୱାଭାବିକ ବର୍ଷା ଥିବା ବେଳେ ମାତ୍ର ୪.୧ମି.ମି. ବର୍ଷା ରେକର୍ଡ ହୋଇଛି। ସେହିପରି ନଭେମ୍ବର ମାସରେ ୧୩.୪ମି.ମି. ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୨୬ ତାରିଖ ପର୍ଯ୍ୟନ୍ତ ଟୋପାଏ ହେଲେ ବର୍ଷା ହୋଇନାହିଁ। ଏଥିଯୋଗୁ ଅଣଜଳସେଚିତ ଅଞ୍ଚଳରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି।

## ଭାସ୍କରଙ୍କୁ ଜାତୀୟ ଗୋପାଳରତ୍ନ ସମ୍ମାନ



କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂ ଭାସ୍କର ପ୍ରଧାନଙ୍କୁ ସମ୍ମାନିତ କରୁଛନ୍ତି।

ସୋନପୁର,୨୬ା୧୧(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କଲମପୁର ଅଞ୍ଚଳର ଭାସ୍କର ପ୍ରଧାନଙ୍କୁ ଦେଶର ଶ୍ରେଷ୍ଠ କୃତ୍ରିମ ପ୍ରଜନନ ଟେକ୍ନିସିଆନ ଭାବେ କେନ୍ଦ୍ର ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଛି। ମଙ୍ଗଳବାର ଜାତୀୟ ଦୁଗ୍ଧ ଦିବସ ଅବସରରେ ଭାସ୍କରଙ୍କୁ ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂ ଜାତୀୟ ଗୋପାଳରତ୍ନ-୨୦୨୪ ଭାବେ ପୁରସ୍କୃତ କରିଛନ୍ତି। ପ୍ରଧାନ ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର ଗ୍ରାମାଞ୍ଚଳରେ ଗୋପାଳକମାନଙ୍କୁ କୃତ୍ରିମ ପ୍ରଜନନ କ୍ଷେତ୍ରରେ ସେବା ଯୋଗାଇ ଉନ୍ନତଧରଣର ମାଈ ବାଛୁରୀ ସୃଷ୍ଟି କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସୁଛନ୍ତି। ଏହାଦ୍ୱାରା ଅଞ୍ଚଳର ଗୋପାଳକମାନଙ୍କ ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ଘଟିଛି। ତତ୍‌ସହିତ ଜିଲାରେ ଦୁଗ୍ଧ ଉତ୍ପାଦନରେ ମଧ୍ୟ ବୃଦ୍ଧି ଘଟିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ୧ ମାସ ପୂର୍ବରୁ ଏକ ଟିମ୍ ସୁବର୍ଣ୍ଣପୁର ଆସି ଭାସ୍କରଙ୍କ କାର୍ଯ୍ୟଶୈଳୀ ଓ ମାଈବାଛୁରୀ ଦେଖି ପ୍ରଶଂସା କରିଥିଲେ। ପରେ ତାଙ୍କୁ ସର୍ବଭାରତୀୟସ୍ତରରେ ବେଷ୍ଟ ଆର୍ଟିଫିସିଆଲ ଇନସେମିନେଶନ ଟେକ୍ନିସିଆନ(ଏଆଇଏଫ୍) ଭାବେ ମନୋନୀତ କରାଯାଇଥିଲା। ତାଙ୍କର କର୍ତ୍ତବ୍ୟନିଷ୍ଠା ଓ ସଫଳତା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

## ଖେଳ ସାମଗ୍ରୀ ବଣ୍ଟନରେ ଅନିୟମିତତା ନେଇ ଦାବିପତ୍ର

ଡୁଙ୍ଗୁରିପାଲି ୨୬ା୧୧(ଦୀନବନ୍ଧୁ ସୁନା)

ଡୁଙ୍ଗୁରିପାଲି ବ୍ଲକରେ ନିମ୍ନମାନର ଖେଳ ସାମଗ୍ରୀ ବଣ୍ଟନରେ ଅନିୟମିତତାକୁ ନେଇ ଯୁବ ଖେଳାଳିମାନେ ମଙ୍ଗଳବାର ବ୍ଲକ ଅଫିସ ଆସିଥିଲେ। ବିଡ଼ିଓଙ୍କ ଅନୁପସ୍ଥିତିରେ ଏବିଡ଼ିଓ ଆନନ୍ଦଚନ୍ଦ୍ର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଉଲ୍ଲେଖ କରାଯାଇଛି ଯେ, ସରକାର ଗ୍ରାମାଞ୍ଚଳରେ ଖେଳ ଓ ଖେଳାଳିଙ୍କ ଭିତ୍ତିଭୂମି ସୁଦୃଢ ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ପ୍ରତି ପଞ୍ଚାୟତକୁ ୨ ଲକ୍ଷ ୫୦ ଟଙ୍କା ଲେଖାଏ ଯୋଗାଇ ଦିଆଯାଇଥିଲା। ହେଲେ ପଞ୍ଚାୟତରେ ବଣ୍ଟନ ହୋଇଥିବା ଖେଳ ସାମଗ୍ରୀଗୁଡିକ ଅତି ନିମ୍ନମାନର। ଏପରିକି କେତେକ ପଞ୍ଚାୟତରେ ସାମଗ୍ରୀ ବଣ୍ଟନ ହୋଇନାହିଁ। ଏହାର ଏକକିତା ନକଲ ଜିଲାପାଳ, କ୍ରୀଡାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ପ୍ରଫୁଲ୍ଲ ବାରିକ, ଯଦୁମଣି କୁଦେଇ, ସରୋଜ ପଧାନ, ବସନ୍ତ ସା, ଉମାକାନ୍ତ ସାହୁ, ଦେବ ପଧାନ, ପ୍ରବୀନ ସୁନା, ଦେବାଶିଷ ମହାକୁର, ଯୁଧିଷ୍ଠିର ଭୋଇ, ପ୍ରଶାନ୍ତ ବାଗ, ପପୁ ବେହେରା, ଗଣେଶ ପଧାନ ପ୍ରମୁଖ ଯୁବ ଖେଳାଳିମାନେ ଉପସ୍ଥିତ ଥିଲେ। ତଦନ୍ତ ପରେ ବିହିତ ପଦକ୍ଷେପ ନିଆଯିବ ବୋଲି ଏବିଡ଼ିଓ ମିଶ୍ର କହିଛନ୍ତି।

# ସମନ୍ୱୟ ରଖି କାମ କଲେ ଲୋକେ ନ୍ୟାୟ ପାଇବେ

ବୌଦ୍ଧ,୨୬ା୧୧(ଅଜିତ କୁମାର ବାରିକ)



ସଭାରେ ଜିଳା ଦୌରାଜକ୍ ଓ ଅନ୍ୟ ଅଧିକାରୀ।

**ସମ୍ବିଧାନ ଦିବସ ପାଳିତ**

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ଗୃହଠାରେ ଜିଲାସ୍ତରୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରତାପ କୁମାର ପାତ୍ର ଅଧ୍ୟକ୍ଷତା କରି ସମ୍ବିଧାନର ସୁରକ୍ଷାରେ ନ୍ୟାୟପାଳିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଶାସନ ଓ ନ୍ୟାୟାଳୟ ମିଳିତ ଭାବରେ ପ୍ରୟାସ କଲେ ସାଧାରଣ ଲୋକ ସାମାଜିକ ନ୍ୟାୟ ପାଇବା ସହିତ ସେମାନଙ୍କର ଆର୍ଥିକ ବିକାଶ ହୋଇପାରିବ ବୋଲି କହିଥିଲେ। ଜିଲାପାଳ ସୁବ୍ରତ କୁମାର ପଣ୍ଡା ସମ୍ବିଧାନ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଆଇନଜୀବୀ ଓମପ୍ରକାଶ ମିଶ୍ର ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜେଏମଏଫସି ଦୁର୍ଗା ପ୍ରସାଦ ପଣ୍ଡା, ରେଜିଷ୍ଟ୍ରାର ଜୟପ୍ରକାଶ ନାୟକ ସାମାଜିକ ଅଭିବୃଦ୍ଧି ଓ ସାମାଜିକ ନ୍ୟାୟରେ ନ୍ୟାୟପାଳିକା ଓ ପ୍ରଶାସନର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସିନିୟର ସିଭିଲ ଜଜ୍ ଶୀତିକଣ୍ଠ ପ୍ରଧାନ ଓ ସିଜେଏମ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ ଭାରତୀୟ ସମ୍ବିଧାନରେ ନ୍ୟାୟପାଳିକା ଓ ପ୍ରଶାସନର ଦାୟିତ୍ୱ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଆଇନଜୀବୀ ନବ କୁମାର ମିଶ୍ର ବିଭିନ୍ନ ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଜନସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ଆଇନଜୀବୀ ଗିରିଶ ଚନ୍ଦ୍ର ପଣ୍ଡା, ଅଚ୍ୟୁତାନନ୍ଦ ମିଶ୍ର, ନାରାୟଣ ପ୍ରସାଦ ପରିଜାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଶାଶ୍ୱତୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରିଷ୍ଠ ଆଇନଜୀବୀ ତାରେଣୀ କୁମାର ମହାପାତ୍ର, ଜିଲା ଓକିଲ ସଂଘ ସଭାପତି ଧୁରୀଣ କୁମାର ଦେହୁରୀ, ସମସ୍ତ ଆଇନଜୀବୀ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗୋକୁଳାଷ୍ଟମୀ ମହୋତ୍ସବ: ଅର୍ଘାସୁର ବଧ

ବିନିକା ୨୬ା୧୧(ରାମ ଗୋପାଳ ବାଘ )

ସୁବର୍ଣ୍ଣପୁର ଜିଲା ବିନିକା କଂସାରୀ ପଡାବାସୀଙ୍କ ତରଫରୁ ଚାଲିଥିବା ଗୋକୁଳାଷ୍ଟମୀ ମହୋତ୍ସବରେ ମଙ୍ଗଳବାର ଅର୍ଘାସୁର ବଧ ନାଟକ ମଞ୍ଚସ୍ଥ ହୋଇଥିଲା। ନିତିଦିନ ପରେ ସନ୍ଧ୍ୟାରେ ମହାରାଜ କଂସ ପାତ୍ର ମନ୍ତ୍ରୀଙ୍କ ସହ ସହର ପରିକ୍ରମା କରି ଯୋଗେଶ୍ୱର ମନ୍ଦିର ନିକଟସ୍ଥ ବନଦୁର୍ଗା ମଣ୍ଡପ ପଡିଆରେ ପହଞ୍ଚି ରାଜ ଦରବାର କାର୍ଯ୍ୟ କରିଥିଲେ । ଗୋଟିଏ ପରେ ଗୋଟିଏ ଅସୁର ଶ୍ରୀକୃଷ୍ଣଙ୍କ ହାତରେ ବଧ ହେଉଥିବାରୁ ମହାପ୍ରତାପୀ କଂସ ବିଚଳିତ ହୋଇପଡିଛନ୍ତି। ବୀର ଅର୍ଘା ସୁରଙ୍କୁ ଶ୍ରୀକୃଷ୍ଣଙ୍କୁ ହତ୍ୟା କରିବା ପାଇଁ ପ୍ରେରଣ କରନ୍ତି। କିନ୍ତୁ ଶ୍ରୀକୃଷ୍ଣଙ୍କ ହାତରେ ଅର୍ଘା ସୁର ବଧ ହୁଏ। ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଏହି ସବୁ ଲୀଳା ନାଟକ ଦେଖିବା ପାଇଁ ପ୍ରବଳ ଭିଡ ହୋଇଥିଲା। ମଙ୍ଗଳବାର ଦରବାରରେ ରାଜ ଅତିଥି ଭାବେ ସ୍ନାତକ ସିଦ୍ଧାର୍ଥ ମହାବିଦ୍ୟାଳୟ ଅଧ୍ୟକ୍ଷ ଧୀରେନ୍ଦ୍ର କୁମାର ନାୟକ,ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ ରେଖା ପଧାନ, ବିନିକା ଦୁର୍ଗାପୂଜା କମିଟି ସଭାପତି ସନ୍ତୋଷ କୁମାର ପଣ୍ଡା, ତହସିଲଦାର ସୀତାରାମ ଭୋଇ, ଜିଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦ, ବିନିକା ଉଚ୍ଚ ବିଦ୍ୟାଳୟ ଧକ୍ଷ ଅଶୋକ ବିଶି, ବାଳିକା ମହାବିଦ୍ୟାଳୟ ଉପାଧାକ୍ଷା ବୈଜୟନ୍ତି ସାହୁ, ବିନିକା ରାଜସ୍ୱ ନିରୀକ୍ଷକ ବସନ୍ତ ବରିହା ପ୍ରମୁଖ ଯୋଗଦେଇଥିଲେ। କମିଟି ସଭାପତିସୀତାରାମ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାମଞ୍ଚକୁ ଶିକ୍ଷାବିତ ହିମାଂଶୁ ଭୂଷଣ ପଣ୍ଡା, ସସ୍ମିତା ପରାମଗୁରୁ ଶତପଥୀ ପରିଚାଳନା କରିଥିଲେ। ସମ୍ପାଦକ ସଞ୍ଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ରାଜ ଦରବାରରେ ୬ଟି ସଂସ୍କୃତିକ ଦଳ କଳା ପ୍ରଦର୍ଶନ କରିଥିଲେ।

# ଭାରତୀୟଙ୍କୁ ସମ୍ମାନ ଦେଇଛି ସମ୍ବିଧାନ

ଡୁଙ୍ଗୁରିପାଲି, ୨୬ା୧୧ (ଦୀନବନ୍ଧୁ ସୁନା)



ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିସ୍ଥିତ ଏସ୍‌ସି ଏସ୍‌ଟି ଷ୍ଟଲ ପରିସରରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ବାବାସାହେବ ଆମ୍ବେଡ଼କର ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ବ୍ଲକ ଅନୁସୂଚିତ ଜାତିକଲ୍ୟାଣ ସଂଘ ସଭାପତି ସୁରୁବାରୁ ନନ୍ଦଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାକୁ ଏସ୍‌ସି, ଏସ୍‌ଟି ସମନ୍ୱୟ ମିଳିତ ସଂଘ ସଭାପତି ଶ୍ୟାମସୁନ୍ଦର ଭୋଇ ପରିଚାଳନା କରିଥିଲେ। ମୁଖ୍ୟବକ୍ତାଭାବେ ଗଙ୍ଗାଧର ଖମାରୀ ଯୋଗଦେଇ ସମ୍ବିଧାନ ଭାରତୀୟମାନଙ୍କୁ ସମ୍ମାନ ଦେବାରେ ଏକ ମହତ୍ୱପୂର୍ଣ୍ଣ ସୁଯୋଗ ଦେଇଛି ବୋଲି କହିଥିଲେ। ବୀରେନ୍ଦ୍ର ଦଣ୍ଡସେନା, ସୁରୁ ଭୋଇ, ଲକ୍ଷ୍ମଣ ଭରାସାଗର, ଗରିବ ବାଗ, ନିତାଇ ପାଲ, ଭାଗିରଥି ବାଗ, ଦୀନବନ୍ଧୁ ସୁନା, ରାଜୁ ତାଣ୍ଡି, କଳାକାନୁ ମହାନନ୍ଦ, ସୁନାଧର ଭୋଇ, ଥବିର ମିର୍ଦ୍ଧା, କୁଶ ଝାଙ୍କର, ସତ୍ୟାନନ୍ଦ ସାହୁ, ପାତ୍ର ନାଗ, ଉଦ୍ଧବ ନାଏକ, ଗୋପୀନାଥ ନାଗ, ଶ୍ରୀଧର ଭରାସାଗର, ଡୁଙ୍ଗୁରିପାଲି ଏସ୍‌ସି, ଏସଟି ସମନ୍ୱୟ ମିଳିତ ସଂଘ ସଦସ୍ୟ ଉପସ୍ଥିତ ଥିଲେ। ପ୍ରକାଶ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ।

## ଭାରତର ମାର୍ଗଦର୍ଶକ ହେଉଛି ଆମ ସମ୍ବିଧାନ



ଅମରପାଲି ହାଇସ୍କୁଲରେ ସମ୍ବିଧାନ ଦିବସ ପାଳନ ସଭାରେ ଅତିଥିମାନେ।

ଅମରପାଲି,୨୬ା୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ ପାଳନ ହୋଇଯାଇଛି। ଅମରପାଲି ହାଇସ୍କୁଲରେ ଅନୁଷ୍ଠିତ ସମ୍ବିଧାନ ଦିବସ ପାଳନରେ ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ୟାମ ସୁନ୍ଦର ସେଠୀଙ୍କ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ଦେଶର ବରପୁତ୍ର, ସ୍ୱାଧୀନତା ସଂଗ୍ରାମୀ ଏବଂ ସମ୍ବିଧାନ ପ୍ରଣେତା ଡ.ଭୀମରାଓ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଉକ୍ତ ସମ୍ବିଧାନ ଦିବସ ପାଳନରେ ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ, ଶିକ୍ଷକ ପଦ୍ମନାଭ ପ୍ରଧାନ, ସମ୍ବିତ ପ୍ରଧାନ ଅତିଥିଭାବେ ଯୋଗଦେଇ ଭାରତର ସମ୍ବିଧାନ ଦେଶର ମାର୍ଗଦର୍ଶକ ବୋଲି ମତବ୍ୟକ୍ତ କରିଥିଲେ। ବ୍ରହ୍ମାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କହ୍ନେଇ ଚରଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନରେ ନଟବର ରଣା, ନଟିଆ ଚରଣ ସାହୁ, ଜଗନ୍ନାଥ ସାହୁ ସହଯୋଗ କରିଥିଲେ। ସେହିପରି ଅମରପାଲି ୟୁପି ସ୍କୁଲରେ ଅନୁଷ୍ଠିତ ସମ୍ବିଧାନ ଦିବସ ପାଳନ ଅବସରରେ ପ୍ରଧାନଶିକ୍ଷକ ଦୁଖିଶ୍ୟାମ ଭୋଇ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ପ୍ରାଣବନ୍ଧୁ ସାହୁ, ଯଦୁମଣି ବାଘ, ତାପକିରଣ ସାହୁ, ପ୍ରଦୀପ ଜଗଦଲା, ଶୁଭାଶିଷ ମିଶ୍ର, ରାଜୀବ ଦୀପ ପ୍ରମୁଖ ସମ୍ବିଧାନ ଦିବସ ଉପରେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ଆନନ୍ଦିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବୀରମହାରାଜପୁର ବାଳକ ଉଚ୍ଚ ବିଦ୍ୟାଳୟରେ ଦିବସ ପାଳନ ଅବସରରେ ଭାରତୀୟ ସମ୍ବିଧାନର ପ୍ରସ୍ତାବନା ଉପରେ ଆଲୋଚନା କରାଯାଇଥିଲା । ପରେ ପ୍ରଧାନଶିକ୍ଷକ ନିରଞ୍ଜନ ଦାଶଙ୍କ ପରାମର୍ଶକ୍ରମେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରମାନେ ଭାରତୀୟ ସମ୍ବିଧାନର ସୁରକ୍ଷା ନିମନ୍ତେ ଶପଥ ପାଠ କରିଥିଲେ । ବରିଷ୍ଠ ଶିକ୍ଷକ ବୈକୁଣ୍ଠ ନାୟକ ଶପଥ ପାଠ କରାଇଥିଲେ। ଶିକ୍ଷକ ପଞ୍ଚାନନ ମେହେର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସୁବର୍ଣ୍ଣପୁର ଜିଲା କୃଷକ ସଙ୍ଗଠନର ବିକ୍ଷୋଭ

ସୋନପୁର,୨୬ା୧୧(ମୃତ୍ୟୁଞ୍ଜୟ ଶତପଥୀ)


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୃଷକମାନେ ଗଣଧାରଣରେ ବସିଛନ୍ତି।

**୧ ତାରିଖରୁ ଧାନ ସଂଗ୍ରହ ପାଇଁ ଦାବି**

ସୁବର୍ଣ୍ଣପୁର ଜିଲା କୃଷକ ସଂଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ଦେଶବ୍ୟାପୀ କୃଷକ ପ୍ରତିବାଦ ଚେତାବନୀ ଅବସରରେ ଏହି ଗଣଧାରଣା ଓ ବିକ୍ଷୋଭ ଆୟୋଜିତ ହୋଇଥିଲା। ସଙ୍ଗଠନର ଜିଲା ସଭାପତି ବୈକୁଣ୍ଠନାଥ ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ ଆନ୍ଦୋଳନରେ ଜିଲାର ବିଭିନ୍ନ ଅଞ୍ଚଳରୁ ଚାଷୀ ନେତାମାନେ ଯୋଗଦାନ କରିଥିଲେ। ଚଳିତ ଧାନ ସଂଗ୍ରହରେ ସ୍ୱଚ୍ଛତା ଅବଲମ୍ବନ, ଧାନ ଅମଳ ଆରମ୍ଭ ହୋଇଥିବାରୁ ଡିସେମ୍ବର ୧୦ ବଦଳରେ ୧ ତାରିଖରୁ ଧାନ କିଣା ଆରମ୍ଭ କରିବା, ଚାଷୀ ମଣ୍ଡିକୁ ଧାନ ଆଣିଥିବା ବସ୍ତାକୁ ଗ୍ରହଣ କରାଯାଉ ନଚେତ ମିଲର୍ସ ଅଖାବସ୍ତା ଯୋଗାଇ ଦେବା, ଜିଲାରେ ନିଅଣ୍ଟିଆ ବର୍ଷା ଯୋଗୁ ଫସଲ ନଷ୍ଟ ହୋଇଥିବାରୁ ଶୀଘ୍ର କ୍ଷେତ୍ରୀୟ ତଦନ୍ତ କରି ଜିଲାକୁ ମରୁଡି ଘୋଷଣା ପାଇଁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଥିଲା। ବିକ୍ଷୋଭରେ କୃଷକ ସଙ୍ଗଠନର ପଦ୍ମଲୋଚନ ମିଶ୍ର, ଧରଣୀଧର ପାଢୀ, ମିତ୍ରବ୍ରତ ମିଶ୍ର, ପଞ୍ଚାନନ ଥନାପତି, ଭୋଳା ବର୍ମା, ଭବାନି ଶଙ୍କର ମିଶ୍ର, ନରୋତ୍ତମ ପ୍ରଧାନ, ମକୁନ୍ଦଦେବ ବିଶ୍ୱାଳ, ସୁଧୀର ପଣ୍ଡା, ପ୍ରଦୀପ ପୁରୋହିତ, ଗୋବିନ୍ଦ ମହାରଣା ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ପରେ ୧୦ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳ ଅନ୍ୟା ଦାସଙ୍କ ଜରିଆରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା।

# ଦୁର୍ଘଟଣା ପାଇଁ ସତର୍କ ରୁହ: ଜିଲାପାଳ

ବୌଦ୍ଧ,୨୬ା୧୧(ଅଜିତ କୁମାର ବାରିକ)


ବୈଠକରେ ଜିଲାପାଳ ଓ ଅନ୍ୟମାନେ।

**ସଡ଼କ ସୁରକ୍ଷା ସମିତି ବୈଠକ**

ବୌଦ୍ଧ ଜିଲା ସଡକ ସୁରକ୍ଷା ସମିତି ବୈଠକ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଦୁର୍ଘଟଣାପ୍ରବଣ ସ୍ଥାନଗୁଡିକୁ ଚିହ୍ନଟ କରି ସେଠାରେ ସୂଚନା ଫଳକ ଲଗାଇବା କାର୍ଯ୍ୟର ଅଗ୍ରଗତି ନେଇ ଜିଲାପାଳ ପଣ୍ଡା ସମୀକ୍ଷା କରିଥିଲେ। ପୂର୍ବାପେକ୍ଷା ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା କମ୍ ହୋଇଥିବାରୁ ବୈଠକରେ ସନ୍ତୋଷ ପ୍ରକାଶ ପାଇଥିଲା। ଏବେ ପିକ୍‌ନିକ ସମୟ ହୋଇଥିବା ବେଳେ ଆଗକୁ ଦୁର୍ଘଟଣା ନେଇ ଅଧିକ ସତର୍କ ରହିବାକୁ ଜିଲାପାଳ ପଣ୍ଡା ପରାମର୍ଶ ଦେଇଥିଲେ। ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ କଡରେ ରହିଥିବା ବିଦ୍ୟାଳୟ ଅଞ୍ଚଳଗୁଡିକୁ ଦୁର୍ଘଟଣା ମୁକ୍ତ ରଖିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ରାସ୍ତାକଡରେ ଥିବା ବିଦ୍ୟାଳୟଗୁଡିକୁ ଚିହ୍ନଟ କରି ରାସ୍ତାର ଉଭୟ ପାର୍ଶ୍ୱରେ ସୂଚନା ଫଳକ ଲଗାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଥାନା ଅଞ୍ଚଳରେ ଯାନବାହାନ ଯାଞ୍ଚକୁ ଅଧିକ କଡାକଡି କରାଯିବା, ପ୍ରତିଦିନ ହେଲମେଟ୍ ଓ ଫିଟନେଓ ଚେକିଂ, ବାଇକ୍‌ରେ ତିନିଜଣ ଯାତ୍ରୀ ଯାତ୍ରା କଲେ ସେମାନଙ୍କୁ ଧରାଯାଇ ଜରିମାନା ଓ ଲାଇସେନସ ରଦ୍ଦ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ରାସ୍ତା ଉପରେ ଗୃହ ନିର୍ମାଣ ସାମଗ୍ରୀ ଚାରି ଦିନରୁ ଅଧିକ ସମୟ ଜମା କରି ରଖାଗଲେ ଜରିମାନା ଆଦାୟ କରାଯିବା, ରାସ୍ତାକୁ ମାଡି ରହିଥିବା ଗଛଗୁଡିକର ଡାଳ କଟାଯାଇ ରାସ୍ତାକୁ ସଫା କରାଯିବା, ଟ୍ରାଫିକ୍ ଛକରେ ସିସି କ୍ୟାମେରା ସ୍ଥାପନ, ମଦ୍ୟପ ଗାଡି ଚାଳକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ତଥା ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଡିପିଏଚଓ ଡ. ମଦନ ମୋହନ ପ୍ରଧାନ, ଡିଏସପି ଏ.କେ.ଡୁଙ୍ଗ ଡୁଙ୍ଗ,ଆଞ୍ଚଳିକ ପରିବହନ ଅଧିକାରୀ ଶିଶିର କୁମାର ସାହୁ, ବୌଦ୍ଧ ଏନଏସି ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସଗୁ ନାଏକ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କୁନା ଚରଣ ସିଂହ, କନିଷ୍ଠ ଯନ୍ତ୍ରୀ ପଞ୍ଚାନନ ସାହୁ, ଜାତୀୟ ରାଜପଥ ବିଭାଗ କନିଷ୍ଠ ଯନ୍ତ୍ରୀ ଘାସିରାମ ସ୍ୱାଇଁ, ଟ୍ରାଫିକ ଇନ୍ସପେକ୍ଟର ଦେବାଶିଷ ନାୟକ, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହ ଓ ଟ୍ରକ ମାଲିକ ସଂଘ ସଭାପତି ଶିବ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ପଶ୍ଚିମ ଓଡ଼ିଶା ଯୁବାମଞ୍ଚର ଦାବି

ସୁନ୍ଦରଗଡ଼,୨୬।୧୧(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ଜିଲାକୁ ପ୍ରସ୍ତାବିତ ଉତ୍ତର ଓଡ଼ିଶା ବିକାଶ ପରିଷଦରେ ସାମିଲ ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବକୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି। ମଙ୍ଗଳବାର ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ସୁନ୍ଦରଗଡ଼ ଜିଲା ଶାଖାର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରି ଉତ୍ତର ଓଡ଼ିଶାରେ ସୁନ୍ଦରଗଡ଼କୁ ସାମିଲ କରିବା ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସୁନ୍ଦରଗଡ଼ ଜିଲା କୋଶଲାଞ୍ଚଳର(ପଶ୍ଚିମ ଓଡ଼ିଶା) ଲୋକଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଉଛି। ଏହା ଅଞ୍ଚଳ ପ୍ରତି ବୈମାତୃକ ମନୋଭାବକୁ ଇଙ୍ଗିତ କରିବା ସହ ଲୋକଙ୍କ ମନରେ ବିଦ୍ରୋହର ନିଆଁ ଲଗାଉଛି। ସୁନ୍ଦରଗଡ଼ ଜିଲାର ପରିଚୟ କୋଶଲାଞ୍ଚଳର ଏକ ଅଙ୍ଗ ଭାବେ କେବଳ ନୁହେଁ, ଏହା ଜିଲା ଐତିହ୍ୟ ଓ ସଂସ୍କୃତିର ଗୌରବ।


ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ସୁନ୍ଦରଗଡ଼ ଜିଲା ଶାଖାର ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କୁ ଦାବିପତ୍ର ଦେଉଛନ୍ତି।

ସୁନ୍ଦରଗଡ଼ ଓଡ଼ିଶାର ହକିର ଜନ୍ମଭୂମି ଭାବେ ଜଣାଶୁଣା, ଯାହାଠାରୁ ଭାରତୀୟ ହକି ଦଳର ପୂର୍ବ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତୀର୍କି ଓ ଅନ୍ୟାନ୍ୟ ପ୍ରସିଦ୍ଧ ଖେଳାଳି ଜନ୍ମ ଗ୍ରହଣ କରିଛନ୍ତି। ଏଥିସହ ସୁନ୍ଦରଗଡ଼ର ଅନେକ ସ୍ୱାଧୀନତା ସଂଗ୍ରାମୀ, କଳାକାର ଓ ସଂସ୍କୃତିପ୍ରେମୀଙ୍କ ଅବଦାନ ରାଜ୍ୟ ତଥା ଦେଶପାଇଁ ଉଦାହରଣ ରହିଛି। ଭାରତ ସ୍ୱାଧୀନତା ପରେ ରାଉରକେଲା ଇସ୍ପାତ କାରଖାନା ଓ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପଶ୍ଚିମ ଓଡ଼ିଶାର ଆର୍ଥିକ ଓ ଶିକ୍ଷାର ମୂଳ ଶକ୍ତିରେ ଯୋଗଦେବା ପରେ ବର୍ତ୍ତମାନ ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ଏକ ନୂତନ ଗୌରବମୟ ପରିଚୟ ବହନ କରୁଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧୀନରେ ସୁନ୍ଦରଗଡ଼ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସୁଛି। ଏହାକୁ ଅପସାରଣ କରି ଉତ୍ତର ଓଡ଼ିଶା ବିକାଶ ପରିଷଦରେ ସାମିଲ କରିବା ନିଷ୍ପତ୍ତି କୋଶଳାଞ୍ଚଳ ପ୍ରତି ଅସନ୍ତୁଷ୍ଟ ଓ ଅପରିବର୍ତ୍ତନୀୟ ଫଳାଫଳ ଆଣିପାରେ। ସରକାର ନିଷ୍ପତ୍ତି ପ୍ରତ୍ୟାହାର ନ କଲେ ବିରୋଧ ପ୍ରଦର୍ଶନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସାରା ପଶ୍ଚିମ ଓଡ଼ିଶାରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ। ରାଜରାସ୍ତାରେ ନିଆଁ ଜଳିବ। ନିଷ୍ପତ୍ତି ବଦଳାଇ ସୁନ୍ଦରଗଡ଼ର ଆବଶ୍ୟକତା ଓ ପାରମ୍ପରିକ ଗୌରବକୁ ସ୍ୱୀକାର କରନ୍ତୁ। ପଶ୍ଚିମ ଓଡ଼ିଶା ଓ ସୁନ୍ଦରଗଡ଼ର ସମ୍ପୃକ୍ତିକୁ ସୁନିଶ୍ଚିତ କରନ୍ତୁ ବୋଲି ଦାବି ପତ୍ରରେ ଦର୍ଶାଇଛନ୍ତି।

**ସୁନ୍ଦରଗଡ଼ ଜିଲାକୁ ଉତ୍ତର ଓଡ଼ିଶା ବିକାଶ ପରିଷଦରେ ସାମିଲ ପ୍ରସଙ୍ଗ**

## ଡ୍ରାଇଭର ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର


ମୁଖ୍ୟମନ୍ତ୍ରୀଙ୍କ ସହିତ ଡ୍ରାଇଭର ମହାସଂଘ କର୍ମକର୍ତ୍ତା।

ସୁନ୍ଦରଗଡ଼/ବଡ଼ଗାଁ,୨୬।୧୧
(ଜୟନାରାୟଣ ମେଣ୍ଟୁଲୀ/ଅଶୋକ ଷଡ଼ଙ୍ଗୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁନ୍ଦରଗଡ଼ ଗସ୍ତ ବେଳେ ୮ଟି ଦାବିକୁ ନେଇ ଜିଲା ଡ୍ରାଇଭର ମହାସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ସଂସ୍କୃତିଭବନଠାରେ ଜିଲା ସଂଘର କର୍ମକର୍ତ୍ତା ଭୀଷ୍ମ ରଞ୍ଜନ ମହାନ୍ତ, ହରିଓମ୍ କେଶରୀ, ମନୋଜ ଏକ୍କା, ଛଟୁ ଭାଇ, ଦିଲୀପ ବାରିକ, ତୁଲାରାମ ଦାସ, ଚିନ୍ତା ରାଉତଙ୍କ ସହିତ ବିଭିନ୍ନ ବ୍ଲକର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଥିଲେ। କଳ କାରଖାନା, ଖଣି ଖାଦାନ, ଠିକାଦାରଙ୍କ ପରିବହନ କାମରେ ନିଯୁକ୍ତି, ବୃତ୍ତିଗତ ଡ୍ରାଇଭରଙ୍କୁ ଆବାସ ଯୋଜନାରେ ସାମିଲ, ସେପ୍ଟେମ୍ବର ୧ ତାରିଖକୁ ଡ୍ରାଇଭର ଦିବସ ଘୋଷଣା, ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ ଆଦି ୮ଟି ଦାବି ଉପରେ ସଂଘ ପକ୍ଷରୁ ଦାବି ହୋଇଆସୁଛି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ଲହୁଣୀପଡା,୨୬।୧୧(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ତାରିଣୀ ମନ୍ଦିର ନିକଟରେ ମଙ୍ଗଳବାର ରାତିରେ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆଶିଷ କୁମାର ବେହେରା। ସୂଚନାରୁ ପ୍ରକାଶ, ଲହୁଣୀପଡା ଲ୍ୟାମ୍ପସରେ ଡିଏଓ ଭାବେ ଆଶିଷ କାମ କରନ୍ତି। ରାତି ପ୍ରାୟ ସାଢ଼େ ୮ ବେଳେ ବାଇକ ଯୋଗେ ନିଜ ଘର ବଣେଇ ଥାନା ଅନ୍ତର୍ଗତ ଝାରବେଡାକୁ ଯାଉଥିଲେ। ତାରିଣୀ ମନ୍ଦିର ନିକଟରେ ରାସ୍ତା ମରାମତି ହେଉଥିବାରୁ ସତର୍କ ସୂଚନା ବୋର୍ଡ ଦିଆଯାଇଥିଲା। ଉକ୍ତ ବୋର୍ଡରେ ଧକ୍କା ହେବାରୁ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଲହୁଣୀପଡା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଗାଡ଼ି ଧକ୍କାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

**ଲହୁଣୀପଡା,୨୬।୧୧(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର ଜାମୁଡ଼ିହି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ରାସ୍ତା କଡରେ ଭୋର ପ୍ରାୟ ୪ରୁ ୫ଟା ସମୟରେ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଖବରଲେଖା ହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରିନାହିଁ। ବୟସ ୫୦ରୁ ୫୫ ହେବ ବୋଲି ପୋଲିସ ଅନୁମାନ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି। ବ୍ୟକ୍ତି ଜଣଙ୍କ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ତାଙ୍କୁ ଏକ ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିବା ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ। କେ. ବଲାଙ୍ଗ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଗୋଷ୍ଠୀ ଶିକ୍ଷା ପରିବାରର ଅଭିନବ କାର୍ଯ୍ୟକ୍ରମ ଏଡ୍ୟୁସ୍ ଉଦ୍‌ଯାପିତ

**ସରଣ୍ଡା,୨୬।୧୧(ଯୁଧିଷ୍ଠିର ମହାପାତ୍ର):** ଅତାବିରା ବ୍ଲକ ଗୋଡ଼ଭଗା ସରକାରୀ ଜନତା ଉଚ୍ଚ ବିଦ୍ୟାଳୟଠାରେ ଚଳିତ ଶିକ୍ଷାବର୍ଷ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରମାନଙ୍କୁ ଆଗାମୀ ବୋର୍ଡ ପରୀକ୍ଷାରେ ଏ-ୱାନ୍ ହାସଲ ପାଇଁ ଦିଗ୍‌ଦର୍ଶନ ଦେବା ପାଇଁ ଏକ ନୂତନ ପ୍ରୟାସ ଏଡ୍ୟୁସ୍ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏବିଇଓ କାର୍ତ୍ତିକ ବାଗ, ପ୍ରଧାନ ଶିକ୍ଷକ ଅଦନ ସୁନା, ପ୍ରଧାନ ଶିକ୍ଷକ ମନୋଜ ହରିପାଲ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିନ ସନ୍ଧ୍ୟା ଅଧିବେଶନରେ ଡିଇଓ ରାଧାକାନ୍ତ ଛତ୍ରୀ, ଜିଲା ବିଜ୍ଞାନ ନିରୀକ୍ଷକ ଧୀରଜ ପଟ୍ଟନାୟକ, ଝାରବନ୍ଧ ବିଇଓ ଶୁଭମ୍ ପତି ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କ ସହ ଭାବ ଆଦାନପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସ ଅଧିବେଶନରେ ପିଲାମାନଙ୍କୁ ନେହେରୁ ପାର୍କ ପରିଭ୍ରମଣରେ ନିଆଯାଇଥିଲା। ବକ୍ତା ସମ୍ମିତ କୁମାର ପଣ୍ଡା ଯୋଗଦାନ କରି ପିଲାମାନଙ୍କୁ ଅନୁପ୍ରେରିତ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତଥା ସିଆରସିସି ସହଯୋଗ କରିଥିଲେ।

# କ୍ରାଇଟେରିଆ ଅଧ୍ୟାପକ, କର୍ମଚାରୀ ସଂଘ ବୈଠକ


ବୈଠକରେ ଅଧ୍ୟାପକ, କର୍ମଚାରୀ ସଂଘ କର୍ମକର୍ତ୍ତା।

ସୁନ୍ଦରଗଡ,୨୬।୧୧(ଜୟ ନାରାୟଣ ମେଣ୍ଟୁଲି)

ସ୍ଥାନୀୟ ରାମ୍‌ଜୀ ମନ୍ଦିରରେ ୩୯୧ ବ୍ଲକ କ୍ରାଇଟେରିଆ ଅଧ୍ୟାପକ ଓ କର୍ମଚାରୀ ସଂଘ ସୁନ୍ଦରଗଡ଼ ଜିଲା ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଆବାହକ ଆତ୍ମାରାମ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଂଘ କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ବଲ୍ଲଭ ସାମନ୍ତ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ଯୋଗଦେଇଥିଲେ। ଜିଲାର ୧୭ଟି ବ୍ଲକ କ୍ରାଇଟେରିଆ କଲେଜରୁ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଏହି ବୈଠକରେ ଯୋଗଦେଇଥିଲେ। ୧୯୯୪ ଅନୁଦାନ ଆଦେଶନାମା ଅନୁଯାୟୀ ରାଜ୍ୟର ସମସ୍ତ ୩୯୧ଟି ବ୍ଲକ କ୍ରାଇଟେରିଆ କଲେଜ ରିପିଲ ଅର୍ଡର ପୂର୍ବରୁ ପ୍ରତ୍ୟକ୍ଷ ଅନୁଦାନ ପାଇବା ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ସରକାରୀ ସ୍ତରରେ ଉପେକ୍ଷା କରାଯାଇଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ରାଜ୍ୟର ସମସ୍ତ ବ୍ଲକ କ୍ରାଇଟେରିଆ କଲେଜକୁ ଅନୁଦାନ ଦେବାପାଇଁ ୨୦୨୨ରେ ଉଚ୍ଚଶିକ୍ଷା ବିଭାଗ ଅର୍ଥ ବିଭାଗର ମଞ୍ଜୁରୀ ପାଇଁ ଏକ ବିଧିବଦ୍ଧ ପଠାଇଥିଲେ। କିନ୍ତୁ ଦୁର୍ଭାଗ୍ୟର ବିଷୟ ପୂର୍ବ ସରକାର ଅମଳରେ ଅର୍ଥ ବିଭାଗ ଏହି ଫାଇଲଟିକୁ ଭଲ ଭାବେ ତର୍ଜମା ନ କରି ଉଚ୍ଚଶିକ୍ଷା ବିଭାଗକୁ ଫେରାଇ ଦେଇଥିଲେ। ପ୍ରକାଶଥାଉ କି, ରାଜ୍ୟର ଆଦିବାସୀ ଅଧ୍ୟୁଷିତ ତଥା ପଛୁଆ ଅଞ୍ଚଳରେ ଏହି ବ୍ଲକ କ୍ରାଇଟେରିଆ କଲେଜ ଗୁଡ଼ିକ ସ୍ଥାପିତ ହୋଇ ଦୀର୍ଘ ୩୦ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଶିକ୍ଷାଦାନ କରିଆସୁଛି ; ଯାହାକି ଉଚ୍ଚଶିକ୍ଷା ବିଭାଗର ଶତକଡା ୭୦ଭାଗ ଶିକ୍ଷାଦାନର ଦାୟିତ୍ୱ ଏହି କଲେଜଗୁଡିକରେ କାର୍ଯ୍ୟରତ ଅଧ୍ୟାପକ ଓ କର୍ମଚାରୀମାନେ ନିର୍ବାହ କରିଥାନ୍ତି। ବୈଠକରେ ଉପସ୍ଥିତ ସଭ୍ୟାସଭ୍ୟଙ୍କ ଅବଗତି ନିମନ୍ତେ ସଂଘର କାର୍ଯ୍ୟକାରୀ ସଭାପତି ସାମନ୍ତ ଜଣାଇଥିଲେ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଆଇନମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ସଂଘର ନେତୃମଣ୍ଡଳୀ ସାକ୍ଷାତ କରି ୩୯୧ ବ୍ଲକ କ୍ରାଇଟେରିଆ କଲେଜ ସପକ୍ଷରେ ଉଚ୍ଚଶିକ୍ଷା ବିଭାଗ ଦେଇଥିବା ପ୍ରସ୍ତାବକୁ ଅର୍ଥ ମଞ୍ଜୁର କରିବା ପାଇଁ ନିବେଦନ କରାଯାଇଛି। ଉକ୍ତ ପ୍ରସ୍ତାବକୁ ଅର୍ଥ ବିଭାଗର ପୁନର୍ବିଚାର ପାଇଁ ପଠାଯାଇଛି ବୋଲି ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରକାଶ କରିଛନ୍ତି। ରାଜ୍ୟର ସମସ୍ତ ୩୯୧ ବ୍ଲକ କ୍ରାଇଟେରିଆ କଲେଜକୁ ପ୍ରତ୍ୟକ୍ଷ ଅନୁଦାନ ପ୍ରଦାନ ପାଇଁ ରାଜ୍ୟ ସରକାର ଯଥାଶୀଘ୍ର ପଦକ୍ଷେପ ନେବାକୁ ବୈଠକରେ ଦାବି ହୋଇଥିଲା। ଏହି ବୈଠକରେ ଦିଲୀପ କୁମାର ଦେଓ, କିଶୋର ଚନ୍ଦ୍ର ରାଉତ, ଗୁଣମଣି ପଟେଲ, ପ୍ରକାଶ ଚନ୍ଦ୍ର ସାହୁ, ହେମରାମ ପଟେଲ, କଳ୍ପନା ଯୋଶୀ, ଚନ୍ଦନ କୁମାର ଜେନା, ସୁଦାମ ଚରଣ ନାଏକ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ହିମାଂଶୁ ଭୈଷାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଖେଳଣା ନୋଟ୍ ଦେଇ ମୋବାଇଲ ଲୁଟ୍, ଅଭିଯୁକ୍ତ ଗିରଫ

**ବରଗଡ଼, ୨୬।୧୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା କେଦାରନାଥ ମନ୍ଦିର ନିକଟରେ ସୋମବାର ଜଣେ କୋରିୟର ଡେଲିଭରି ବୟଙ୍କୁ ଖେଳଣା ନୋଟ୍ ଦେଇ ମୋବାଇଲ ଲୁଟ୍ ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅଜୟ ସିଂ। ପୋଲିସ ଏକ ମାମଲା (ନଂ.୨୨୮/୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନା ମୁତାବକ, କୋରିୟର ଡେଲିଭରି ବୟ ଅରବିନ୍ଦ ଜାମଡୋଲିଆ ଏକ ମୋବାଇଲ ପାର୍ସଲ ଦେବାକୁ ଆସିଥିଲେ। ସେଠାରେ ଅରବିନ୍ଦ ଅନ୍‌ଲାଇନ ଅର୍ଡରରେ ମୋବାଇଲ ମଗାଇଥିବା ଅଜୟଙ୍କୁ ମୋବାଇଲ ରହିଥିବା ପ୍ୟାକେଟ୍ ଦେଇଥିଲେ। ଅଜୟ ପ୍ୟାକେଟ୍‌ରୁ ମୋବାଇଲ ବାହାର କରି ହଠାତ ଖେଳଣା ନୋଟ୍‌ର ଏକ ବଣ୍ଡଲ୍ ଅରବିନ୍ଦଙ୍କୁ ଧରାଇ ଅମ୍ବାଭୋନା ମନ୍ଦିର ପଛ ପଟକୁ ପଳାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ଅମ୍ବାଭୋନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ରାଜନୀତି ବିଜ୍ଞାନ ପାଠଚକ୍ର

**ପଦ୍ମପୁର,୨୬।୧୧(ପ୍ରଦୀପ୍ତ ଦାଶ):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ବିରଞ୍ଚି ସାହୁଙ୍କ ସଭାପତିତ୍ୱରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏକ ପାଠଚକ୍ର ଆୟୋଜିତ ହୋଇଥିଲା। 'ଭାରତ ସମ୍ବିଧାନ: ଏକ ବିଶ୍ଳେଷଣ' ପାଠଚକ୍ରର ଶୀର୍ଷକରେ ଯୁକ୍ତ ୩ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରୀ ସେମାନଙ୍କ ନିବନ୍ଧ ଉପସ୍ଥାପନ କରିଥିଲେ। ବିଭାଗୀୟ ମୁଖ୍ୟ ଶର୍ମିଳା ପଣ୍ଡା ସମ୍ବିଧାନ ଦିବସର ମହତ୍ତ୍ୱ ଓ ସମ୍ବିଧାନର ଗୁରୁତ୍ୱବିଷୟରେବକ୍ତବ୍ୟପ୍ରଦାନକରିଥିଲେ।

# ଗଞ୍ଜେଇ ଚାଲାଣ: ଅଭିଯୁକ୍ତ ଗିରଫ

ସୁନ୍ଦରଗଡ,୨୬।୧୧(ଜୟ ନାରାୟଣ ମେଣ୍ଟୁଲି)

**ଆଲୁମିନିୟମ ବୋଝେଇ ଟ୍ରକରେ ହେଉଥିଲା ଚାଲାଣ**

ଓଡ଼ିଶାରୁ ଉତ୍ତର ପ୍ରଦେଶର ମଥୁରାକୁ ଚୋରା ଚାଲାଣ ହେଉଥିବା ୫୦ଲକ୍ଷ ଟଙ୍କା ମୂଲ୍ୟର ଗଞ୍ଜେଇ ସୁନ୍ଦରଗଡ ଟାଉନଥାନା ପୋଲିସ ଜବତ କରିଛି। ଏକ ଆଲୁମିନିୟମ ବୋଝେଇ ଟ୍ରକ ଯୋଗେ ଅଭିନବ ଉପାୟରେ ଏହି ଗଞ୍ଜେଇ ଚୋରା ଚାଲାଣ ହେଉଥିଲା। ପୋଲିସ ଏହି ଘଟଣାରେ ଟ୍ରକ ଡ୍ରାଇଭରଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଅନୁଗୁଳ ଜିଲା ଠାକୁରଗଡ ଥାନା ଅନ୍ତର୍ଗତ ଘୋଡାବାନ୍ଧୁଣୀ ଗ୍ରାମର ନିରଞ୍ଜନ ପ୍ରଧାନ(୪୦)। ଟାଉନଥାନାରେ କେଶ ନଂ. ୩୮୭/୨୦୨୪, ଏନଡିପିଏସ ଆକ୍ଟର ୨୦(ବି)ରେ ମାମଲା ରୁଜୁ ହୋଇଛି। ଜବତ ଗଞ୍ଜେଇର ପରିମାଣ ୫ କୁଇଣ୍ଟାଲ ୪୭ କେଜି ୧୫୦ ଗ୍ରାମ ହେବ ବୋଲି ସୁନ୍ଦରଗଡ଼ ପୋଲିସ ଜିଲା ମୁଖ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରତ୍ୟୁଷ ଦିବାକର ଏହି ସୂଚନା ଦେଇଛନ୍ତି। ସୂଚନାଅନୁଯାୟୀ, ଝାରସୁଗୁଡା ପଟୁ ସୁନ୍ଦରଗଡ଼ ଆଡକୁ ଏହି ଗଞ୍ଜେଇ ଆସୁଥିବା ଖବର ପାଇ ଟାଉନଥାନା ପୋଲିସ ସୋମବାର ଅପରାହ୍ନରେ ଲୁହୁରାଡ଼ିପା ଓଭରବ୍ରିଜ ନିକଟରେ ଟ୍ରକକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଆଲୁମିନିୟମ ତାର ତଳେ ୨୦ଟି ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା। ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ସହ ଟ୍ରକକୁ ଜବତ କରି ଥାନାକୁ ଆଣି ଚାଳକଙ୍କୁ ପଚରାଉଚୁରା କରିଥିଲା। ଟ୍ରକଟି ଅନୁଗୁଳ ନାଲକୋରୁ ଗତ ୨୪/୨୫ରାତିରେ ଆଲୁମିନିୟମ ତାର ବୋଝେଇ କରି ଭାୟା ସମ୍ବଲପୁର ଦେଇ ରାଜସ୍ଥାନର ବିହାବନ୍ଦିକୁ ଯାଉଥିଲା। ରାସ୍ତାରେ ଅନୁଗୁଳ ଠାକୁରଗଡ ଥାନା ଅଧୀନ ସାନହୁଲା ଠାରୁ ଏହି ଗଞ୍ଜେଇ ବୋଝେଇ କରି ଡ୍ରାଇଭର ଚୋରା ଚାଲାଣ କରୁଥିଲେ।

# ସରକାରୀ ମହିଳା କଲେଜରେ ଜାତୀୟ ସମ୍ବିଧାନ ଦିବସ



ସୁନ୍ଦରଗଡ଼,୨୬।୧୧(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଇନ୍ଦିରା ଗଡନାୟକଆୟୋଜିତସଭାରେସଭିପତିତ୍ୱ କରି ସମ୍ବିଧାନର ପ୍ରସ୍ତାବନା,ଉଦ୍ଦେଶ୍ୟ, ପ୍ରକୃତି ଓ ଉପଯୋଗୀ ସମ୍ବନ୍ଧରେ ଛାତ୍ରୀଙ୍କୁ ବୁଝାଇଥିଲେ। ଏହି ଦିବସ ଉପଲକ୍ଷେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀମାନେ ବହୁ ସଂଖ୍ୟାରେ ଅଂଶ ଗ୍ରହଣ କରି ଶପଥ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଙ୍କ ମଧ୍ୟରେ ସେମିନାର, କୁଇଜ, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହାପରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ପ୍ରଫେସର ସଞ୍ଜିତା ଅଭିଜିତା ଓ ପ୍ରଧାପିକା ସଲିଲା କୁଜୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ଦ୍ୱାରିକା ନାଥଙ୍କ ନାମରେ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ନାମିତ ହେଉ

ସୁନ୍ଦରଗଡ଼,୨୬।୧୧
(ଜୟ ନାରାୟଣ ମେଣ୍ଟୁଲି)

ସ୍ୱାଧୀନତା ସଂଗ୍ରାମୀ, ସୁନ୍ଦରଗଡ ମାଟିର ଗର୍ବ, ସଦର ବିଧାନସଭା ଆସନର ପ୍ରଥମ ବିଧାୟକ ଦ୍ୱାରିକା ନାଥ କୁସୁମଙ୍କ ନାମରେ ସୁନ୍ଦରଗଡ଼ ମେଡିକାଲ କଲେଜକୁ ନାମିତ କରାଯିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜିଲା ଲକ୍ଷେ ଘର ସମାଜ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସୁନ୍ଦରଗଡ ଗସ୍ତ ଅବସରରେ ଜିଲା ଲକ୍ଷେଘର ସମାଜ ତରଫରୁ ଜିଲା କାର୍ଯ୍ୟକାରୀ ସଭାପତି ଲବଣୀ ଧର ବାଗ, ସୁନ୍ଦରଗଡ ନଗର ସଭାପତି ସୁନିଲ ମହାନନ୍ଦିଆ, କାର୍ଯ୍ୟକାରୀ ସଭାପତି କାଳୋ ସିଂ, ଉପସଭାପତି ମୋନୁ ତନ୍ତୀ, ଶରତ ମହାନନ୍ଦିଆଙ୍କ ସହିତ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ଦାବିପତ୍ର ଦେଇଥିଲେ।

# ଭୁଶୁଡ଼ିଲା ଡାଲମିଆ ସିମେଣ୍ଟର କନ୍‌ଭେୟର ବେଲ୍ଟ


କନ୍‌ଭେୟର ବେଲ୍ଟ ଭୁଶୁଡ଼ି ରାସ୍ତା ଜାମ୍ ହୋଇଛି।

ରାଜଗାଙ୍ଗପୁର,୨୬।୧୧(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ ଥିବା ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ୍‌ର କନ୍‌ଭେୟର ବେଲ୍ଟ ମଙ୍ଗଳବାର ଭୁଶୁଡ଼ି ପଡ଼ିଛି। ଏଥିରେ କାହାରି ଧନ ଜୀବନ ହାନି ହୋଇ ନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସହରର ମାଟି ଗେଟ ଓ ଆଟି କଲୋନି ମଝିରେ ଥିବା କନ୍‌ଭେୟର ବେଲ୍ଟ ଯାହା ଡାଲମିଆ ସିମେଣ୍ଟର ୟୁନିଟ ୧ ଓ ୟୁନିଟ ୨କୁ ସଂଯୁକ୍ତ ରହିଥିଲା। ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟା ୫୦ ମିନିଟ୍‌ରେ ହଠାତ୍ ଏହା ଭୁଶୁଡ଼ି ପଡ଼ିଥିଲା। ଫଳରେ ରାସ୍ତା ଅବରୋଧ ହୋଇଥିଲା। ଫ୍ୟାକ୍ଟ୍ରି ଓ ବଏଲର ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଖବର ଲେଖାହେବା ସୁଦ୍ଧା ରାସ୍ତା ଅବରୋଧ ଜାରି ରହିଛି।

# ବିରବିରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ବିଧାନ ଦିବସ

ସୁନ୍ଦରଗଡ଼,୨୬।୧୧(ଜୟ ନାରାୟଣ ମେଣ୍ଟୁଲି)



ସମ୍ବିଧାନ ଦିବସ ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ କରୁଛନ୍ତି।

ସାବିତ୍ରୀ ଗୋପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିରବିରାରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସାବିତ୍ରୀ ଗୋପାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିରବିରା ଓ ନେହେରୁ ଯୁବ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏହା ପାଳିତ ହୋଇଥିଲା। ଅଧ୍ୟକ୍ଷା ଦମୟନ୍ତୀ ଷଣ୍ଢଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ନେହେରୁ ଯୁବକେନ୍ଦ୍ର ସଙ୍ଗଠନର ପୂର୍ବତନ ଡାଇରେକ୍ଟର ନବୀନ କୁମାର ନାଏକ ଯୋଗଦେଇ ଅମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସମ୍ବିଧାନର ଦାୟିତ୍ୱ ବୋଧତା ଓ ନୀତି ପାଳନ କରିବା ପାଇଁ ଶପଥ ପାଠ କରାଇଥିଲେ। ସମ୍ମାନିତ ଅତିଥି ପରମେଶର ବରିହା ଛାତ୍ରୀଛାତ୍ରଙ୍କୁ ସମ୍ବିଧାନ ବଷୟରେ ଦିଗ ଦର୍ଶନ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ରାଜନୀତି ଅଧ୍ୟାପିକା ଶାନ୍ତିପ୍ରଭା ସାଏ ସମ୍ବିଧାନ ପ୍ରସ୍ତୁତି ଓ ମହତ୍ତ୍ୱ ବିଷୟରେ କହିଥିଲେ। ସମସ୍ତ ଛାତ୍ରୀଛାତ୍ର ଏକ ରାଲି ମାଧ୍ୟମରେ ଗ୍ରାମକୁ ପରିଭ୍ରମଣ କରି ସମ୍ବିଧାନ ମହତ୍ତ୍ୱକୁ ସ୍ଲୋଗାନ ମାଧ୍ୟମରେ ଲୋକଙ୍କ ପାଖକୁ ପହଞ୍ଚାଇଥିଲେ। ଏଥିସହ ସମ୍ବିଧାନ ଉପରେ ଏକ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସରକାରଙ୍କ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅଧୀନରେ ବୃକ୍ଷରୋପଣ କରିବା ପାଇଁ ତାଙ୍କୁ ସଯୋଗ ଦିଆଯାଇଥିଲା। ଉକ୍ତ କାର୍ଯ୍ୟ କ୍ରମରେ ବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉଦ୍ଧବ ମହନ୍ତ, କରୁଣାକର ପ୍ରଧାନ, ଆଶିଶ ମିଞ୍ଜ, ବୈଜୟନ୍ତୀ ଷଣ୍ଢ, ଶିବଶଙ୍କର ପଟେଲ, ଦିପକ ପଟେଲ, ଅରବିନ୍ଦ ଶେଖରଦେଓ, ପ୍ରମୋଦ ନାଏକ, ରୋହିତ ଧୁରୁଆ ସହିତ ନେହେରୁ ଯୁବ କେନ୍ଦ୍ରର ମଞ୍ଜିତ ଡୁଙ୍ଗଡୁଙ୍ଗ ଓ ଗଣ ମାଧ୍ୟମ ପ୍ରତିନିଧି ଆଲୋକ ବେହେରା ପ୍ରମୁଖ ସମ୍ବିଧାନ ଦିବସପାଳନ ସମାରୋହରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ମତୁଆଲି ନାଳରୁ ଯୁବକଙ୍କ ମୃତଦେହ ଜବତ

ଦେବଗଡ଼,୨୬।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଥାନା ଅନ୍ତର୍ଗତ ଟୁସୁଲା ଗ୍ରାମ ଦେଇଯାଇଥିବା ମତୁଆଲି ନାଳରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଟୁସୁଲାର ସୋନୁ ମୁଣ୍ଡା (୪୦)। ମିଳିଥିବା ସୂଚନା ଅନୁଯାୟୀ ସୋନୁ ସୋମବାର ସନ୍ଧ୍ୟାରେ ଶୌଚ ପାଇଁ ମତୁଆଲି ନାଳକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ରାତ୍ରିରେ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ମଙ୍ଗଳବାର ସକାଳେ ସୋନୁଙ୍କ ମୃତଦେହ ମତୁଆଲି ନାଳରେ ଭାସୁଥିବା କେତେକ ଲୋକ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ସେହିପରି ସୋନୁଙ୍କ ସ୍ତ୍ରୀ ଗୋଲାପ ମୁଣ୍ଡା ଏ ନେଇ ଦେବଗଡ ଆଦର୍ଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ପରିବାର ଲୋକଙ୍କ ଉପସ୍ଥିତିରେ ନାଳରୁ ମୃତଦେହ ବାହାର କରି ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଏସ୍‌ଡିଏର ୩୦ ଦୋକାନରେ ଚାଲିଲା ବୁଲ୍‌ଡୋଜର



ମୁଦିପଡା ନିକଟରେ ଏସ୍‌ଡିଏର ଦୋକାନ ଘର ଭଙ୍ଗା ଯାଉଛି।

ସମ୍ବଲପୁର,୨୬।୧୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସହର ମୁଦିପଡ଼ାସ୍ଥିତ ଏସ୍‌ଡିଏର ୩୦ବର୍ଷ ପୁରୁଣା ଅସୁରକ୍ଷିତ ମାର୍କେଟ କମ୍ପ୍ଲେକ୍ସ ଭଙ୍ଗା କାମ ମଙ୍ଗଳବାର ମଧ ଜାରି ରହିଥିଲା। ୨୦୧୭ ମସିହାରୁ ପୂର୍ତ୍ତ ବିଭାଗ ପକ୍ଷରୁ ଏହାକୁ ଅସୁରକ୍ଷିତ ଘୋଷଣା କରାଯାଇଥିଲା। ଏହା ସତ୍ତ୍ୱେ ତାକୁ ଭଙ୍ଗା ଯାଇ ନ ଥିଲା। ଏସ୍‌ଡିଏ ଉପାଧ୍ୟକ୍ଷଙ୍କ ନିର୍ଦ୍ଦେଶ ଅନୁସାରେ ଏହାକୁ ଭଙ୍ଗାଯାଉଥିବା ସଚିବ ଅଜୟ ତିୱାରି ସୂଚନା ଦେଇଛନ୍ତି। ସମ୍ବଲପୁର ମହାନଗର ନିଗମ ପ୍ରବର୍ତ୍ତନ ଅଧିକାରୀ ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ଗଠିତ ଟିମ୍ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ୩୦ରୁ ଉର୍ଦ୍ଧ୍ୱ ଦୋକାନ ଭାଙ୍ଗି ସାରିଛି।

ସୂଚନାଯୋଗ୍ୟ ଯେ, ୧.୧୫ ଏକର ଜମିରେ ପ୍ରାୟ ୩୦ ବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିବା ଏହି ମାର୍କେଟ କମ୍ପ୍ଲେକ୍ସରେ ୪୮ ଦୋକାନ ରହିଥିଲା। କେତେକ ଦୋକାନ ବ୍ୟବହୃତ ହେଉଥିବା ବେଳେ ଅନ୍ୟ କେତୋଟି ରକ୍ଷଣାବେକ୍ଷଣ ଅଭାବରୁ ବ୍ୟବହାର ଉପଯୋଗୀ ନଥିବାରୁ ତାଲା ଝୁଲୁଥିଲା। ଏହାର ଫାଇଦା ଉଠାଇ ଅସମାଜିକ ଲୋକ ସେଠାରେ ଆପରାଧିକ କାର୍ଯ୍ୟକଳାପ ଚାଲୁ ରଖିଥିଲେ।।୭ ବର୍ଷ ପୂର୍ବରୁ ପୂର୍ତ୍ତ ବିଭାଗର ପ୍ରତିନିଧି ଦଳ ଏହାକୁ ଅନୁଧ୍ୟାନ କରି ଅସୁରକ୍ଷିତ ବୋଲି ରିପୋର୍ଟ ଦେଇଥିଲେ। କିଛି ଦିନ ପୂର୍ବରୁ ଏହି ଦୋକାନୀମାନଙ୍କୁ ଛାଡ଼ି ଦେବା ପାଇଁ ଏସ୍‌ଡିଏ ପକ୍ଷରୁ ନୋଟିସ୍ କରାଯାଇଥିଲା। ଏଥିପାଇଁ ସେମାନଙ୍କ ଠାରୁ ଭଡ଼ା ମଧ୍ୟ ନିଆଯାଉ ନ ଥିଲା । ପୂର୍ବ ଘୋଷଣା ଅନୁସାରେ ପ୍ରବର୍ତ୍ତନ ଟିମ ପକ୍ଷରୁ ଦୁଇ ଦିନରେ ୩୦ରୁ ଉର୍ଦ୍ଧ୍ୱ ଦୋକାନ ଭଙ୍ଗା ଯାଇଥିଲା। ଏଠାରେ ଏସ୍‌ଡିଏ ପକ୍ଷରୁ ବ୍ୟବସାୟିକ ଅନୁଷ୍ଠାନର ନିର୍ମାଣ କରାଯିବା ପାଇଁ ଯୋଜନା କରାଯାଉଛି। ଏଥିପାଇଁ ଏସ୍‌ଡିଏ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଉଛି। ସମ୍ବଲପୁରର ମୁଖ୍ୟ ରାସ୍ତା ଉପରେ ଏସ୍‌ଡିଏର ଏହି ମୂଲ୍ୟବାନ ଜମି ରହିଛି। ତେବେ କିଛି ବର୍ଷ ପୂର୍ବେ ଏଠାରେ ଏକ ବହୁମୁଖୀ ପ୍ରେକ୍ଷାଳୟ ନିର୍ମାଣ କାମ ଆରମ୍ଭ ହୋଇ ଅଧାରେ ଅଟକି ଯାଇଥିଲା। ତେବେ ଆଗକୁ ଏଠାରେ ବହୁତଳ ବିଶିଷ୍ଟ ବ୍ୟବସାୟିକ କୋଠା ନିର୍ମାଣ ନେଇ ଯୋଜନା କରାଯାଉଛି।

**୨୦୧୭ ମସିହାରୁ ପୂର୍ତ୍ତ ବିଭାଗ ପକ୍ଷରୁ ଅସୁରକ୍ଷିତ ଘୋଷିତ ହୋଇଥିଲା**

## ଜିଲା ପ୍ରତିଷ୍ଠା ଦିବସ, ଦୁଲଦୁଲି ପାଇଁ ଭୂମିପୂଜନ କାର୍ଯ୍ୟକ୍ରମ



ଭୂମିପୂଜନ କରାଯାଉଛି।

ଝାରସୁଗୁଡ଼ା,୨୬।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ପ୍ରତିଷ୍ଠା ଦିବସ ଓ ଜିଲା ମହୋତ୍ସବ 'ଦୁଲଦୁଲି' ଆୟୋଜନ ପାଇଁ ମଙ୍ଗଳବାର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଟିଏମ୍ ପଡ଼ିଆଠାରେ ୨୦୨୫ ଜାନୁୟାରୀ ୧ରୁ ୫ ତାରିଖ ଯାଏ ୫ଦିନ ବ୍ୟାପୀ 'ଦୁଲଦୁଲି' ଆୟୋଜନ ହେବ। ଏଥିରେ ଦେଶର ବିଭିନ୍ନ ରାଜ୍ୟ ସମେତ ରାଜ୍ୟର ବିଭିନ୍ନ ଜିଲା ଏବଂ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥି ସହିତ ପଲ୍ଲୀଶ୍ରୀ ମେଳା ମଧ୍ୟ ଆୟୋଜିତ ହେବ। ବିଟିଏମ୍ ପଡ଼ିଆଠାରେ ଅନୁଷ୍ଠିତ ଭୂମି ପୂଜନ କାର୍ଯ୍ୟକ୍ରମରେ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷା ଅବୋଲି ସୁନୀଲ ନରୱଣେ, ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ମହୋତ୍ସବ ପାଳନ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ମହୋତ୍ସବ କମିଟି ସାଧାରଣ ସମ୍ପାଦକ ତାପସ ରାୟ ଚୌଧୁରୀ, ବିମଳେନ୍ଦୁ ଭୋଳ, ପ୍ରମୋଦ ସେନାପତି, ଓରମାସ ଡେପୁଟି ସିଇଓ ଯୁବରାଜ ସାହୁ ଓ ଜିଲା ସଂସ୍କୃତି ଅଧିକାରୀ ଅନିଲ କେର୍କେଟାଙ୍କ ସମେତ ମହୋତ୍ସବ କମିଟିର ସଦସ୍ୟ ସଦସ୍ୟା ଏହି ଭୂମି ପୂଜନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମହୋତ୍ସବରେ ୬୦୦ଷ୍ଟଲ ଆୟୋଜିତ ହେବାକୁ ଥିବା ବେଳେ ଦେଶର ପ୍ରତିଷ୍ଠିତ ୭ଟି, ଓଡ଼ିଶାର ବିଭିନ୍ନ ଜିଲାରୁ ୨୦ଟି ଏବଂ ସ୍ଥାନୀୟ ୧୮ଟି ସାଂସ୍କୃତିକ ଦଳ ମହୋତ୍ସବରେ ଅଂଶ ଗ୍ରହଣ କରିବେ।

### ହନୁମାନ ବିଗ୍ରହଙ୍କ ବାର୍ଷିକ ଉତ୍ସବ ପାଳିତ



ଝାରସୁଗୁଡ଼ା,୨୬।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବଡ଼ମାଳସ୍ଥିତ ସାହାପଡା ହନୁମାନ ମନ୍ଦିର ବିଗ୍ରହ ପ୍ରତିଷ୍ଠାର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସୋମବାର ରାତି ୮ଟାରେ ହନୁମାନ ବିଗ୍ରହ ଏବଂ ଅନ୍ୟ ପାର୍ଶ୍ୱ ଦେବତାଙ୍କୁ ଗଙ୍ଗା ଜଳରେ ଧୋତ କରି ବସ୍ତ୍ର, ଆଭୂଷଣ ପରିଧାନ କରାଯାଇଥିଲା। ସକାଳ ୭ଟାରେ ପ୍ରଥମେ ପଞ୍ଚ ଉପଚାରରେ ପୂଜା ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୧୦ଟାରେ କର୍ତ୍ତା ପ୍ରମୋଦ ତ୍ରିପାଠୀ, ବସୁଧା ତ୍ରିପାଠୀ, ପବିତ୍ର ସା, ଝରଣା ସା, ପ୍ରକାଶ ସା, ଲକ୍ଷ୍ମୀ ନାରାୟଣ ବିରତିଆ, ପ୍ରମୋଦ ପାଢ଼ୀଙ୍କ ଅବସ୍ଥିତିରେ ପଣ୍ଡିତ ଲଳିତ ପାଣିଗ୍ରାହୀ, ଶଙ୍କର୍ଷଣ ନାଥ ଷୋଳ ଉପଚାର ପୂଜା, ହୋମ ଆଦି କରି ପୂଜା ସମାପନ କରିଥିଲେ। ପ୍ରସନ୍ନ ମହାରଣା, ଝସକେତନ ପାତ୍ର, ସଞ୍ଜୟ ପାଣିଗ୍ରାହୀ, ଆନନ୍ଦ ସା, ଲୋକେଶ୍ୱର ପାତ୍ର, ହରି ସାହୁ ତଥା ଗ୍ରାମବାସୀ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ହନୁମାନ ଚାଳିଶା ପାଠ ସହ ଗ୍ରାମବାସୀ କୀର୍ତ୍ତନ ପରିବେଷଣ କରିଥିଲେ। ସମସ୍ତ ଭକ୍ତମାନଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

## ଚାନ୍ଦିନୀମାଲ ଧନୁଯାତ୍ରା ପ୍ରସ୍ତୁତି ବୈଠକ

ବ୍ରଜରାଜନଗର,୨୬।୧୧(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ବ୍ଲକ ଅନ୍ତର୍ଗତ ଚାନ୍ଦିନୀମାଲର ମହାଶିବରାତ୍ରି ଜାଗର ଯାତ୍ରା ଓ ପ୍ରସିଦ୍ଧ ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ସୋମବାର ପୂର୍ବତନ ସରପଞ୍ଚ କେଶବ ରୋହିଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମବାସୀଙ୍କ ସହ ଆଖପାଖ ଅଞ୍ଚଳର ଲୋକେ ଯୋଗଦେଇଥିଲେ। ଆସନ୍ତା ଫେବୃୟାରୀ ୨୫ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ଆୟୋଜନ କରାଯିବ ବୋଲି ଯାତ୍ରା କମିଟି ସଭାପତି ପ୍ରମୋଦ ପ୍ରଧାନ ସୂଚନା ଦେଇଛନ୍ତି। ଧନୁଯାତ୍ରା ମହୋତ୍ସବ ପାଇଁ କଂସ, କୃଷ୍ଣ, ବଳରାମ, ରାଧା, ନନ୍ଦରାଜା, ନନ୍ଦରାଣୀ, ସୁଦାମା, ରଜକ, ପୁତନା, ବକା, ଶକଟା, ଧେନୁ, ତୃପା, ଗଣ୍ଡାସୁର, ବାମଳାର୍ଜୁନ, କାଳିଆ ନାଗ କଳାକାର ଚୟନ ଆସନ୍ତା ଡିସେମ୍ବର ୨୦ ତାରିଖ ଶୁକ୍ରବାର ସକାଳ ୧୦ଟାରେ କରାଯିବ। ଯାତ୍ରା କମିଟି ସଦସ୍ୟ ପର୍ସୁରାମ ରୋହିଦାସ, ସମ୍ପାଦକ ଲିଙ୍ଗରାଜ ରୋହିଦାସ, କୋଷାଧ୍ୟକ୍ଷ ଗୁରୁଚରଣ, ମହେଶ୍ୱର, ପ୍ରଶାନ୍ତ, ଭରତ, କ୍ଷୀରୋଦ, ଟିଙ୍କୁ, କାହ୍ନା, ବବଲୁ, ରୀଙ୍କୁ, ଡିଲୁ, ଭୁବନ, ଚନ୍ଦନ, ପ୍ରେମାକାନ୍ତ, ଶୁଭମ୍, ଶେଷଦେବ, ଅଲେଖ, ସୁରଜ୍, ସୁବେନ୍ଧୁ, ଦୀପକ, ବିବେକାନନ୍ଦ, ପଦ୍ମ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଧନୁଯାତ୍ରା ଓ ମହାଶିବରାତ୍ରି ଜାଗର ଯାତ୍ରା ପାଇଁ ଆଲୋଚନା କରାଯାଉଛି।

### ଭାଜପା କାର୍ଯ୍ୟାଳୟରେ ସମ୍ବିଧାନ ଦିବସ ପାଳିତ

ଦେବଗଡ଼,୨୬।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପ ନଗରପାଳ ପ୍ରଜିତ ଭୋଜ, ବରିଷ୍ଠ ନେତା ସୁଧୀର କପରଦାର ମଞ୍ଚାସୀନ ରହି ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଡାକ୍ତର ଆମ୍ବେଡକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ଦଳୀୟ ନେତା ସନ୍ତୋଷ ସାହୁ, ହର ମୋହନ ପାଣି, ଦିବ୍ୟ ଶଙ୍କର ଖୁଣ୍ଟିଆ, ସରୋଜ ପାଢ଼ୀ, ପ୍ରୀତି ପରମିତା ବେହେରା, ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ ଭୁତିଆଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

### ମାନସିକ ଅନଗ୍ରସର ଯୁବତୀ ନିଖୋଜ

ଝାରସୁଗୁଡ଼ା,୨୬।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅନ୍ତର୍ଗତ ଭୁଲିଆଡ଼ିହି ଛକସ୍ଥିତ ଜଣେ ମାନସିକ ଅନଗ୍ରସର ଯୁବତୀ ରବିତା କୁରେସିଂ (୧୯) ଗତ ଶନିବାରଠାରୁ କେଉଁ ଆଡେ ନିଖୋଜ ହୋଇଯାଇଛନ୍ତି। ଏ ନେଇ ଲଇକେରା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ରବିତା ମାନସିକ ଅନଗ୍ରସର ଥିବା ହେତୁ ଘରୁ କେଉଁଆଡ଼େ ପଳେଇ ଯାଇଛନ୍ତି। ଏ ନେଇ ଲଇକେରା ଥାନାରେ ଏକ ମାମଲା (ନଂ. ୫୧/୨୦୨୪) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ସୁଗୁଡା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ବିଧାନ ଦିବସ ପାଳିତ



ସମ୍ବିଧାନ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଦେବଗଡ଼,୨୬।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସୁଗୁଡାସ୍ଥିତ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ୭୫ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠାନରେ ଅଧ୍ୟକ୍ଷ ସନ୍ତୋଷ କୁମାର ଦେବତାଙ୍କ ଅଧ୍ୟକ୍ଷତା ଓ ଲାଇବ୍ରେରିଆନ କିଶୋର ଚନ୍ଦ୍ର ମହାକୁଳଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଖବରଦାତା ସିଦ୍ଧାର୍ଥ ଗୁରୁ, ସମ୍ମାନିତ ଅତିଥି ଭାବେ ଅର୍ଥନୀତି ବିଭାଗର ଅଧ୍ୟାପକ ବିଜୟ କୁମାର ଶତପଥି ଓ ଇତିହାସ ବିଭାଗ ଅଧ୍ୟାପକ ରଞ୍ଜନ କୁମାର ସାହୁ ଯୋଗଦେଇ ଡକ୍ତର ବିଆର୍ ଆମ୍ବେଡକରଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସମ୍ବିଧାନ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହ ସମ୍ବିଧାନର ପ୍ରସ୍ତୁତି, ଗ୍ରହଣୀୟତା ଏବଂ ଏହାର କାର୍ଯ୍ୟକାରୀତା ସହିତ ସମ୍ବିଧାନ ପ୍ରଣେତା ଡାକ୍ତର ଆମ୍ବେଡକରଙ୍କ ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶେଷରେ ଇଂଲିଶ ବିଭାଗ ଅଧ୍ୟାପିକା ଦେବଜାନୀ କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର ଓ ଅଧ୍ୟାପକ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ।

## ଜିଲା କୃଷକ ସଂଘ ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଦେବଗଡ଼,୨୬।୧୧(ଶଶାଙ୍କ ଶେଖର ଝାଙ୍କର)

ସଂଯୁକ୍ତ କୃଷକ ମୋର୍ଚ୍ଚା ଆହ୍ୱାନକ୍ରମେ ସମ୍ବିଧାନ ଦିବସରେ ଦେଶବ୍ୟାପୀ କୃଷକ ପ୍ରତିବାଦ, ଚେତାବନୀ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦେବଗଡ ଜିଲା କୃଷକ ସଂଘ ପକ୍ଷରୁ ବିକ୍ଷୋଭ କରାଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦେବଗଡ ଜିଲାପାଳଙ୍କୁ କୃଷକମାନଙ୍କ ୧୩ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲା କୃଷକ ସଂଘ ସଭାପତି ପ୍ରମୋଦ କୁମାର ଝାଙ୍କର, ଉପସଭାପତି ନିରଞ୍ଜନ ବେହେରା, ସାଧାରଣ ସମ୍ପାଦକ ସୁରେଶ ଚନ୍ଦ୍ର ଦେହୁରୀ, ଆଇନ ଉପଦେଷ୍ଟା ବିଭୂତି ଗଙ୍ଗଦେବ ଓ ତିଲେଇବଣି ବ୍ଲକ କୃଷକ ସଂଘର ସଭାପତି ଅଚ୍ୟୁତାନନ୍ଦ ନାୟକଙ୍କ ନେତୃତ୍ୱରେ ସଂଘର ଏକ ଟିମ୍ ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲାପଳ କବୀନ୍ଦ୍ର କୁମାର ସାହୁଙ୍କୁ ସାକ୍ଷାତ କରିଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଉପରୋକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ।



ଦାବିପତ୍ର ପ୍ରଦାନ କରାଯାଉଛି।

### ଜିଲା ପ୍ରତିଷ୍ଠା ଦିବସ, ମହୋତ୍ସବ 'ଦୁଲଦୁଲି' ପାଇଁ ଲେଖା ଆବଶ୍ୟକ

ଝାରସୁଗୁଡ଼ା,୨୬।୧୧(ଆଶିଷ ରଞ୍ଜନ ଦାଶ)

ଆସନ୍ତା ଜାନୁୟାରୀ ୧ରୁ ୫ତାରିଖ ପର୍ଯ୍ୟନ୍ତ ଜିଲାସ୍ତରୀୟ ମହୋତ୍ସବ ଦୁଲଦୁଲି ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମହୋତ୍ସବ ପାଳନ ସହିତ ଜାନୁୟାରୀ ୧ରେ ଜିଲା ପ୍ରତିଷ୍ଠା ଦିବସ ମଧ୍ୟ ପାଳନ କରାଯିବ। ଜିଲା ପ୍ରତିଷ୍ଠା ଦିବସ ସହିତ ଜିଲା ମହୋତ୍ସବ ପାଳନ ଅବସରରେ ଝାରସୁଗୁଡ଼ା ଜିଲାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଜାଗର କରିବା ଉଦ୍ଦେଶ୍ୟରେ ଗବେଷଣା ଭିତ୍ତିକ ସ୍ମରଣିକା 'ଦୁଲଦୁଲି' ପ୍ରକାଶନ ପାଇଁ ସ୍ଥିର କରାଯାଇଛି। ଏଥି ସହିତ ଜିଲାରେ କୃଷି, ଶିଳ୍ପ ଓ ପର୍ଯ୍ୟଟନର ପୃଷ୍ଠଭୂମିକୁ ନେଇ ତଥ୍ୟ ଭିତ୍ତିକ ଲେଖା ସ୍ମରଣିକାରେ ସ୍ଥାନିତ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି।

## ସମ୍ବିଧାନ ଦିବସରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଦେବଗଡ଼,୨୬।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡସ୍ଥିତ ଆମ୍ବେଡକର ସାମାଜିକ ପରିବର୍ତ୍ତନ ମଞ୍ଚ ଏବଂ ଆମ୍ବେଦକର ଯୁଥ କ୍ଲବ ଆନୁକୂଲ୍ୟରେ ଦେବଗଡ ପୌରାଞ୍ଚଳ ରଜାମୁଣ୍ଡା ବାଇପାସ ଛକରେ ମଙ୍ଗଳବାର ୭୫ତମ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବାସାହେବ ଡାକ୍ତର ବି.ଆର ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଆମ୍ବେଡକର ସାମାଜିକ ପରିବର୍ତ୍ତନ ମଞ୍ଚର ସଭାପତି ଚୌଧୁରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ଯୋଗଦାନ କରି ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର, ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ୧୦ ନମ୍ବର ୱାର୍ଡର କାଉନସିଲର ଇତିଶ୍ରୀ ମିଶ୍ର, ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ, ଉଇଲିୟମ ହେନେଜ ଓ ଅବସରପ୍ରାପ୍ତ ସରକାରୀ ଅଧିକାରୀ ଜଗନ୍ନାଥ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଆମ୍ବେଡକର ସାମାଜିକ ପରିବର୍ତ୍ତନ ମଞ୍ଚର ସମ୍ପାଦକ ଯାକୁବ ବାର୍ଲା, କ୍ଷମାନିଧି ପାତ୍ର, ଆର୍ ଆର୍ ପ୍ରସାଦ, ଶିବାଜୀ ଭୋଜ, ପରମାନନ୍ଦ କୁସୁମ, ଭୋଳେଶ୍ୱର ପାତ୍ର, ସୁଜିତ କୁମାର ସୁନା, ପୂର୍ଣ୍ଣଚନ୍ଦ୍ର ପାତ୍ର ଓ କନ୍ଦର୍ପ ପାତ୍ରଙ୍କ ସମେତ ଆୟୋଜକ ଅନୁଷ୍ଠାନ ବହୁ ସଦସ୍ୟ ସକ୍ରିୟ ସହଯୋଗ କରିଥିଲେ। ଏହାପରେ ଶତାଧିକ ସଦସ୍ୟ ଡାକ୍ତର ବି.ଆର୍. ଆମ୍ବେଡକରଙ୍କ ଏକ ବିଶାଳ ଫଟୋଚିତ୍ର ସହ ଏକ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।



ଆମ୍ବେଡକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଉଛି।

## ସେମିଫାଇନାଲରେ ସୁନ୍ଦରଗଡ଼ ଦୋସ୍ତି ବ୍ରଦର୍ସ

ଦେବଗଡ଼,୨୬।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡସ୍ଥିତ ପ୍ରଧାନପାଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଚାଲିଥିବା ଷଷ୍ଠ ସର୍ବଭାରତୀୟ 'ପ୍ରଧାନପାଟ କପ୍' ଫୁଟ୍‌ବଲ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ଦ୍ୱିତୀୟ ଦିବସ। ଦ୍ୱିତୀୟ ଦିବସରେ ଅନୁଷ୍ଠିତ ଭିଲାଇର ନ୍ୟୁ ମସାଲ ଫୁଟ୍‌ବଲ କ୍ଲବ ଓ ସୁନ୍ଦରଗଡର ଦୋସ୍ତି ବ୍ରଦର୍ସ ମଧ୍ୟରେ ହୋଇଥିଲା। ଭିଲାଇର ନ୍ୟୁ ମସାଲ ଫୁଟ୍‌ବଲ କ୍ଲବକୁ ୨-୦ ଗୋଲରେ ପରାସ୍ତ କରି ସୁନ୍ଦରଗଡର ଦୋସ୍ତି ବ୍ରଦର୍ସ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚକୁ ରେଫରୀ ଭାବେ ସୁବ୍ରତ ପୁରୋହିତ, ସାଗର ନାୟକ, ଅନୀଲ କିଷାନ ଓ ନୀଳ ନାୟକ ପରିଚାଳନା କରିଥିବା ବେଳା ହେମନ୍ତ କୁମାର ମହାପାତ୍ର ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ ଜିଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରମ୍, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ପ୍ରଭାସ ଚନ୍ଦ୍ର ମିଶ୍ର, ପୁରୁଖା ଫୁଟବଲ ଖେଳାଳି ପ୍ରଦୀପ କୁମାର ଅମାନ୍ତ, ଏସ୍ୟୁଜେର ରାଜ୍ୟ ସମ୍ପାଦକ ଶଶାଙ୍କଶେଖର ଝାଙ୍କର ଓ ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ ଯୋଗଦେଇ ଆୟୋଜକ ଏବଂ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶ୍ରେଷ୍ଠ ଖେଳ ପ୍ରଦର୍ଶନ ପାଇଁ ସୁନ୍ଦରଗଡର ଦୋସ୍ତି ବ୍ରଦର୍ସ ଫୁଟ୍‌ବଲ କ୍ଲବର ଖେଳାଳି ରଘୁ ମାରାଣ୍ଡିଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତା ଆୟୋଜନରେ ସଭାପତି ବିକାଶ ପ୍ରଧାନ ସୁବାସ ଭୋଇ, ସଞ୍ଜୀବ ନାଏକ, ସଞ୍ଜୀବ ବେହେରା, ଶରତ ମେହେର, ଦୀପକ ବେହେରା, ରୂପକ ମାଝି, ଶୁକଦେବ ଭଞ୍ଜ, ଅନନ୍ତ ମେହେର, ଅଲେଖ ନାୟକ ଓ ପ୍ରଦୀପ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସୁନ୍ଦରଗଡର ଦୋସ୍ତି ବ୍ରଦର୍ସ ଫୁଟ୍‌ବଲ କ୍ଲବ ଓ ଦେବଗଡ଼ର ପ୍ରଧାନପାଟ କ୍ଲବ ମଧ୍ୟରେ ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।



**ଷଷ୍ଠ ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟବଲ ଟୁର୍ନାମେଣ୍ଟ**

## ସଂକ୍ଷେପରେ

### ମୋବାଇଲ ଟାୱାରରୁ ଚୋରି, ୨ ଗିରଫ

**ରାଉରକେଲା,୨୬।୧୧(ଦିନେଶ ମିଶ୍ର):** ସେକ୍ଟର-୧୫ ଥାନା ଅଧୀନ ସେକ୍ଟର-୧୭ ଅଞ୍ଚଳରେ ଥିବା ଏକ ମୋବାଇଲ ଟାୱାରରୁ କପର ତାର ଓ ଏମ୍‌ସିବି ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରୋହିତ କୁମ୍ଭାର ଓ ଧୀରଜ ମୁନା। ଉଭୟ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଛି। ଏ ନେଇ ଏକ ମାମଲା (ନଂ.୧୮୧/୨୪) ରୁଜୁ ହୋଇଛି। ସୂଚନାଯୋଗ୍ୟ, ସେକ୍ଟର-୧୭ସ୍ଥିତ ପାର୍କ ବସ୍ତିର ରୋହିତ ଓ ସର୍ଭେଣ୍ଟ କ୍ୱାର୍ଟର ବି-୬୦ର ଧୀରଜ କିଛିଦିନ ତଳେ ଉକ୍ତ ମୋବାଇଲ ଟାୱାରରୁ କପର ତାର, ୨ଟି ଏମ୍‌ସିବି ସୁଇଚ୍ ସହ କିଛି ପ୍ଲାଷ୍ଟିକ ପାଇପ୍ ଚୋରି କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଅବସରପ୍ରାପ୍ତ ଶିକ୍ଷକ ସଂଘର ଶୋକସଭା

**ରାଉରକେଲା,୨୬।୧୧(ବିପ୍ଳବ ରଞ୍ଜନ ଦାଶ):** ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମହାପାତ୍ରଙ୍କ ସ୍ୱାମୀ ପ୍ରସନ୍ନ କୁମାର ମହାପାତ୍ରଙ୍କ ୮୪ବର୍ଷ ବୟସରେ ପରଲୋକ ଘଟିଛି। ଏହି ଉପଲକ୍ଷେ ଇସ୍ପାତ କାରଖାନା ଅବସରପ୍ରାପ୍ତ ଶିକ୍ଷକ ସଂଘ ପକ୍ଷରୁ ଏକ ଶୋକସଭା ପାଳନ କରି ଦିବଂଗତ ଆତ୍ମାର ସଦ୍‌ଗତି କାମନା କରାଯାଇଛି। ସଂଘ ସଭାପତି ଅନ୍ତର୍ଯାମୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମଧୁସୂଦନ ବଳ, ବିଶ୍ୱନାଥ ସାହୁ, ରମେଶ ଚନ୍ଦ୍ର ରଥ, ଉଦୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ।

### ବିଶ୍ରାରେ ସମ୍ବିଧାନ ଦିବସ ପାଳିତ

**ବନ୍ଧମୁଣ୍ଡା,୨୬।୧୧(ସୁବ୍ରତ ଦେ):** ବିଶ୍ରା ବ୍ଲକ୍ କପାଟମୁଣ୍ଡା ପଞ୍ଚାୟତ ମଙ୍ଗଳ ବଜାର ସ୍ଥିତ ଯାତ୍ରା ପଡ଼ିଆରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ଲୋକେ ଡ. ଭୀମରାଓ ଆମ୍ବେଦକରଙ୍କୁ ସ୍ମରଣ କରିଥିଲେ। କପାଟମୁଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଦେବା କେର୍‌କେଟା,ଅଧିବକ୍ତା ଶୁଭଜିତ ବାନାର୍ଜୀ, ଦେବା କେର୍‌କେଟା, ମଙ୍ଗଲ ଓରାମ, ଗଜେନ୍ଦ୍ର ତିର୍କୀ, ମହେଶ୍ୱର ତନ୍ତୀ, ବାନ୍ଦେ ଓରାମ, ଡେମେ ଓରାମ, ସଞ୍ଜୀବ ଖେସ, କ୍ଷୀରୋଦ ଚନ୍ଦ୍ର ମହାନତା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ସୁଡ଼ଙ୍ଗ ଛାତରୁ ଗଳୁଛି ପାଣି

**ରାଉରକେଲା,୨୬।୧୧(ବିପ୍ଳବ ରଞ୍ଜନ ଦାଶ)**

- ବିପଦ ଆଶଙ୍କା କଲେ ବସ୍ତିବାସୀ
- ଠିକାସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



ପାନପୋଷ ବସ୍ତି ନିକଟ ନୂତନ ସୁଡଙ୍ଗ ପଥ ।



ସୁଡ଼ଙ୍ଗ ଛାତରୁ ପାଣି ଗଳୁଛି।

ଦକ୍ଷିଣ-ପୂର୍ବ ରେଳପଥ ଚକ୍ରଧରପୁର ରେଳମଣ୍ଡଳ ଅଧୀନ ପାନପୋଷ ରେଳଷ୍ଟେଶନ ଦେଇ ପାନପୋଷ ବସ୍ତିକୁ ଯିବା ଲାଗି ବ୍ରିଟିଶ ଅମଳରୁ ଏକ ସଙ୍କୀର୍ଣ୍ଣ ସୁଡ଼ଙ୍ଗ ପଥ ନିର୍ମାଣ ହୋଇଥିଲା। ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାରଙ୍କ ଅମୃତ ଭାରତ ଯୋଜନାରେ ୧୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଉକ୍ତ ସୁଡ଼ଙ୍ଗ ପଥକୁ ପୁନଃ ନିର୍ମାଣ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟ ଅତୀତରେ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ସୁଡ଼ଙ୍ଗ ଅବସ୍ଥା ଦୟନୀୟ ହୋଇ ପଡିଛି।

ପ୍ରକାଶ ଥାଉକି, ବ୍ରିଟିଶ ଅମଳରୁ ତିଆରି ହୋଇଥିବା ଏହି ସୁଡଙ୍ଗ ରାସ୍ତା ପାନପୋଷ ପୁରୁଣା ରେଳ ଷ୍ଟେଶନରେ ଅବସ୍ଥିତ। ଏହି ରାସ୍ତାରେ ଦୈନିକ ପାନପୋଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଶବ ବ୍ୟବଛେଦ କେନ୍ଦ୍ରକୁ ୧୦୮ ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ଯାନବାହନ ଚଳାଚଳ କରୁଥିଲା। ଅନ୍ୟପଟେ ସୁଡଙ୍ଗ ପଥ ସଙ୍କୁଚିତ ଥିବାରୁ ଭାରିଯାନ ଚଳାଚଳ କରିପାରୁ ନ ଥିଲା। ଭାରିଯାନ ଗଲାବେଳେ ଦୁଇ ଚକିଆ ଯାନ ଯିବା କଷ୍ଟକର ହେଉଥିଲା। ଏଣୁ ପ୍ରାୟ ସମୟରେ ସୁଡଙ୍ଗ ପଥରେ ଟ୍ରାଫିକ୍ ଜାମ୍ ରହୁଥିଲା। ଫଳରେ ସୁଡଙ୍ଗ ପଥର ସମ୍ପ୍ରସାରଣ ଲାଗି ପାନପୋଷ ବସ୍ତିବାସୀ ଦାବି କରିଥିଲେ। ପରବର୍ତ୍ତୀ ସମୟରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଅମୃତ ଭାରତ ଯୋଜନାରେ ଏଠାରେ ଏକ ଆଧୁନିକ ଜ୍ଞାନକୌଶଳ ସମ୍ପନ୍ନ ସୁଡ଼ଙ୍ଗ ପଥ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଗଲା। ଏଥିପାଇଁ ରେଳ ବିଭାଗ ୧୦ କୋଟି ଟଙ୍କା ବ୍ୟୟରେ ଉକ୍ତ ସୁଡ଼ଙ୍ଗ ନିର୍ମାଣ କଲା। ତେବେ ଉକ୍ତ ନୂତନ ସୁଡଙ୍ଗ ଉଦ୍‌ଘାଟନ ହେବାର କିଛି ମାସ ନ ପୂରୁଣୁ ଦୟନୀୟ ହୋଇପଡିଛି। ସୁଡଙ୍ଗର ଛାତ ଫାଟି ଆଁ କରିଲାଣି। ବ୍ଲକମାନ ୨ଫୁଟ୍ ମାଟି ତଳକୁ ଦବି ଗଲାଣି। ଏଥିସହ କେଉଁଠି ଫାଟ ସୃଷ୍ଟି ହେଲାଣି ତ କେଉଁଠାରେ ଛାତରୁ ଫାଟି ପାଣି ଝରିବା ଆରମ୍ଭ ହେଲାଣି। ରାସ୍ତାରେ ଆଲୋକୀକରଣ ବ୍ୟବସ୍ଥା ମଧ୍ୟ ନାହିଁ। ଏହି ସୁଡଙ୍ଗ ରାଉରକେଲା ପାନପୋଷ ଓ କଳିଙ୍ଗ ନଗରକୁ ସଂଯୋଗ କରୁଥିବା ବେଳେ ଏହା ଉପରେ ପ୍ରତ୍ୟହ ହାଓଡା ଓ ରାଞ୍ଚିକୁ ଶହ ଶହ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ ଚଳାଚଳ କରୁଛି। ତେଣୁ କେତେବେଳେ ଯେ ଅଘଟଣ ଘଟିବ କହିହେବନାହିଁ। ଏଣୁ ସୁଡଙ୍ଗ ପଥ ନିର୍ମାଣ କରିଥିବା ସମ୍ପୃକ୍ତ ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପାନପୋଷ ବସ୍ତିର ରମାକାନ୍ତ ପାଣ୍ଡେ, ପବନ ଜଲାନ, ରାମା ସାହୁ, ଶୈଳେନ୍ଦ୍ର ତିୱାରୀ, ବିଜୟ ଅଗ୍ରୱାଲ, ସନ୍ତୋଷ ସାହୁ ଓ ସତ୍ୟରଞ୍ଜନ ଦାଶ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ରେଳ ନିର୍ମାଣ ବିଭାଗ ଯନ୍ତ୍ରୀ ଟି. ଏସ୍. ।ତପଥୀଙ୍କୁ ପଚାରିବାରୁ ସମ୍ପୃକ୍ତ ଟନେଲ ନିର୍ମାଣକାରୀ ଠିକାସଂସ୍ଥା ଆସିବା ପରେ ଏହା ଉପରେ ସମୀକ୍ଷା କରାଯିବ ବୋଲି ସେ କହିଥିଲେ।

## କରାଟେ ଚାମ୍ପିୟନଶିପ୍‌ରେ ରାଜୀବ ସିଂ ବିଚାରକ

**ରାଉରକେଲା,୨୬।୧୧(ଦିନେଶ ମିଶ୍ର)**




ରାଜୀବ କୁମାର ସିଂଙ୍କୁ ମୁମେଣ୍ଟୋ ପ୍ରଦାନ କରାଯାଉଛି।

ନୂଆଦିଲ୍ଲୀ ସ୍ଥିତ ତାଲକଟୋରା ଷ୍ଟାଡିୟମ୍‌ଠାରେ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କିଓ) ପକ୍ଷରୁ ଫେଡେରେଶନ କପ୍ ପ୍ରିମିୟର ଲିଗ୍ ଓ ୟୁଥ୍ ଲିଗ୍ କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। କିଓ ସଭାପତି ହାଂଶୀ ଭାରତ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫ ଦିନ ଧରି ଆୟୋଜିତ ହୋଇଥିବା ଏହି ଚାମ୍ପିୟନଶିପ୍‌ରେ ଦେଶରୁ ୨୫ଶହରୁ ଊର୍ଦ୍ଧ୍ୱ କରାଟେକା ଅଂଶଗ୍ରହଣ କରିଥିଲେ। ଚାମ୍ପିୟନଶିପ୍‌ରେ ଜାତୀୟ ଓ ଅନ୍ତର୍ଜାତୀୟ ପଦପ୍ରାପ୍ତ କରାଟେ ରେଫରି କମିଶନ ସଦସ୍ୟ ରାଜୀବ କୁମାର ସିଂ ଯୋଗଦେଇ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଏଥିପାଇଁ କିଓ ସଭାପତି ହାଂଶୀ ଭାରତ ଶର୍ମାଙ୍କଠାରୁ ସିଂ ମୁମେଣ୍ଟୋ ଗ୍ରହଣ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ରାଉରକେଲା ଉତ୍କଳ କରାଟେ ଆସୋସିଏଶନ ଓ ବିଭିନ୍ନ ସଂଘ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ପାଣି ପାଇପ ମରାମତି କଲେ ରେଳପଥ କର୍ମୀ

**ବନ୍ଧମୁଣ୍ଡା,୨୬।୧୧(ସୁବ୍ରତ ଦେ)**

ବନ୍ଧମୁଣ୍ଡା ଏ -ସେକ୍ଟର ଏବଂ ବି-ସେକ୍ଟର ସୀମାରେ ରେଳବାଇ ବିଭାଗର ମୁଖ୍ୟ ପାଣି ପାଇପ ଫାଟିଯିବା ଯୋଗୁ ମଙ୍ଗଳବାର ଅଞ୍ଚଳର ରେଳବାଇ କଲୋନୀରେ ଜଳ ଯୋଗାଣ ବ୍ୟାହତ ହୋଇଥିଲା। ଏଥିସହ ବନ୍ଧମୁଣ୍ଡା ଡିଜେଲ ଶେଡ, ଇଲେକ୍ଟ୍ରିକ ଶେଡରେ ମଧ୍ୟ ଜଳ ଯୋଗାଣ ସଂପୂର୍ଣ୍ଣ ବନ୍ଦ ରହିଥିଲା। ଫଳରେ ପାଣି ସମସ୍ୟା ହେଇଥିଲା। ପାଇପ ଲାଇନରେ ଲିକ ଚିହ୍ନଟ ହେବା ପରେ ଆଇଓଡବ୍ଲ୍ୟୁ ବିଭାଗ କର୍ମୀମାନେ ମଙ୍ଗଳବାର ସନ୍ଧ୍ୟାରେ ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ଖବର ଲେଖା ହେବା ସୁଦ୍ଧା କାମ ଜାରି ରହିଛି।

# ଏଡିଏମ୍ ଅଫିସ ଆଗରେ ଆପ୍‌ର ବିକ୍ଷୋଭ

**ରାଉରକେଲା,୨୬।୧୧(ଦିନେଶ ମିଶ୍ର)**




ଏଡିଏମ୍‌ଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଉଦିତନଗରସ୍ଥିତ ରାଉରକେଲା ଅତିରିକ୍ତ ଜିଲାପାଳ (ଏଡିଏମ୍)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ଜିଲ୍ଲା ସଭାପତି ବିନୟ ତିୱାରୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବିକ୍ଷୋଭରେ ପ୍ରଦର୍ଶନ କରାଯାଇଛି। ଏଥିରେ ସମସ୍ତ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୩ଶହ ୟୁନିଟ୍ ମାଗଣା ବିଦ୍ୟୁତ ସହ ୨୪ ଘଣ୍ଟା ବିଦ୍ୟୁତ୍ ଯୋଗାଣ ପାଇଁ ଦାବି ହୋଇଥିଲା। ଏହି ଅବସରରେ ଆମ୍ ଆଦମୀ ପାର୍ଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବିକ୍ଷୋଭ ସମାବେଶରେ ବକ୍ତାମାନେ କହିଥିଲେ, ଗତ ସାଧାରଣ ନିର୍ବାଚନ ବେଳେ ଓଡିଶାବାସୀଙ୍କୁ ୩ଶହ ୟୁନିଟ୍ ମାଗଣା ବିଦ୍ୟୁତ୍ ଦେବା ପାଇଁ ଭାଜପା ପ୍ରତିଶ୍ରୁତି ଦେଇ ଭୋଟ ନେଇଥିଲା। ତେବେ ସରକାର ଗଢ଼ିବା ପରେ ଭାଜପାର ମିଥ୍ୟା ପ୍ରଚାର ଓଡିଶାବାସୀଙ୍କୁ ଧୋକା ଦେଇଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଦିଲ୍ଲୀରେ ବିଦ୍ୟୁତ୍ ଉତ୍ପାଦନ ନ ଥାଇ ମଧ୍ୟ ଆପ୍ ସରକାର ପକ୍ଷରୁ ଦିଲ୍ଲୀବାସୀଙ୍କୁ ମାଗଣାରେ ୩ଶହ ୟୁନିଟ୍ ବିଦ୍ୟୁତ୍ ସାଙ୍ଗକୁ ୨୪ ଘଣ୍ଟା ଯୋଗାଣ କରାଯାଉଛି। ମାତ୍ର ଓଡିଶାରେ ବିଦ୍ୟୁତ୍ ଉତ୍ପାଦନ କରାଯାଉଥିଲେ ମଧ୍ୟ ଏଠାରେ ଉପଭୋକ୍ତା ଏହାର ସୁବିଧା ପାଇପାରୁ ନ ଥିବା ଓଡିଶା ପାଇଁ ଲଜ୍ଜାଜନକ କଥା ବୋଲି ଆପ୍ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ରାଜ୍ୟ ସରକାର ପ୍ରତିଶ୍ରୁତି ନ ରଖିଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଆପ୍ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ପାର୍ଟିର ଜିଲା ସମ୍ପାଦକ ସନ୍ତୋଷ ବେହେରା, ଚିନ୍ତାମଣି ମହାନନ୍ଦ, ଭରତ ଚନ୍ଦ୍ର ବାଇ, ରମାକାନ୍ତ ନାୟକ, ଆଶିଷ ମହାରଣା, ଆଶିଷ ସୁନା, ଶ୍ରୀକୃଷ୍ଣ ଗିରି, ମିନତୀ ସାହୁ, ରାଜକୁମାର ସିଂହ, ଟିଣ୍ଟୁସ ଲାକ୍ରା, ଯୋଗେନ୍ଦ୍ର ପାଲ ତିର୍କୀ, ସନ୍ତୋଷ ଜେନା, ଶରତ ଚନ୍ଦ୍ର ମାହାତୋ, ଦୀଲବାର ସିଂ ତଥାର ବହୁ କର୍ମୀ ଉପସ୍ଥିତ ଥିଲେ।

**୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ସହ ୨୪ ଘଣ୍ଟା ଯୋଗାଣ ଦାବି**

## ରଘୁନାଥପାଲୀରେ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ

**ରାଉରକେଲା,୨୬।୧୧(ଦିନେଶ ମିଶ୍ର)**

ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀରେ ଦଳ ପକ୍ଷରୁ ଏକ ବୈଠକ ସେକ୍ଟର-୪ରେ ଅନୁଷ୍ଠିତ ହୋଇଯାଇଛି। ରଘୁନାଥପାଲି ନଗର ସଭାପତି ଆର୍ତ୍ତ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପୂର୍ବତନ ବିଧାୟକ ସୁବ୍ରତ ତରାଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ବୈଠକରେ ରାଜ୍ୟ ସଂଯୋଜକ ଦେବୀ ପ୍ରସାଦ ମିଶ୍ର, ସଭ୍ୟ ସଂଗ୍ରହ ଅଭିଯାନ ଟିମ୍‌ର ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବରିଷ୍ଠ ନେତା ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ କିଭଳି ଅଧିକରୁ ଅଧିକ ସଭ୍ୟ ସଂଗ୍ରହ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀର ସଭ୍ୟ ସଂଗ୍ରହ ଅଭିଯାନର ଆବାହକ ଭାବେ ପୂର୍ବତନ ବିଧାୟକ ସୁବ୍ରତ ତରାଇ ଓ ବରିଷ୍ଠ ବିଜେଡି ନେତା ଆନନ୍ଦ ଚନ୍ଦ୍ର ମହାନ୍ତି ଉପଦେଷ୍ଟା ଭାବେ ତଦାରଖ କରିବେ ବୋଲି ଘୋଷଣା କରାଯାଇଥିଲା। ରାଉରକେଲା ସାଙ୍ଗଠନିକ ଜିଲା ସଭାପତି ହାଲୁ ମୁଣ୍ଡାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଙ୍ଗୀତ ତରଙ୍ଗ ମ୍ୟୁଜିକ୍ କ୍ଲବର ବାର୍ଷିକୋତ୍ସବ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ରାଉରକେଲା,୨୬।୧୧(ଦିନେଶ ମିଶ୍ର)**

ରାଉରକେଲାର ସାଂସ୍କୃତିକ ଅନୁଷ୍ଠାନ ସଙ୍ଗୀତ ତରଙ୍ଗ ମ୍ୟୁଜିକ୍ କ୍ଲବର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଲିଓନ ବିନୋଦ ମାହୁନ୍ତଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ଦୀପିକା ମହିଳା ସଂହତିର ଉପାଧ୍ୟକ୍ଷା ନମ୍ରତା ବର୍ମା ମୁଖ୍ୟ ଅତିଥି, ଆର୍‌ଏସ୍‌ପି ଏଜିଏମ୍ ଦମ୍ପତି ଗଣେଶ ରାଓ ରେଡ୍ଡୀ ଓ ଶକୁନ୍ତଳା ରେଡ୍ଡୀ, ବଲଜିତ ସିଂ, ଏସ୍. ରାୟ ଚୌଧୁରୀ, ସଭାପତି ତପନ ନାୟକ, ସନ୍ତୋଷ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସଙ୍ଗୀତ ତରଙ୍ଗ ମ୍ୟୁଜିକ୍ କ୍ଲବର ନିଆରା ଅନୁଚିନ୍ତା ଓ ଅବଦାନକୁ ପ୍ରଶଂସା କରିଥିଲେ। ସାଧାରଣ ସମ୍ପାଦକ ସନ୍ତୋଷ ଦାସ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସଦସ୍ୟ କଳାକାରମାନଙ୍କ ଦ୍ୱାରା ଲୋକପ୍ରିୟ ସଙ୍ଗୀତ 'ମିଲେ ସୁର୍ ମେରା ତୁମାରା'ର ପରିବେଷଣ ଦର୍ଶକଙ୍କୁ ମୁଗ୍ଧ କରିଥିଲା। କାର୍ଯ୍ୟକ୍ରମରେ ଫିରୋଜ ଓ ଶୁଭଶ୍ରୀ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ସତ୍ୟବ୍ରତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ନୃତ୍ୟ ପ୍ରତିଯୋଗିତାରେ ସିଆଲଜୋର ଚାମ୍ପିୟନ

**ରାଉରକେଲା,୨୬।୧୧(ବିପ୍ଳବ ରଞ୍ଜନ ଦାଶ)**

**ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ-୨୦୨୪**

ଆରଏସ୍‌ପି ସିଏସ୍‌ଆର ବିଭାଗ ପକ୍ଷରୁ କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ତେଲିପୋଷ ଗ୍ରାମରେ ଜୋନ୍‌ସ୍ତରୀୟ ସିନର୍ଜୀ ଲୋକ ସାଂସ୍କୃତିକ ମହୋତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଗ୍ରାମର ୩୦ଟି ନୃତ୍ୟଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଆର୍‌ଏସ୍‌ପି ସମ୍ବଳ ବିଭାଗର ସିଜିଏମ୍ ନାରାୟଣ ପଣ୍ଡା ମୁଖ୍ୟଅତିଥି, ମାନବ ସମ୍ବଳ କାର୍ଯ୍ୟ ବିଭାଗର ଜିଏମ୍ ଇନ୍‌ଚାର୍ଜ ସଞ୍ଜୟ ମେହରୋତ୍ରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ସୁଶ୍ରୀ ମୁନମୁନ ମିତ୍ରା, ଏଜିଏମ୍ ଟି. ବି ଟପ୍ପୋ ଓ ଏ. ଏନ୍ ପତି ଏବଂ ସିଏସ୍‌ଆର ବିଭାଗର ଅନ୍ୟ ଅଧିକାରୀ ଓ ଷ୍ଟାଫ୍, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ଆଦିବାସୀ ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ତଥା ଐତିହ୍ୟର ପ୍ରୋତ୍ସାହନ ପାଇଁ ସିଏସ୍‌ଆର ବିଭାଗର ପ୍ରୟାସକୁ ପ୍ରଶଂସା କରିଥିଲେ। ଏଥି ସହିତ ନୃତ୍ୟ ଉତ୍ସବ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ନୃତ୍ୟ ଦଳମାନଙ୍କୁ ପୁରସ୍କୃତ କରିଥିଲେ। ସିଆଲଜୋର ନୃତ୍ୟ ଦଳ ପ୍ରଥମ ପୁରସ୍କାର ବାବଦ ୧୦ହଜାର ଟଙ୍କା ଓ ଟ୍ରଫି, ହେଠିବାହାଳର ଖାଡିଆ ନୃତ୍ୟ ଦଳ ଦ୍ୱିତୀୟ ପୁରସ୍କାର ବାବଦ ୮ହଜାର ଟଙ୍କା ଓ ଟ୍ରଫି ପାଇଥିବା ବେଳେ ତୃତୀୟ ଦଳ ଭାବେ ଜୟକୁଦାର ଗ୍ରାମର ନୃତ୍ୟଦଳ ୬ହଜାର ଟଙ୍କା ଓ ଟ୍ରଫି ଲାଭ କରିଥିଲେ। ଅବଶିଷ୍ଟ ଦଳଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ୨୫ଶହ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ସୁଶ୍ରୀ ମୁନମୁନ ମିତ୍ରା ସ୍ୱାଗତ ଭାଷଣ ପ୍ରଦାନ ଓ ଟି. ବି ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ଫିଲ୍ଡ ଆସିଷ୍ଟାଣ୍ଟ ବି. ଏକା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଦଳର ପ୍ରତିଯୋଗୀ ।




ରାଉରକେଲା ମ୍ୟୁନିସିପାଲିଟି କଲେଜ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।




ସୁଶୀଳାବତୀ ମହିଳା କଲେଜ ପକ୍ଷରୁ ଶୋଭାଯାତ୍ରା ।

# ଏକତା, ଅଖଣ୍ଡତା ବଜାୟ ରଖିବାକୁ ଆହ୍ୱାନ

**ରାଉରକେଲା,୨୬।୧୧(ବିପ୍ଳବ ରଞ୍ଜନ ଦାଶ)**

**ରାଉରକେଲାର ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ**

ରାଉରକେଲା ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବିଧାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି କ୍ରମରେ ରାଉରକେଲା ମ୍ୟୁନିସିପାଲ କଲେଜର ଅଧ୍ୟକ୍ଷ ଡ. ସନାତନ ପ୍ରଧାନଙ୍କ ସଭାପତିତ୍ୱରେ ସମ୍ବିଧାନ ଦିବସ ପାଳିତ ହୋଇଥିଲା। ଏଥିରେ ପ୍ରଦୀପ କୁମାର ରାଉତରାୟ ମୁଖ୍ୟଅତିଥି ଓ ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଦୀପ କୁମାର ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସାମ୍ବିଧାନିକ ଅଧିକାର, ଭାରତୀୟ ଏକତା ଓ ଅଖଣ୍ଡତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ସେହିପରି ରାଉରକେଲା ସେକ୍ଟର-୨ ସୁଶୀଳାବତୀ ସରକାରୀ ମହିଳା ବିଦ୍ୟାଳୟ ପକ୍ଷରୁ ସମ୍ବିଧାନ ଦିବସ ଉପଲକ୍ଷେ ଆର୍‌ଏସ୍‌ପି ଷ୍ଟେଟ ଅଫିସରୁ ସେକ୍ଟର-୨୦ ଛକ ପର୍ଯ୍ୟନ୍ତ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ପରେ କଲେଜ ସମ୍ମିଳନୀ କକ୍ଷରେ ଦିବସ ପାଳନ ନେଇ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ କଲେଜ ଅଧ୍ୟକ୍ଷା ଇପ୍‌ସିତା ଏକ୍କା ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଡ. ମାନସ କୁମାର ବେହେରା ଦେଶ ପ୍ରତି ନୈତିକ କର୍ତ୍ତବ୍ୟ ପାଳନ କରିବା ନେଇ ପରାମର୍ଶ ପ୍ରଦାନ କରିଥିଲେ। କଲେଜର ସାଂସ୍କୃତିକ ପରିଷଦ ପରିଚାଳନା ଅଧିକାରୀ ଦୀପିକା ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା।

ବେଦବ୍ୟାସ ସଂସ୍କୃତ କଲେଜର ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ସମ୍ବିଧାନ ଦିବସ ପାଳନ ହୋଇଥିଲା। ଡ. ପଣ୍ଡା ଛାତ୍ରୀଛାତ୍ରମାନଙ୍କୁ ରାଷ୍ଟ୍ର ଓ ଦେଶର ଏକତା ବଜାୟ ନେଇ ସାମ୍ବିଧାନିକ ଆଲେଖ୍ୟକୁ ସର୍ବଦା ସମ୍ମାନ ଜଣାଇବା ପାଇଁ ଆହ୍ୱାନ ଦେଇଥିଲେ। ଏଥିସହିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ସେକ୍ଟର-୨୧ସ୍ଥିତ ଆଇନ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଡ. ସମ୍ପାଦିକା ମହାନ୍ତିଙ୍କ ଅଧ୍ୟକ୍ଷତାରେ କଲେଜ ସଭାଗୃହରେ ସମ୍ବିଧାନ ଦିବସ ପାଳିତ ହୋଇଥିଲା। ସଭାରେ ସମ୍ବିଧାନର ନୈତିକତା ଉପରେ ଆଲୋଚନା ହୋଇଥିଲା। କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ରମାନେ ଏ ନେଇ ସାମୂହିକ ଶପଥ ପାଠ କରିଥିଲେ। ରାଉରକେଲା ଓକିଲ ସଂଘ ପକ୍ଷରୁ ସମ୍ବିଧାନ ଦିବସ ବିରଜାପାଲିସ୍ଥିତ ନୂତନ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଥିଲା। ରାଉରକେଲା ଓକିଲ ସଂଘ ସଭାପତି ସଦାନନ୍ଦ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ମୁକ୍ତିରଞ୍ଜନ ଶତପଥି ଯୋଗଦାନ କରିଥିଲେ।




ଆରଏସ୍‌ପି ଇଡି ୱାର୍କ୍ସରେ ସମ୍ବିଧାନ ମୁଖବନ୍ଧ ପାଠ କରାଯାଉଛି।

ଆର୍‌ଏସ୍‌ପି ପକ୍ଷରୁ ସମ୍ବିଧାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଇସ୍ପାତ କାରଖାନାର ଅଫିସଗୁଡିକ ସମେତ ବିଭିନ୍ନ ୟୁନିଟରେ ସମ୍ବିଧାନ ମୁଖବନ୍ଧ ପାଠ ଓ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଆରଏସପି ନିର୍ବାହୀ ନିର୍ଦ୍ଦେଶକ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ମାନେ ସାମ୍ବିଧାନିକ ସଂକଳ୍ପ ପାଠ କରିଥିଲେ। ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, ଅପରେଶନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପ୍ରଦୀପ ପାଳଚୌଧୁରୀ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡା. ଜୟନ୍ତ କୁମାର ଆଚାର୍ଯ୍ୟ ନିଜ ନିଜ କାର୍ଯ୍ୟାଳୟରେ ସଂକଳ୍ପ ପାଠର ନେତୃତ୍ୱ ନେଇଥିଲେ।

**ନର୍ଲା ବ୍ଲକ୍‌ରେ ନୂତନ ବିଡିଓଙ୍କ ଯୋଗଦାନ**

ରୁପ୍ରାରୋଡ୍, (ସଞ୍ଜୀବ ଦାସ): କଳାହାଣ୍ଡି ଜିଲା ନର୍ଲା ବ୍ଲକ୍‌ରେ ସୋମବାର ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ) ଭାବେ ବିପିନ ବିହାରୀ ଦୀପ କାର୍ଯ୍ୟରେ ଯୋଗଦେଇଛନ୍ତି। ତାଙ୍କୁ ପୂର୍ବ ବିଡିଓ ରିପୁନାଥ ସୁନା ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ନୂତନ ଭାବେ ଦାୟିତ୍ୱ ନେଇଥିବା ଦୀପଙ୍କ ପ୍ରାଥମିକତା କ'ଣ ରହିବ ବୋଲି ପଚାରିବାରୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ବିଶେଷକରି ଗରିବ ଶ୍ରେଣୀର ଲୋକଙ୍କ ସମସ୍ୟାକୁ ଅଗ୍ରାଧିକାର ଭିତ୍ତିରେ ସମାଧାନ କରାଯିବ ବୋଲି ସେ ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ନୂତନ ବିଡିଓଙ୍କୁ ନର୍ଲା ପ୍ରେସ୍ ଆସୋସିଏସନ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇଛି।

# ଓମ୍‌ଫେଡ୍ ଉତ୍ପାଦର ଚାହିଦା ବଢୁଛି

## ଭବାନୀପାଟଣାରେ ରାଷ୍ଟ୍ରୀୟ ଗୋଦୁଗ୍ଧ ଦିବସ ପାଳିତ

ଭବାନୀପାଟଣା,୨୬।୧୧(ଉତ୍ତମ କୁମାର ଦାଶ)

ଓଡ଼ିଶାର ନିଜସ୍ୱ ତଥା ଲୋକପ୍ରିୟ ବ୍ରାଣ୍ଡ ଓମ୍‌ଫେଡ ଦ୍ୱାରା ଉତ୍ପାଦିତ ବିଭିନ୍ନ ଦ୍ରବ୍ୟର ଚାହିଦା ଏବେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଓମ୍‌ଫେଡର ରାଜ୍ୟବ୍ୟାପୀ ୧୧ ସ୍ଥାନରେ ୧୧ ପ୍ଲାଣ୍ଟ ରହିଛି। ଭବାନୀପାଟଣାଠାରେ ୨୦୦୪ ମସିହାରେ ସ୍ଥାପିତ ଦୁଗ୍ଧ ଉତ୍ପାଦନ ଓ ପ୍ରକ୍ରିୟାକରଣ ପ୍ରକଳ୍ପ ଉପରେ ଆଶାତୀତ ଭାବେ ଗ୍ରାହକଙ୍କ ଭରସା ବଢ଼ିବାରେ ଲାଗିଛି।

କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ା ଜିଲାର ଚାଷୀ ଓ ଗୋପାଳକଙ୍କଠାରୁ ଦୁଗ୍ଧ ସଂଗ୍ରହ କରି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ପ୍ରକ୍ରିୟାକରଣ କରାଯାଇ ବିଭିନ୍ନ ଉତ୍ପାଦ ବଜାରକୁ ଛଡାଯାଉଛି। କଳାହାଣ୍ଡି ଜିଲାରେ ଏହାର ବେଶ ଚାହିଦା ଥିବାବେଳେ ୨୦ରୁ ଅଧିକ ପ୍ରକାରର ଉତ୍ପାଦ ଏବେ କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡା ଜିଲାରେ ଗ୍ରାହକଙ୍କ ପ୍ରଥମ ପସନ୍ଦ ପାଲଟିଛି। ଭବାନୀପାଟଣାସ୍ଥିତ ପ୍ଲାଣ୍ଟରେ ଦୈନିକ ୩୦ ହଜାର ଲିଟର ଗୋଦୁଗ୍ଧ ପ୍ରକ୍ରିୟାକରଣ କରାଯାଉଛି। ଆଗାମୀ ଦିନରେ ଜିଲାର ପ୍ରତିଟି ଘରେ ଓମ୍‌ଫେଡ ଉତ୍ପାଦ ପହଞ୍ଚାଇବା ଏକମାତ୍ର ଲକ୍ଷ୍ୟ ବୋଲି ମଙ୍ଗଳବାର ଭବାନୀପାଟଣାସ୍ଥିତ ଓମ୍‌ଫେଡ ପ୍ଲାଣ୍ଟ ପରିସରରେ ଆୟୋଜିତ ରାଷ୍ଟ୍ରୀୟ ଗୋଦୁଗ୍ଧ ଦିବସ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହା ସହିତ ପୁରପଲ୍ଲୀରୁ ଆରମ୍ଭ କରି ପୁରୀ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଓମ୍‌ଫେଡ ଉତ୍ପାଦର ବିଶ୍ୱସନୀୟତା ରହିଛି ଏବଂ ଶିଶୁ କିଶୋରଙ୍କଠାରୁ ଆରମ୍ଭ କରି ବୃଦ୍ଧାବୃଦ୍ଧଙ୍କ ପାଇଁ ଏହାର ପ୍ରତିଟି ଉତ୍ପାଦ ହିତକର ଓ ଲାଭଦାୟକ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି। ଭାରତରେ ଦୁଗ୍ଧବନ୍ୟା ବା ଶ୍ୱେତ ବିପ୍ଳବର ଜନକ ଡ. ଭର୍ଗିସ କୁରିଏନଙ୍କ ଜନ୍ମତିଥି ଅବସରରେ ଆୟୋଜିତ ଏହି ଭବ୍ୟ ସମାରୋହରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା କୃଷି ମହାବିଦ୍ୟାଳୟର ଡିନ୍ ଡ.ଶାନ୍ତନୁ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ସମ୍ମାନିତ ଅତିଥି ଭାବେ ମୁଖ୍ୟ ବାଣିଜ୍ୟିକ ଅଧିକାରୀ ମନୋଜ କୁମାର ହୋତା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ଲାଣ୍ଟ ମ୍ୟାନେଜର ବିଷ୍ଣୁଚରଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଜୟ ଚୌଧୁରୀ ପରିଚାଳନା କରିଥିଲେ। ହିସାବ ବିଭାଗ ମୁଖ୍ୟ ପ୍ରମୋଦ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉପରୋକ୍ତ ୩ଟି ଜିଲାର ଓମ୍‌ଫେଡର ହୋଲସେଲର ଓ ଏଜେଣ୍ଟ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ସଂକ୍ଷେପରେ

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଲାଞ୍ଜିଗଡ଼,୨୬।୧୧(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଲାଞ୍ଜିଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷା କମଳା ପାତ୍ର ମୁଖ୍ୟ ଅତିଥି ଓ ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାଏକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହଁର, ଓଡ଼ିଶା ବିକଳାଙ୍ଗ ମଞ୍ଚ ସଭାପତି ଡୋଲାମଣି ପଧାନ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ହୋଇ ଭିନ୍ନକ୍ଷମଙ୍କୁ ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏଥିରେ ମାନସିକ ରୋଗୀ ୪୩, ଦୃଷ୍ଟି ବାଧିତ ୩୬, ସିକଲିନ ୧୫, ଶ୍ରବଣ ୭୬, ଚଳନ ଅସମର୍ଥ ୨୪୬, ବିକଳାଙ୍ଗ ଜଣେ, ଡିଆରଆଇ ଋଣ ଜଣେ, ଭତ୍ତା ୧୨ଜଣ ଏପରି ମୋଟ ୪୧୪ ଜଣଙ୍କ ନାମ ପଞ୍ଜିକରଣ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ବିଭାଗର ଡାକ୍ତର ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରିଥିଲେ।

### କିନ୍ନରମାନଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ଶିବିର

**ନୂଆପଡ଼ା,୨୬।୧୧ (ମକାରୁ ବେମାଲ)** ନୂଆପଡ଼ା ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ସ୍ୱରୋଜଗାର ତାଲିମ କେନ୍ଦ୍ରଠାରେ ମଙ୍ଗଳବାର କିନ୍ନରମାନଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ୧୦ଦିନ ଧରି ହେବାକୁ ଥିବା ଶିବିରରେ ଜିଲାର ୩୫ ଜଣ କିନ୍ନର ସାମିଲ ହୋଇଛନ୍ତି। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବେ ଶିବିର ଉଦ୍‌ଘାଟନ କରି କିନ୍ନରମାନେ ତାଲିମ ନେଇ କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେ ଉପରେ ବକ୍ତବ୍ୟ ରଖିଥିଲେ। ଶିବିରରେ ସାବୁନ, ହେଣ୍ଡୱାସ, ଡିଟରଜେଣ୍ଟ ପାଉଡର, ଫିନାଇଲ, ଅଗରବତି, ମହମବତି, ଅଳତା ଇତ୍ୟାଦି ପ୍ରସ୍ତୁତି ପାଇଁ କୁଶଳୀ କରାଯିବ ବୋଲି ଜିଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆନନ୍ଦ ହେମ୍ବ୍ରମ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଷ୍ଟେଟବ୍ୟାଙ୍କ ନିର୍ଦ୍ଦେଶକ ସୀତାରାମ ମେହେର କାର୍ଯ୍ୟକ୍ରମ ପରିଚାଳନା କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱଚ୍ଛତା ଉପରେ ପ୍ରୟୋଗଶାଳା

**ଭବାନୀପାଟଣା,୨୬।୧୧(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ତିଲେଯୋଡି ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ଓ ମାସିକ ଋତୁସ୍ରାବ ଉପରେ ଏକ ପ୍ରୟୋଗଶାଳା ଅନୁଷ୍ଠିତ ହୋଇଥିଲା। ଏସ୍‌ବିଆଇ ଫାଉଣ୍ଡେଶନ ଓ ରାମ୍‌କି ଫାଉଣ୍ଡେଶନ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରଧାନଶିକ୍ଷକ ବିଜୟାନନ୍ଦ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାମ୍‌କି ଫାଉଣ୍ଡେଶନର ଚିକିତ୍ସକ ଡା. ବିମଳ କୁମାର ଷଡଙ୍ଗୀ ସ୍ୱଚ୍ଛତା ଉପରେ ଅନୁଷ୍ଠାନର ୮୭ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ସଂସ୍ଥାର କଳାହାଣ୍ଡି ମୁଖ୍ୟ ପି ଭୋକ୍ତା, ନର୍ସିଂ ଅଫିସର ପଙ୍କଜିନି ରଣା, ଏଲ୍‌ଟି ନିତୁ ନାୟକ ଉପସ୍ଥିତ ଥିଲେ।

# ସ୍କୁଲକୁ ଯାଇ ତଦାରଖ କଲେ ବିଇଓ

ଲାଞ୍ଜିଗଡ଼, ୨୬।୧୧(ରମେଶ ଚନ୍ଦ୍ର ନାୟକ)

**ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବନ୍ଦ ଘଟଣା**

କଳାହାଣ୍ଡି ଜିଲା ଲାଞ୍ଜିଗଡ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ମଧ୍ୟାହ୍ନଭୋଜନ ବନ୍ଦ ହେବାରୁ ଛାତ୍ରୀଛାତ୍ର ବିସ୍କୁଟ ଖାଇ ଘରକୁ ଫେରିବା ଭଳି ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଥିଲା। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମଙ୍ଗଳବାର ବ୍ଲକ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅଚାରୀ ଶବର ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ ବିଦ୍ୟାଳୟକୁ ଆସି ତଦାରଖ କରିଛନ୍ତି। ଅଧିକାରୀ ଦ୍ୱୟ ମଧ୍ୟାହ୍ନଭୋଜନ ଦାୟିତ୍ୱ ନେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ପାଚିକାଙ୍କୁ ଘଟଣା ବିଷୟରେ ପଚାରିବା ସହ ତାଗିଦ କରିଥିଲେ। ସୂଚନାଯୋଗ୍ୟ ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୩୫୪ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ରୋଷେଇ କରି ଖାଇବାକୁ ଦେବାପାଇଁ ଲାଞ୍ଜିଗଡର ମା'ଠାକୁରାଣୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଦିଆଯାଇଛି। ଗୋଷ୍ଠୀ ପକ୍ଷରୁ ଖାଦ୍ୟ ରାନ୍ଧିବା ପାଇଁ ୩ଜଣ ରୋଷେୟା ନିୟୋଜିତ ହୋଇଛନ୍ତି। ହେଲେ ସୋମବାର ତିନିଜଣ ରୋଷେୟା ରୋଷେଇ ପାଇଁ ଆସି ନ ଥିବାବେଳେ ଏସ୍‌ଏଚ୍‌ଜିକୁ ମଧ ଜଣେଇ ନ ଥିଲେ। ଫଳରେ ପିଲାମାନେ ରନ୍ଧାଖାଦ୍ୟ ପାଇ ନ ଥିଲେ। ଏ ସମ୍ପର୍କରେ ବିଇଓ ଶବରଙ୍କୁ ପଚାରିବାରୁ ବିଦ୍ୟାଳୟକୁ ଯାଇ ତଦାରଖ କରି ସ୍ୱୟଂ ସହାୟକ ଗୋଷ୍ଠୀ ଓ ପାଚିକାଙ୍କୁ ତାଗିଦ କରିଥିବା କହିଥିଲେ। ଏହାସହ ପ୍ରଧାନ ଶିକ୍ଷକ କାରଣ ଦର୍ଶାଅ ନୋଟିସର ଉତ୍ତର ଦେବାପରେ ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶବର ପ୍ରକାଶ କରିଥିଲେ।

# ହାତୀ ଆକ୍ରମଣରେ ମହିଳା ଗୁରୁତର

ରୁପ୍ରାରୋଡ୍,୨୬।୧୧ (ସଞ୍ଜୀବ ଦାସ)

କଳାହାଣ୍ଡି ଜିଲା ରୁପ୍ରାରୋଡ୍ ଫରେଷ୍ଟ ସେକ୍ସନର ଡମପଦର ଗ୍ରାମରେ ହାତୀ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ପୂର୍ଣ୍ଣମୀ ବେୱା (୪୦)। ସୂଚନାକ୍ରମେ ପୂର୍ଣ୍ଣମୀ ସକାଳୁ ଶୌଚ ପାଇଁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ିଦେବାରୁ ସେ ଗୁରୁତର ଆହତ ହେଇଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ଖବର ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ କେସିଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ରୁପ୍ରାରୋଡ୍ ଫରେଷ୍ଟର ଯଶୋବନ୍ତ ପାତ୍ର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସା ବ୍ୟବସ୍ଥା କରାଇଥିବା ଜଣାପଡ଼ିଛି।

# ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା



ବୈଠକରେ ପର୍ଯ୍ୟବେକ୍ଷକଙ୍କ ସହ ଅଧିକାରୀମାନେ।

ଭବାନୀପାଟଣା,୨୬।୧୧(ଉତ୍ତମ କୁମାର ଦାଶ)

**ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଅଭିଯାନ**

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ସଚିବ ତଥା ଭୋଟର ତାଲିକା ତଦାରଖ ପର୍ଯ୍ୟବେକ୍ଷକ ଅରବିନ୍ଦ ଅଗ୍ରୱାଲ ମଙ୍ଗଳବାର କଳାହାଣ୍ଡି ଜିଲାକୁ ଦିନିକିଆ ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ସଭାରେ ଯୋଗଦେଇ ଜିଲାସ୍ତରୀୟ ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଅଭିଯାନର ସମୀକ୍ଷା କରିଥିଲେ। ଜିଲାପାଳ ପାୱାର ସଚିନ ପ୍ରକାଶ ଜିଲାରେ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତି ଅଭିଯାନର ଅଗ୍ରଗତି ସମ୍ପର୍କରେ ପର୍ଯ୍ୟବେକ୍ଷକ ଅଗ୍ରୱାଲଙ୍କୁ ଅବଗତ କରାଇଥିଲେ। ମୃତ ବ୍ୟକ୍ତିଙ୍କୁ ଭୋଟର ତାଲିକାରୁ ବାଦ୍ ଦେବା ସହିତ ୧୮ ବର୍ଷରୁ ଊର୍ଦ୍ଧ୍ୱ ଯୁବତୀଯୁବକ କିପରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରିବେ, ଆବଶ୍ୟକ ସ୍ଥଳେ ସଂଶୋଧନ କରିପାରିବେ ତା' ଉପରେ ପର୍ଯ୍ୟବେକ୍ଷକ ଅଗ୍ରୱାଲ ଗୁରୁତ୍ୱ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ)ବୈଦୁରା ଦୀପ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢୀ, ଧର୍ମଗଡ ଉପଜିଲାପାଳ ଧିମାନ ଚକମା, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ଡେପୁଟି କଲେକ୍ଟର ନିର୍ବାଚନ ଶାଖା ଚନ୍ଦ୍ରଦାସ ମହାନନ୍ଦୀଆ, କଂଗ୍ରେସର ଜିଲା ଉପସଭାପତି ଉଛବ ସାହୁ, ଭାଜପାର ସାଧାରଣ ସମ୍ପାଦକ ଜୟଶଙ୍କର ନାଏକ ପ୍ରମୁଖ ଯୋଗଦେଇଥିଲେ।

# କେରଳରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଥୁଆମୂଳ ରାମପୁର,୨୬।୧୧(ଦୁର୍ଗା କୀର୍ତ୍ତି)

କେରଳରେ ଦାଦନ ଶ୍ରମିକ ଭାବେ କାମ କରୁଥିବା କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଥୁଆମୂଳ ରାମପୁର ଥାନା ବଡଦେର୍ଲା ଗ୍ରାମର ଜୟ ମାଝୀ (୨୭) ପରିବାର ପ୍ରତିପୋଷଣ ପାଇଁ ଗତ ଜୁଲାଇରେ କେରଳ ରାଜ୍ୟ ଅର୍ନାକୁଲମ ଜିଲାର କାଲାଡି ଅଞ୍ଚଳକୁ ଦାଦନ ଖଟି ଯାଇଥିଲେ। ସେଠାରେ ସେ ଏକ କ୍ରଶରରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ଅକ୍ଟୋବର ୨୨ରେ କାମ କରୁଥିବା ସମୟରେ ସେ କ୍ରଶର ବେଲ୍ଟରେ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବାବେଳେ ଶନିବାର ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପାଇ ଘରେ ଗର୍ଭବତୀ ସ୍ତ୍ରୀ, ୪ବର୍ଷର ଝିଅ ଓ ବୃଦ୍ଧା ମା' ଭାଙ୍ଗିପଡିଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ଓ ଥୁଆମୂଳ ରାମପୁରର ସମାଜସେବୀଙ୍କ ପ୍ରଚେଷ୍ଟାରେ ତାଙ୍କ ମୃତଦେହ ସୋମବାର ରାତିରେ ଗ୍ରାମରେ ପହଞ୍ଚିଥିଲା। ମଙ୍ଗଳବାର ଗାଁ ଶ୍ମଶାନରେ ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଜାମପାଣିଠାରେ ଧାନ ମଣ୍ଡି ଖୋଲିବାକୁ ଦାବି

ନୂଆପଡ଼ା,୨୬।୧୧ (ମକାରୁ ବେମାଲ)

ନୂଆପଡ଼ା ସଦର ବ୍ଲକ କୁଳିଆବନ୍ଧା ପ୍ୟାକ୍ସ ଅଧୀନ ଜାମପାଣିଠାରେ ୨୦୨୩-୨୪ରେ ଧାନ ମଣ୍ଡି ଖୋଲି ଖରିଫ ଧାନ କ୍ରୟ କରାଯାଇଥିଲା। ଚଳିତବର୍ଷ ମଣ୍ଡି ନ ହେବାରୁ ଅଞ୍ଚଳର ଚାଷୀଙ୍କୁ ଧାନ ବିକ୍ରି ପାଇଁ ପ୍ରାୟ ୨୦ କିଲୋମିଟର ବାଟ ଯିବାକୁ ପଡିବ। ଏହା ସମୟସାପେକ୍ଷ ଓ ଖର୍ଚ୍ଚବହୁଳ। ତେଣୁ ପୂର୍ବ ପରି ଜାମପାଣିଠାରେ ମଣ୍ଡି ସ୍ଥାପନ କରିବାକୁ ଅଞ୍ଚଳବାସୀ ମଙ୍ଗଳବାର ଜିଲାପାଳ ମଧୁସୂଦନ ଦାସ, ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ, ଡିଆର୍‌ସିଏସ୍ ଶିବ ପ୍ରସାଦ ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରି ନିବେଦନ କରିଛନ୍ତି।

ସୂଚନା ମୁତାବକ କୁଳିଆବନ୍ଧା ପ୍ୟାକ୍ସ ଉପରେ ଜାମପାଣି, ଛିଦ୍ରପାଣି, ଚିଚିରିପାଣି, ଟୋଙ୍ଗପାଣି, ବନୁଆପଡା ଆଦି ୧୩ ଗାଁର ଚାଷୀ ନିର୍ଭର କରିଥାନ୍ତି। ସ୍ଥାନୀୟ ଚାଷୀଙ୍କ ଦାବି ମୁତାବକ ଜାମପାଣିଠାରେ ୨୦୨୩-୨୪ ଖରିଫ ଋତୁରେ ମଣ୍ଡି ସ୍ଥାପନ କରି କୁଳିଆବନ୍ଧା ପ୍ୟାକ୍ସ ଜରିଆରେ ସିଧାସଳଖ ଧାନ କ୍ରୟ କରାଯାଉଥିଲା। ଚଳିତ ଖରିଫ ଋତୁରେ ଜିଲାରେ ୭୭ ଧାନ ମଣ୍ଡି ଖୋଲିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଥିଲେ ମଧ ଜାମପାଣି ତାଲିକାରେ ନ ଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଯୋଗାଣ ଅଧିକାରୀ ରାଉତରାୟ ଚାଷୀଙ୍କୁ ଆଶ୍ୱସନା ଦେଇ ପୂର୍ବରୁ ଯେଉଁଠି ମଣ୍ଡି ଥିଲା ସେଠାରେ ପୁଣି ଖୋଲାଯାଇ ପ୍ୟାକ୍ସ ଜରିଆରେ ଚାଷୀଙ୍କ ଧାନ ସିଧାସଳଖ କିଣା ଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବଳରାମ ମାଝି, ନରେଶ ନାଏକ, ମଧୁ ସାହୁ, ଭରତ ତାଣ୍ଡି, ଉଗ୍ରେସନ ବରିହା, କମଳ ସିଂ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ଦେବା ପାଇଁ ଆସିଥିବା ଚାଷୀ।

# ସମ୍ବିଧାନ ନୀତି, ଆଦର୍ଶ ଅନୁପାଳନ କରିବାକୁ ଆହ୍ୱାନ


କଲମପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଭବାନୀପାଟଣା,୨୬।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରସଂଘ ତରଫରୁ ମଙ୍ଗଳବାର ୭୫ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଭାରତ ରତ୍ନ ଡ. ବାବା ସାହେବ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଡ ଅଜୟ ମିଶ୍ର ଯୋଗଦେଇ ଭାରତୀୟ ସମ୍ବିଧାନ ଓ ଗଣତନ୍ତ୍ରକୁ ମଜଭୁତ କରିବା ସହ ଏକତା ଓ ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସମସ୍ତେ ସମ୍ବିଧାନର ନୀତି ଓ ଆଦର୍ଶର ଅନୁପାଳନ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପୁରାତନ ଛାତ୍ରସଂଘ ସମ୍ପାଦକ ଅବିନାଶ ଠାକୁର, ଯୁବ ନେତା ମଣ୍ଟୁ ନାଏକ, ଧର୍ମେନ୍ଦ୍ର ନାଏକ, ପରମାନନ୍ଦ ମାଝି, ବାବା ଅଲି ଖାନ, ଡ. ବିରଞ୍ଚି ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

**ନୂଆପଡ଼ା(ମକାରୁ ବେମାଲ):** ନୂଆପଡ଼ା ଜିଲା ନ୍ୟାୟାଳୟ ପରିସରରେ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣଙ୍କ ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇ ଯାଇଛି। ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାଜଜ୍ ମୀନାକ୍ଷୀ ଦାଶ, ସିଜେଏମ୍ ପ୍ରଜ୍ଞା ପରମିତା ମହାପାତ୍ର, କୋର୍ଟ ଜଜ୍ ସରୋଜିନୀ ସାହୁ, ରେଜିଷ୍ଟ୍ରାର ସୌଭାଗ୍ୟ ରଞ୍ଜନ ପ୍ରଧାନ, ଏସ୍‌ଡିଜେଏମ୍ ଇଶା ପତି, ଜେଏମ୍‌ଏଫ୍‌ସି ମଧୁସ୍ମିତା ମହାପାତ୍ର, ଓକିଲ ସଂଘ ସଭାପତି କ୍ଷିତିଶ ବୋଧନକର ପ୍ରମୁଖ ଯୋଗଦେଇ ସମ୍ବିଧାନ ଦିବସର ମହତ୍ୱ ତଥା ମୌଳିକ ଅଧିକାର ଓ ମୌଳିକ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରି ମାଗଣା ଆଇନସେବା ବିଷୟରେ ଆଲୋଚନା କରିଥିଲେ। ଜିଲା ଆଇନସେବା ପ୍ରାଧିକରଣ କାର୍ଯ୍ୟକାରୀ ସଚିବ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଖଡ଼ିଆଳ(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ସତୁରି ଦଶକର ଭାରତୀୟ ସମ୍ବିଧାନ ଦିବସ ପାଳିତ ହୋଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁନୀଲ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ମୁଖ୍ୟ ବକ୍ତା ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ଫଣିନ୍ଦମ ସିଂଦେଓ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ତରୁଣ କୁମାର ପ୍ରଧାନ, ଯୁକ୍ତ ୨ ଅଧ୍ୟକ୍ଷ ରଣବୀର ସିଂହ ଯୋଗଦେଇ ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ୧୦ଜଣ ଛାତ୍ରୀଛାତ୍ର ସମ୍ବିଧାନ ପ୍ରଣୟନ ବିଷୟଭିତ୍ତିକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶେଷରେ ଡୁଲେଶ୍ୱରୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

**କଲମପୁର (ଗଣେଶରାମ ବାଗ):** କଲମପୁର ବ୍ଲକ ଅଲ ଓଡ଼ିଶା ସିଡ୍ୟୁଲ କାଷ୍ଟ ଫେଡରେଶନ ଆନୁକୂଲ୍ୟରେ ୭୫ତମ ସମ୍ବିଧାନ ଦିବସ ମୁଖ୍ୟ ବଜାର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ବ୍ଲକ ଅନୁସୂଚିତ ଜାତି ବିକାଶ ପରିଷଦ ସଭାପତି ବଳରାମ ଦୁର୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଲମପୁର ତହସିଲଦାର ସ୍ମରଣିକା ତୁଳ ମୁଖ୍ୟ ଅତିଥି, ଓଏଭିର ଶିକ୍ଷକ ତ୍ରିନାଥ ବାଗ ମୁଖ୍ୟବକ୍ତା ଓ ବ୍ଲକ ବିଇଓ ମଧୁସ୍ମିତା ନାଏକ, ଜିଲା ପରିଷଦ ସଭ୍ୟା ନିବେଦିତା ହଂସ, କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ବେହେରା, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ସତ୍ୟ ନାରାୟଣ ରାଜପୁତ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ସମ୍ବିଧାନକୁ ସମସ୍ତେ ଅଧ୍ୟୟନ କରି ନିଜର ମୌଳିକ ଅଧିକାର ହାସଲ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସେନାପତି ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ଚକ୍ରଧର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

**ସିନାପାଲି (ମନଫୁଲ ମେହେର):** ସିନାପାଲି ବ୍ଲକ ଘଣ୍ଟିଗୁଡା ପଞ୍ଚାୟତ ପରିସରରେ ସରପଞ୍ଚ ଖୁଟୁରାମ ସୁନାନୀଙ୍କ ଅଧ୍ୟକ୍ଷତାରେ ୭୫ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ବଘେଲ ମୁଖ୍ୟ ଅତିଥି, ସିନାପାଲି ମହାବିଦ୍ୟାଳୟର ଅଧ୍ୟାପକ ବିରେନ୍ଦ୍ର ବେହେରା ମୁଖ୍ୟବକ୍ତା ଓ ଅଧ୍ୟାପକ କ୍ଷେତ୍ରମୋହନ ଦୁରିଆ, ହେମକାନ୍ତ ଭୋଇ, ଶିକ୍ଷକ ଉପେନ୍ଦ୍ର ସୁନାନୀ, ଏମ୍‌ବିକେ ଦ୍ରୌପଦୀ ତାଣ୍ଡି, ସାମାଜିକ କର୍ମୀ ମନୁରାମ ସୁନାନୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସେହିପରି ଘଣ୍ଟିଗୁଡା ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ସତ୍ୟବାନ ମେହେରଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି।

**ଥୁଆମୂଳ ରାମପୁର (ଦୁର୍ଗା କୀର୍ତ୍ତି):** ସ୍ଥାନୀୟ ମା' ମାଣିକେଶ୍ୱରୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଡିଗ୍ରୀ ମହାବିଦ୍ୟାଳୟଠାରେ ୭୫ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ବାବା ସାହେବ ଡ. ଭୀମରାଓ ଆମ୍ବେଡକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ସମାଜସେବୀ ମାଣିକ୍ୟ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଓ ଜିଲା ରୋଜଗାର ବିନିମୟର ଏସ୍‌ଡିଓ ଶ୍ରୀ ବେହେରା, ପିରାମଲ ଫାଉଣ୍ଡେଶନର ପ୍ରୋଗ୍ରାମ ମ୍ୟାନେଜର ଚାର୍ଲ୍ସ ଜାମିନ, ଆଇନଜୀବୀ ମନୋରଞ୍ଜନ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଭାରତୀୟ ସମ୍ବିଧାନର ବିବିଧ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ଅନୁଷ୍ଠାନର ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ସଭାପତିତ୍ୱ କରିଥିଲେ।

**ଧର୍ମଗଡ଼ (ଆକାଶ କୁମାର ଜଗତ):** ଧର୍ମଗଡ଼ କୋର୍ଟ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଉପଖଣ୍ଡ ଆଇନସେବା କମିଟି ଅଧ୍ୟକ୍ଷ ଅତିରିକ୍ତ ଜିଲା ଦୌରା ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଖଣ୍ଡ ସିନିଅର ସିଭିଲ ଜଜ୍ ଇପ୍‌ସୀ ମହାନ୍ତି, ଏସ୍‌ଡିଜେଏମ୍ ପ୍ରଜ୍ଞା ପରିମିତା ସ୍ୱାଇଁ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୀଚନ୍ଦନ ସେଠୀ, ଧର୍ମଗଡ଼ ଓକିଲ ସଂଘ ସଭପତି ତୁଷାର ରଞ୍ଜନ ପଟ୍ଟଯୋଶୀ,ସମ୍ପାଦକ ଥବିର ପ୍ରସାଦ ସାହୁ ପ୍ରମୁଖ ଯୋଗଦେଇ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶାସନର ମୂଳ ଆଧାର ସମ୍ବିଧାନ ବୋଲି କହିଥିଲେ।

**କୋକସରା (ଦୁଷ୍ମନ୍ତ କୁମାର ପାଟଯୋଷୀ):** କଳାହାଣ୍ଡି ଜିଲା କୋକସରା ବ୍ଲକ ତାଲୁକ ଆଇନସେବା ସମିତି ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ବଙ୍ଗୋମୁଣ୍ଡାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ତାଲୁକ ଆଇନ ପ୍ରାଧିକରଣ ସେବା ସମିତି ଅଧ୍ୟକ୍ଷା ତଥା କୋକସରା ଜେଏମ୍‌ଏଫ୍‌ସି ମାଜିଷ୍ଟ୍ରେଟ ରିତିକା ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ନିଝୁମରାଣୀ ପଣ୍ଡିତ, ବରିଷ୍ଠ ଆଇନଜୀବୀ ମନୋଜ କୁମାର ନାଏକ, ଲକ୍ଷ୍ମୀକାନ୍ତ ଖମାରି, ଲକିଧର ମେହେର, ପଞ୍ଚାନନ ବେଶ୍ରା ପ୍ରମୁଖ ଉପସ୍ଥିତ ରହି ସମ୍ବିଧାନର ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ସ୍ମୃତି ଚାରଣ ସହ ଛାତ୍ରୀଛାତ୍ରଙ୍କୁ ସମ୍ବିଧାନର ବିଭିନ୍ନ ଦିଗ ଉପରେ ପରାମର୍ଶ ଦେଇଥିଲେ।

**ରିଷିଡ଼ା (ସୁଶାନ୍ତ ମଲ୍ଲିକ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହାସ୍ଥିତ କୌଶିକ ବାବା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ୭୫ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଅଧିକାରୀ ରବି ମାଝୀ ସମ୍ବିଧାନର ଉଦ୍ଦେଶ୍ୟ ବିଷୟରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। କଲେଜ ଅଧ୍ୟକ୍ଷା ଲିପ୍ସାମୟୀ ଦୁବେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯଶୋବନ୍ତ ଭୋଇ ନ୍ୟାଶନାଲ କଲେଜ ନୂଆପଡ଼ା, ସମ୍ମାନିତ ଅତିଥି ଭାବରେ କୌସ୍ତୁଭ ସାହୁ, ସମୀର ପଧାନ, ମାନସ ରଞ୍ଜନ ବାଗ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଖେଳଣା ନୋଟ୍ ଦେଇ ମୋବାଇଲ ଲୁଟ୍, ଅଭିଯୁକ୍ତ ଗିରଫ

**ବରଗଡ଼, ୨୬।୧୧ (ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା କେଦାରନାଥ ମନ୍ଦିର ନିକଟରେ ସୋମବାର ଜଣେ କୋରିୟର ଡେଲିଭରି ବୟଙ୍କୁ ଖେଳଣା ନୋଟ୍ ଦେଇ ମୋବାଇଲ ଲୁଟ୍ ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଅଜୟ ସିଂ। ପୋଲିସ ଏକ ମାମଲା (ନଂ.୨୨୮/୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନା ମୁତାବକ, କୋରିୟର ଡେଲିଭରି ବୟ ଅରବିନ୍ଦ ଜାମଡୋଲିଆ ଏକ ମୋବାଇଲ ପାର୍ସଲ ଦେବାକୁ ଆସିଥିଲେ। ସେଠାରେ ଅରବିନ୍ଦ ଅନ୍‌ଲାଇନ ଅର୍ଡରରେ ମୋବାଇଲ ମଗାଇଥିବା ଅଜୟଙ୍କୁ ମୋବାଇଲ ରହିଥିବା ପ୍ୟାକେଟ୍ ଦେଇଥିଲେ। ଅଜୟ ପ୍ୟାକେଟ୍‌ରୁ ମୋବାଇଲ ବାହାର କରି ହଠାତ ଖେଳଣା ନୋଟ୍‌ର ଏକ ବଣ୍ଡଲ୍ ଅରବିନ୍ଦଙ୍କୁ ଧରାଇ ଅମ୍ବାଭୋନା ମନ୍ଦିର ପଛ ପଟକୁ ପଳାଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ଅମ୍ବାଭୋନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଗୋଷ୍ଠୀ ଶିକ୍ଷା ପରିବାରର ଅଭିନବ କାର୍ଯ୍ୟକ୍ରମ ଏଡ୍ୟୁସ୍ ଉଦ୍‌ଯାପିତ

**ସରଣ୍ଡା, ୨୬।୧୧ (ଯୁଧିଷ୍ଠିର ମହାପାତ୍ର):** ଅତାବିରା ବ୍ଲକ ଗୋଡ଼ଭଗା ସରକାରୀ ଜନତା ଉଚ୍ଚ ବିଦ୍ୟାଳୟଠାରେ ଚଳିତ ଶିକ୍ଷାବର୍ଷ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରମାନଙ୍କୁ ଆଗାମୀ ବୋର୍ଡ ପରୀକ୍ଷାରେ ଏ-ୱାନ୍ ହାସଲ ପାଇଁ ଦିଗ୍‌ଦର୍ଶନ ଦେବା ପାଇଁ ଏକ ନୂତନ ପ୍ରୟାସ ଏଡ୍ୟୁସ୍ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏବିଇଓ କାର୍ତ୍ତିକ ବାଗ, ପ୍ରଧାନ ଶିକ୍ଷକ ଅଦନ ସୁନା, ପ୍ରଧାନ ଶିକ୍ଷକ ମନୋଜ ହରିପାଲ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିନ ସନ୍ଧ୍ୟା ଅଧିବେଶନରେ ଡିଇଓ ରାଧାକାନ୍ତ ଛତ୍ରୀ, ଜିଲା ବିଜ୍ଞାନ ନିରୀକ୍ଷକ ଧୀରଜ ପଟ୍ଟନାୟକ, ଝାରବନ୍ଧ ବିଇଓ ଶୁଭମ୍ ପତି ଯୋଗଦାନ କରି ଛାତ୍ରୀଛାତ୍ରମାନଙ୍କ ସହ ଭାବ ଆଦାନପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସ ଅଧିବେଶନରେ ପିଲାମାନଙ୍କୁ ନେହେରୁ ପାର୍କ ପରିଭ୍ରମଣରେ ନିଆଯାଇଥିଲା। ବକ୍ତା ସମ୍ବିତ କୁମାର ପଣ୍ଡା ଯୋଗଦାନ କରି ପିଲାମାନଙ୍କୁ ଅନୁପ୍ରେରିତ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତଥା ସିଆରସିସି ସହଯୋଗ କରିଥିଲେ।

### ରକ୍ତଦାନ ଶିବିର: ୨୯ ୟୁନିଟ୍ ସଂଗ୍ରହ

**ପଦ୍ମପୁର, ୨୬।୧୧ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପଖଣ୍ଡ ଜଗଦଲପୁର ଆବାସିକ ମହାବିଦ୍ୟାଳୟରେ କୋଶଳ ସଂଗ୍ରାମୀ ସରୋଜ ପ୍ରଧାନଙ୍କ ଜନ୍ମଦିନରେ ଜ୍ଞାନ ଭାରତୀ ଗୁରୁକୁଳ ଓ ଆବାସିକ ମହାବିଦ୍ୟାଳୟର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୯ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଉପଲକ୍ଷେ ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡାଙ୍କ ସଂଯୋଜନାରେ ଏକ ସଭା ହୋଇଥିଲା। ପଦ୍ମପୁର ପୂର୍ବତନ ନଗରପାଳ ପ୍ରୀତମ ମେହେର, ନିରୋଜ ଦୋରା, ଜିଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା, ଜ୍ଞାନ ଭାରତୀ ଗୁରୁକୁଳର ଅଧ୍ୟକ୍ଷ ସାଧୁ ଚରଣ ବରିହା, ଖବରଦାତା ରତ୍ନମଣି ଶତପଥୀ, ଝାରବନ୍ଧ ସମିତି ସଭ୍ୟ ଧନୁର୍ଜ୍ୟ ସିଦାର ପ୍ରମୁଖ ଯୋଗଦାନ କରିଥିଲେ। ଉପଖଣ୍ଡ ରକ୍ତ ଭଣ୍ଡାରର ସଂଗ୍ରାମ କେଶରୀ ମହନ୍ତ, ଦୀପକ ସାହୁ, ଜିତେନ୍ଦ୍ରିୟ ଗୁର୍ଲା, ଶ୍ୟାମ ସୁନ୍ଦର ସାହୁ, ଗଣେଶ ପ୍ରଧାନ, ହିତେଶ ସାହୁ ରକ୍ତ ସଂଗ୍ରହ କରିଥିଲେ।

### ରାଜନୀତି ବିଜ୍ଞାନ ପାଠଚକ୍ର

**ପଦ୍ମପୁର, ୨୬।୧୧ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ବିରଞ୍ଚି ସାହୁଙ୍କ ସଭାପତିତ୍ୱରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏକ ପାଠଚକ୍ର ଆୟୋଜିତ ହୋଇଥିଲା। 'ଭାରତ ସମ୍ବିଧାନ: ଏକ ବିଶ୍ଳେଷଣ' ପାଠଚକ୍ରର ଶୀର୍ଷକରେ ଯୁକ୍ତ ୩ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରୀମାନେ ସେମାନଙ୍କ ନିବନ୍ଧ ଉପସ୍ଥାପନ କରିଥିଲେ। ବିଭାଗୀୟ ମୁଖ୍ୟ ଶର୍ମିଳା ପଣ୍ଡା ସମ୍ବିଧାନ ଦିବସର ମହତ୍ତ୍ୱ ଓ ସମ୍ବିଧାନର ଗୁରୁତ୍ୱ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ସିଦାର, ଭୁବନେଶ୍ୱର ବରିହା, ବିପିନ ପାଇକ ନିଜ ନିଜ ମତ ପ୍ରଦାନ କରିଥିଲେ। ଛାତ୍ରୀ ରିଙ୍କି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବରଗଡ଼ରେ ଚାଷୀଙ୍କ ବିକ୍ଷୋଭ ଶୋଭାଯାତ୍ରା।



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା।

# ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

**ବରଗଡ଼, ୨୬।୧୧ (ପ୍ରେମାନନ୍ଦ ଖମାରୀ)**

**କୃଷି ଓ କୃଷକଙ୍କ ସମସ୍ୟାକୁ ଅଣଦେଖା**

କୃଷି ଏବଂ କୃଷକଙ୍କ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାର ସମାଧାନ ଦିଗରେ ବାରମ୍ବାର ଉଭୟ କେନ୍ଦ୍ର, ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ମାତ୍ର ସରକାର ତାକୁ ଅଣଦେଖା କରୁଛନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବଢ଼ି ଚାଲିଛି। ଏହି କ୍ରମରେ ସଂଯୁକ୍ତ କିଷାନ ମୋର୍ଚ୍ଚା (ଭାରତ)ର ଆହ୍ୱାନକ୍ରମେ ମଙ୍ଗଳବାର ବରଗଡ଼ରେ ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନ ତରଫରୁ ବିକ୍ଷୋଭ ଶୋଭାଯାତ୍ରା ଏବଂ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କୁ ୬ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ସ୍ଥାନୀୟ ଗୋପାଳ ଗୋଶାଳାରୁ ହଜାର ହଜାର ମହିଳା ପୁରୁଷ ଚାଷୀ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଜୟ କିଷାନ ଆନ୍ଦୋଳନ ସଭାପତି ସୁଶୀଲ କୁମାର ସାହୁଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ହୋଇଥିଲା। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ ଯୋଗଦେଇ କହିଥିଲେ, କେନ୍ଦ୍ର ସରକାର କରୋନା କଟକଣା ସମୟରେ ଏହାକୁ ଏକ ସୁଯୋଗ ଭାବି ୩ କଳା କୃଷି ଆଇନ ଆଣିଥିଲେ। ଉକ୍ତ ୩ ଆଇନକୁ ପ୍ରତ୍ୟାହାର କରିବା ପାଇଁ ଚାଷୀମାନଙ୍କୁ ଦୀର୍ଘ ୧୩ ମାସ ଧରି ଆନ୍ଦୋଳନ କରିବାକୁ ପଡ଼ିଥିଲା। ଏହି କାଳଖଣ୍ଡରେ ପ୍ରାୟ ସାଢ଼େ ୭ଶହ ଚାଷୀ ଶହୀଦ ହୋଇଥିଲେ। ସେହି ଆଇନକୁ ସରକାର ୨୦୨୧ ଡିସେମ୍ବର ୧ତାରିଖରେ ପ୍ରତ୍ୟାହାର କରିଥିଲେ। ସେତେବେଳେ କେନ୍ଦ୍ର ସରକାର ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ଦେବା ଏବଂ ସ୍ୱାମୀନାଥନ କମିଶନର ସୁପାରିଶକ୍ରମେ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ମୂଲ୍ୟ ପ୍ରଦାନ ପାଇଁ ଏକ କମିଟି ଗଠନ କରି ଏହାକୁ କାର୍ଯ୍ୟ କରାଯିବ ବୋଲି କହିଥିଲେ।

କିନ୍ତୁ ଇତିମଧ୍ୟରେ ୩ବର୍ଷ ବିତିଯାଇଥିଲେ ସୁଦ୍ଧା ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହିସବୁ ଦାବିକୁ ନେଇ ପୁନର୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚା ଦେଶବ୍ୟାପୀ ଆନ୍ଦୋଳନ ଡାକରା ଦେଇଛି ବୋଲି ଲିଙ୍ଗରାଜ କହିଥିଲେ। ଏହାସହିତ ବରଗଡ଼ ଜିଲାରେ ଧାନବିକ୍ରି ଏବଂ ବିଜୁଳି ସମସ୍ୟା ନେଇ ମଧ୍ୟ ସେ ଉଦ୍‌ବୋଧନ ଦେଇଥିଲେ। ଧାନବିକ୍ରି ବ୍ୟବସ୍ଥାରେ ଟୋକନ ସମସ୍ୟା ଏବଂ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟିକୁ ପୂର୍ବବତ୍ କାର୍ଯ୍ୟକ୍ଷମ କରିବା ପାଇଁ ଲିଙ୍ଗରାଜ ଦାବି କରିଥିଲେ। ପ୍ରତିବାଦ କାର୍ଯ୍ୟକ୍ରମରେ ବରଗଡ଼ ଜିଲାର ବରଗଡ଼, ଭଟଲି, ଅମ୍ବାଭୋନା, ଅତାବିରା, ଭେଡ଼େନ, ପଦ୍ମପୁର, ପାଇକମାଳ, ଝାରବନ୍ଧ ବ୍ଲକ ଚାଷୀମାନେ ଯୋଗ ଦେଇଥିଲେ। ଜୟ କିଷାନ ଆନ୍ଦୋଳନର ସମ୍ପାଦକ ହର ବଣିଆଁ, ଶିବ ପ୍ରସାଦ ପ୍ରଧାନ, ମହେଶ୍ୱର ପ୍ରଧାନ, ଅରୁଣ କୁମାର ସାହୁ, ଭଞ୍ଜନ ବାରିକ, ଅରୁଣ ପ୍ରଧାନ, ସୁରେନ୍ଦ୍ର ମେହେର, ମାନଭଞ୍ଜନ ପ୍ରଧାନ, ବିଶ୍ୱନାଥ ରଣା, ରାସବିହାରୀ ସାହୁ, କ୍ଷମାନିଧି ସାହୁ, ସରୋଜ ପ୍ରଧାନ, ଚକ୍ରପାଣି ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

### ପ୍ରୟୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବରପାଲି, ୨୬।୧୧ (ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକ ଗଙ୍ଗାଧର ଏନ୍‌ଏସି ହାଇସ୍କୁଲରେ ତ୍ରିଦିବସୀୟ ପ୍ରୟୋଗ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏବିଇଓ ଦୁର୍ଯ୍ୟୋଧନ ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସିଆରସିସି କ୍ଷେତ୍ର ମେହେର, ମିଥୁନ ସାହୁ, ବିନୟ ଭୋଇ, ଅଶୋକ ସାହୁ, ସରୋଜ ଦାଶ, ରବି ନାରାୟଣ ମହାପାତ୍ର, ରାଜେନ୍ଦ୍ର ମେହେର, ଶ୍ରୀନିବାସ ପଧାନ, ଉତ୍ତମ ଦେହୁରୀ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଶିବିରରେ ଶିକ୍ଷାର୍ଥୀମାନଙ୍କୁ ତୃତୀୟ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ବେଳକୁ ନିପୁଣ କରିବା ପାଇଁ କିଭଳି ଶିକ୍ଷାଦାନ ଦିଆଯିବ ସେ ସମ୍ପର୍କରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଶିବିରରେ ବ୍ଲକର ୧୪ଟି କ୍ଲଷ୍ଟରରୁ ମୋଟ ୨୨୯ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ ବିଇଓ ମୁକୁନ୍ଦ ମାହାର, ଏବିଇଓ ରତ୍ନାକର ଭୋଇ ଅତିଥି ଭାବେ ଯୋଗଦାନ କରିଥିଲେ। ସିଆର୍‌ସିସି ଅନୀଲ ଦାଶ, ବିଆର୍‌ଟି ମୁକୁନ୍ଦ ମେହେର, ସଞ୍ଜୟ ସାହୁ ଓ ସୁଦାମ ମେହେର ପ୍ରମୁଖ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



ଶିବିରରେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅତିଥିଗଣ।

### ବାପାଙ୍କୁ ମୁଖାଗ୍ନି ଦେଲେ ୩ ଝିଅ

**ବରଗଡ଼, ୨୬।୧୧ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହରରେ ବାପାଙ୍କ ଦେହାନ୍ତ ପରେ ୩ଝିଅ ମୁଖାଗ୍ନି ଦେଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସୂଚନା ଅନୁଯାୟୀ, ଗତ ରବିବାର ସନ୍ଧ୍ୟାରେ ବରଗଡ଼ ସହର କଲେଜ ରୋଡ୍ ଗଣେଶ ନଗର ନିବାସୀ ନିବାସୀ ଘନଶ୍ୟାମ ମହାପାତ୍ରଙ୍କ ଦେହାନ୍ତ ହୋଇଥିଲା। ସ୍ୱର୍ଗତ ମହାପାତ୍ରଙ୍କ ୩ ଝିଅ। ସେମାନଙ୍କ ମଧ୍ୟରୁ ବଡ଼ଝିଅ ସୁନୟନା ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିରେ ଅଧ୍ୟାପନା କରୁଥିବାବେଳେ ସାନଝିଅ ସୁନାକ୍ଷୀ ମଧ୍ୟପ୍ରଦେଶର ଉଜ୍ଜୟନୀରେ ସ୍ନାତକୋତ୍ତର ପଢୁଛନ୍ତି। ସେହିପରି ମଝିଆଁ ଝିଅ ସୁକନ୍ୟା ଫ୍ରାନ୍ସରେ ରୁହନ୍ତି। ତେବେ ମୃତ୍ୟୁ ଖବର ପାଇ ସେହିଦିନ ସୁନୟନା ଏବଂ ସୁନାକ୍ଷୀ ବରଗଡ଼ରେ ପହଞ୍ଚି ଥିବାବେଳେ ଫ୍ରାନ୍ସରେ ରହୁଥିବା ଝିଅ ଆସିପାରି ନ ଥିଲେ। ଫଳରେ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟ ଶବ ସଂରକ୍ଷଣ ଗୃହରେ ରଖାଯାଇଥିଲା। ମଙ୍ଗଳବାର ଭୋର୍‌ରେ ସୁକନ୍ୟା ଫ୍ରାନ୍ସରୁ ଘରକୁ ଫେରିଥିଲେ। ଏହାପରେ ସକାଳେ ମୃତଦେହକୁ ବରଗଡ଼ ଜିରା ନଦୀକୂଳ ସ୍ୱର୍ଗଦ୍ୱାରକୁ ନେଇ ଅନ୍ତିମ ସଂସ୍କାର କରାଯାଇଥିଲା। ସେଠାରେ ୩ଝିଅଙ୍କ ସମେତ ସ୍ୱର୍ଗତ ମହାପାତ୍ରଙ୍କ ବଡ଼ଭାଇଙ୍କ ପୁଅ ପ୍ରବୀଣ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମହାପାତ୍ର ବରଗଡ଼ ସମବାୟ ଚିନିକଳ ଏବଂ ବରଗଡ଼ ନିବନ୍ଧନ କାର୍ଯ୍ୟାଳୟରେ ଚାକିରି କରି ଅବସରଗ୍ରହଣ କରିଥିଲେ।



ଉଦ୍ଧାର ହୋଇଥିବା ଦାଦନ ଶ୍ରମିକ।

## ୧୨ ଦାଦନ ଉଦ୍ଧାର କଲା ପୋଲିସ

**ପାଇକମାଳ, ୨୬।୧୧ (ବଡ଼ ଶତପଥୀ)**

**ପାଇକମାଳ ବ୍ଲକ**

ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ବେଳେ ବରଗଡ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ଝାରବନ୍ଧ ଗ୍ରାମପଞ୍ଚାୟତ ଅଞ୍ଚଳର ୧୨ ଜଣ ଦାଦନ ଶ୍ରମିକଙ୍କୁ ପୋଲିସ ମଙ୍ଗଳବାର ଉଦ୍ଧାର କରିଛି। ଏହି ଘଟଣାରେ ୨ଜଣ ଶ୍ରମିକ ସର୍ଦ୍ଦାରଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଝାରବନ୍ଧ ଗ୍ରାମପଞ୍ଚାୟତ ଜଳଗଡ ଗ୍ରାମର ପ୍ରେମାଲାଲ ବୁଡେକ ଓ ଝାରବନ୍ଧ ଗ୍ରାମର ଶୁଭ ମାଝି । ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୩୦୦/୨୪) ରୁଜୁ କରି ଅିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସୁଶାନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ପାଇକମାଳ ପୋଲିସ ସୋମବାର ରାତି ପ୍ରାୟ ୧୨ଟା ୩୦ ମିନିଟରେ ପାଟ୍ରୋଲିଂ କରୁଥିବା ବେଳେ ଦାଦନ ଶ୍ରମିକ ଚାଲାଣ ହେଉଥିବା ଖବର ପାଇଥିଲା। ପରେ ଏଏସ୍‌ଆଇ ବିଜୟ କୁମାର କନ୍ଧେର ଓ ମୋହନ ସୁନ୍ଦର ବାଗ ସଦଳବଳ ଝାରବନ୍ଧ ଗ୍ରାମରେ ପହଞ୍ଚି ଉକ୍ତ ୧୨ ଦାଦନଙ୍କୁ ଉଦ୍ଧାର କରିଥିଲେ।

### ୧୯୯୯ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

**ସୋହେଲା, ୨୬।୧୧ (ଅଶ୍ୱିନୀ କୁମାର ପାତ୍ର):** ସୋହେଲା ବ୍ଲକ ଅନ୍ତର୍ଗତ ଓଡିଶା ସୀମାନ୍ତ ପଣ୍ଡକିପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ୧୯୯୯ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ମା' ଲୁହୁରେନବାଇ ପରିସର ପୁରୁଣା ବିଦ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମିନା ଠାକୁର, ପ୍ରଧାନ ଶିକ୍ଷକ କ୍ଷମାନିଧି ବାରିକ, ପୂର୍ବତନ ଖେଳ ଶିକ୍ଷକ ବୀରକିଶୋର ଭୋଇ, ଶିକ୍ଷକ ପ୍ରଶାନ୍ତ ସାହୁ, ଶଶିଭୂଷଣ ସାହୁ, ସୁରେନ୍ଦ୍ର ଭୋଇ, ଅରବିନ୍ଦ ରଣା ଅତିଥି ଭାବେ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ସୁରେଶ ଭୋଇ ସ୍ୱାଗତ ଭାଷଣ, ଦେବୀ ପ୍ରସାଦ ଭୋଇ ସଭା ପରିଚାଳନା କରିଥିଲେ। ପୁରାତନ ଛାତ୍ର ସୀତାରାମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଜୀବର୍ଦ୍ଧନ, ସୀତାରାମ, ତୋଷବନ୍ତ, ସୁରେଶ, ଶ୍ରୀକାନ୍ତ, ଭରତ, ସରୋଜ, କୃଷଚନ୍ଦ୍ର, ଆଦିତ୍ୟ, ହୀରା, ଅଶୋକ, କୁଞ୍ଜ, ଲକ୍ଷ୍ମଣ, ବୁଲି, ରେଣୁକା, ସତ୍ୟବତୀ, ମାଧବୀ, ମହିମା, ବିଳାସିନୀ, ରୀନା, ସୁଜାତା ପ୍ରମୁଖ ସହଯୋଗ କରିଥିଲେ।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୬୨୧ ପଞ୍ଜୀକୃତ

**ପଦ୍ମପୁର, ୨୬।୧୧ (ପ୍ରଦୀପ୍ତ ଦାଶ)**

ରାଜବୋଡାସମ୍ବର ବ୍ଲକ ପରିସରରେ ବିଡିଓ ଦେବାଶିଷ ସିହ୍ନାଙ୍କ ତତ୍ତ୍ୱାବଧାନରେ ଭୀମଭୋଇ ସାମର୍ଥ୍ୟ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୬୨୧ ଜଣ ହିତାଧିକାରୀ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୧୧ଜଣ ଚଳନ ବାଧିତ, ୧୧୪ ଜଣ ଶ୍ରବଣ ବାଧିତ, ୫୧ ଜଣ ମାନସିକ ବିକାରଗ୍ରସ୍ତ, ୮୩ ଜଣ ଦୃଷ୍ଟିବାଧିତ, ୧୪ ଜଣ ମେଡିଶିନ, ୬୨ ଜଣ ବସ୍ ପାସ୍, ୭୦ ଜଣ ଶ୍ରବଣ ଉପକରଣ ପାଇଁ ଆବେଦନ କରିଥିଲେ। ୧୬ ଜଣଙ୍କୁ ଉପକରଣ ବଣ୍ଟନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ମେହେର, ସହାୟକ ସନ୍ତୋଷ କୁମାର ବେହେରା, ରମେଶ ଚନ୍ଦ୍ର ବରିହା, ଅବିନାଶ ବହିଦାରଙ୍କ ସମେତ ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

# ସମ୍ବିଧାନ ରାଷ୍ଟ୍ର, ଗଣତନ୍ତ୍ରର ବଳ

**ବରଗଡ଼ ଜିଲାରେ ସମ୍ବିଧାନ ଦିବସ ପାଳିତ**

**ବରଗଡ଼, ୨୬।୧୧ (ପ୍ରେମାନନ୍ଦ ଖମାରୀ)**



ସମ୍ବିଧାନ ସୁରକ୍ଷା ମଞ୍ଚ, ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।




ଝାରବନ୍ଧରେ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ସମାଜରେ ସମତା ରକ୍ଷା ଏବଂ ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ସମ୍ବିଧାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ରାଷ୍ଟ୍ର ଏବଂ ଗଣତନ୍ତ୍ରର ବଳ ବୋଲି ମଙ୍ଗଳବାର ବରଗଡ଼ ରାଣାପ୍ରତାପ ସ୍କୁଲରେ ଅନୁଷ୍ଠିତ ରାଷ୍ଟ୍ରୀୟ ସମ୍ବିଧାନ ଦିବସରେ ମତପ୍ରକାଶ ପାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କପିଳ କଠାର ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବିଧାନ ଅସହାୟର ସହାୟ ଏବଂ ଦୁର୍ବଳ ବର୍ଗର ଲୋକଙ୍କ ସମେତ ସର୍ବୋପରି ଆମ ରାଷ୍ଟ୍ର, ଗଣତନ୍ତ୍ରର ବଳ ବୋଲି କହିଥିଲେ। ଶିକ୍ଷକ, ଅଭିଭାବକ ସଂଘର ବରିଷ୍ଠ ସଦସ୍ୟ ସୁଦର୍ଶନ ବାରିକ, ଶିକ୍ଷୟିତ୍ରୀ ନୀଳିମା ପ୍ରଧାନ, ଭାରତୀ ସେଟ୍ ପ୍ରମୁଖ ସମ୍ବିଧାନ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ବିକାଶ ଲ' ସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର ଡ. ବିକ୍ରମ କୁମାର ଦାସ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଜୈମିନୀ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେଘାଳୟର ସିଲଂସ୍ଥିତ ସ୍କୁଲ ଅଫ୍ ଲ, ଏନ୍‌ଇଏଚ୍‌ୟୁର ପୂର୍ବତନ ପ୍ରଫେସର ଚିନ୍ତାମଣି ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବିଧାନ ପ୍ରତି ଉପଯୁକ୍ତ ସମ୍ମାନ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ଦେଶ ପ୍ରତି କର୍ତ୍ତବ୍ୟ ପରାୟଣ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସର ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଇଂ. ଅଜୟ କୁମାର ମହାପାତ୍ର, ସିନିୟର ଆଡ୍‌ଭାଇଜର ପି. କେ. ଦାସ, ଅଧ୍ୟାପିକା ଡ. ସାଗରିକା ବିଶ୍ୱାଳ, ଅଧ୍ୟାପିକା ସନ୍ତୋଷୀ ସାହୁ, ଅଧ୍ୟାପକ ଶିବାନନ୍ଦ ସାହୁ, ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ, ନିହାର ବିଶ୍ୱାଳ ସୁଶୋଭିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ରୋଜି ମେହେର ପରିଚୟ ପ୍ରଦାନ ଓ ଅଧ୍ୟାପକ ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ସଭାପତିତ୍ୱ କରିଥିଲେ। ଏଠାରେ ଓଡ଼ିଶା ଅଭିଭାବକ ମହାସଂଘର ବରଗଡ଼ ଜିଲା ସଭାପତି ବିମଳ କୁମାର ଦାଶ ମୁଖ୍ୟ ଅତିଥି, ଶିବାନନ୍ଦ ମଟାରୀ, ବାଲ୍ମିକୀ ଷଡ଼ଙ୍ଗୀ, ସାରଥୀ ମେହେର, ରଞ୍ଜିତା ମାହାନା, ମାମରାଜ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ନନ୍ଦିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡ଼ର ଭୀମ ସ୍ୱୟଂ ସେବକ ସଂଘ ଏବଂ ଗଣ୍ଡା ସମାଜ ଏକତା ମଞ୍ଚ ତରଫରୁ ଅଗ୍ରଗାମୀ ଯୁବକ ସଂଘ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଥିଲା। ସେହିପରି ସମ୍ବିଧାନ ସୁରକ୍ଷା ମଞ୍ଚ ଏବଂ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚର ଆବାହକ ପବିତ୍ର ଦେହେରୀ ସଭାପତିତ୍ୱ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକ କମଳାକାନ୍ତ ରାଉତ ମୁଖ୍ୟଅତିଥି, ପାୱାର ଅଫ ଦିବ୍ୟାଙ୍ଗର ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଦିନେଶ ଅଗ୍ରୱାଲ, କିଶୋର ଚନ୍ଦ୍ର ସାହୁ, ପ୍ରୀତମ ସିଂ, ଯଶବୀର ସିଂ, ଅଶୋକ ପଶାୟତ, ଏମଡ଼ି ଅଲିମ ରିଜଭି ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏମ୍‌ଡ଼ି ସଲିମ ଧନ୍ୟବାଦ ଅର୍ପଣ କରିଥିଲେ।

**ବରପାଲି (ଚିତ୍ତରଞ୍ଜନ ସାହୁ):** ବରପାଲିରେ ଲକ୍ଷେଘରିଆ ଦଳିତ ଉନ୍ନୟନ ସଂଘ ପକ୍ଷରୁ ୭୫ତମ ସମ୍ବିଧାନ ଦିବସ ପାଳିତ ହୋଇଛି। ସଂଘ ସଭାପତି ପଙ୍କଜ ନାଗଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବରପାଲି ଓକିଲ ସଂଘ ସଭାପତି ମନୋଜ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି, କନକ ମଞ୍ଜରୀ ମହାନନ୍ଦ ସମ୍ମାନୀତ ଅତିଥି, ଅବସରପ୍ରାପ୍ତ ଅଧ୍ୟକ୍ଷ ପତିତପାବନ ସାହୁ ମୁଖ୍ୟ ବକ୍ତା, ଜେଠୁ ଭୋଇ ଏବଂ ଅଧ୍ୟାପକ ସୁବଳ ମେହେର ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ସଭା ସଂଯୋଜନା କରିଥିଲେ ରସସାଗର ମହାନନ୍ଦ।

**ପାଇକମାଳ (ବଡ଼ ଶତପଥୀ):** ପାଇକମାଳ ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଲୋହିତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ୭୫ତମ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ 'ଆଗାମୀ ଭାରତରେ ସମ୍ବିଧାନର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ପ୍ରଦୀପ କୁମାର ଦେୱାନ ସଭା ପରିଚାଳନା କରିଥିଲେ। ପୁଷ୍ପ ମଞ୍ଜରୀ ପ୍ରଧାନ, ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଆଲୋଚନା କରିଥିଲେ। ଅଧ୍ୟାପକ ପ୍ରଭାତ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ମାଣ୍ଡୋସିଲ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ କୋମନା ଡିଗ୍ରୀ କଲେଜ ପ୍ରାଧାପକ ଶେଷଦେବ ନାୟକ ମୁଖ୍ୟ ଅତିଥି, ଝାରବନ୍ଧ ପଞ୍ଚାୟତ ସମିତି ଡିଗ୍ରୀ କଲେଜ ଅଧ୍ୟାପକ ଖ୍ୟାତିମୟ ତ୍ରିପାଠୀ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ଅଧ୍ୟାପକ ଦେବକାନ୍ତ ନାୟକ ସଭା ପରିଚାଳନା ଓ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପାଇକମାଳର ମହାମାୟା ପବ୍ଲିକ ସ୍କୁଲରେ ସମ୍ବିଧାନ ଦିବସ ପାଳିତ ହୋଇଥିଲା।

**ଝାରବନ୍ଧ (ଦେବେନ୍ଦ୍ର ସାହୁ):** ଝାରବନ୍ଧ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସମ୍ବିଧାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ କଲେଜ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ସଭାପତିତ୍ୱରେ ଶପଥ ପାଠ କରାଯାଇଥିଲା। ଏଥିରେ ରାଜନୀତି ବିଜ୍ଞାନ ଅଧ୍ୟାପକ ସାର୍ଥକ ସାହୁ, ରଶ୍ମିରଞ୍ଜନ ମହାନ୍ତି, ଗଗନ ବିହାରୀ ଡନସନା, ନବୀନ ମେହେର, ଯାଜ୍ଞସେନୀ ନାଏକ, ରଶ୍ମି ମହାଲିଙ୍ଗ, ମିନପ୍ରଭା ପ୍ରଧାନ, ତାପସ ରଞ୍ଜନ ସାହୁ, ଡଲଫିନ ସୁନା ପ୍ରମୁଖ ମଞ୍ଚାସୀନ ରହି ଭାରତୀୟ ସମ୍ବିଧାନର ସୃଷ୍ଟି, ଲକ୍ଷ୍ୟ ଓ ସ୍ଥିତି ଉପରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା।

### ଦୁର୍ଘଟଣାରେ ଗୁରୁତର ଯୁବକଙ୍କ ମୃତ୍ୟୁ

ରେଢ଼ାଖୋଲ,(ଅଚ୍ୟୁତାନନ୍ଦ ପୁରୋହିତ): ସୋମବାର ସନ୍ଧ୍ୟାରେ କଲେଜ ଛକ ନିକଟରେ ଅଜଣା ଗାଡି ଧକ୍କାରେ କିଶୋରନଗର ଥାନା ବଇଜା ଗ୍ରାମର ଚନ୍ଦନ ବେହେରାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାରେ ଗୁରୁତର ଅନ୍ୟତମ ଆରୋହୀ ରିଙ୍କୁ ବେହେରାଙ୍କ ଭିମସାରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସୋମବାର ସନ୍ଧ୍ୟାରେ ବାଇକ ଯୋଗେ ଉଭୟେ ରେଢ଼ାଖୋଲରୁ ଯାଉଥିବା ବେଳେ କଲେଜ ଛକ ନିକଟରେ ଏକ ଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇଥିବା ଗାଡିକୁ ପୋଲିସ ଧରି ପାରି ନ ଥିବା ଜଣାପଡିଛି।

# ଏକଜୁଟ ହେଲେ କୃଷକ, ଶ୍ରମିକ ସଙ୍ଗଠନ

ସମ୍ବଲପୁର,୨୬।୧୧(ଭବାନୀ ଶଙ୍କର ଭୋଇ)


ସମ୍ବଲପୁର ଜିଲାପାଳ କାର୍ଯ୍ୟାଳୟ ଆଗରେ ଧାରଣାରେ ସାମିଲ କୃଷକ ଏବଂ ଶ୍ରମିକ ସଙ୍ଗଠନ କର୍ମକର୍ତ୍ତା।

**୨୬ଦଫା ଦାବି ନେଇ କେନ୍ଦ୍ର, ରାଜ୍ୟ ସରକାର ବିରୋଧରେ ଆନ୍ଦୋଳନ**

୨୦୨୦ ନଭେମ୍ବର ୨୬ ଚାଷୀ ଆନ୍ଦୋଳନରେ ଶହୀଦ ଚାଷୀଙ୍କ ବଳିଦାନର ସ୍ମରଣ କରି ମଙ୍ଗଳବାର ସମ୍ବଲପୁରର ଚାଷୀ ଓ ଶ୍ରମିକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସଂଯୁକ୍ତ କିଶାନ ମୋର୍ଚ୍ଚା ଆହ୍ୱାନରେ ଦେଶବ୍ୟାପୀ ଆନ୍ଦୋଳନ ଡାକରାରେ ସମ୍ବଲପୁରର ଚାଷୀ ଓ ଶ୍ରମିକ ସଙ୍ଗଠନ ସାମିଲ ହୋଇ ସେହି ସମୟରେ ଉପସ୍ଥାପିତ ୨୬ଦଫା ସମ୍ବଳିତ ଦାବ ପୂରଣ କରିବାକୁ ପୁଣିଥରେ ଆହ୍ୱାନ କରାଯାଇଛି। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ପକ୍ଷରୁ ଆହୂତ ଧର୍ମଘଟରେ ସାମିଲ ହୋଇଥିବା ବିଭିନ୍ନ କୃଷକ ଏବଂ ଶ୍ରମିକ ସଙ୍ଗଠନ ପକ୍ଷରୁ ଦାବି କରାଯାଇଥିଲା ଯେ, ସ୍ୱାମୀନାଥନ କମିଶନର ସୁପାରିଶକୁ କାର୍ଯ୍ୟକାରୀ କରି ସମସ୍ତ ପ୍ରମୁଖ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଦେବାର ବ୍ୟବସ୍ଥା ହେଉ। କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼, ଚାଷୀଙ୍କ ଲାଗି ପେନ୍‌ସନ ବ୍ୟବସ୍ଥା କରାଯାଉ। ଶ୍ରମିକ ବିରୋଧୀ ୪ଟି ଯାକ ଶ୍ରମ କୋର୍ଡ ପ୍ରତ୍ୟାହାର କରାଯାଉ। ପେଟ୍ରୋଲ, ଡ଼ିଜେଲ ଓ ଅତ୍ୟାବଶକ ଖାଦ୍ୟସାମଗ୍ରୀ, ବସ୍ତୁ ଓ ଔଷଧ ଉପରେ ଟିକସ୍ ହ୍ରାସ କରାଯାଉ। ସାର୍ବଜନୀନ ସମ୍ପତ୍ତି ଓ ସେବାର ଘରୋଇକରଣ ବନ୍ଦ କରାଯାଉ। ଜୀବନରକ୍ଷାକାରୀ ଓଷଧ, ଖାଦ୍ୟ, ବୀମା ପ୍ରିମିୟମ, ସ୍ୱାସ୍ଥ୍ୟବୀମା ଓ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ପ୍ରତ୍ୟାହାର ଏବଂ ଫସଲବୀମାରୁ ଘରୋଇ କମ୍ପାନୀଙ୍କୁ ବାଦ ଦେଇ ରାଷ୍ଟ୍ରୀୟ ଫସଲ ବୀମାର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଦିଲ୍ଲୀରେ ହେଇଥିବା ଐତିହାସିକ ଚାଷୀ ଆନ୍ଦୋଳନ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ ହୋଇନାହିଁ। ଅନ୍ୟପଟେ କେନ୍ଦ୍ର ସରକାର ଚାଷୀ, ଶ୍ରମିକ ଓ ମଜଦୁର ଓ ସାଧାରଣ ଜନତାଙ୍କ ବିରୋଧରେ ନିଜର ନୀତିଗତ ଗତିବିଧି ଜାରି ରଖିଛନ୍ତି ବୋଲି ଅଭିଯୋଗ କରାଯାଇଛି। କର୍ପୋରେଟ ଶ୍ରେଣୀର ସ୍ୱାର୍ଥକୁ ସୁହାଇଲା ଭଳି ନୀତି ତିଆରି କରି ଚାଷୀ, ଶ୍ରମିକ ଓ ସାଧାରଣ ଜନତାଙ୍କୁ ଶୋଷଣ କାରାଯାଉଥିବା ଅଭିଯୋଗ କରାଯାଇଛି। ଏହାସହିତ ଓଡ଼ିଶାରେ ମଧ ଧାନ କିଣାବିକାର ସୁବ୍ୟବସ୍ଥା ଲାଗି ଜିଲାସ୍ତରୀୟ କ୍ରୟ ସମିତିକୁ କ୍ଷମତା ପ୍ରଦାନ, ପ୍ରତି ଜିଲାର କ୍ରପ୍ କଟିଙ୍ଗ୍ ଆଧାରରେ ଧାନ କିଣାବିକାର ହାର ଧାର୍ଯ୍ୟ କରାଯିବାକୁ ଦାବି କରାଯାଇଥିଲା। ମରୁଡି ଜନିତ କ୍ଷତିପୂରଣ ସହ ମରୁଡ଼ିର ସ୍ଥାୟୀ ପ୍ରତିକାର ପାଇଁ ନୀତିଗତ ବ୍ୟବସ୍ଥା ସହ ଚାଷଜମିର ତ୍ରୁଟିପୂର୍ଣ୍ଣ ଡ଼ିଜିଟାଇଜେସନ୍ ବନ୍ଦ କରାଯିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଥିଲା। ଏହାସହ ଟାଟା ପାୱାରର ଶୋଷଣ ବନ୍ଦ ଏବଂ ଭାଗଚାଷୀଙ୍କୁ ଆଇନଗତ ମାନ୍ୟତା ଭଳି ଅନେକ ଦାବି ଉପସ୍ଥାପନ କରାଯାଇଥିଲା। ଆୟୋଜିତ ଧାରଣା କାର୍ଯ୍ୟକ୍ରମରେ ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ, ସମ୍ବଲପୁର ଜିଲା କୃଷକ ସୁରକ୍ଷା ସମିତି ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ସରୋଜ, ବ୍ୟୋମକେଶ ଠାକୁର, ଯୋଗ ବିହାରି ପରିଡା, ସୁଶାନ୍ତ ପଣ୍ଡା, ଦିଲୀପ ମହାପାତ୍ର, ନନ୍ଦଲାଲ ତ୍ରିପାଠୀ, ଗଦାଧର କୁମ୍ଭାର, ହିନ୍ଦ ମଜଦୁର ସଭାର ଗୋକୁଳ ମେହେର, ନାଟୁ ଗୋପାଳ,ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତିର ବିଜୟ ମହାନ୍ତି, ଗଦାଧର କୁଅଁର, ରାଧେଶ୍ୟାମ ପଣ୍ଡାଙ୍କ ସହ ସିଟୁ, ଏଆଇଟିୟୁସି, ଆଇଏନ୍‌ଟିୟୁସି ଆଦି ଶ୍ରମିକ ସଙ୍ଗଠନ ସଦସ୍ୟ ସାମିଲ ହୋଇଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ପ୍ରଦାନ କରାଯାଇଥିଲା।

# ୭ ଗିରଫ: କଫ୍‌ସିରପ, ନିଶା ବଟିକା ଓ ଦେଶୀମଦ ଜବତ

ସମ୍ବଲପୁର,୨୬।୧୧(ପ୍ରମୋଦ ବହିଦାର)

ପୋଲିସ ପକ୍ଷରୁ ସମ୍ବଲପୁର ସହରକୁ ନିଶାମୁକ୍ତ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ନିଷିଦ୍ଧ ନିଶା କଫସିରପ ଓ ସଟ୍ଟା ଧରପଗଡ଼ ଅଭିଯାନର ମଙ୍ଗଳବାର ଥିଲା ପଞ୍ଚମ ଦିବସ। ମଙ୍ଗଳବାର ବିଭିନ୍ନ ଥାନା ଅଞ୍ଚଳରେ ବ୍ୟାପକ ମାତ୍ରାରେ ନିଷିଦ୍ଧ କଫ୍‌ସିରପ, ନିଶା ବଟିକା ସହିତ ସଟ୍ଟାପଟି ଓ ନଗଦ ରାଶି ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୭ ଜଣଙ୍କୁ ଗିରଫ କରାଯାଇଛି। ସମ୍ବଲପୁର ସଦର ଏସ୍‌ଡିପିଓ ତୋଫାନ ବାଗ ତାଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ରେଙ୍ଗାଲି ଥାନା ପଣ୍ଡଲୋଇ ଅଞ୍ଚଳରେ ଦେଶୀମଦ ସହିତ କଫ୍ ସିରପ ଓ ନିଶା ବଟିକା ବିକ୍ରୟ ହେଉଥିବା ସମ୍ପର୍କରେ ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉରେ ପୋଲିସ ପଣ୍ଡଲୋଇର ଅମନ ମରେଇ(୨୧) ଓ ବଣ୍ଟି ପାଉଲ(୨୪) ଗିରଫ କରିଛି। ସେମାନଙ୍କ ନିକଟରୁ ୫ ଲିଟର ଦେଶୀମଦ, ଶହେ ମିଲିଲିଟର ବିଶିଷ୍ଟ ୧୮ ବୋତଲ ସିଲ୍ଡ ୱିନ୍ସିରେକ୍ସ କଫ୍‌ସିରପ, ଗୋଟିଏ ଠିପିଖୋଲା କଫ୍‌ସିରପ ଓ ଅନ୍ୟ ନିଶା ସାମଗ୍ରୀ ସହ ଏକ ବାଇକ୍ ପୋଲିସ ଜବତ କରିଛି। ଅନ୍ୟ ଏକ ଘଟଣାରେ ରେଙ୍ଗାଲି ପୋଲିସ ରାମଚନ୍ଦ୍ରନଗରରେ ଚଢ଼ାଉ କରି ପଣ୍ଡଲୋଇର ମନୋରଞ୍ଜନ ପାତ୍ର(୨୫)ଙ୍କୁ ଗିରଫ କରିଛି। ଦେଶୀମଦ, ୧୨ ବୋତଲ କଫ୍‌ସିରପ ଓ ଅନ୍ୟାନ୍ୟ ନିଶା ସାମଗ୍ରୀ ସହିତ ଏକ ବାଇକ୍ ଜବତ କରିଛି। ସେହିପରି ଟାଉନ ଥାନା ପୋଲିସ ଲକ୍ଷ୍ମୀଟକିଜ୍ ଛକରେ ଥିବା ସୁଜାତା ଲଜ ପଛପଟେ କଫ୍‌ସିରପ କାରବାରରେ ଲିପ୍ତ ଆମ୍ବେଦକର ନଗରର ସାଗର କୁମ୍ଭାର(୨୯)ଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୧୦ ଲିଟର ଦେଶୀମଦ, ୩୦ ବୋତଲ କଫ୍‌ସିରପ ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର ପୋଲିସ କୋର୍ଟ ଚାଲାଣ କରିଛି।


ଜବତ କଫ୍‌ସିରପ, ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ।

ସେହିପରି କୁମ୍ଭାରପଡ଼ାରେ ବେଆଇନ ସଟ୍ଟା କାରବାର ଉପରେ ଧନୁପାଲି ଥାନା ପୋଲିସ ଚଢ଼ାଉ କରି ସେହିପଡ଼ାର ମହେଶ ମେହେର(୭୮)ଙ୍କୁ ଗିରଫ କରିଥିବା ବେଳେ ବରେଇପାଲି ପୋଲିସ ରେମେଡରୁ ସେହି ଅଞ୍ଚଳର ତ୍ରିଲୋଚନ ବେହେରା(୫୮) ଓ ଟାଉନ ଥାନା ପୋଲିସ ଲକ୍ଷ୍ମୀଟକିଜ ପରାଠାଗଲିରୁ ଧନୁପାଲିର ସାହିଲ ଅଲ୍ଲୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ସଟ୍ଟାପାଟି, କଲମ ଓ ସଟ୍ଟାଖାତା ସହିତ ମୋଟ ୬୯୭୦ ନଗଦ ରାଶି ଜବତ କରିଛି ପୋଲିସ।

## ଆମ ଆଦମୀ ପାର୍ଟିର ବାଇକ ରାଲି

ସମ୍ବଲପୁର,୨୬।୧୧(ବି.ଶଙ୍କର)

ଆମ ଆଦମୀ ପାର୍ଟିର ତ୍ରୟୋଦଶତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଆମ ଆଦମୀ ପାର୍ଟି ନେତା ଓ କର୍ମକର୍ତ୍ତାମାନେ ବାଇକ ରାଲିରେ ସହର ପରିକ୍ରମ କରିଥିଲେ। ବୀରସୁରେନ୍ଦ୍ର ସାଏ ଟାଉନ ହଲ ସ୍ଥିତ ଗଙ୍ଗାଧର ମହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ରାଲି ଶୁଭାରମ୍ଭ ହୋଇଥିଲା। ବାଇକ ରାଲି ମ୍ୟୁନିସିପାଲିଟି ଛକ, ଦଳେଇପଡା, ନନ୍ଦପଡା, ସୁନାପାଲି ଦେଇ ଭାଲୁପାଲି ପର୍ଯ୍ୟନ୍ତ ଯାଇଥିଲା। ଏହି ରାଲିରେ ସଭାପତି ଲାଲମଣି ଲୁଗୁନ, ସମ୍ପାଦକ ପ୍ରଶାନ୍ତ ମହାରଣା, ବୀରେନ୍ଦ୍ର କୁମାର ପାଣିଗ୍ରାହୀ, ଘନଶ୍ୟାମ ପଟେଲ, ଭୁପେନ ସାହୁ, ସୀତାରାମ ରୋହିଦାସ, ବୀରକିଶୋର ଭୋଇସାଗର, ଲିଙ୍କନ କିଣ୍ଡୋ, ଅଜୟ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ। ବିଭିନ୍ନ ସ୍ଥାନରେ ପଥ ପ୍ରାନ୍ତ ସଭା ହୋଇଥିଲା। ଜନସାଧାରଣଙ୍କୁ ଦଳର କାର୍ଯ୍ୟକଳାପ ବିଷୟରେ ସୂଚିତ କରିଥିଲେ।

# ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି ପଶ୍ଚିମ ଓଡ଼ିଶା ସାହିତ୍ୟିକ

ସମ୍ବଲପୁର,୨୬।୧୧(ବି.ଶଙ୍କର)

**ସମ୍ବଲପୁର ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ସମାରୋହ**

ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ ପଶ୍ଚିମ ଓଡ଼ିଶାର ସାହିତ୍ୟିକ ତଥା ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ସ୍ୱଭାବ କବି ଗଙ୍ଗାଧର ମେହେର, ସନ୍ଥକବି ଭୀମ ଭୋଇ ପ୍ରମୁଖଙ୍କ ଭୂମିକା ଅତୁଳନୀୟ। ସେହିପରି ସାମ୍ପ୍ରତିକ ସମୟରେ ସମ୍ବଲପୁରୀ ସାହିତ୍ୟର ମାନ ଉଚ୍ଚ ସୋପାନକୁ ଛୁଇଁ ପାରିଛି। ଏହାର ଭବିଷ୍ୟତ ମଧ୍ୟ ବହୁ ଉଜ୍ଜ୍ୱଳ। ତେଣୁ ସାହିତ୍ୟିକମାନେ ସମ୍ବଲପୁରୀରେ ନିରନ୍ତର ସାହିତ୍ୟ ସୃଷ୍ଟି କରିବା ଆବଶ୍ୟକତା ରହିଛି। ମଙ୍ଗଳବାର ସାମ୍ବାଦିକ ଭବନଠାରେ ସମ୍ବଲପୁର ସାହିତ୍ୟ ସାଂସଦ ଆୟୋଜିତ ସାହିତ୍ୟ ସମାରୋହରେ ବକ୍ତାମାନେ ଉପରୋକ୍ତ ମତ ରଖିଛନ୍ତି।

କବି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ସାହିତ୍ୟ ସଭା ହୋଇଥିଲା। ସମ୍ପାଦକ ଦେବେନ୍ ପଟେଲ ପ୍ରାରମ୍ଭିକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଲକ୍ଷ୍ମୀନାରାୟଣ ପଣ୍ଡା ଏବଂ ସୁଶିଲ ତ୍ରିପାଠୀ ସମ୍ମାନିତ ବକ୍ତାଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗୌରୀଶଙ୍କର ପାଣିଗ୍ରାହୀଙ୍କ ସାହିତ୍ୟ ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗୌରିଶଙ୍କର ଉଭୟ ଓଡ଼ିଆ ଏବଂ ସମ୍ବଲପୁରୀରେ ବହୁ ସାହିତ୍ୟ ସୃଷ୍ଟି କରିଛନ୍ତି। ସମ୍ବଲପୁରୀ ସାହିତ୍ୟ ଯେତେବେଳେ ନିଜର ଅସ୍ତିତ୍ୱ ପାଇଁ ଲଢେଇ କରୁଥିଲା ସେହି ସମୟରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ସହଯୋଗୀ ଭାବେ ଗୌରୀଶଙ୍କର ପାଣିଗ୍ରାହୀ ବହୁ ସମ୍ବଲପୁରୀ ସାହିତ୍ୟ ସୃଷ୍ଟି ସହ ଅନ୍ୟମାନଙ୍କୁ ଲେଖିବା ପାଇଁ ପ୍ରୋତ୍ସାହିତ କରୁଥିଲେ। ତେଣୁ ଗୌରୀଶଙ୍କର ପାଣିଗ୍ରାହୀଙ୍କ ସାମଗ୍ରିକ କୃତି ଉପରେ ଏକ ସ୍ମରଣିକା ପ୍ରକାଶ କରାଯିବ ବୋଲି ଏହି ଅବସରରେ ଘୋଷଣା କରାଯାଇଥିଲା। ଏହାପରେ ଏକ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା। ଗୋପୀନାଥ ଷଡ଼ଙ୍ଗୀ, ସୂର୍ଯ୍ୟ ପାଣିଗ୍ରାହୀ, ବିଭୂତି ମିଶ୍ର, ତ୍ରିଲୋଚନ ତ୍ରିପାଠୀ, ପ୍ରଦୀପ ପାଣିଗ୍ରାହୀ, ତଫିଜୁଲ ହୁସେନ, ବାବଲୁ ବାଗ, ଲଳିତ ବେବର୍ତ୍ତା, ଗୋବିନ୍ଦ ଭୋଇ, ଗୋବର୍ଦ୍ଧନ ଖମାରୀ, କାଳିନ୍ଦୀ ପ୍ରସାଦ ସିଂହ ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହ କବିତା ପାଠ କରିଥିଲେ।


ଆୟୋଜିତ ସାହିତ୍ୟ ସମାରୋହରେ ବକ୍ତା, ଅତିଥି ଓ କର୍ମକର୍ତ୍ତା।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ସମ୍ବିଧାନ ଦିବସ


କୁଚିଣ୍ଡା କଲେଜ ଅଧ୍ୟକ୍ଷା ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

କୁଚିଣ୍ଡା,୨୬।୧୧(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡରେ ଥିବା ବିଭିନ୍ନ ଡିଗ୍ରୀ ଓ ଯୁକ୍ତ ୨ କଲେଜରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କୁଚିଣ୍ଡା କଲେଜ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ପାଳିତ ହୋଇଥିବା କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ର ସଭାପତିତ୍ୱ କରିଥିଲେ। ଏଥିରେ ରାଜନୀତି ବିଜ୍ଞାନ ମୁଖ୍ୟ ସୁଧାଂଶୁ କୁମାର ମହାପାତ୍ର, ବୀରେନ ଓରାମ, ମନୋଜ କୁମାର ଜେନା ସମ୍ବିଧାନର ଦାୟିତ୍ୱବୋଧ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ସମ୍ବିଧାନ ସଚେତନତା ଉପରେ ଛାତ୍ରୀଛାତ୍ରମାନେ ଏକ କ୍ଷୁଦ୍ରନାଟିକା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବାମରା ବ୍ଲକ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ଦୟାସାଗର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ରେଡକ୍ରସ ସଂଯୋଜକ ହରେଶ ସାହୁ ପରିଚାଳନା କରିଥିଲେ। ବରିଷ୍ଠ ଅଧ୍ୟାପିକା ମନୋରମା ପଟେଲ, ମନୀଷା ବେହେରା, ମିନାକ୍ଷୀ ବେହେରା ସମ୍ବିଧାନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କୁଇଜ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି କୁଚିଣ୍ଡା ବ୍ଲକ କହ୍ଲେଇପାଲି ରାଜୀବଗାନ୍ଧୀ ସ୍ମାରକୀ ଆଦିବାସୀ ଯୁକ୍ତ୨ କଲେଜରେ ଅଧ୍ୟକ୍ଷ ବାଳେଶ୍ୱର ବେହେରାଙ୍କ ସଭାପତିତ୍ୱରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି।

# ସମ୍ବଲପୁରୀ ଧନୁଯାତ୍ରା ପାଇଁ କଂସ ବରଣ


ଧନୁଯାତ୍ରା କମିଟି ପକ୍ଷରୁ ମଙ୍ଗଳବାର କଂସ ବରଣ ନୀତି କରାଯାଉଛି।

ସମ୍ବଲପୁର,୨୬।୧୧(ବି.ଶଙ୍କର)

ଆଗାମୀ ଜାନୁଆରୀ ୧୫ ରୁ ୧୯ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ସମ୍ବଲପୁରୀ ଧନୁଯାତ୍ରା ଆରମ୍ଭ ହେବ। ଏଥିନିମନ୍ତେ ପରମ୍ପରାନୁସାରେ ଧନୁଯାତ୍ରା କମିଟି କର୍ମକର୍ତ୍ତାମାନେ ମଙ୍ଗଳବାର କଂସ ବରଣ କରିଛନ୍ତି। କଂସ ଅଭିନୟ କରୁଥିବା କଳାକାର ଫଣିନ୍ଦ୍ର କୁମାର ପଣ୍ଡାଙ୍କ ଶାନ୍ତିନଗରସ୍ଥିତ ବାସ ଭବନରେ କଂସ ବରଣ କାର୍ଯ୍ୟକ୍ରମ ରୀତିନୀତି ସହ ହୋଇଛି। ସମ୍ବଲପୁର ବ୍ରହ୍ମମଣ୍ଡପ ପଣ୍ଡିତ ଉପେନ୍ଦ୍ର ପାଣିଗ୍ରାହୀ ପୂଜକ କାର୍ଯ୍ୟ ତୁଲାଇଥିଲେ। ଧନୁଯାତ୍ରା କମିଟି ସଭାପତି ସଞ୍ଜୟ କୁମାର ବାବୁ କଂସ ମହାରାଜଙ୍କୁ ରାଜମୁକୁଟ, ଖଣ୍ଡା ପ୍ରଦାନ ସହ ଉତ୍ତରୀୟ ଦେଇ ବରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଗୁଣରଞ୍ଜନ ସାଲିମା, ଲେଖକ ଓ ନିର୍ଦ୍ଦେଶକ ବାବଲୁ ବାଗ, କମିଟିର ନିଶିକାନ୍ତ ବିଶ୍ୱାଳ, କୃଷ୍ଣଚନ୍ଦ୍ର ବାଗ, ଚୈତନ୍ୟ ନାୟକ, ଯୋଗେଶ ନନ୍ଦ, ଲଳିତ ବେବର୍ତ୍ତା, ଜୟକୃଷ୍ଣ ବେହେରା, ସୌରୀ ନାରାୟଣ ପାଣିଗ୍ରାହୀ, ରାହୁଲ ଗୁପ୍ତା, ଘୁନୁ ଚରଣ ପାଢ଼ୀ, କିଶୋର ଧରେଇ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ଗଙ୍ଗାଧର ମଣ୍ଡପ ମଥୁରା ନଗରୀ ଓ ଚାଉଁରପୁର ଗ୍ରାମ ଗୋପପୁରରେ ପରିଣତ ହେବାକୁ ସ୍ଥିର ହୋଇଛି।

## ଭାରତୀୟ ସମ୍ବିଧାନ ଏକ ପବିତ୍ର ଗ୍ରନ୍ଥ

ସମ୍ବଲପୁର,୨୬।୧୧(ବି.ଶଙ୍କର)

ସମ୍ବଲପୁର ଲଜପତ ରାଏ ଆଇନ ମହାବିଦ୍ୟାଳୟ ସଭାକକ୍ଷରେ ସମ୍ବିଧାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିଜୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ପ୍ରତି ଆହ୍ୱାନ ଓ ମହତ୍ତ୍ୱ ବିଷୟକୁ ନେଇ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଗଙ୍ଗାଧର ମେହେର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଶ୍ରୀବନ୍ତ ଦାସ ମୁଖ୍ୟ ଅତିଥି, ଜିଲା ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ପ୍ରଶାନ୍ତ ପାଢ଼ୀ ସମ୍ମାନୀତ ଅତିଥି ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଶ୍ରୀକାନ୍ତ ମିଶ୍ର ସମ୍ମାନୀତ ବକ୍ତାଭାବେ ଯୋଗ ଦେଇଥିଲେ। ଭାରତୀୟ ସମ୍ବିଧାନକୁ ଏକ ପବିତ୍ର ଗ୍ରନ୍ଥଭାବେ ବକ୍ତାମାନେ ଅଭିହିତ କରିଥିଲେ। ଏହାର ୭୫ ବର୍ଷର ଦିବସଟି ହିଁ ଏହାର ପ୍ରୟୋଗ ଓ ପ୍ରଗତିକୁ ସୂଚାଇ ଦେଉଛି। ଭାରତୀୟ ସମ୍ବିଧାନର କେତେକାଂଶ ସଂଶୋଧନ ହୋଇଛି। ସମ୍ବିଧାନ ହେଉଛି କାଳଜୟୀ। ଆଇନର ଶାସନ ପ୍ରତିଷ୍ଠା ଦିଗରେ ସମ୍ବିଧାନ ନିଶ୍ଚିତ ରୂପେ ମୁଖ୍ୟ ଭୂମିକା ନିର୍ବାହ କରିଛି। ବିଶ୍ୱର ପ୍ରତ୍ୟେକ ଦେଶର ସମ୍ବିଧାନଠାରୁ ଭାରତୀୟ ସମ୍ବିଧାନ ଏକ ବଳିଷ୍ଠ ଯୁକ୍ତିରେ ଉତ୍ତୀର୍ଣ୍ଣ ହୋଇପାରିଛି। ମହାବିଦ୍ୟାଳୟ ଅଧ୍ୟାପିକା ଐଶ୍ୱର୍ଯ୍ୟଲକ୍ଷ୍ମୀ ପ୍ରଧାନ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଆକାଂକ୍ଷା ସାମନ୍ତ, ମଧୁମିତା ସାହା, ଦେବୀ ପ୍ରସାଦ ମିଶ୍ର, ଚାନ୍ଦନୀ ମିଶ୍ର, ପଦ୍ମାଳୟ କର, ପ୍ରଦୀପ ଦାଶ ବକ୍ତବ୍ୟ ରଖିଥିଲେ। ପ୍ରାଧ୍ୟାପକ ଲକ୍ଷ୍ମୀକାନ୍ତ ଦାସ ଅତିଥି ପରିଚୟ ଏବଂ ଅଙ୍କିତ ସୌରଭ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବିଧାନ ଦିବସ ଅବସରରେ ଓଡ଼ିଆ ପ୍ରବନ୍ଧ ଓ ବକ୍ତୃତା, ଇଂଲିଶ ପ୍ରବନ୍ଧ ଓ ବକ୍ତୃତା, ସମ୍ବିଧାନ ବିଷୟକୁ ନେଇ କୁଇଜ ପ୍ରତିଯୋଗୀତା ହୋଇଥିଲା। ଅମର ଶର୍ମା, ଲାଲ ଗୋପାଳ ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ସମ୍ବିଧାନ ଦିବସ ସଭାରେ ବକ୍ତା ଓ ଅତିଥିମାନେ।

# ସମ୍ବିଧାନ ସୁରକ୍ଷା ପାଇଁ ଶପଥ ପାଠ

**ସମ୍ବଲପୁର ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ, ତାଲୁକ ଆଇନ ସେବା ସମିତି ଓ ବିଭିନ୍ନ ଅନୁଷ୍ଠାନରେ ମଙ୍ଗଳବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସଭା, ଶୋଭାଯାତ୍ରା, ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ଭାରତୀୟ ସମ୍ବିଧାନର ପ୍ରଣୟନ, ପୃଷ୍ଠଭୂମି, ପ୍ରସ୍ତାବନା ଓ ସାମ୍ବିଧାନିକ ଅଧିକାର ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଭାରତୀୟ ସମ୍ବିଧାନର ସୁରକ୍ଷା ଓ ଠିକ୍ ଭାବେ ନିର୍ବାହ କରିବା ପାଇଁ ଶପଥ ନେଇଥିଲେ।**



ରେଢାଖୋଲ ସିଭିଲ କୋର୍ଟ ପରିସରରେ ସମ୍ବିଧାନ ଦିବସ କାର୍ଯ୍ୟକ୍ରମରେ ବିଚାରପତି ଓ ଅନ୍ୟମାନେ।

କୁଚିଣ୍ଡା,୨୬।୧୧(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଟୁରାଟୁଆଁ ଯୁକ୍ତ ୨ କଲେଜରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ଭାବନା ପାଣ୍ଡେ ସମ୍ବିଧାନ ପ୍ରଚଳନ ସମ୍ପର୍କରେ ଆଲୋଚନା କରିଥିଲେ। ଚନ୍ଦନିମାଲ ପ୍ରକଳ୍ପ ବିଦ୍ୟାଳୟ ଶିକ୍ଷୟିତ୍ରୀ କଲ୍ୟାଣୀ ପଟେଲ, ଶିକ୍ଷା ଡେମୋନଷ୍ଟ୍ରେଟର ପ୍ରତିମା କୁମାରୀ ନାଏକ ଅତିଥିଭାବେ ଯୋଗଦେଇ ସମ୍ବିଧାନର କାର୍ଯ୍ୟକାରିତା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ କୁଇଜ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ସତ୍ୟନାରାୟଣ ପଟେଲ ସମ୍ବିଧାନ ପ୍ରସ୍ତାବ ସମ୍ବନ୍ଧରେ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ସମ୍ବିଧାନ ଶପଥ ପାଠ କରାଇଥିଲେ।

**ନାକଟିଦେଉଳ(ବୈକୁଣ୍ଠନାଥ ସାହୁ):** ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ସୁଧୀର କୁମାର ସାହୁ ତାଙ୍କ ବକ୍ତବ୍ୟରେ ଭାରତର ସମ୍ବିଧାନ ବିଶ୍ୱପାଇଁ ଆଲୋକବର୍ତ୍ତିକା ବୋଲି କହିଥିଲେ। ଯୁଥ ରେଡକ୍ରସ ଅଧିକାରୀ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ, ଅଧ୍ୟାପକ ଶେଷଦେବ ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ଭଜମୋହନ ପ୍ରଧାନ ଓ ହିମାଂଶୁ ବାରିକ ସାମ୍ବିଧାନିକ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନେ ସାମ୍ବିଧାନିକ ଦାୟିତ୍ୱ ଠିକ୍‌ଭାବେ ନିର୍ବାହ କରିବା ପାଇଁ ଶପଥ ନେଇଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଡ. ପୁଷ୍ପାଞ୍ଜଳି ରବନା ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବରୁ ଆୟୋଜିତ ଚିତ୍ରାଙ୍କନ, ପ୍ରବନ୍ଧ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

**ରେଢାଖୋଲ(ଅଚ୍ୟୁତାନନ୍ଦ ପୁରୋହିତ):** ରେଢାଖୋଲ ତାଲୁକ ଆଇନ ସେବା ପ୍ରାଧିକରଣ ସମିତି ପକ୍ଷରୁ ସିଭିଲ କୋର୍ଟ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ତାଲୁକ ଆଇନ ସେବା ପ୍ରାଧିକରଣ ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ ପାର୍ଥସାରଥି ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ସବ୍‌ଜଜ ସନ୍ତୋଷ କୁମାର ପାଣିଗ୍ରାହୀ, ଏସ୍‌ଡିଜେଏମ୍ ହୃଷୀକେଶ ଖେମୁଣ୍ଡୁ, ଓକିଲ ସଂଘ ସଭାପତି ଅଭୟ କୁମାର ବୀର, ସମ୍ପାଦକ ଅଚ୍ୟୁତାନନ୍ଦ ପୁରୋହିତ, ବରିଷ୍ଠ ଓକିଲ ବିମଳଚନ୍ଦ୍ର ପ୍ରଧାନ, ଜଗନ୍ନାଥ ବିଶ୍ୱାଳ,ଦୟାସାଗର ପ୍ରଧାନ, ରିଟେନର ସୁଜିତ କୁମାର ପ୍ରଧାନ, ସରକାରୀ ଓକିଲ ନାରାୟଣ ତ୍ରିପାଠୀ, ପ୍ରେମଚାନ୍ଦ କୁଲୁ, ଅନ୍ତର୍ଯ୍ୟାମୀ ସାହୁ, ଓକିଲ ସଂଘ ସଦସ୍ୟ, କୋର୍ଟ କର୍ମଚାରୀ ଯୋଗଦେଇଥିଲେ। ସମିତି ଅଧ୍ୟକ୍ଷ ପଟ୍ଟନାୟକ ନାଗରିକମାନଙ୍କ ପାଇଁ ସମ୍ବିଧାନ ଗଠନ ଓ ତାତ୍ପର୍ଯ୍ୟ ସମ୍ପର୍କରେ ସୂଚନା ଦେବା ସହ ଶପଥ ପାଠ କରାଇଥିଲେ।

**ଜମନକିରା,(ରବୀନ୍ଦ୍ର ପ୍ରସାଦ ଦାନୀ):** ଜମନକିରା ବ୍ଲକ ମହଦା ଗ୍ରାମର କଲ୍ୟାଣ ମଣ୍ଡପରେ ବୁଦ୍ଧ ସାମାଜିକ ଆନ୍ଦୋଳନ ସମିତି ପକ୍ଷରୁ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କୁଚିଣ୍ଡା ଉପଖଣ୍ଡ ଓକିଲ ସଂଘ ପ୍ରାକ୍ତନ ସଭାପତି ପ୍ରମୋଦ ଛୁରିଆ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମୁଖ୍ୟବକ୍ତାଭାବେ ଯୋଗଦେଇ ସମ୍ବିଧାନକୁ ଠିକ୍ ଭାବେ ପାଳନ କଲେ ସାମାଜିକ ବିଷମତା ଦୂର ହେବା ସହ ଦେଶର ସଂହତି ଦୃଢ଼ୀଭୂତ ହେବ ବୋଲି କହିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଦ୍ରି କୁମାର ବରିହା, ସାମାଜିକ କର୍ମୀ ଲିଙ୍ଗରାଜ ବାଗ ଓ ସୌମ୍ୟ ରଞ୍ଜନ ରୋହିଦାସ ସମ୍ମାନୀତ ଅତିଥିଭାବେ ଯୋଗଦେଇଥଲେ। ସଭାକୁ ସମିତିର ଆବାହକ ସୁରୁମଣି ସୁନାନୀ ସଂଯୋଜନା କରିଥିଲେ।

# ରୋହିଙ୍ଗ୍ୟାଙ୍କୁ ଘରଭଡ଼ା: ୧୮ ମାଲିକଙ୍କ ନାଁରେ ମାମଲା

ଜମ୍ମୁ,୨୬।୧୧

୨୦୧୭ରେ ମ୍ୟାନ୍‌ମାରରେ ନିର୍ଯାତିତ ହୋଇ ଜମ୍ମୁକୁ ଚାଲିଆସିଥିବା ରୋହିଙ୍ଗ୍ୟା ଶରଣାର୍ଥୀମାନଙ୍କୁ ବିନା ଭେରିଫିକେଶନରେ ଘରଭଡ଼ା ଦେବା ଅଭିଯୋଗରେ ଜମ୍ମୁ-କଶ୍ମୀର ପୋଲିସ ୧୮ ଘର ମାଲିକଙ୍କ ବିରୋଧରେ ମାମଲା ରୁଜୁ କରିଛି। ୨ ମହିଳା ଓ ୨ ପୁରୁଷ ରୋହିଙ୍ଗ୍ୟାଙ୍କୁ ଫରେନର୍ସ ଆକ୍ଟ ବଳରେ ଅଟକ ରଖାଯାଇଥିବା ମଙ୍ଗଳବାର ଜମ୍ମୁ ସାଉଥ୍ ଏସ୍‌ପି ଅଜୟ ଶର୍ମା ସୂଚନା ଦେଇଛନ୍ତି। ବର୍ତ୍ତମାନ ଜମ୍ମୁର କିର୍ଯାନି ତାଲାବ ଭଳି ଅଞ୍ଚଳରେ ଶରଣାର୍ଥୀ କାର୍ଡ ନ ଥାଇ ଅନେକ ଶହ ରୋହିଙ୍ଗ୍ୟା ବସବାସ କରୁଥିବାବେଳେ ପୋଲିସ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିଛି।



ଜମ୍ମୁସ୍ଥିତ ଏକ ବସତିରେ ରୋହିଙ୍ଗ୍ୟା ଶରଣାର୍ଥୀ।

# ମହାକାଶରେ ୧୦୦ତମ ମହିଳା



ଏମିଲି କାଲାଣ୍ଡ୍ରେଲି

ଏମ୍‌ଆଇଟି ଇଞ୍ଜିନିୟର ଏବଂ ଟିଭି ଉପସ୍ଥାପିକାରୁ ମହାକାଶ ଯାତ୍ରା କରିବାରେ ୧୦୦ତମ ମହିଳା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ଏମିଲି କାଲାଣ୍ଡ୍ରେଲି। ଜେଫ୍ ବେଜୋସ୍‌ଙ୍କ ଏରୋସ୍ପେସ୍ କମ୍ପାନୀ ବ୍ଲୁ ଅରିଜିନ୍‌ର ୬ ଜଣିଆ ମହକାଶ ପର୍ଯ୍ୟଟକଙ୍କ ମଧ୍ୟରେ ଏମିଲି ସ୍ଥାନ ପାଇଛନ୍ତି। ପିଲାଦିନୁ ମହାକାଶ ଏବଂ ବିଜ୍ଞାନ ପ୍ରତି ଆଗ୍ରହ ରଖିଥିବା ଏମିଲି ୱେଷ୍ଟ ଭିର୍ଜିନିଆ ୟୁନିଭର୍ସିଟିରୁ ମେକାନିକାଲ ଏବଂ ଏରୋସ୍ପେସ୍ ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ପରେ ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି (ଏମ୍‌ଆଇଟି)ରେ ଏରୋନଟିକ୍ସ ଏବଂ ଆଷ୍ଟ୍ରୋନଟିକ୍ସରେ ମାଷ୍ଟର ଡିଗ୍ରୀ କରିଛନ୍ତି।

## ସଂକ୍ଷେପରେ

### ବିସ୍ଫୋରଣରେ ୩ ଘର ଭୁଶୁଡ଼ିଲା: ୪ ମହିଳା ମୃତ

ମୋରେନା,୨୬।୧୧

ମଧ୍ୟପ୍ରଦେଶର ମୋରେନା ସହରରେ ବିସ୍ଫୋରଣ ଘଟି ୩ଟି ଘର ଭୁଶୁଡ଼ି ପଡ଼ିଥିବାବେଳେ ୪ ମହିଳା ପ୍ରାଣ ହରାଇଛନ୍ତି ଓ ୫ ଜଣ ଆହତ ହୋଇଛନ୍ତି। ସୋମବାର ମଧ୍ୟରାତ୍ରରେ ସହରର ରାଠୋର କଲୋନି ଅଞ୍ଚଳରେ ଏହି ବିସ୍ଫୋରଣ ଘଟିଥିଲା। ଗନ୍‌ପାଉଡର ଯୋଗୁ ଏହି ବିସ୍ଫୋରଣ ଘଟିଥିବା ସନ୍ଦେହ କରାଯାଉଛି। କାରଣ ଭଗ୍ନାବଶେଷ କାଢ଼ିବା ବେଳେ ଏଲ୍‌ପିଜି ସିଲିଣ୍ଡରରେ ବିସ୍ଫୋରଣ ହୋଇ ନ ଥିବା ଜଣାପଡ଼ିଛି। ଫୋରେନ୍‌ସିକ୍ ଟିମ୍ ଯାଞ୍ଚ କରିବା ପରେ ବିସ୍ଫୋରଣର କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ଡିଏମ୍ ଭୂପେନ୍ଦ୍ର ସିଂ କୁଶୱାହ କହିଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ଗ୍ୱାଲିୟର ପଠାଯାଇଛି।

### ମଣିପୁର ହିଂସାର ଏନ୍‌ଆଇଏ ତଦନ୍ତ ଆରମ୍ଭ

ନୂଆଦିଲ୍ଲୀ,୨୬।୧୧(ପି.ଟି.)

ମଣିପୁରରେ ନିକଟରେ ଘଟିଥିବା ୩ଟି ହିଂସାକାଣ୍ଡର ତଦନ୍ତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଆରମ୍ଭ କରିଛି। ହିଂସାରେ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ ତୁରନ୍ତ ମାମଲା ରୁଜୁ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଥିଲା। ଗତ ୨୧ ଓ ୨୨ରେ ଏନ୍‌ଆଇଏ ଅଧିକାରୀମାନେ ମଣିପୁର ଗସ୍ତ କରି ତଦନ୍ତ ଆରମ୍ଭ କରିଥିବାବେଳେ ପୋଲିସଠାରୁ କେସ୍ ଦସ୍ତାବିଜ୍ ଗ୍ରହଣ କରିଛି। ଗତ ୧୧ ତାରିଖରେ ସଶସ୍ତ୍ର ଉଗ୍ରପନ୍ଥୀମାନେ ବୋରୋବେକ୍ରା ଥାନା ଉପରେ ଗୁଳିମାଡ଼ କରିବା ସହ କେତେକ ଘର ଓ ଦୋକାନ ଜାଳିଦେଇଥିଲେ। ସେମାନଙ୍କ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଉଗ୍ରପନ୍ଥୀମାନେ ୩ ଜଣ ମହିଳା ଓ ୩ ଛୋଟ ପିଲାଙ୍କୁ ଅପହରଣ କରିନେଇଥିଲେ। ପରେ ସେମାନଙ୍କ ମୃତଦେହ ମିଳିଥିଲା। ତୃତୀୟ ଘଟଣାରେ ଉଗ୍ରପନ୍ଥୀମାନେ ଜିରିବାମ୍‌ରେ ଜଣେ ମହିଳାଙ୍କୁ ହତ୍ୟା କରିଥିଲେ। ଏନେଇ ଏନ୍‌ଆଇଏ ପୁନର୍ବାର ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ରାହୁଲଙ୍କ ଦ୍ୱୈତ ନାଗରିକତ୍ୱ ନେଇ ପିଟିଶନ

**କେନ୍ଦ୍ରକୁ ଜବାବ ମାଗିଲେ ହାଇକୋର୍ଟ**

ନୂଆଦିଲ୍ଲୀ,୨୬।୧୧

କଂଗ୍ରେସ ନେତା ରାହୁଲ ଗାନ୍ଧୀ ବ୍ରିଟେନ୍ ନାଗରିକ ହୋଇଥିବାରୁ ତାଙ୍କ ଭାରତୀୟ ନାଗରିକତ୍ୱ ରଦ୍ଦ କରିବା ପାଇଁ ପିଟିଶନ ଦାଏର ହୋଇଥିଲା। ଏନେଇ ଆଲ୍ଲାହାବାଦ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ଦ୍ୱୈତ ନାଗରିକତାର ଅନୁଧ୍ୟାନ କରାଯାଉଥିବା ସରକାର ଜଣାଇଥିଲେ। ଡିସେମ୍ବର ୧୯ ପରବର୍ତ୍ତୀ ଶୁଣାଣି ପୂର୍ବରୁ ଜବାବ ରଖିବାକୁ ଅଦାଲତ କହିଛନ୍ତି। ଆଇନଜୀବୀ ତଥା ଭାଜପା ନେତା ବିଗ୍ନେଶ ଶିଶିର ପିଟିଶନ ଦାଏର କରିଥିଲେ।

**ସମ୍ବିଧାନ ଦିବସ**

# ସଂସଦରେ ବିତର୍କ ଦାବିକଲେ ବିରୋଧୀ

ନୂଆଦିଲ୍ଲୀ,୨୬।୧୧

୧୬୭ ଦିନର ବିତର୍କ, ୨୭୪ ସଦସ୍ୟ, ୩୬ ଲକ୍ଷ ଶବ୍ଦ। ଏସବୁକୁ ନେଇ ୧୯୪୯ ନଭେମ୍ବର ୨୬ରେ ସମ୍ବିଧାନ ସଭା ବିଶ୍ୱର ସବୁଠୁ ଲମ୍ବା ଲିଖିତ ସମ୍ବିଧାନକୁ ପାରିତ କରିଥିଲା। ପ୍ରତ୍ୟେକ ଅନୁଚ୍ଛେଦରେ ୧.୪୫ ଲକ୍ଷ ଶବ୍ଦ ରହିଥିଲା। ସଦସ୍ୟମାନେ ୨ ବର୍ଷ ୧୧ ମାସ ଓ ୧୮ ଦିନ ମଧ୍ୟରୁ ୧୬୭ ଦିବସ ଧରି ୧୧ଟି ଅଧିବେଶନରେ ବସିଥିଲେ। ସମ୍ବିଧାନର ମୁଖ୍ୟ ସ୍ଥପତି ବି.ଆର୍. ଅମ୍ବେଡ୍‌କରଙ୍କ ଦ୍ୱାରା ପ୍ରଣୀତ ଭାରତୀୟ ସମ୍ବିଧାନ ଉପରେ ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ସ୍ୱାକ୍ଷର କରିଥିଲେ। ଇତିମଧ୍ୟରେ ସମ୍ବିଧାନ ପ୍ରଣୟନକୁ ୭୫ ବର୍ଷ ବିତିଯାଇଥିବାବେଳେ ଦେଶର ସଦ୍ୟ ଘଟଣାକ୍ରମକୁ ନେଇ ସଂସଦରେ ସମ୍ବିଧାନ ଉପରେ ସ୍ୱତନ୍ତ୍ର ଆଲୋଚନା ପାଇଁ ମଙ୍ଗଳବାର ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି।

ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଦେଶ ସମ୍ବିଧାନକୁ ଗୃହୀତ କରାଯିବାର ୭୫ତମ ବାର୍ଷିକୀ ପାଳନ କରୁଛି। ଏହି ପରିପ୍ରେକ୍ଷୀରେ ଆଜି ଦେଶରେ କ'ଣ ସବୁ ଭୁଲ୍ କାମ କରାଯାଉଛି ତାହା ଉପରେ ସଂସଦର ଉଭୟ ଗୃହରେ ସମ୍ବିଧାନ ଉପରେ ୨ ଦିନ ଧରି ଆଲୋଚନା କରାଯାଉ। ଏନେଇ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବାଚସ୍ପତିଙ୍କୁ ପତ୍ର ଲେଖିଛନ୍ତି। ସେହିପରି ନୂଆଦିଲ୍ଲୀର ତାଲ୍‌କୋଟ୍ରା ଷ୍ଟାଡିୟମ୍‌ରେ କଂଗ୍ରେସ ପକ୍ଷରୁ 'ସମ୍ବିଧାନ ରକ୍ଷକ ଅଭିଯାନ' ଆରମ୍ଭ କରାଯାଇଛି। ଏଥିରେ ଯୋଗଦେଇ ଖାର୍ଗେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତିଗତ ଜନଗଣନାକୁ ଭୟ କରୁଛନ୍ତି। କାରଣ ଏପରି କରାଗଲେ ସମାଜର ସବୁ ବର୍ଗ ନିଜ ନିଜ ଭାଗ ମାଗିବସିବେ। ମୋଦି ଦେଶରେ ଏକତା ଚାହୁଁଥିଲେ ଘୃଣା ବିସ୍ତାର ବନ୍ଦ କରିବା ଉଚିତ। ଏହି ଅବସରରେ ଖାର୍ଗେ ଇଭିଏମ୍ ପରିବର୍ତ୍ତେ ବାଲଟ୍ ପେପର ଜରିଆରେ ମତଦାନ କରାଇବାକୁ ଦାବି କରିଛନ୍ତି।

ଅନ୍ୟପକ୍ଷେ ସମ୍ବିଧାନର ପ୍ରସ୍ତାବନାକୁ ପୂର୍ଣ୍ଣ ପ୍ରାଣରେ କାର୍ଯ୍ୟକାରୀ କରାଯାଉଛି କି ବୋଲି କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ପ୍ରଶ୍ନ କରିଛନ୍ତି। ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, ଉତ୍ତର ପ୍ରଦେଶର ସମ୍ଭଲରେ ଲୋକେ ମରୁଥିବାବେଳେ ସମ୍ବିଧାନ ଦିବସ ପାଳନ କରାଯିବା ଅନୁଚିତ। କାରଣ ଏହି ହିଂସା ଉପରେ ବିରୋଧୀ ନେତାମାନଙ୍କୁ କହିବାକୁ ସୁଯୋଗ ଦିଆଯାଉନାହିଁ।



ସମ୍ବିଧାନ ରକ୍ଷକ ଅଭିଯାନର ଶୁଭାରମ୍ଭ ବେଳେ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ରାହୁଲ ଗାନ୍ଧୀ।

" ୭୫ ବର୍ଷ ପୂର୍ବେ ଆଜିର ଦିନରେ ଏହି ସମ୍ବିଧାନ ସଦନର ସେଣ୍ଟ୍ରାଲ ହଲ୍ ଏକ ନୂତନ ସ୍ୱାଧୀନ ଦେଶ ପାଇଁ ଗୁରୁଦାୟିତ୍ୱ ତୁଲାଇବାକୁ ପ୍ରତିଶ୍ରୁତିବଦ୍ଧ ହୋଇଥିଲା। ପ୍ରାୟ ୩ ବର୍ଷ ଧରି ମହାନ୍ ଲୋକମାନେ ମାନସ ମନ୍ଥନ କରିବା ପରେ ଆମ ସମ୍ବିଧାନ ଜନ୍ମ ନେଇଥିଲା। ଭାରତୀୟ ସମ୍ବିଧାନ ଏକ ଜୀବନ୍ତ ଓ ପ୍ରଗତିଶୀଳ ଦସ୍ତାବିଜ, ଯାହା ଜରିଆରେ ଆମେ ସାମାଜିକ ନ୍ୟାୟ ଓ ସବୁ ବର୍ଗର ବିକାଶ ଲକ୍ଷ୍ୟ ହାସଲ କରିପାରିଛେ। ସମ୍ବିଧାନ ପ୍ରଣେତାମାନେ ଅନ୍ତର୍ଜାତୀୟ ଶାନ୍ତି ଓ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ସକାଶେ ଏହି ଦସ୍ତାବିଜରେ ନିର୍ଦ୍ଦେଶାବଳୀ ସ୍ଥିର କରିଥିଲେ।

**-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**

" ରାଜନୈତିକ ଦଳଗୁଡ଼ିକ ନିଜ ଲୋଭକୁ ଦେଶର ସ୍ୱାର୍ଥ ଉପରେ ରଖିଲେ ସ୍ୱାଧୀନତା ପୁଣି ଥରେ ଉପହସିତ ହେବ। ସକାରାତ୍ମକ ଆଲୋଚନା, ଓ ତାତ୍ପର୍ଯ୍ୟପୂର୍ଣ୍ଣ ବିତର୍କ ଜରିଆରେ ଆମ ଗଣତାନ୍ତ୍ରିକ ମନ୍ଦିରର ପବିତ୍ରତାକୁ ପୁନଃ ଅବସ୍ଥାପିତ କରିବା ସମୟ ଉପନୀତ। ଏହାଦ୍ୱାରା ଲୋକଙ୍କ ପ୍ରକୃତ ସେବା ସମ୍ଭବ।

**-ଜଗଦୀପ ଧନକର, ଉପରାଷ୍ଟ୍ରପତି**

" ୭୫ ବର୍ଷ ତଳେ ଗୃହୀତ ସମ୍ବିଧାନର ମର୍ଯ୍ୟାଦାପୂର୍ଣ୍ଣ ପରମ୍ପରାଗୁଡ଼ିକର ଅନୁସରଣ କରି ସମ୍ବିଧାନ ସଭା ଦ୍ୱାରା ନିର୍ଦ୍ଧାରିତ ସକାରାତ୍ମକ ବିତର୍କରେ ସାମିଲ ହେବା ସହ ଏହାକୁ ସଂସଦର ଉଭୟ ଗୃହରେ କାର୍ଯ୍ୟକାରୀ କରାଯିବା ଉଚିତ।

**-ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି**

" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବିଧାନ ପଢ଼ିନାହାନ୍ତି। ଏହାକୁ ଯଦି ପଢ଼ିଛନ୍ତି, ସେ ପ୍ରତିଦିନ ଯାହା କରୁଛନ୍ତି ତାହା କରୁ ନ ଥାନ୍ତେ। ବର୍ତ୍ତମାନର ସମଗ୍ର ବ୍ୟବସ୍ଥା ଦଳିତ, ଆଦିବାସୀ ଓ ପଛୁଆ ବର୍ଗର ଲୋକଙ୍କ ବିରୋଧୀ।

**-ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା**

## ବିପର୍ଯ୍ୟୟ ପ୍ରଶମନ ପାଇଁ ୧,୧୧୫ କୋଟି ମଞ୍ଜୁର କଲା କେନ୍ଦ୍ର

ନୂଆଦିଲ୍ଲୀ,୨୬।୧୧

ଦେଶର ୧୫ ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ଏବଂ ସାମର୍ଥ୍ୟ ନିର୍ମାଣ ପ୍ରକଳ୍ପ ଲାଗି କେନ୍ଦ୍ର ସରକାର ମଙ୍ଗଳବାର ୧,୧୧୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ନେତୃତ୍ୱରେ ଉଚ୍ଚସ୍ତରୀୟ ବୈଠକ ବସି ଡିଜାଷ୍ଟର ମ୍ୟାନେଜମେଣ୍ଟ ଏବଂ କାପାସିଟି ବିଲ୍ଡିଂ ପ୍ରୋଜେକ୍ଟ ଲାଗି ୧,୦୦୦ କୋଟି ଟଙ୍କା ମଞ୍ଜୁର କରାଯାଇଥିବାବେଳେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ନାଗରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ ପାଇଁ ୧୧୫.୬୭ କୋଟି ଟଙ୍କା ମଞ୍ଜୁର ହୋଇଛି। କମିଟି ଉତ୍ତରାଖଣ୍ଡ ଏବଂ ହିମାଚଳପ୍ରଦେଶ ନିମନ୍ତେ ୧୩୯ କୋଟି ଲେଖାଏ ମଞ୍ଜୁର କରିଥିବାବେଳେ ମହାରାଷ୍ଟ୍ର ପାଇଁ ୧୦୦ କୋଟି, କେରଳ ଏବଂ କର୍ନାଟକ ପାଇଁ ୭୨ କୋଟି ଲେଖାଏ, ତାମିଲନାଡୁ ଓ ପଶ୍ଚିମବଙ୍ଗ ଲାଗି ୫୦ କୋଟି ଲେଖାଏ ଏବଂ ୮ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ପାଇଁ ୩୭୮ କୋଟି ଟଙ୍କା ମଞ୍ଜୁର କରାଯାଇଛି।

## ତରଳୁଛି ହିମାଳୟ: କେନ୍ଦ୍ରକୁ ଏନ୍‌ଜିଟି ନୋଟିସ

ନୂଆଦିଲ୍ଲୀ,୨୬।୧୧(ପି.ଟି.)

ହିମାଳୟର ହିମହ୍ରଦଗୁଡ଼ିକ ଦ୍ରୁତଗତିରେ ତରଳିବାରେ ଲାଗିଛି। ଏଥିଯୋଗୁ ପ୍ରାକୃତିକ ବିପର୍ଯ୍ୟୟ ଆଶଙ୍କା ବଢ଼ିଛି। ଜାତୀୟ ସବୁଜ ଟ୍ରିବ୍ୟୁନାଲ (ଏନ୍‌ଜିଟି) ମଙ୍ଗଳବାର ଏହା ଉପରେ ଚିନ୍ତା ପ୍ରକଟ କରିବା ସହ ଏନେଇ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ତାପମାତ୍ରା ବୃଦ୍ଧି ଯୋଗୁ ଗତ ୧୩ ବର୍ଷ ମଧ୍ୟରେ ହିମାଳୟର ହିମହ୍ରଦଗୁଡ଼ିକ ୧୦.୮୧% ବୃଦ୍ଧିପାଇଛି। ରିପୋର୍ଟ ଅନୁଯାୟୀ, ହିମବାହ ତରଳିବା କାରଣରୁ ବୃହତ୍ ହିମହ୍ରଦ ସୃଷ୍ଟି ହେଉଛି। ସେଗୁଡ଼ିକରେ ଅଧିକ ପରିମାଣର ଜଳ ଜମା ହେଉଥିବାରୁ ବନ୍ୟା ଓ ହିମସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧିପାଉଛି। ନିକଟରେ ଏ ସମ୍ପର୍କିତ ରିପୋର୍ଟ ପ୍ରକାଶ ପାଇବା ପରେ ଏନ୍‌ଜିଟି ଏହି ବିଷୟକୁ ସଂଜ୍ଞାନକୁ ନେଇ ନିଜ ଆଡ଼ୁ ମାମଲା ରୁଜୁ କରିଛନ୍ତି।

ଗତ ୧୯ରେ ଏନ୍‌ଜିଟି ଅଧ୍ୟକ୍ଷ ଜଷ୍ଟିସ୍ ପ୍ରକାଶ ଶ୍ରୀବାସ୍ତବଙ୍କ ଖଣ୍ଡପୀଠ କହିଥିଲେ, ୨୦୧୧ରୁ ୨୦୨୪ ମଧ୍ୟରେ ଭାରତରେ ହିମହ୍ରଦର ଉପରଭାଗ ଅଞ୍ଚଳ ୩୩.୭% ବୃଦ୍ଧି ପାଇଛି। ହଠାତ୍ ହିମହ୍ରଦରେ ଆସୁଥିବା ବନ୍ୟା ତଳମୁଣ୍ଡରେ ବସବାସ କରୁଥିବା ଲୋକଙ୍କ ଜୀବନକୁ ବିପନ୍ନ କରିବା ସହ ଭିତ୍ତିଭୂମି ଓ ଜୈବବିବିଧତାକୁ ନଷ୍ଟ କରିଦେଉଛି। ଲଦାଖ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ସିକିମ ଓ ଅରୁଣାଚଳ ପ୍ରଦେଶ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏଭଳି କ୍ଷତି ଏଡ଼ାଇବା ସକାଶେ ତ୍ୱରାନ୍ୱିତ ଅନୁଧ୍ୟାନ, ତ୍ୱରିତ ସତର୍କତା ବ୍ୟବସ୍ଥା ଓ ବିକଶିତ ବନ୍ୟା ପରିଚାଳନା ରଣନୀତି ଆପଣାଯିବା ଜରୁରୀ। ଆଇନ, ଜଳ (ପ୍ରଦୂଷଣ ନିରାକରଣ ଓ ନିୟନ୍ତ୍ରଣ) ଆଇନ ଏବଂ ପରିବେଶ ସୁରକ୍ଷା ଆଇନର ଉଲ୍ଲଂଘନ। ତେଣୁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସଚିବ, ଜି.ବି. ପନ୍ତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହିମାଲୟାନ୍ ଏନ୍‌ଭାଇରୋନ୍‌ମେଣ୍ଟ ନିର୍ଦ୍ଦେଶକ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଟ୍ରିବ୍ୟୁନାଲ ନୋଟିସ କରିଛନ୍ତି। ୨୦୨୫ ମାର୍ଚ୍ଚ ୧୦ ଶୁଣାଣିର ସପ୍ତାହେ ପୂର୍ବରୁ ଜବାବ ରଖିବା ପାଇଁ ପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# 'ହିନ୍ଦୁଙ୍କ ସୁରକ୍ଷା ସୁନିଶ୍ଚିତ କର'

**ବାଂଲାଦେଶକୁ ଭାରତ ସରକାରଙ୍କ ଦାବି**

ନୂଆଦିଲ୍ଲୀ, ୨୬।୧୧

ବାଂଲାଦେଶରେ ହିନ୍ଦୁ ସନ୍ଥ ଚିନ୍ମୟ କୃଷ୍ଣ ଦାସଙ୍କ ଗିରଫଦାରିକୁ ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଏକ ବୟାନ ଜାରି କରାଯାଇଛି। ଚିନ୍ମୟ ଦାସଙ୍କୁ ଜାମିନ ନ ମିଳିବାକୁ ନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଗଭୀର ଚିନ୍ତା ପ୍ରକଟ କରାଯାଇଛି। ହିନ୍ଦୁ ସମେତ ସମସ୍ତ ସଂଖ୍ୟାଲଘୁ ସମୁଦାୟର ଲୋକଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ବାଂଲାଦେଶର ଅନ୍ତରୀଣ ସରକାରଙ୍କୁ ଭାରତ ଆଗ୍ରହ କରିଛି। ଏହି ବୟାନରେ କୁହାଯାଇଛି, ହିନ୍ଦୁ ସନ୍ଥ ଚିନ୍ମୟ କୃଷ୍ଣ ଦାସ୍‌ଙ୍କୁ ଗିରଫ କରାଯିବା ଓ ତାଙ୍କୁ ଜାମିନ ନ ମିଳିବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। ଦେଶର ଚରମପନ୍ଥୀଙ୍କ ଦ୍ୱାରା ହିନ୍ଦୁ ଏବଂ ବିଭିନ୍ନ ସଂଖ୍ୟାଲଘୁ ସମୁଦାୟକୁ କରାଯାଇଥିବା ବିଭିନ୍ନ ଆକ୍ରମଣ ପରେ ଏହି ଘଟଣା ସାମ୍ନାକୁ ଆସିଛି। ସେହିପରି ବାଂଲାଦେଶରେ ସଂଖ୍ୟାଲଘୁ ସମୁଦାୟର ଲୋକଙ୍କ ଘର, ବ୍ୟବସାୟିକ ପ୍ରତିଷ୍ଠାନକୁ ଟାର୍ଗେଟ କରି ସେଗୁଡ଼ିକୁ ଲୁଟ୍ ଏବଂ ଭଙ୍ଗାରୁଜା ମଧ୍ୟ କରାଯାଉଛି। ଏ ସମସ୍ତ ଘଟଣା ଦୁର୍ଭାଗ୍ୟଜନକ। ଅପରାଧୀମାନଙ୍କ ବିରୋଧରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ତେଣୁ ଏଥିପ୍ରତି ଦୃଷ୍ଟି ଦେବାକୁ ବାଂଲାଦେଶ ସରକାରଙ୍କୁ ଭାରତ ସଚେତନ କରିଛି।

# ଚିନ୍ମୟ ଦାସଙ୍କ ଗିରଫ ପ୍ରତିବାଦରେ ବିକ୍ଷୋଭ

**ପୋଲିସ-ବିକ୍ଷୋଭକାରୀ ଧସ୍ତାଧସ୍ତିରେ ୧ ମୃତ, ୨୭ ଆହତ**

ଢାକା, ୨୬।୧୧

ହିନ୍ଦୁ ସନ୍ଥ ଚିନ୍ମୟ କୃଷ୍ଣ ଦାସ୍‌ଙ୍କ ଗିରଫ ପ୍ରତିବାଦରେ ମଙ୍ଗଳବାର ଚଟ୍ଟଗ୍ରାମ କୋର୍ଟଙ୍କ ସମ୍ମୁଖରେ ଅନେକ ହଜାର ସଂଖ୍ୟାରେ ହିନ୍ଦୁ ସମୁଦାୟର ଲୋକେ ପ୍ରତିବାଦ କରିଛନ୍ତି। ଏହି ସମୟରେ ବିକ୍ଷୋଭ ଉଗ୍ରରୂପ ଧାରଣ କରିଥିଲା ଏବଂ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ସ୍ଥିତି ସୃଷ୍ଟି ହୋଇଥିଲା। ବିକ୍ଷୋଭକାରୀଙ୍କ ଉପରକୁ ପୋଲିସ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଥିଲା। ଫଳରେ ଘଟଣାସ୍ଥଳରେ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା ଏବଂ ଜଣେ ୩୫ ବର୍ଷୀୟ ଆଇନଜୀବୀଙ୍କ ମୃତ୍ୟୁ ଘଟିଛି। ସେହିପରି ୨୭ ଜଣ ବିକ୍ଷୋଭକାରୀ ଆହତ



ହୋଇଥିବା ନେଇ ସ୍ଥାନୀୟ ଗଣମାଧ୍ୟମ ପ୍ରକାଶ କରିଛି। ପ୍ରକାଶ ଯେ, ମଙ୍ଗଳବାର ଚଟ୍ଟଗ୍ରାମ କୋର୍ଟ ସନ୍ଥ ଚିନ୍ମୟ କୃଷ୍ଣ ଦାସଙ୍କ ଜାମିନକୁ ନାମଞ୍ଜୁର କରିଥିଲେ। ଫଳରେ ସେଠାରେ ହିନ୍ଦୁ ସମୁଦାୟ ପକ୍ଷରୁ ପ୍ରତିବାଦ କରାଯାଇଥିଲା।



୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ୧୬ତମ ବାର୍ଷିକୀ ଅବସରରେ ମଙ୍ଗଳବାର ତାଜମହଲ ପ୍ୟାଲେସ୍ ହୋଟେଲ ସମ୍ମୁଖରେ ଜନସାଧାରଣ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ପେପର ବାଲଟକୁ ସୁପ୍ରିମକୋର୍ଟଙ୍କ ନା

**ହାରିଲେ ଇଭିଏମ୍‌ରେ ଜାଲିଆତି, ଜିତିଲେ ଭଲ**

ନୂଆଦିଲ୍ଲୀ,୨୬।୧୧(ପି.ଟି.)

ଦେଶର ନିର୍ବାଚନରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ପରିବର୍ତ୍ତେ ପେପର ବାଲଟ ପ୍ରଚଳନ ପାଇଁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଯେତେବେଳେ ହାରିଯାଉଛ, ସେତେବେଳେ ଇଭିଏମ୍‌ରେ ଜାଲିଆତି ଅଭିଯୋଗ ଆଣୁଛ ଅଥଚ ଜିତିଲା ବେଳେ ଟ୍ୟାମ୍ପରିଂ ହେଉନାହିଁ। ଏଭଳି ଚମତ୍କାର ବିଚାର କେଉଁଠୁ ପାଉଛ ବୋଲି ଜଷ୍ଟିସ୍ ବିକ୍ରମ ନାଥ ଏବଂ ପି.ବି. ଭରାଲେଙ୍କ ଖଣ୍ଡପୀଠ ଆବେଦନକାରୀଙ୍କୁ ପ୍ରଶ୍ନ କରିଥିଲେ।

ପିଟିଶନର କେ.ଏ. ପଲ୍ କହିଥିଲେ, ଚନ୍ଦ୍ରବାବୁ ନାଇଡୁ, ୱାଇଏସ୍ ଜଗନମୋହନ ରେଡ୍ଡୀ ପୂର୍ବରୁ ଇଭିଏମ୍ ଟ୍ୟାମ୍ପରିଂକୁ ନେଇ ପ୍ରଶ୍ନ ଉଠାଇଥିଲେ। ଚନ୍ଦ୍ରବାବୁ କିମ୍ବା ଜଗନମୋହନ ହାରିବା ସମୟରେ ଇଭିଏମ୍‌ରେ ଜାଲିଆତି ଅଭିଯୋଗ ଆଣିଥିଲେ, ଜିତିଲା ବେଳେ ଆପତ୍ତି ଉଠାଇ ନ ଥିଲେ। ସେଗୁଡ଼ିକୁ ନେଇ ଯୁକ୍ତି କରିବାର ସ୍ଥାନ ଏହା ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ପଲ୍ ଏକ ସଂଗଠନର ଅଧ୍ୟକ୍ଷ ଏବଂ ସେ ୧୫୦ ଦେଶ ଭ୍ରମଣ କରିଛନ୍ତି ବୋଲି କହିବାରୁ ଖଣ୍ଡପୀଠ କହିଥିଲେ, ଆପଣଙ୍କ କାର୍ଯ୍ୟକ୍ଷେତ୍ର ଭିନ୍ନ ହୋଇଥିବାବେଳେ ରାଜନୀତି ଭିତରକୁ ପଶୁଛ କାହିଁକି? ଅନ୍ୟ ଦେଶଗୁଡ଼ିକରେ ବାଲଟ ପେପର ନା ଇଭିଏମ୍ ବ୍ୟବହାର କରାଯାଉଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

ସେହିପରି ପ୍ରାର୍ଥୀମାନେ ନିର୍ବାଚନ ବେଳେ ଯଦି ଟଙ୍କା, ମଦ ଓ ଅନ୍ୟାନ୍ୟ ସାମଗ୍ରୀ ବାଣ୍ଟିଥିବା ନେଇ ଦୋଷୀସାବ୍ୟସ୍ତ ହୁଅନ୍ତି, ତେବେ ସେମାନଙ୍କୁ ଅନ୍ୟୂନ ୫ ବର୍ଷ ପାଇଁ ନିର୍ବାଚନ କମିଶନ ଅଯୋଗ୍ୟ ଘୋଷଣା କରିବା ନିମନ୍ତେ ଅଦାଲତ ନିର୍ଦ୍ଦେଶ ଦେବାକୁ ପିଟିଶନର ନିବେଦନ କରିଥିଲେ। ୨୦୨୪ ଜୁନ୍‌ରେ ନିର୍ବାଚନ କମିଶନ ୯,୦୦୦ କୋଟି ଟଙ୍କା ଜବତ କରିଥିବା ଘୋଷଣା କରିଥିଲେ। ତେବେ ବାଲଟ ପେପର ବ୍ୟବହାର କରାଗଲେ ଦୁର୍ନୀତି ହେବ ନାହିଁ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।



ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କଠାରୁ ଇସ୍ତଫାପତ୍ର ଗ୍ରହଣ କରୁଛନ୍ତି। ନିକଟରେ ଭାଜପା ନେତା ଦେବେନ୍ଦ୍ର ଫଡ୍‌ନବିସ୍ ଏବଂ ଏନ୍‌ସିପି ନେତା ଅଜିତ ପାୱାର ଉପସ୍ଥିତ ଅଛନ୍ତି।

# ୨୯ରେ ସାଧାରଣ ସଭାକୁ ସମ୍ବୋଧନ, ରୋଡ୍ ଶୋ' କରିବେ ମୋଦି

ଭୁବନେଶ୍ୱର, ୨୬।୧୧ (ସୁନିତ୍ ମିଶ୍ର)

ଓଡ଼ିଶାରେ ଭାଜପା ସରକାର ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨ୟ ଥର ଲାଗି ଆସନ୍ତା ୨୯ରେ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଗସ୍ତ କାଳରେ ସେ ଉଭୟ ସରକାରୀ ଏବଂ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ। ୨୯ ତାରିଖ ଅପରାହ୍ନ ୪ଟା୧୫ ମିନିଟ୍‌ରେ ଭୁବନେଶ୍ୱର ବିମାନବନ୍ଦରଠାରେ ପହଞ୍ଚିବେ। ସେଠାରେ ସେ ଏକତ୍ରିତ ହୋଇଥିବା ଲୋକମାନଙ୍କୁ କିଛି ସମୟ ଉଦ୍‌ବୋଧନ ଦେବେ ବୋଲି ଜଣାପଡ଼ିଛି। ଏହାପରେ ସେଠାରୁ ରୋଡ୍ ଶୋ ଜରିଆରେ ଆସି ରାଜଭବନ ପର୍ଯ୍ୟନ୍ତ ଯିବେ। ପରେ ପ୍ରଧାନମନ୍ତ୍ରୀ ରାଜଭବନରୁ ବାହାରି ଦଳୀୟ କାର୍ଯ୍ୟାଳୟକୁ ଯିବେ। ସେଠାରେ ସେ ୨ ଘଣ୍ଟା ରହିବେ। ଏହି ଅବସରରେ ଦଳୀୟ ଏମ୍‌ପି, ବିଧାୟକ, ମନ୍ତ୍ରୀ, ବରିଷ୍ଠ ପଦାଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଦଳୀୟ କାର୍ଯ୍ୟାଳୟରେ ୨ ଘଣ୍ଟା ଧରି ବୈଠକ କରିବେ

ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବା ପୂର୍ବରୁ ବିମାନବନ୍ଦରଠାରୁ ରାଜଭବନ ପର୍ଯ୍ୟନ୍ତ ରାସ୍ତାର ଉଭୟ କଡ଼ରେ ଥିବା କ୍ୱାର୍ଟର୍ସ ଆଗରେ ଷ୍ଟିଲର ନୂଆ ବ୍ୟାରିକେଡିଂ ହେଉଥିବା ଦେଖିବାକୁ ମିଳିଛି। ଏହାସହ ବମ୍ ଚେକିଂ ସ୍କ୍ୱାଡ୍ ମଧ୍ୟ ଅନେକ ସ୍ଥାନ ବୁଲି ଚେକିଂ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଉଭୟ ପ୍ରଶାସନିକ ଓ ରାଜନୈତିକ ସ୍ତରରେ ବାରମ୍ବାର ବୈଠକ ଆରମ୍ଭ ହୋଇଯାଇଛି। ପ୍ରଧାନମନ୍ତ୍ରୀ ୩୦ ତାରିଖରେ ଲୋକସେବା ଭବନ ନୂତନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଡିଜିପି ସମ୍ମିଳନୀରେ ଯୋଗଦେବେ। ତେବେ ଆସନ୍ତା ୧ରେ ତାଙ୍କର କ'ଣ କାର୍ଯ୍ୟକ୍ରମ ରହିଛି ସେନେଇ କିଛି ସ୍ପଷ୍ଟ ହୋଇ ନାହିଁ।

# ଇସ୍ତଫା ଦେଲେ ଏକନାଥ ଶିନ୍ଦେ

ମୁମ୍ବାଇ, ୨୬।୧୧

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ମହାୟୁତିର ମହା ବିଜୟ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ କିଏ ହେବେ, ଏହାକୁ ନେଇ ଉତ୍କଣ୍ଠା ଜାରି ରହିଛି। ଚତୁର୍ଦ୍ଦଶ ବିଧାନସଭାର କାର୍ଯ୍ୟକାଳ ମଙ୍ଗଳବାର ଶେଷ ହୋଇଥିବାବେଳେ ଏକନାଥ ଶିନ୍ଦେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ଏକନାଥଙ୍କ ଇସ୍ତଫାପତ୍ର ଗ୍ରହଣ କରିବା ସହ ନୂଆ ସରକାର ଗଢ଼ାଯିବା ପର୍ଯ୍ୟନ୍ତ କାମଚଳା ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିବାକୁ କହିଥିଲେ। ତେବେ କିଏ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ ତାହା ଭାଜପା ନେତୃତ୍ୱାଧୀନ ମେଣ୍ଟ ଏପର୍ଯ୍ୟନ୍ତ ଚୂଡ଼ାନ୍ତ କରିନାହିଁ। ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ମୁଖ୍ୟମନ୍ତ୍ରୀ ହେବା ଭାଜପା ନେତୃବୃନ୍ଦ ଚାହୁଁଥିବାବେଳେ ଶିନ୍ଦେ ଏହି ପଦରେ ରହିବା ପାଇଁ ଶିବସେନା ବିଧାୟକମାନେ ଚାହୁଁଛନ୍ତି। ଅନ୍ୟପକ୍ଷରେ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ଫଡ୍‌ନବିସ୍‌ଙ୍କୁ ସମର୍ଥନ ଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ୨୮୮ ଆସନ ବିଶିଷ୍ଟ ବିଧାନସଭାରେ ଭାଜପାର ୧୩୨ ବିଧାୟକ ରହିଥିବାବେଳେ ଶିବସେନାର ୫୭ ଏବଂ ଏନ୍‌ସିପିର ୪୧ ବିଧାୟକ ଅଛନ୍ତି। ତେଣୁ ମ୍ୟାଜିକ୍ ନମ୍ବର ୧୪୫ରେ ପହଞ୍ଚିବା ପାଇଁ ଭାଜପାକୁ ଦୁଇ ସହଯୋଗୀମାନଙ୍କ ମଧ୍ୟରୁ କେବଳ ଗୋଟିଏର ସମର୍ଥନ ଯଥେଷ୍ଟ। ଫଳରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ଶିନ୍ଦେ ମୂଲଚାଲ କରିବା ସ୍ଥିତିରେ ନାହାନ୍ତି। ଶିବସେନା ନେତାମାନେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବଙ୍ଗଳା ବାହାରେ ଶକ୍ତି ପ୍ରଦର୍ଶନ କରିବାକୁ ଯୋଜନା କରିଥିବାବେଳେ ଶିନ୍ଦେ ସେମାନଙ୍କୁ ମନା କରିଥିଲେ।

## ଫଡ୍‌ନବିସ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରିବା ଲାଗି ଭାଜପାର ଚାପ

# ଅମାନତ ହରାଇଛନ୍ତି ୮୫% ପ୍ରାର୍ଥୀ

ନାଗପୁର, ୨୬।୧୧

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ମୋଟ ୪,୧୩୬ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେମାନଙ୍କ ମଧ୍ୟରୁ ୩,୫୧୫ ଜଣ ଇସିଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ଭୋଟ ଶେୟାର ହାସଲ କରିବାରେ ବିଫଳ ହୋଇଥିବାରୁ ଅମାନତ ଜମା ହରାଇଛନ୍ତି। ସେମାନଙ୍କର ୩.୫ କୋଟି ଅମାନତ ଜମା ବାଜ୍ୟାପ୍ତ ହୋଇଛି, ଯାହାକି ୧୦ ବର୍ଷ ମଧ୍ୟରେ ସର୍ବାଧିକ। ୨୦୧୪ରେ ୩,୪୨୨ ପ୍ରାର୍ଥୀ (୮୩.୧ ପ୍ରତିଶତ) ଅମାନତ ଜମା ବାବଦରେ ୩.୪ କୋଟି ଟଙ୍କା ହରାଇଥିଲେ। ସେହିପରି ୨୦୧୯ରେ ୩,୨୩୭ ପ୍ରାର୍ଥୀ (୮୦.୫%) ଅମାନତ ଜମା ବାବଦକୁ ୨.୬ କୋଟି ଟଙ୍କା ହରାଇଥିଲେ।

ଲୋକ ପ୍ରତିନିଧି ଆଇନ, ୧୯୫୧ ଅନୁଯାୟୀ, ଜଣେ ପ୍ରାର୍ଥୀ ତାଙ୍କ ନିର୍ବାଚନ ମଣ୍ଡଳୀରେ ହୋଇଥିବା ମତଦାନର ଅନ୍ୟୁନ ଏକ-ଷଷ୍ଠାଂଶ ହାସଲ କରିବାରେ ବିଫଳ ହେଲେ ତାଙ୍କ ଅମାନତ ଜମା ବାଜ୍ୟାପ୍ତ ହୋଇଥାଏ। ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କୁ ୧୦ ହଜାର ଟଙ୍କା ଏବଂ ଏସ୍‌ସି/ଏସ୍‌ଟି ପ୍ରାର୍ଥୀଙ୍କୁ ୫ ହଜାର ଟଙ୍କା ଅମାନତ ଜମା କରିବାକୁ ପଡ଼ିଥାଏ। ଏଥର ନିର୍ବାଚନରେ ମହାବିକାଶ ଅଘାଡ଼ି ୨୨ ଆସନରେ ଅମାନତ ହରାଇଛି। କଂଗ୍ରେସ ଏକାକୀ ୯ ଆସନରେ ଅମାନତ ହରାଇଥିବାବେଳେ ଶିବସେନା (ୟୁବିଟି) ୮ଟି ଏବଂ ଏନ୍‌ସିପି (ଏସ୍‌ପି) ୩ ଆସନରେ ଅମାନତ ହରାଇଛି।

## ମହାରାଷ୍ଟ୍ର ନିର୍ବାଚନ



ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ନେବାକୁ ଯାଉଥିବା ହେମନ୍ତ ସୋରେନ୍ ଏବଂ ସ୍ତ୍ରୀ ତଥା ଜେଏମ୍‌ଏମ୍ ନେତ୍ରୀ କଳ୍ପନା ସୋରେନ ମଙ୍ଗଳବାର ନୂଆଦିଲ୍ଲୀରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କୁ ଭେଟୁଛନ୍ତି।

# ଚର୍ଚ୍ଚାରେ ବ୍ରହ୍ମପୁର ମେୟର, ବିଜେଡି କର୍ପୋରେଟରଙ୍କ ପୁରୀ ଗସ୍ତ

ବ୍ରହ୍ମପୁର, ୨୬।୧୧ (ନରସିଂହ ସାହୁ)

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ମେୟର ସଂଘମିତ୍ରା ଦଳେଇଙ୍କ ନେତୃତ୍ୱରେ ଡେପୁଟି ମେୟର ବିବେକ ରେଡ୍ଡୀଙ୍କ ସମେତ ୨୬ ବିଜେଡି କର୍ପୋରେଟର ହଠାତ୍ ପୁରୀ ଯାଇଥିବାରୁ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଅନ୍ୟପକ୍ଷରେ ବିଜେଡିରେ ଅନ୍ତଃକନ୍ଦଳ ପୁଣି ପଦାକୁ ଆସିଛି। ମଙ୍ଗଳବାର ମେୟର ୨୬ ଜଣ ବିଜେଡି କର୍ପୋରେଟରଙ୍କୁ ନେଇ ପୁରୀ ଯାଇଛନ୍ତି। ସେଠାରେ କାର୍ଯ୍ୟକାରୀ ହେଉଥିବା ଘରକୁ ରନ୍ଧନ ଗ୍ୟାସ୍ ପାଇପ୍‌ଲାଇନ କାର୍ଯ୍ୟକ୍ରମ ଦେଖିବା ଉଦ୍ଦେଶ୍ୟରେ ଏହି ଗସ୍ତ ବୋଲି କୁହାଯାଇଥିଲେ ମଧ୍ୟ ରାଜନୀତି ଗନ୍ଧ ଥିବା ଚର୍ଚ୍ଚା ହେଉଛି। କର୍ପୋରେଟରମାନେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ସହ ଅନ୍ୟ ଗୋଷ୍ଠୀର ଚକ୍ରାନ୍ତ ପଣ୍ଡ ଲାଗି ସଂକଳ୍ପ ନେବେ ବୋଲି ଅନୁମାନ କରାଯାଉଛି। ତେବେ ଏ ନେଇ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ପଚାରିବାରୁ, ଜଗନ୍ନାଥଙ୍କ ଦର୍ଶନ ଓ ରିଲାକ୍ସ ପାଇଁ କର୍ପୋରେଟରମାନେ ଯାଇଥିବା କହିଛନ୍ତି।

ଗତ କିଛି ମାସ ହେବ ବ୍ରହ୍ମପୁର ବିଜେଡି ରାଜନୀତି ରୋଚକ ହେବାରେ ଲାଗିଛି। ଗୋଟିଏ ଗୋଷ୍ଠୀ ଜିଲା ସଭାପତି ଓ ମେୟରଙ୍କ ଇଙ୍ଗିତରେ ପରିଚାଳିତ ହେଉଥିବା ବେଳେ ଅନ୍ୟ ଗୋଷ୍ଠୀ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମର୍ଥକ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ, ୨୦୦୩ ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ଆକ୍ଟ ଅନୁସାରେ ପୌର ନିର୍ବାଚନରେ ନିର୍ବାଚିତ ମେୟର ଓ ଅନ୍ୟ ଜନ ପ୍ରତିନିଧିଙ୍କ ୨ ବର୍ଷ ପୂରିବା ପରେ ଅନାସ୍ଥା ପ୍ରସ୍ତାବ ଆଗତ ହେବାର ନିୟମ ରହିଛି। ଏବେ ଅଢ଼େଇ ବର୍ଷ ବିତିଯାଇଛି। ପ୍ରଥମେ ଡେପୁଟି ମେୟରଙ୍କୁ ହଟାଇବା ଲାଗି ପ୍ରୟାସ ଆରମ୍ଭ ହୋଇଥିଲା। ଅକ୍ଟୋବର ୨୩ ତାରିଖରେ ଗୋଟିଏ ଗୋଷ୍ଠୀର ୧୧ ଜଣ ବିଜେଡି କର୍ପୋରେଟର ଆସାମ କାମାକ୍ଷା ପୀଠକୁ ଯାଇଥିଲେ। ସେମାନେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ସମର୍ଥକ ଥିଲେ ବୋଲି କୁହାଯାଉଛି। ତେବେ ଅନାସ୍ଥା ଫଳପ୍ରଦ ହୋଇ ନ ଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜାନ୍ ଯାଉ,**
**ମାନ ଥାଉ।**

ମଣିଷର ମର୍ଯ୍ୟାଦା ପ୍ରାଣଠାରୁ ବି ବିଶାଳ। ମର୍ଯ୍ୟାଦା ଥରେ ଚାଲିଗଲେ ଆଉ ଫେରି ନ ଥାଏ। ତେଣୁ ଏଥିପ୍ରତି ସତର୍କ ରହିବା ଲାଗି ଏଠାରେ ଉପଦେଶ ଦିଆଯାଇଛି।

**ଜନମୁ ସେ ପଚିଶ ହାତ,**
**ଯୁଆନ ବେଳେ ହାତେ,**
**ବୁଢ଼ା କାଳେ ପଚାଶ ହାତ,**
**କିଏ କହିବ ମତେ।**

ଏହା ଏକ ନାଁ ଦିଆ ପହେଳି। ସୂର୍ଯ୍ୟ ଉଦୟଠାରୁ ଆରମ୍ଭକରି ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସୂର୍ଯ୍ୟକିରଣର ତେଜ ବା ପ୍ରଖରତାରେ ରହୁଥିବା ଭିନ୍ନତାକୁ ଦୃଷ୍ଟିରେ ରଖି ଏଭଳି ପ୍ରହେଳିକା ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସମ୍ବିଧାନ ନାଗରିକଙ୍କୁ ଆଇନଗତ ଅଧିକାର ଦେଇଛି: ମନମୋହନ

ଭୁବନେଶ୍ୱର, ୨୬।୧୧ (ସୁନିତ୍ ମିଶ୍ର)

ସମ୍ବିଧାନ ଦିବସ ସମଗ୍ର ଦେଶରେ ପାଳନ କରାଯାଉଥିବା ବେଳେ ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଦ୍ଧିଜୀବୀ ପ୍ରକୋଷ୍ଠ ଓ ଲିଗାଲ ସେଲ୍ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏହାକୁ ରାଜ୍ୟ ସଭାପତି ମନମୋହନ ସାମଲ ଉଦ୍‌ଘାଟନ କରି କହିଛନ୍ତି, ଭାରତୀୟ ସମ୍ବିଧାନ ଆମ ଦେଶର ଶାସନ ପ୍ରଣାଳୀକୁ ସରଳ କରିବା ସହ ସର୍ବବ୍ୟାପୀ ତଥା ସମସ୍ତ ନାଗରିକଙ୍କୁ ଆଇନଗତ ଅଧିକାର ପ୍ରଦାନ କରିଛି। ଆମ ସମ୍ବିଧାନ, ଆମ ସ୍ୱାଭିମାନ। ଏହି ଅବସରରେ ମନମୋହନ ଭାରତ ସମ୍ବିଧାନ ପ୍ରସ୍ତାବନାକୁ ଶପଥ କରାଇଛନ୍ତି। ଏହି ଆଲୋଚନା ଚକ୍ରରେ ମୁଖ୍ୟବକ୍ତା ଭାବେ ବିଧାୟକ ଇରାଶିଷ ଆଚାର୍ଯ୍ୟ ସମ୍ବିଧାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ କଂଗ୍ରେସ ସରକାର ସମୟରେ ସମ୍ବିଧାନର କାର୍ଯ୍ୟକାରିତାରେ ଅନେକ ତ୍ରୁଟି କରିବା ସହ ନିଜ ଦଳର ରାଜନୈତିକ ସ୍ୱାର୍ଥ ପାଇଁ ସମ୍ବିଧାନକୁ ବଦଳାଇବା ଏବଂ ଅପବ୍ୟବହାର କରିଥିବା କଥା କହିଛନ୍ତି। ବୁଦ୍ଧିଜୀବୀ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ସୁଦର୍ଶନ ନାୟକ ନିଜ ମତ ଉପସ୍ଥାପନା କରିବା ପରେ ଅନ୍ୟତମ ବକ୍ତା କେନ୍ଦ୍ର ସରକାରଙ୍କ ଷ୍ଟାଡିଂ କାଉନ୍‌ସିଲ ଉମାକାନ୍ତ ପଟ୍ଟନାୟକ, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରମୁଖ ଅଭିଭାଷଣ ରଖିଛନ୍ତି।




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟ ଦଳୀୟ ନେତାମାନେ।

# ସମ୍ବିଧାନ ହତ୍ୟା ପାଇଁ ଷଡ଼ଯନ୍ତ୍ର ଚାଲିଛି: ଇଣ୍ଡିଆ ମେଣ୍ଟ

ଭୁବନେଶ୍ୱର, ୨୬।୧୧ (ସୁନିତ୍ ମିଶ୍ର)

ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ୭୫ତମ ସମ୍ବିଧାନ ଦିବସ ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ସମାରୋହରେ ପାଳିତ ହୋଇଛି। ଏହି ଉପଲକ୍ଷେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଅଧ୍ୟକ୍ଷତାରେ ସମସ୍ତ ସମଭାବାପନ୍ନ ରାଜନୈତିକ ଦଳ (ଇଣ୍ଡିଆ ମେଣ୍ଟ)କୁ ନେଇ 'ସମ୍ବିଧାନ ଓ ଭାରତୀୟ ଗଣତନ୍ତ୍ର' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। କାଡାମ ଉପସ୍ଥିତ ନେତୃବୃନ୍ଦଙ୍କୁ ସର୍ବପ୍ରଥମେ ସମ୍ବିଧାନର ମୁଖବନ୍ଧ ପାଠ କରାଇଛନ୍ତି। ସ୍ୱାଗତ ଭାଷଣ ଦେଇ କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ ସମ୍ବିଧାନ ସୁରକ୍ଷା ଆମ୍ଭମାନଙ୍କ ପ୍ରଥମ ଦାୟିତ୍ୱ ବୋଲି କହିଛନ୍ତି। ଏହି ଅବସରରେ ଇଣ୍ଡିଆ ମେଣ୍ଟର ବହୁ ସଦସ୍ୟ ନିଜ ବକ୍ତବ୍ୟରେ କହିଛନ୍ତି, ଭାରତର ସମ୍ବିଧାନ ପ୍ରତ୍ୟେକ ଭାରତବାସୀଙ୍କ ରକ୍ଷାକବଚ। ସମ୍ବିଧାନ ସୁରକ୍ଷିତ ରହିଲେ ଜନସାଧାରଣ ସୁରକ୍ଷିତ ରହିବେ। କିନ୍ତୁ ବର୍ତ୍ତମାନ ସମ୍ବିଧାନକୁ ହତ୍ୟା କରିବା ପାଇଁ ଷଡଯନ୍ତ୍ର ଚାଲିଛି ବୋଲି କାଡାମ କହିଛନ୍ତି।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# କେନ୍ଦ୍ରର ଜନବିରୋଧୀ ନୀତିକୁ ବିଭିନ୍ନ ସଙ୍ଗଠନର ବିରୋଧ

ଭବାନୀପାଟଣା, ୨୬।୧୧ (ଉତ୍ତମ କୁମାର ଦାଶ)

କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ମଙ୍ଗଳବାର ଭବାନୀପାଟଣା ଜିଲାପାଳଙ୍କ ଅଫିସ ସମ୍ମୁଖରେ ଜିଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ଗଣଧାରଣା ଦିଆଯାଇଛି। କଳାହାଣ୍ଡି ଜିଲା କେନ୍ଦ୍ରୀୟ ଟ୍ରେଡ ୟୁନିଅନ, ସ୍ୱାଧୀନ ଫେଡେରେଶନର ମିଳିତ ମଞ୍ଚ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା, ମା' ମାଟି ମାଳି ସୁରକ୍ଷା ମଞ୍ଚ ପକ୍ଷରୁ ୨୬ ଦଫା ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦରବୃଦ୍ଧି ରୋକିବା, କୃଷିଜାତ ଦ୍ରବ୍ୟ ଉପରୁ ଜିଏସ୍‌ଟି ପ୍ରତ୍ୟାହାର, ମାଗଣା ଶିକ୍ଷା, ସମସ୍ତ ଆଦିବାସୀ ଓ ଜଙ୍ଗଲ ଅଧିବାସୀଙ୍କୁ ଜଙ୍ଗଲ ଜମିର ଅଧିକାର ପ୍ରଦାନ, ଲଘୁ ବନଜାତ ଦ୍ରବ୍ୟକୁ ଠିକ୍ ମୂଲ୍ୟ ପ୍ରଦାନ କରିବା ଆଦି ଦାବି କରାଯାଇଛି। ସେହିପରି କଳାହାଣ୍ଡି ଓ ରାୟଗଡ଼ା ଜିଲା ସୀମାନ୍ତରେ ଥିବା ତିଜମାଳି ଉପରେ ଏବେ ବହୁରାଷ୍ଟ୍ରୀୟ କମ୍ପାନୀର ନଜର ପଡ଼ିଛି। ସେଠାରେ ଖଣି ଖନନ ନେଇ କମ୍ପାନୀ ମସୁଧା ଚଳାଇଥିବା ବେଳେ ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଆସୁଛନ୍ତି । ତୁରନ୍ତ କେନ୍ଦ୍ର ସରକାର ଗ୍ରାମସଭା ଅନୁଯାୟୀ ନିର୍ଦ୍ଦେଶ କରିବା ପାଇଁ ଦାବି ହୋଇଛି। ଏହି ଗଣଧାରଣାରେ ସଚେତନ ମଞ୍ଚ ନାଗରିକ କମିଟି ଆବାହକ ସତ୍ୟ ମାହାର, ସିପିଆଇ ରାଜ୍ୟ ପରିଷଦ ସମ୍ପାଦକ ମଣ୍ଡଳୀ ସଦସ୍ୟ ଦାମୋଦର ବେହେରା, ସିପିଆଇଏମ୍‌ର ବରିଷ୍ଠ ବାମପନ୍ଥୀ ନେତା ନବ ପଟ୍ଟନାୟକ, ଜନ ଜାଗରଣ ମଞ୍ଚର ଆବାହକ ଅଗଷ୍ଟ ନାଏକ, ମା' ମାଟି ମାଳି ସୁରକ୍ଷା ମଞ୍ଚର ମୁନିଦେଇ, ସିପିଆଇ ଜିଲା ସହ ସମ୍ପାଦକ ସଞ୍ଜୟ ସୁନାନୀ, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଲକ୍ଷ୍ମଣ ରଣବିର, ପାଚିକା ସହାୟକ ସଂଘର ବିଳାସିନୀ ଗୌଡ଼, ସିପିଆଇଏମ୍‌ର ଜିଲା ସମ୍ପାଦକ ସତ୍ୟଜିତ ଚାଟାର୍ଜୀ, ଏଆଇଏସ୍‌ଏଫ୍‌ର ଜିଲା ସଭାପତି ରାଜାରାମ ଡଙ୍ଗରୀ ପ୍ରମୁଖ ସାମିଲ ଥିଲେ।

## ଜିଲାପାଳ ଅଫିସ ସମ୍ମୁଖରେ ଧାରଣା



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣଧାରଣା ଦିଆଯାଇଛି।

# ଗ୍ରହରିଷ୍ଟ ଖଣ୍ଡନ ନାଁରେ ମହିଳାଙ୍କୁ ଅଚେତ କରି ଅଳଙ୍କାର ଲୁଟ୍

ଡେରାବିଶ, ୨୬।୧୧ ( ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ମିଶନ ଶକ୍ତି ଏମ୍‌ବିକେ କାର୍ଯ୍ୟ କରୁଥିବା ହିମାଂଶୁ ପାତ୍ରଙ୍କ ସ୍ତ୍ରୀ ଦମୟନ୍ତୀ ରାଉତ ୧୮ ତାରିଖ ମଧ୍ୟାହ୍ନରେ କାର୍ଯ୍ୟାଳୟରୁ ଘରକୁ ଏକୁଟିଆ ଫେରୁଥିଲେ। ଜଣେ ବାବାଜି ତାଙ୍କୁ ଅଟକାଇ ତୋ ସ୍ୱାମୀ ଅଳ୍ପଦିନରେ ମୃତ୍ୟୁବରଣ କରିବ ବୋଲି କହି ଭୟଭୀତ କରାଇ ଗ୍ରହରିଷ୍ଟ ଖଣ୍ଡନ ପାଇଁ ପୂଜାର୍ଚ୍ଚନା ବାହାନା କରିଥିଲେ। ଏଥିସହ ଦମୟନ୍ତୀଙ୍କ ମୁଣ୍ଡରେ ସିନ୍ଦୂର ଲଗାଇ ଗ୍ରହରିଷ୍ଟ ଖଣ୍ଡନ ପାଇଁ କହି ଅଚେତ କରାଇ ଦେଇଥିଲେ। ଚେତା ଫେରିବା ପରେ ସେ ହାତରେ ପିନ୍ଧିଥିବା ସୁନା ମୁଦି ନ ଥିବା ସହ ବାବା ମଧ୍ୟ ସେଠାରୁ ପଳାଇ ଯାଇଥିଲେ। ଏ ସମ୍ପର୍କରେ ସେ ଯାଇ ଘରେ କହିବା ପରେ ଏହା ଅଞ୍ଚଳରେ ପ୍ରଚାରିତ ହୋଇଥିଲା। ମଙ୍ଗଳବାର ନିକଟସ୍ଥ ବଳଭଦ୍ରପୁର ଗାଁକୁ ଉକ୍ତ ଭଣ୍ଡ ବାବା ଆସି ମହିଳାମାନଙ୍କୁ ସମାନ କଥା କହି ଭୟଭୀତ କରାଇବା ସହ ଠାକୁରଙ୍କ ନାମରେ ସୁନା ଅଳଙ୍କାର ଦାନ କରିବାକୁ କହିଥିଲେ।



ତେବେ ପୂର୍ବରୁ ଦମୟନ୍ତୀଙ୍କ ସହ ଘଟିଥିବା ଘଟଣା ସମ୍ପର୍କରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ବାବାଜିଙ୍କ ପୁନଃ ଆଗମନ ଉପସ୍ଥିତ ମହିଳାମାନଙ୍କ ମଧ୍ୟରେ ସନ୍ଦେହ ଜାତ କରିଥିଲା। କେତେଜଣ ଉକ୍ତ ବାବାଙ୍କ ଫଟୋ ଉଠାଇ ଦମୟନ୍ତୀଙ୍କ ପାଖକୁ ପଠାଇବାରୁ ସେ ସେହି ଭଣ୍ଡ ବାବାଙ୍କୁ ଚିହ୍ନି ଅଟକାଇବା ପାଇଁ କହିଥିଲେ।

**ଭଣ୍ଡବାବାଙ୍କୁ ଧରି ଗ୍ରାମବାସୀ ପୋଲିସ ଜିମା ଦେଲେ**

ତେବେ ଗ୍ରାମବାସୀ ବାବାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଏ ନେଇ ଦମୟନ୍ତୀଙ୍କ ପକ୍ଷରୁ ପୁଣି ମଙ୍ଗଳବାର ଥାନରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୧୬୨/୨୪ରେ ମାମଲା ରୁଜୁ କରିବା ସହ ଭଣ୍ଡବାବାଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ଭଣ୍ଡାବାବାଙ୍କ ଘର ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳର ବିକ୍ରମ ସ୍ୱାଇଁ(୫୫) ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏଥିସହ ଭଣ୍ଡବାବା ବ୍ୟବହାର କରୁଥିବା ବାଇକ୍(ନଂ. ଓଡି ୨୧କେ ୬୧୪୨)କୁ ପୋଲିସ ଜବତ କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳର ମହିଳାଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

# ୩ ଯୁବକଙ୍କ ସହ ବନ୍ଧାହେଲେ ଏଆର୍‌ଟିଓ, କନିଷ୍ଠ ଏମ୍‌ଭିଆଇ

ଗୋପାଳପୁର, ୨୬।୧୧
(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ୧୬ ନଂ. ଜାତୀୟ ରାଜପଥରେ ଯାତାୟାତ କରୁଥିବା ଟ୍ରକ, ଟ୍ରେଲର ଓ ଅନ୍ୟ ଓଭରଲୋଡିଂ ଗାଡ଼ିକୁ ଅଟକାଇ ବେଆଇନ ଭାବେ ଟଙ୍କା ଆଦାୟ କରୁଥିବା ଏକ ର୍‌ୟାକେଟକୁ ପୋଲିସ ଠାବ କରି ସୋମବାର ଅଟକ ରଖିଥିଲା। ସେମାନଙ୍କ ମଧ୍ୟରେ ପରିବହନ ବିଭାଗର ଦୁଇ ଅଧିକାରୀ ଓ ତିନି ଜଣ ଯୁବକ ଥିଲେ। ସେମାନଙ୍କୁ ଗୋଳନ୍ଥରା ଥାନା ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଥିବା ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଛତ୍ରପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଏଆର୍‌ଟିଓ କେ. ଭେଙ୍କଟେଶ, କନିଷ୍ଠ ଏମ୍‌ଭିଆଇ ରତିକାନ୍ତ ନାହାକ, ଗିରିସୋଲା ଗ୍ରାମର ଭରତ ସାହୁ (୩୧), ରବୀନ୍ଦ୍ର ସାହୁ (୩୬) ଓ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ୍ ଜିଲା ଅମିନ ସାହେବପେଟା ଗ୍ରାମର ବି. ବିଜୟ କୁମାର।

ଖବରରୁ ଜଣାପଡ଼ିଛି, ଗଞ୍ଜାମ ଜିଲା ୧୬ ନଂ. ଜାତୀୟ ରାଜପଥ ଗୋଳନ୍ଥରା ଥାନା ଅଧୀନସ୍ଥ ଗିରିସୋଲା ନିକଟରେ ଟ୍ରକ, ଟ୍ରେଲର ଓ ଅନ୍ୟ ଓଭର ଲୋଡିଂ ଗାଡ଼ିଠାରୁ ଯୁବକମାନେ ବେଆଇନ ଭାବେ ଟଙ୍କା ଆଦାୟ କରି ଗାଡ଼ିଗୁଡ଼ିକୁ ପାସ୍ କରୁଥିବା ନେଇ ପୋଲିସ ସୂଚନା ପାଇଥିଲା। ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଗିରିସୋଲା ହନୁମାନ ମନ୍ଦିର ନିକଟରେ ଏକ ଟ୍ରକ୍‌କୁ ଅଟକାଇ ୪ ଜଣ ଯୁବକ ଟଙ୍କା ଆଦାୟ କରୁଥିବା ଦେଖିବାକୁ ପାଇଥିଲା। ପୋଲିସ ସେଠାରେ ଚଢ଼ାଉ କରି ୩ଜଣ ଯୁବକଙ୍କୁ ଧରିଥିବାବେଳେ ଅନ୍ୟ ଜଣେ ସେଠାରୁ ଫେରାର ହୋଇଯାଇଥିଲେ। ଭରତ, ରବୀନ୍ଦ୍ର ଓ ବିଜୟଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଥିଲା।



ଗିରଫ ଅଭିଯୁକ୍ତମାନେ ।

**ଜାତୀୟ ରାଜପଥରୁ ବେଆଇନ ଟଙ୍କା ଆଦାୟ ଘଟଣା**

ଅନ୍ୟପକ୍ଷରେ ସମ୍ପୃକ୍ତ ଯୁବକମାନେ ପଚରାଉଚରା ବେଳେ କହିଛନ୍ତି ଯେ, ଛତ୍ରପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଏଆର୍‌ଟିଓ କେ. ଭେଙ୍କଟେଶ, କନିଷ୍ଠ ଏମ୍‌ଭିଆଇ ରତିକାନ୍ତ ନାହାକ ଓ ତତ୍କାଳୀନ ଟ୍ରାଫିକ ଇନ୍ସପେକ୍ଟର(ଟିଆଇ) ଏନ.କେ. ଛିଣ୍ଡିରା ଏକ ହ୍ୱାଟସ୍‌ଆପ୍ ଗ୍ରୁପ କରି ଆମକୁ ନିୟୋଜିତ କରିଥିଲେ। ଓଭରଲୋଡିଂ ଗାଡ଼ିଠାରୁ ୭ ଶହରୁ ୨ ହଜାର ପର୍ଯ୍ୟନ୍ତ ଟଙ୍କା ଆମେ ଆଦାୟ କରୁଥିଲୁ। ଯେଉଁ ଗାଡ଼ି ଟଙ୍କା ଦେଉଥିଲା ସେ ଗାଡ଼ିର ନମ୍ବରକୁ ଗ୍ରୁପରେ ପଠାଉଥିଲୁ। ଏହା ଦେଖି ପରିବହନ ଅଧିକାରୀ ସମ୍ପୃକ୍ତ ଗାଡ଼ିକୁ ଯାଞ୍ଚ କରୁ ନ ଥିଲେ। ଫୋନ ପେ ଓ ନଗଦ ଟଙ୍କା ଯୁବକମାନେ ଆଦାୟ କଲେ ଟଙ୍କାର ୭୫ ଶତକଡା ଅଧିକାରୀମାନେ ନେଉଥିଲେ ଓ କମିଶନ ଆକାରରେ ଆମେ ୨୫ ପ୍ରତିଶତ ରଖୁଥିବା ଯୁବକମାନେ କହିଥିଲେ।

## କଲେଜ ଅଧକ୍ଷଙ୍କୁ ବାନ୍ଧିଲା ଭିଜିଲାନ୍ସ

ନୟାଗଡ଼/ନୂଆଗାଁ, ୨୬।୧୧
(ଲୋକନାଥ ମିଶ୍ର/ ଧନେଶ୍ୱର ସାହୁ)

ବକେୟା ଟଙ୍କା ମଞ୍ଜୁର କରାଇବାକୁ ଲାଞ୍ଚ ନେଉଥିବା ବେଳେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ବାହାଡାଖୋଲା ଦଧିବାମନଜୀଉ ଯୁକ୍ତ ୩ ମହାବିଦ୍ୟାଳୟ ଅଧ୍ୟକ୍ଷ ନଳିନୀ ରଞ୍ଜନ ଭୂୟାଁ ଧରାପଡିଛନ୍ତି। ମଙ୍ଗଳବାର ମହାବିଦ୍ୟାଳୟର ଜଣେ କର୍ମଚାରୀଙ୍କଠାରୁ ୧ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ପକ୍ଷରୁ ଅଧକ୍ଷଙ୍କୁ ଗିରଫ କରାଯାଇଛି। ତାଙ୍କ ପାଖରୁ ୧ ଲକ୍ଷ ଲାଞ୍ଚ ଟଙ୍କା ଜବତ କରାଯାଇଛି। ମହାବିଦ୍ୟାଳୟର ଜଣେ କର୍ମଚାରୀଙ୍କ ୫ ଲକ୍ଷ ଟଙ୍କାର ବକେୟା ଟଙ୍କା ରିଲିଜ୍ କରାଇ ଦେବାକୁ ସେ ୧ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ସହକର୍ମୀ ଏନେଇ ଭୁବନେଶ୍ୱର ଭିଜିଲାନ୍ସ ସହ ଯୋଗାଯୋଗ କରିଥିଲେ। ଭିଜିଲାନ୍ସ ଅଧକ୍ଷଙ୍କୁ ଗିରଫ କରିବାକୁ ପ୍ରକ୍ରିୟା ଆରମ୍ଭ କରି ବାହାଡାଖୋଲା ମାଣିକପାଟଣା ଗାଁର ଘର ଉପରେ ଚଢ଼ାଉ କରିଥିଲା। ପରେ ଭିଜିଲାନ୍ସ ପକ୍ଷରୁ ଏକ ମାମଲା(ନଂ.୨୫/୨୪) ରୁଜୁ କରାଯାଇ ୨ଟି ସ୍ଥାନ ଉପରେ ମିଳିତ ଭାବେ ଚଢ଼ାଉ ଜାରି ରହିଛି।

**୧ଲକ୍ଷ ଲାଞ୍ଚ ଟଙ୍କା ଜବତ**

# ସ୍ତ୍ରୀଙ୍କୁ କବ୍‌ଜାରେ ରଖି ୨ ଲକ୍ଷ ଦାବି କରୁଛନ୍ତି ବୈକୁଣ୍ଠଧାମ ଆଶ୍ରମ କର୍ତ୍ତୃପକ୍ଷ

ଭୁବନେଶ୍ୱର, ୨୬।୧୧ (ସତ୍ୟଜିତ୍ ରାଉତ)

ଭରତପୁର ଥାନା ଅନ୍ତର୍ଗତ ଘାଟିକିଆ ମୌଜାରେ ଥିବା ଶ୍ରୀ ବୈକୁଣ୍ଠଧାମ ଆଶ୍ରମ ବିରୋଧରେ ପୁଣି ଏକ ସଙ୍ଗିନ ଅଭିଯୋଗ ଆସିଛି। ଆଶ୍ରମ କର୍ତ୍ତୃପକ୍ଷ ତାଙ୍କ ସ୍ତ୍ରୀଙ୍କୁ କବ୍‌ଜା କରି ରଖିବା ସହ ୨ ଲକ୍ଷ ଟଙ୍କା ଦାବି କରିଥିବା ଜଣେ ବ୍ୟକ୍ତି ଶହୀଦନଗର ଥାନାରେ ଏତଲା ଦେଇଛନ୍ତି। ଏପରିକି ଆଶ୍ରମରେ ବହୁ ଅନୈତିକ କାର୍ଯ୍ୟ ହେଉଥିବା ବେଳେ ତାଙ୍କ ପାଖରେ ଏନେଇ ସବୁ ପ୍ରମାଣ ଥିବା ସେ ଦାବି କରିଛନ୍ତି। ଅଭିଯୋଗ ଆଣିଥିବା ବ୍ୟକ୍ତିଜଣକ ହେଲେ କେନ୍ଦୁଝର ଅଞ୍ଚଳର ଜିତେନ ଗିରି (୩୮)। ପୋଲିସ ତାଙ୍କ ଏତଲା ଆଧାରରେ ଏକ ଷ୍ଟେଶନ ଡଏରୀ ପଞ୍ଜୀକୃତ କରି ତଦନ୍ତ କରୁଛି। ଏତଲା ଅନୁଯାୟୀ, ଜିତେନ୍‌ଙ୍କର ୨୦୧୪ରେ ବିବାହ ହୋଇଥିଲା। ସେ ତାଙ୍କ ସ୍ତ୍ରୀଙ୍କ ସହ ଭୁବନେଶ୍ୱରରେ ରହୁଥିଲେ। ତେବେ ପରବର୍ତ୍ତୀ ସମୟରେ ସ୍ତ୍ରୀ ଏମ୍‌ଫିଲ୍ ପାଇଁ ଆଚାର୍ଯ୍ୟ

**ସଙ୍ଗିନ ଅଭିଯୋଗ ଆଣିଲେ କେନ୍ଦୁଝର ଯୁବକ**

ବିହାରରେ ଓ ଜିତେନ ବ୍ୟବସାୟ ପାଇଁ ମୟୂରଭଞ୍ଜରେ ରହିଥିଲେ। କରୋନା ପରେ ତାଙ୍କ ସ୍ତ୍ରୀ ଶିବାନୀ ନାମ୍ନୀ ଯୁବତୀଙ୍କ ସଂସ୍ପର୍ଶରେ ଆସି ଉକ୍ତ ଆଶ୍ରମକୁ ଯାଇଥିଲେ। ଏହାପରଠାରୁ ତାଙ୍କ ସ୍ତ୍ରୀ ଘର ଛାଡ଼ି ଉକ୍ତ ଆଶ୍ରମରେ ରହିବାରୁ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏପରିକି ସ୍ତ୍ରୀଙ୍କୁ ଆଣିବାକୁ ଆଶ୍ରମ ଯାଇଥିଲେ ମଧ୍ୟ ସେ ଆସିବାକୁ ରାଜି ହୋଇ ନ ଥିଲେ। ସେହିପରି ଜିତେନ୍ ଆହୁରି ଅଭିଯୋଗ କରିଛନ୍ତି ଯେ, ଆଶ୍ରମର ବାବା କାଶୀନାଥଙ୍କ ପୁଅଙ୍କ ସହ ତାଙ୍କ ସ୍ତ୍ରୀ ଘୋଡା ଶିଖିବାକୁ ଯାଆନ୍ତି। ଏଥିସହ ବିଦେଶୀ ଲୋକଙ୍କ ସହ କଥାବାର୍ତ୍ତା କରନ୍ତି। ସେଠାକୁ ଆସୁଥିବା ଧନୀ ଲୋକଙ୍କୁ ତାଙ୍କ ସ୍ତ୍ରୀ ଟ୍ରାପ୍ କରି ଆଶ୍ରମକୁ ଆଣନ୍ତି। ତେବେ ଏନେଇ କାଶୀନାଥଙ୍କ ସହ ସେ କଥା ହୋଇଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ। ତେବେ ସ୍ତ୍ରୀଙ୍କୁ ଫେରାଇ ଆଣିବାକୁ ଆଶ୍ରମରେ ଥିବା କ୍ରିଷ୍ଣା ନାମକ ଜଣେ ଯୁବକଙ୍କ ସହ କଥା ହେବା ପରେ ସେ ୨ ଲକ୍ଷ ଟଙ୍କା ଦାବି କରିଥିଲେ। ସେ ୫୦ ହଜାର ଟଙ୍କା ଦେଇଥିଲେ ମଧ୍ୟ ଆଶ୍ରମ କର୍ତ୍ତୃପକ୍ଷ ସ୍ତ୍ରୀଙ୍କୁ ଛାଡି ନ ଥିଲେ। ସେ ଗତ ୮ ମାସ ହେବ ତାଙ୍କୁ ଖୋଜୁଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ତେବେ ଆଶ୍ରମ ନାଁରେ ଖବର ପଢ଼ି ସେ ଥାନାକୁ ଆସିଥିବା ଏତଲାରେ କହିଛନ୍ତି। ଏପରିକି ଆଶ୍ରମରେ ଥିବା ଏକାଧିକ ବ୍ୟକ୍ତିଙ୍କ ନାଁରେ ସେ ଏଭଳି ଅଭିଯୋଗ କରିଛନ୍ତି। ତେବେ ସ୍ତ୍ରୀ ଆଶ୍ରମରେ ଥିବା କହିବାରୁ ପୋଲିସ ଟିମ୍ ଜତିନଙ୍କୁ ନେଇ ଆଶ୍ରମ ଯାଇଥିଲା। ହେଲେ ଆଶ୍ରମରେ ତାଙ୍କ ସ୍ତ୍ରୀ ନ ଥିବା ଜଣାପଡ଼ିଥିଲା। ଏନେଇ ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ଦିଲୀପ କୁମାର କହିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ନେଇ ଆଶ୍ରମ କର୍ତ୍ତୃପକ୍ଷ କିମ୍ବା ପଣ୍ଡିତ କାଶୀନାଥଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ୨ ଖଣି କମ୍ପାନୀ କାର୍ଯ୍ୟାଳୟରେ ଆୟକର ଚଢ଼ାଉ

ବଡ଼ବିଲ, ୨୬।୧୧ (ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲରେ ୨ ଖଣି ଲିଜ୍‌ଧାରୀ କମ୍ପାନୀ ଏମ୍.ଜି. ମହାନ୍ତି ଏବଂ ଏସ୍.ଏନ୍. ମହାନ୍ତିଙ୍କ କାର୍ଯ୍ୟାଳୟ ଉପରେ ଆୟକର ବିଭାଗ ଚଢ଼ାଉ କରିଛି। ଟିକସ ଫାଙ୍କି ଅଭିଯୋଗରେ ଏହି ଚଢ଼ାଉ ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ସକାଳ ପ୍ରାୟ ୬ଟା ବେଳେ ଆୟକର ଟିମ୍ ବଡ଼ବିଲରେ ପହଞ୍ଚି ଏହି ଦୁଇଟି ଖଣି କମ୍ପାନୀ କାର୍ଯ୍ୟାଳୟରେ ଚଢ଼ାଉ ଆରମ୍ଭ କରିଥିଲା। ଆୟକର ବିଭାଗର ଦୁଇଟି ଟିମ୍ ବଡ଼ବିଲକୁ ଆସିଥିବାବେଳେ ଗୋଟିଏ ଟିମ ୱେବ୍ରିଜ୍ ରୋଡ଼ସ୍ଥିତ ଏସ୍.ଏନ୍. ମହାନ୍ତିଙ୍କ କାର୍ଯ୍ୟାଳୟରେ ଓ ଅନ୍ୟ ଟିମ୍ ପୋଷ୍ଟ ଅଫିସ ନିକଟସ୍ଥ ଏମ୍.ଜି. ମହାନ୍ତିଙ୍କ କାର୍ଯ୍ୟାଳୟରେ ଚଢ଼ାଉ କରି ବିଭିନ୍ନ ନଥିପତ୍ର ଯାଞ୍ଚ କରିବା ସହିତ କମ୍ପ୍ୟୁଟର ହାର୍ଡଡିସ୍କକୁ ନିଜ ଅଧୀନକୁ ନେଇ ଯାଞ୍ଚ କାର୍ଯ୍ୟ ଜାରି ରଖିଥିବା ଜଣାପଡ଼ିଛି।


**DISTRICT PROJECT OFFICE, SAMAGRA SHIKSHA, PURI**
**(ODISHA SCHOOL EDUCATION PROGRAMME AUTHORITY (OSEPA))**
**(Department of School & Mass Education, Odisha)**

ସମଗ୍ର ଶିକ୍ଷା / Samagra Shiksha

Letter No: 5868 E-mail: dpcpurissa.opepa@nic.in, fcpurissa.opepa@nic.in
File No: ________ Date: 25.11.2024

**NOTICE INVITING TENDER (NIT)**

Sealed tenders are invited from the reputed & credible printers / firms / agencies for printing & supply of **"Holistic Progress Card for Class-I to VIII** Students in two bid systems (Technical & Commercial Bid) as detailed below as per specification given in the tender paper.

| Name of the Tender | Bid Processing fees | Amount of EMD | Last Date & time of receipt of Bid | Date & time of Opening of Technical Bid |
|---|---|---|---|---|
| Printing & Supply of Holistic Progress Card 2024-25 for Class-I to VIII Students | Rs.1,000/- | Rs.14,000/- | | |

The detailed BID document is available in the website i.e. **www.puri.nic.in** & **www.osepa.odisha.gov.in**. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence, potential bidders are requested to be in continuous touch with the above website.

The Tender Inviting Authority (TIA) reserves the right to accept / reject any full or part / all BID/cancel the entire selection process at any stage without assigning any reason thereof.

The sealed tender papers will be received al the District Project Office, Samagra Shiksha, Puri on any working day till 10.12.2024 up to 1 PM through speed post/ registered post only. The same will be opened on the same day i.e. 10.12.2024 at 3 PM in the office of the DEO-cum- DPC, Samagra Shiksha, Puri in presence of the bidders/ their authorized representatives & office functionaries. The office will not be held responsible for any kind of postal delay.

**Sd./- DEO-cum-District Project Coordinator, SS**


# ସାନଭାଇଙ୍କୁ ୧୦ ବର୍ଷ ଜେଲ

କେନ୍ଦୁଝର, ୨୬।୧୧ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଓ ଦୌରାଜଜଙ୍କ କୋର୍ଟରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଅଶୋକ କୁମାର ପଣ୍ଡା ଏହାର ବିଚାର କରି ଭାତୃହନ୍ତାଙ୍କୁ ୧୦ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ହତ୍ୟାର ଶିକାର ପରିବାରକୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଗତ ୨୦୨୧ ଜୁଲାଇ ୯ ତାରିଖରେ ସଦର ଥାନା ଅନ୍ତର୍ଗତ ବିସ୍ତାପାଳଠାରେ ରହୁଥିବା ଭୀମସେନ ନାଏକ ତାଙ୍କ ସ୍ତ୍ରୀଙ୍କ ସହିତ ଘର ସମ୍ମୁଖରେ ଝଗଡ଼ା କରୁଥିଲେ। ଘର ବାହାରେ କାହିଁକି ଝଗଡ଼ା କରୁଛ ବୋଲି ଭୀମସେନଙ୍କ ବଡ଼ଭାଇ ଦୀନବନ୍ଧୁ ତାଗିଦ କରିଥିଲେ। ଏକଥାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ସାନଭାଇ ଭୀମସେନ ପାଖରେ ଥିବା ଏକ ଖଣ୍ଡିଆ ଇଟାରେ ବଡ଼ଭାଇଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ବଡ଼ଭାଇ ଦୀନବନ୍ଧୁଙ୍କ ମୃତ୍ୟୁ ହୋଇଥିଲା। ଏନେଇ ସଦର ଥାନା ପୋଲିସ ଏକ ମାମଲା(ନଂ.୫୪/୨୦୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ପିପି ପ୍ରଦୀପ କୁମାର ଦାଶ ମାମଲା ପରିଚାଳନା କରୁଥିଲେ।

**ବଡ଼ଭାଇଙ୍କୁ ଇଟାରେ ଛେଚି ହତ୍ୟା ମାମଲା**

# ନାବାଳିକାଙ୍କୁ କାରଖାନାରେ ଅସଦାଚରଣ: ବନ୍ଧାହେଲେ ମାଲିକ

ବ୍ରହ୍ମପୁର, ୨୬।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ନାବାଳିକାଙ୍କୁ ନିଜ ଫାକ୍ଟ୍ରି ଭିତରେ ମାଲିକ କିଛିଦିନ ହେଲା ଅସଦାଚାରଣ କରିଆସୁଥିବା ନେଇ ପୀଡ଼ିତା ଟାଉନ ଥାନାରେ ଅଭିଯୋଗ କରିଥିଲେ। କାରଖାନା ମାଲିକ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଜ୍ୟୋତିନଗର ୬ଷ୍ଠ ଲାଇନରେ ରହୁଥିବା କେ.ବଦ୍ରିନାରାୟଣ ପାତ୍ର(୩୬)ଙ୍କୁ ପୋଲିସ ବାନ୍ଧିଛି। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ମାମଲା ନଂ. ୩୫୩/୨୪ରେ ବଦ୍ରିଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଏହାପରେ ତାଙ୍କୁ ଶିଶୁ ମଙ୍ଗଳ ସମିତିରେ ହାଜର କରାଯାଇ ଉତ୍କଳ ବାଳାଶ୍ରମରେ ରଖାଯାଇଛି।

ଟାଉନ ଥାନା ଅଞ୍ଚଳରେ ବଦ୍ରିଙ୍କ ଏକ ମୋମୋ କାରଖାନା ରହିଛି। ସେଠାକୁ କିଛିଦିନ ତଳେ ୧୭ବର୍ଷୀୟା ନାବାଳିକା ଜଣକ କାମ କରିବାକୁ ଯାଇଥିଲେ। ମାଲିକ ବଦ୍ରି ସପ୍ତାହେ ହେଲା ବିଭିନ୍ନ ସମୟରେ ତାଙ୍କୁ ଅସଦାଚାରଣ କରୁଥିଲେ। ଘରର ଆର୍ଥିକ ସ୍ଥିତି ଖରାପ ଥିବାରୁ ସେ ସେଠାରେ କାମ କରୁଥିଲେ। ଗତ ୨୪ ତାରିଖରେ ନାବାଳିକାଙ୍କୁ କାରଖାନାରେ ଏକାକୀ ଦେଖି ବଦ୍ରି ତାଙ୍କୁ ଭିଡି ଧରିଥଲେ। ନାବାଳିକା ଏହାର ଦୃଢ଼ ପ୍ରତିବାଦ କରିବା ସହ କୌଶଳକ୍ରମେ ଖସି ଆସି ଥାନାରେ ଅଭିଯୋଗ କରିଥିଲେ।


GOVERNMENT OF ODISHA No.A-614
DEPARTMENT OF WATER RESOURCES
**OFFICE OF THE ADDITIONAL CHIEF ENGINEER**
**RUSHIKULYA BAHUDA BASIN, BERHAMPUR-760004**
**e-mail id: se_sicbam@yahoo.com**
**e-Procurement Notice No.ACE,RBB-07/2024-25**

1. Type of Work: Building Work, 2. Total No. of Works:- 01 (One) No. 3. Amount put to tender : Rs.136.06 Lakh, 4. Period of Completion: 11 (Eleven) Calendar Months, 5. Class of Contractor :- 'B' & 'A'.

| Procurement Officer | Bid Identification No. | Bid Amount (Rs. in Lakh) | Availability & Submission of Bid Online |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE,RBB (BNID)- 08/2024-25 | 136.06 | From 28.11.2024, 10.00 A.M. to 13.12.2024, 5.00 P.M. |

Date of Opening of the Technical Bid :- **16.12.2024 at 11.30 A.M.**
Further details can be seen from the Govt. website **www.tendersodisha.gov.in.**

OIPR-32411/11/0011/2425 **Sd./- Additional Chief Engineer**
**Rushikulya Bahuda Basin, Berhampur**


# ୧୨୦୦ ବୋତଲ କଫ୍ ସିରପ ଜବତ: ୩ ଗିରଫ

ବଲାଙ୍ଗୀର, ୨୬।୧୧ (ବୀରେନ୍ଦ୍ର କୁମାର ଝାଙ୍କର)

କଟକରୁ ବଲାଙ୍ଗୀର ଚାଲାଣ ହେଉଥିବା ୧୨୦୦ ବୋତଲ କଫ୍ ସିରପକୁ ବଲାଙ୍ଗୀର ପୋଲିସ ମଙ୍ଗଳବାର ଜବତକରିବା ସହ ଏଥିରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ରାଜୀବ ନଗରର ବାବୁଲୁ ବେହେରା (୩୦), ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ମିର୍ଦ୍ଧାପାଲିର ସ୍ୱାଧୀନ ଅଦାବରିଆ (୩୮) ଓ ମାଧିଆପାଲିର ଶଶିକାନ୍ତ ସୁନା (୨୦)। ଏକ ମ୍ୟାକ୍ସ ବୋଲେରୋ ପିକ୍‌ଅପ୍ ଗାଡି (ଓଡି୦୩ଏବି ୧୭୯୦)ରେ ପ୍ଲାଷ୍ଟିକ୍ ପରିବା ଡାଲାରେ କିଛି ପନିପରିବା ଭର୍ତ୍ତି କରି କଫ୍ ସିରପ୍ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏହି ସୂଚନା ପାଇବା ପରେ ଏସ୍‌ପି ଋଷିକେଶ ଖିଲାରୀଙ୍କ ନିର୍ଦ୍ଦେଶରେ ଲକ୍ଷ୍ମୀପୋର ଥାନା ସବ୍‌ଇନ୍ସପେକ୍ଟର ସୁଚିସ୍ମିତା ଜେନାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ପୂର୍ବାହ୍ନ ୧୧ଟା ୩୦ ରେ ବଲାଙ୍ଗୀର-ସୋନପୁର ବାଇପାସ୍ ଚେକ୍‌ଗେଟ୍‌ଠାରେ ଗାଡ଼ି ଯାଞ୍ଚ କରିଥିଲେ। ଏହି ସମୟରେ ଉକ୍ତ ପିକ୍‌ଅପ୍ ଗାଡିଟି ଆସିଥିଲା। ବାହାରୁ ଉକ୍ତ ଗାଡିରେ ପନିପରିବା ଲଦାହୋଇଥିବା ଦେଖାଯାଇଥିଲା। ପୋଲିସକୁ ଚକ୍‌ମା ଦେବାକୁ କଫ୍ ସିରପ୍ ବୋଝେଇ ଗାଡିରେ ପନିପରିବା ରଖାଯାଇଥିଲା। ପୋଲିସ ଉକ୍ତ ଗାଡିକୁ ଅଟକାଇବା ପରେ ଯାଞ୍ଚ କରିଥିଲେ। ସେଥିରୁ ୧୨୦୦ ବୋତଲ ୱିନ୍‌ସେରେକ୍ସ ବ୍ରାଣ୍ଡ କଫ୍ ସିରପ୍ ବାହାରିଥିଲା। ଏହାପରେ ସେହି ଗାଡିରେ ଥିବା ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ଠାରୁ ୧ ଲକ୍ଷ ୭୨ ହଜାର ୫ ଶହ ଟଙ୍କା, ୫ଟି ମୋବାଇଲ ଫୋନ୍ ଏବଂ ଉକ୍ତ ବୋଲେରୋକୁ ପୋଲିସ ଜବତ କରିଥିଲା। ସନ୍ଧ୍ୟାରେ ସ୍ଥାନୀୟ ଟାଉନ୍ ଥାନାରେ ଏସଡିପିଓ ପ୍ରଦୀପ କୁମାର ସାହୁ ଏକ ଖବରଦାତା ସମ୍ମିଳନୀକରି ଏହି ସୂଚନା ଦେଇଥିଲେ। ଗିରଫ ୩ ଅଭିଯୁକ୍ତଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତ ରାଜୀବନଗରର ବାବୁଲୁ ପୂର୍ବରୁ ମଧ୍ୟ ଅନେକ ଆପରାଧିକ ମାମଲାରେ ଛନ୍ଦିହୋଇଥିବା ସୂଚନା ଦେଇଥିଲେ। କଟକରୁ ସେ ବଲାଙ୍ଗୀରକୁ କଫ୍ ସିରପ୍ ଚାଲାଣ କରୁଥିଲେ ବୋଲି କହିଥିଲେ। ଜେରା ସମୟରେ ମୁଖ୍ୟ ଅଭିଯୁକ୍ତ ବାବୁଲ ବଲାଙ୍ଗୀରରେ କାହା ଜରିଆରେ କଫ୍ ସିରପ୍‌ର ଖୁଚୁରା ବିତରଣ କରୁଥିଲେ ଏବଂ କଟକର କାହାଠାରୁ କଫ୍ ସରିପ ଆଣୁଥିଲେ ସେନେଇ ସୂଚନା ଦେଇଛନ୍ତି। ଖୁବ୍ ଶୀଘ୍ର ସେମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ଓ ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ ସାହୁ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଟାଉନ୍ ଥାନା ଆଇଆଇସି ଅବନୀ ସାହୁ, ଇନ୍ସପେକ୍ଟର ଅନିତା ପ୍ରଧାନ, ଅନିତା ପଟନିଆ ଉପସ୍ଥିତ ଥିଲେ।

- **୧ ଲକ୍ଷ ୭୨ ହଜାର ଟଙ୍କା, ବୋଲେରୋ ମାକ୍ସ ପିକ୍ ଅପ୍ ଜବତ**
- **କଟକରୁ ବଲାଙ୍ଗୀରକୁ ଚାଲାଣ ହେଉଥିଲା କଫ୍ ସିରପ**





ଜବତ ବୋଲେରୋ ଓ କଫ୍ ସିରପ୍। ଗିରଫ ୩ ଅଭିଯୁକ୍ତ।


**OFFICE OF THE MUNICIPAL COUNCIL, RAYAGADA**
DIST.: RAYAGADA, PIN CODE - 765001, ODISHA
E-mail ID: raygadam.hud@nic.in
Letter No. 4641 **CORRIGENDUM** Date: 22.11.24

No. C-1091: With reference to this office Notice No. 4493 dated 08.11.2024 regarding tender of daily market fee collection lease for the period from 01.12.2024 to 30.11.2025 fixed the date for 22.11.2024 upto 12.00 Noon is hereby extended to 30.11.2024 upto 12.00 Noon and opening tender at 4.00 P.M. on the same day.
All other terms and conditions are remain unchanged.

OIPR-13150/11/0035/2425 Sd./- Executive Officer, Rayagada Municipality

GOVERNMENT OF ODISHA No.B-669
**OFFICE OF THE SUPERINTENDING ENGINEER**
**BARGARH (R&B) DIVISION, BARGARH**
E-mail:eepwdbgh@gmail.com, Phone/Fax:06646-234819
INVITATIONS FOR BIDS (I.F.B.)
e-Procurement Notice
REVISED IDENTIFICATION NO.IFB-SE_PWD_BGH No.16 OF 2024-25
No.6002, Dated 25.11.2024

1) The Superintending Engineer, Bargarh (R&B) Division, Bargarh on behalf of Governor of Odisha invites Percentage Rate bid in Single & Double Cover System in ONLINE MODE for the Civil Works as detailed in the Detailed Tender Call Notice (D.T.C.N.) from the eligible class of contractors.
2. No. of Road & Building Works:- 11 Nos.
3. Cost of Tender Paper:- Rs.6,000/- & Rs.10,000/-
4. Class of Contractor :- "C" & "B" Class Contractor
5. Date & Time of available in website & receipt of Bids:- 11.00 Hrs. of 27.11.2024 to 17.00 Hrs. of 04.12.2024.
6. Date of Opening of Technical Bid:- 05.12.2024 at 11.30 Hrs.
7. The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in.
8) Any corrigendum/Addendum will be displayed in the website https://tendersodisha.gov.in only.

Sd./- Superintending Engineer
OIPR-34039/11/0013/2425 Bargarh (R&B) Division

See Career Appointment on every Wednesday & Saturday

GOVERNMENT OF ODISHA No. B-672
**e-Procurement Notice, Angul (R&B) Division**
**Bid Identification No. 19 of 2024-25**
e-mail ID: angulrbdivision@yahoo.co.in

1. Number of Works : 11 (Eleven) Number of Road Works
2. Approximate Estimated Cost : Varies from Rs.18.00 lakh to Rs.89.00 Lakh
3. Period of Completion : 02 (Two) Calendar Months
4. Date & Time of availability of bid document in the Portal : Dt.03.12.2024 at 10.00 A.M.
5. Last date/time for receipt of bid in the Portal : Dt.18.12.2024 upto 5.00 P.M.
6. Date of Opening Bid : Dt.19.12.2024 at 11.00 A.M.
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders must participate in ONLINE bidding only.

Further details can be seen from the e-procurement portal **https://tendersodisha.gov.in.**

Sd./- Superintending Engineer
OIPR-34074/11/0010/2425 Angul (R&B) Division

Government of Odisha No. B-650
**"e" Procurement Notice**
**OFFICE OF THE SUPERINTENDING ENGINEER, KORAPUT (R&B) DIVISION, KORAPUT**
**Bid Identification No. S.E. (R&B) KPT-10/2024-25**

1. Name of the Work : Building Works
2. Total No. of Works : 01 No.
3. Estimated Cost : Rs.69.13 lakhs
4. Period of Completion : 03 (Three) Months
5. Date & time of availability of bid document in the portal : From 28.11.2024 at 11.00 hours to 12.12.2024 upto 17.00 hours
6. Last date/time for receipt of bids in the portal : 12.12.2024 upto 17.00 hours
7. Date of Opening of Tender : 13.12.2024 at 12.00 hours
8. Name and address of the Officer Inviting Bid : Superintending Engineer, Koraput (R&B) Division

Further details can be seen from the e-procurement portal **https://tendersorissa.gov.in.**

Sd./- Superintending Engineer
OIPR-34096/11/0007/2425 Koraput (R&B) Division

**ଜନ୍ମଦିନର ଶୁଭେଚ୍ଛା**

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆର୍ଥିକ ନିଅଣ୍ଟ ୭.୮ ଟ୍ରିଲିୟନ ଡଲାରକୁ ବୃଦ୍ଧି ଆକଳନ

**ନୂଆଦିଲ୍ଲୀ,୨୬।୧୧**



ଶ୍ରୀଜିଥ୍ ବାଲାସୁବ୍ରମଣ୍ୟନ

ବର୍ତ୍ତମାନ ସମୟରେ ଜାରି ରହିଥିବା ଭୂ ରାଜନୈତିକ ପରିସ୍ଥିତ ଓ ଅନ୍ତଃରାଷ୍ଟ୍ରୀୟ ଘଟଣାବଳୀ ବିଶ୍ୱ ଅର୍ଥନୀତିର ଆର୍ଥିକ ନିଅଣ୍ଟକୁ ଆହୁରି ଖରାପ କରିପାରେ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରୁଥିବା ବେଳେ ସଂଘୀୟ ସରକାରଙ୍କ ଆର୍ଥିକ ନିଅଣ୍ଟ ଜିଡିପିର ୬.୪%ର ଅତ୍ୟଧିକ ଉଚ୍ଚସ୍ତର (ଯେତେବେଳେ ଅର୍ଥନୀତି ଉନ୍ନତ ସ୍ଥିତିରେ ରହିଥିବା ସମୟରେ) ଏବଂ ୧୦ ବର୍ଷ ପରେ ମଧ୍ୟ ଏହା ୭% ରହିବ ବୋଲି ଆଶଙ୍କା କରାଯାଉଛି। ଅପରପକ୍ଷରେ ବର୍ତ୍ତମାନ ଟ୍ରମ୍ପଙ୍କ ପ୍ରସ୍ତାବିତ ଯୋଜନାଗୁଡିକ ଆସନ୍ତା ୧୦ବର୍ଷରେ ଆର୍ଥିକ ନିଅଣ୍ଟକୁ ୭.୮ଟ୍ରିଲିୟନ ଡଲାରକୁ ବୃଦ୍ଧି କରିବ ବୋଲି ବନ୍ଧନ ଏଏମ୍‌ସିର ଫିକ୍ସଡ୍ ଇନ୍‌କମ୍ ବିଭାଗର ଉପାଧ୍ୟକ୍ଷ ଓ ଅର୍ଥନୀତିଜ୍ଞ ଶ୍ରୀଜିଥ୍ ବାଲାସୁବ୍ରମଣ୍ୟନ ବିସ୍ତୃତ ରୂପେ ଆଲୋକପାତ କରିଛନ୍ତି।

ସେହିଭଳି ଆସନ୍ତା ୧୦ ବର୍ଷ ମଧ୍ୟରେ ଆର୍ଥିକ ନିଅଣ୍ଟ ୭.୮ ଟ୍ରିଲିୟନ ଡଲାରକୁ ବୃଦ୍ଧି କରିବ ବୋଲି (କମିଟି ଫର୍ ରେସ୍‌ପନ୍ସିବୁଲ ଫେଡେରାଲ ବଜେଟ ଅନୁଯାୟୀ) ଆକଳନ କରାଯାଉଛି, ଉଦାହରଣ ସ୍ୱରୂପ ଆର୍ଥିକ ନିଅଣ୍ଟ ୭% ପରିବର୍ତ୍ତେ ୧୦% ରହିବ।

ସେହିପରି ଟ୍ରମ୍ପ ରାଷ୍ଟ୍ରପତି ଥିବା ସମୟରେ ଟିକସ ହ୍ରାସ ଓ ୨୦୧୭ ରୁ ନିଯୁକ୍ତି ଆଇନର ବିସ୍ତାର, ଯାହା ବ୍ୟକ୍ତିଗତ ଆୟ, ଇଷ୍ଟେଟ୍ ଓ ଗିଫ୍ଟ ଟିକସ ଏବଂ କମ୍ପାନୀଗୁଡିକ ଦ୍ୱାରା କରାଯାଉଥିବା ନିର୍ଦ୍ଦିଷ୍ଟ ନିବେଶ ପାଇଁ ରିହାତିର କମ୍ ଟିକସ ହାର ଲାଗି ବ୍ୟବସ୍ଥା ହୋଇଥିଲା। ଯଦି ଏହାକୁ ୨୦୨୫ପରେ ମଧ୍ୟ ଆଗକୁ ବିସ୍ତାର କରାଯାଏ। ତେବେ ଏହା ଏକାକୀ ଆସନ୍ତା ୧୦ ବର୍ଷ ମଧ୍ୟରେ ଆର୍ଥିକ ନିଅଣ୍ଟରେ ୫.୩ ଟ୍ରିଲିୟନ ଡଲାର ଯୋଗ କରିବ ବୋଲି ଆକଳନ କରାଯାଉଛି। ଅପରପକ୍ଷରେ ଅନ୍ୟ ଯୋଜନାଗୁଡିକ ମିଳିତ ଭାବେ ଆଉ ୫ଟ୍ରିଲିୟନ ଡଲାର ଯୋଗ କରିବେ। ଏପରିକି କିଛି ଆଂଶିକ ଭାବେ ନିରାଶାଜନକ ପଦକ୍ଷେପ ମଧ୍ୟ ରହିଛି, ଯାହାକୁ ସଞ୍ଚୟ ବୃଦ୍ଧି କରିବା ପାଇଁ ଚିହ୍ନଟ କରାଯାଇଛି ଏବଂ ସରକାରୀ ଖର୍ଚ୍ଚକୁ ହ୍ରାସ କରାଯିବାର ସମ୍ଭାବନା ମଧ୍ୟ ରହିଛି ବୋଲି ବାଲାସୁବ୍ରମଣ୍ୟନ କହିଛନ୍ତି।

ସେହିପରି ୨୦୧୭-୨୦ ମଧ୍ୟରେ ଯେତେବେଳେ ଟ୍ରମ୍ପ ରାଷ୍ଟ୍ରପତି ଥିଲେ, ସେହି ସମୟ ତୁଳନାରେ ଆଜିର ଆର୍ଥିକ ପ୍ରସଙ୍ଗ ଭିନ୍ନ ରହିଛି। ଆମେରିକାର ଅଭିବୃଦ୍ଧି ସ୍ଥିର ରହିଛି କିନ୍ତୁ ଏହା ସୁଧ ହାରର ପ୍ରଭାବରୁ ବେଶିଦିନ ବଞ୍ଚିତ ରହିପାରିବ ନାହିଁ, ଯାହାକି ଫେଡ୍ ଦ୍ୱାରା ନିକଟରେ ହୋଇଥିବା ହ୍ରାସ ସତ୍ତ୍ୱେ ଗତ କିଛି ସମୟ ହେବ ଅପେକ୍ଷାକୃତ ଉଚ୍ଚସ୍ତରରେ ରହିଛି। କ୍ରେଡିଟ୍ କାର୍ଡ ଓ ଅଟୋ ଲୋନ୍‌କୁ ନେଇ ଅପରାଧ ବୃଦ୍ଧି ପାଇବାରେ ଲାଗିଛି, ନିକଟରେ ଉଚ୍ଚ ଉତ୍ପାଦକତା ହାର ସ୍ଥିର ରହିଥିବା ଦେଖିବାକୁ ମିଳିଛି। ୟୁରୋପ ମଧ୍ୟ ଉଚ୍ଚ ମୁଦ୍ରାସ୍ଫୀତି, ଜଟିଳ ମୁଦ୍ରାନୀତି ଓ ମହାମାରୀ ପୂର୍ବ ତୁଳନାରେ ଉଚ୍ଚ ଆର୍ଥିକ ନିଅଣ୍ଟ ଭଳି ଆହ୍ୱାନଗୁଡିକର ସମ୍ମୁଖୀନ ହେଉଛି। କିନ୍ତୁ ଅଭିବୃଦ୍ଧି ଅପେକ୍ଷାକୃତ ଦୁର୍ବଳ ରହିଛି। ଚୀନ୍ ପ୍ରପର୍ଟି ସେକ୍ଟର ଓ ଉପଭୋକ୍ତା ଚାହିଦା କ୍ଷେତ୍ରରେ ମନ୍ଥରତାର ସମ୍ମୁଖୀନ ହେବା ଜାରି ରଖିଛି।

# ଖସିଲା ଶେୟାର ବଜାର

**ମୁମ୍ବାଇ,୨୬।୧୧**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ଦ୍ୱିତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହ୍ରାସ କରିଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୬ (୧୦୫.୭୯) ପଏଣ୍ଟ କମି ୮୦,୦୦୪ (୮୦,୦୦୪.୦୬) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ୍ୟ ୨୭ (୨୭.୪୦) ପଏଣ୍ଟ ହ୍ରାସ ଘଟି ୨୪,୧୯୪ (୨୪,୧୯୪.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

# ବେଦାନ୍ତ କଳିଙ୍ଗ ଲାନ୍ସର୍ସ ତାରକା ପୁରୁଷ ଜୁନିୟର ଏସିଆ କପ୍ ପାଇଁ ମନୋନୀତ

**ନୂଆଦିଲ୍ଲୀ,୨୬।୧୧**





୨୦୨୪ ନଭେମ୍ବର ୨୬ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିବା ସମ୍ମାନଜନକ ପୁରୁଷ ଜୁନିୟର ଏସିଆ କପ୍‌ରେ ଭାରତର ପ୍ରତିନିଧିତ୍ୱ କରିବାକୁ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଖେଳାଳି ରୋଜାନ୍ କୁଜୁର ଏବଂ ମୁକେଶ ଟପ୍ପୋ ମନୋନୀତ ହୋଇଛନ୍ତି। ଏହି ଟୁର୍ନାମେଣ୍ଟ ଉଦୀୟମାନ ପ୍ରତିଭାଙ୍କ ପାଇଁ ଏକ ପ୍ରମୁଖ ପ୍ଲାଟ୍‌ଫର୍ମ ଭାବରେ କାର୍ଯ୍ୟ କରିଥାଏ ଏବଂ ଅନ୍ତର୍ଜାତୀୟ ହକି ଫେଡେରେଶନର ଏଫ୍‌ଆଇଏଚ୍ ଜୁନିୟର ହକି ପୁରୁଷ ବିଶ୍ୱକପ ପାଇଁ ଏକ ଦ୍ୱାର। ଟିମ୍ ଇଣ୍ଡିଆ ୨୦୨୫ ବିଶ୍ୱକପ୍ ପାଇଁ ହୋଷ୍ଟ ଭାବେ ଯୋଗ୍ୟତା ଅର୍ଜନ କରିଥିବାବେଳେ ଇଭେଣ୍ଟ ୭ବର୍ଷର ବ୍ୟବଧାନ ପରେ ବହୁ ପ୍ରତୀକ୍ଷିତ ହକି ଇଣ୍ଡିଆ ଲିଗ୍ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପ୍ରଦାନ କରିଛି। ପୁଲ୍ ଏ'ରେ ସ୍ଥାନିତ ଟିମ୍ ଇଣ୍ଡିଆ ଚାଇନାର ତାଇପେଇ, ଜାପାନ, କୋରିଆ ଏବଂ ଥାଇଲାଣ୍ଡକୁ ଭେଟିବ। ଅଧିନାୟକ ଭାବେ ଆମୀର ଅଲି ଏବଂ ଉପ ଅଧିନାୟକ ଭାବେ ରୋହିତଙ୍କ ନେତୃତ୍ୱରେ ଏହି ଦଳ ପ୍ରତିଭା ସହ ଉତ୍ସାହିତ ହୋଇ ଏସୀୟ ମଞ୍ଚରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପ୍ରସ୍ତୁତ ଅଛି। ରୋଜାନ୍ ନିଜର ଉତ୍ସାହ ବ୍ୟକ୍ତକରି କହିଛନ୍ତି, ଭାରତୀୟ ହକିବୃଦ୍ଧି ପାଉଛି ଏବଂ ଆସନ୍ତା ୨ମାସ ପୁରୁଷ ଜୁନିୟର ଏସିଆ କପ୍ ଏବଂ ହକି ଇଣ୍ଡିଆ ଲିଗ୍ ସହ ବ୍ୟାପକ ହେବ। ଏହି ଟୁର୍ନାମେଣ୍ଟରେ ଟିମ୍ ଇଣ୍ଡିଆକୁ ପ୍ରତିନିଧିତ୍ୱ କରିବା ଏକ ଗୌରବର ବିଷୟ -ଏସିଆର କେତେକ ଶ୍ରେଷ୍ଠ ପ୍ରଦର୍ଶନ କରିବାର ଏହା ଏକ ସୁଯୋଗ, ସେମାନଙ୍କ ମଧ୍ୟରୁ ଅନେକେ ଆସନ୍ତା ବର୍ଷ ବିଶ୍ୱକପ୍ ପାଇଁ ଭାରତ ଯିବେ। ବର୍ତ୍ତମାନ ପାଇଁ ମୋର ସମସ୍ତ ଧ୍ୟାନ ପୁରୁଷ ଜୁନିୟର ଏସିଆ କପ୍ ଉପରେ ଅଛି। ଭାରତୀୟ ହକି ପାଇଁ ଏହା ରୋମାଞ୍ଚକର ସମୟ । ମୁକେଶ ଟପ୍ପୋ ମଧ୍ୟ ସମାନ ଭାବନାକୁ ପ୍ରତିପାଦିତକରି କହିଛନ୍ତି, ମୁଁ ହକି ଇଣ୍ଡିଆ,ମୋର କୋଚ୍ ଏବଂ ଭାରତୀୟ ହକିର ପ୍ରଶଂସକମାନଙ୍କୁ ମୋର ସର୍ବଶ୍ରେଷ୍ଠ ଭାରତୀୟ କ୍ରୀଡ଼ାର ଏକ ବଡ଼ ଜିନିଷ ହାସଲ କରିବାରେ ସାହାଯ୍ୟ କରିବାକୁ ନିରନ୍ତର ପ୍ରେରଣା ପାଇଁ ଧନ୍ୟବାଦ ଜଣାଉଛି। ମୁଁ ଦଳରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଅପେକ୍ଷା କରିଛି,ଯେହେତୁ ଆମେ ଏସିଆର ଶ୍ରେଷ୍ଠ ହେବାର ସମ୍ମାନଜନକ ଟାଇଟଲ ଜିତିବାକୁ ଲକ୍ଷ୍ୟ ରଖିଛୁ।

ଷ୍ଟ୍ରାଟେଜି ନିର୍ଦ୍ଦେଶକ ଡେଭିଡ୍ ଜନ୍ ଏହି ଚୟନକୁ ପ୍ରଶଂସାକରି କହିଛନ୍ତି, ପୁରୁଷ ଜୁନିୟର ଏସିଆ କପ୍ ପାଇଁ ଯୋଗ୍ୟତା ଅର୍ଜନକରି ରୋଜାନ୍ ଏବଂ ମୁକେଶଙ୍କୁ ଅଭିନନ୍ଦନ। ସେମାନଙ୍କର ପ୍ରତିଭା ଉପରେ ଆମର ଅପାର ବିଶ୍ୱାସ ଏବଂ ଆମେ ବିଶ୍ୱାସକରୁ ଯେ ଟିମ୍ ଇଣ୍ଡିଆ ଗୌରବ ପାଇଁ ଚେଷ୍ଟା କରୁଥିବାବେଳେ ସେମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।

# ଗୁଣାତ୍ମକ ଉତ୍ପାଦକୁ ଓଡ଼ିଶା ପ୍ଲାଷ୍ଟୋର ଗୁରୁତ୍ୱ





**ଭୁବନେଶ୍ୱର,୨୬।୧୧(ଅଭୟ ଦାଶ)**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଓଡ଼ିଶା ପ୍ଲାଷ୍ଟୋ ପ୍ରୋ ପ୍ୟାକ ଓଡ଼ିଶା ଏବଂ ଓଡ଼ିଶା ପ୍ଲାଷ୍ଟୋର ୪ ଦିନିଆ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ଉତ୍ସାହଜନକ କାରବାର ଓ ପ୍ରତିକ୍ରିୟା ହାସଲ କରିଛି। ବିଶେଷ କରି ବ୍ରାଣ୍ଡର ବଜାର ଚାହିଦା ଓ ଗୁଣାତ୍ମକ ଉତ୍ପାଦ କମ୍ପାନୀର ଆଭିମୁଖ୍ୟ ଓ ଗ୍ରାହକକେନ୍ଦ୍ରିକ କାରବାରକୁ ଦ୍ୱିଗୁଣିତ କରିଛି ବୋଲି ଓଡ଼ିଶା ପ୍ଲାଷ୍ଟୋ ପାଇପ୍ସ ପ୍ରାଇଭେଟ ଲିମିଟେଡର ଏମ୍‌ଡି କୌଶଲ ପୋଦ୍ଦାର ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିଭଳି ବ୍ରାଣ୍ଡର ଉତ୍ପାଦ ସବୁ ବର୍ଗର ଗ୍ରାହକଙ୍କ ପ୍ରଥମ ପସନ୍ଦ ହୋଇଥିଲାବେଳେ କମ୍ପାନୀ ଉଭୟ ଘରୋଇ ଓ ସରକାରୀ ଉଦ୍ୟୋଗ ସମେତ କୃଷି, ଶିଳ୍ପ ଏବଂ ଗୃହୋପଯୋଗୀ ଉପକରଣ ଉପଲବ୍ଧ। ଏପରିକି ବ୍ରାଣ୍ଡର ୫୫୦ରୁ ଅଧିକ ରେଞ୍ଜର ଉତ୍ପାଦ ଯଥା ୟୁପିଭିସି, ସିପିଭିସି, ଏସ୍‌ଡବ୍ଲୁଆର, ଏଗ୍ରି ଫିଟିଙ୍ଗ୍‌ସ ଭଳି କ୍ଷେତ୍ରୋପଯୋଗୀ ପାଇଁ କମ୍ପାନୀ ଉନ୍ନତ ଟେକ୍ନୋଲୋଜି ଜରିଆରେ ଗୁଣାତ୍ମକ ଉତ୍ପାଦ ଯୋଗାଇ ଦେଉଛି। ଅପରପକ୍ଷରେ ପ୍ରଦର୍ଶନୀ ଜରିଆରେ କାରବାର ବୃଦ୍ଧି ସହିତ ନୂତନ ବ୍ୟବସାୟ ସୁଯୋଗ ଓ ୟୁନିଟ ସ୍ଥାପନ ପାଇଁ ସୁଯୋଗ ସୃଷ୍ଟି କରିଛି।

ସେହିଭଳି କମ୍ପାନୀ ଆଗାମୀ ଦିନରେ ନୂଆ ୟୁନିଟ ସାଙ୍ଗକୁ ନୂତନ ଉତ୍ପାଦର ଶୁଭାରମ୍ଭ କରିବ ବୋଲି ବ୍ୟାପକ ଯୋଜନା କରିଥିବା ପୋଦ୍ଦାର ସୂଚନା ଦେଇଛନ୍ତି।

# ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବାରେ ଜିଓ ଅଗ୍ରଣୀ

**ଭୁବନେଶ୍ୱର,୨୬।୧୧**

ରିଲାଏନ୍ସ ଜିଓ ବର୍ତ୍ତମାନ ଓଡ଼ିଶାରେ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ଜିଓ ଏୟାରଫାଇବରର ବଢୁଥିବା ଚାହିଦା ସହ ୱାୟାରଲାଇନ କ୍ଷେତ୍ରରେ ମଧ୍ୟ ଅଗ୍ରଣୀ ସ୍ଥିତିକୁ ସୁଦୃଢ଼ କରିଛି। ଏପରିକି ଭାରତୀୟ ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ନିକଟରେ ପ୍ରକାଶିତ ହୋଇଥିବା ସଦ୍ୟତମ ଦୂରସଞ୍ଚାର ଗ୍ରାହକ ତଥ୍ୟ ଅନୁଯାୟୀ ୨୦୨୪ ସେପ୍ଟେମ୍ବର ସୁଦ୍ଧା ଜିଓ ରାଜ୍ୟରେ ସର୍ବାଧିକ ୧୫,୮୦୦ ରୁ ଅଧିକ ଜିଓ ଫାଇବର ଓ ଜିଓ ଏୟାରଫାଇବର ଗ୍ରାହକ ଯୋଡ଼ିବା ସହିତ ମୋଟ ଜିଓ ଫାଇବର ଓ ଜିଓ ଏୟାରଫାଇବର ଗ୍ରାହକଙ୍କ ସଂଖ୍ୟା ୩.୫୬ ଲକ୍ଷରେ ପହଞ୍ଚିଛି। ଏଥିସହ ଜିଓ ରାଜ୍ୟର ପ୍ରଥମ ଅପରେଟର ଭାବେ ୩.୫ ଲକ୍ଷରୁ ଅଧିକ ୱାୟାରଲାଇନ ଗ୍ରାହକ ହାସଲ କରିଛି। ବର୍ତ୍ତମାନ ଜିଓ ଏୟାରଫାଇବର ବଳରେ ନିରବଚ୍ଛିନ୍ନ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ, ଅସୀମିତ ୱାଇଫାଇ ଏବଂ ବିଶ୍ୱସ୍ତରୀୟ ସର୍ବଶ୍ରେଷ୍ଠ ଗୃହ ମନୋରଞ୍ଜନର ଆନନ୍ଦ ନେଇପାରୁଛନ୍ତି। ରାଜ୍ୟର ସମସ୍ତ ଛୋଟ ବଡ ସହର ଓ ନଗର ସହିତ ହଜାର ହଜାର ଗ୍ରାମଗୁଡିକରେ ଭରସାଯୋଗ୍ୟ ଜିଓ ଏୟାରଫାଇବର ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ଜରିଆରେ ଡିଜିଟାଲ ଲାଇଫଲାଇନ ପାଲଟିଛି। ଜିଓ ତା'ର ଲୋକପ୍ରିୟ ଜିଓ ଏୟାରଫାଇବର ସେବା ମାଧ୍ୟମରେ ଶହ ଶହ ଦୁର୍ଗମ ଗାଁରେ ନିର୍ଭରଯୋଗ୍ୟ ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ଉପଲବ୍ଧ କରାଇଛି। ଜିଓ ଏୟାରଫାଇବର ସେବା ବାସ୍ତବରେ ଡିଜିଟାଲ ଅନ୍ତର୍ଭୁକ୍ତୀକରଣକୁ ତ୍ୱରାନ୍ୱିତ କରିଛି। କାରଣ ଏହା ବିଶେଷକରି ଗ୍ରାମାଞ୍ଚଳ ଏବଂ ସହର ଉପକଣ୍ଠ ଅଂଚଳରେ ଶେଷ ମାଇଲ୍ ଅପ୍ଟିକାଲ୍-ଫାଇବର ବିସ୍ତାରରେ ରହିଥିବା କଠିନତା ଯୋଗୁ ବ୍ରଡ୍‌ବ୍ୟାଣ୍ଡ ସଂଯୋଗର ଅଭାବଜନିତ ସମସ୍ୟା ଦୂରକରି ପ୍ରତ୍ୟେକ ଘର ଏବଂ ଛୋଟ ବ୍ୟବସାୟକୁ ହାଇସ୍ପିଡ଼ ବ୍ରଡ଼ବ୍ୟାଣ୍ଡ ଏବଂ ଗୁଣାତ୍ମକ ଗୃହ ମନୋରଞ୍ଜନ ସହ ସଂଯୁକ୍ତ କରିଛି।

**Classified Everyday**
**0674-2580101, 2549949**





**BRIDE WANTED**

MSc (Math)- Education Leader, +2 Sc., +3 Sc. Principal (Pvt. College), ପୁଅ ବାହାଘର ପାଇଁ MSc ଝିଅ ଆବଶ୍ୟକ, ଖଣ୍ଡାୟତ, ଗୌର ବର୍ଣ୍ଣ। Mob (Whatsapp)- 7853908012. D-2039

Handsome Bengali Brahmin Boy 1990- 5'8", B.Com Pass. Working as Accountant (P.C.) Puri. Contact No.- 9439736612. D-75613





**SALE**

Investment plot @ 2.5Lakh- 3.5Lakhs, Bhubaneswar, Khurda, Angul, Dhenkanal. 9827767837. D-2071

**Duplex and Apartment sale near Kalinga Nagar DAV School, Bhubaneswar. 9777433701.** D-76212

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45,000,00/- ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75579

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048.** D-2068

ଫୁଲନଖରା ଅନନ୍ତପୁର ସରକାରୀ ରୋଡ୍‌କୁ ଲାଗିକି ଘରବାରି ନିଜ ପ୍ଲଟ୍ ବିକ୍ରିହେବ। Mob- 9556187814. D-2008

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9777554170, 7978874990.** D-2067





Newly open health benefits SPA by expert therapist. Contact- 8280961126. D-76175

Newly open full body massage relax with new lady therapist. 7205354089. D-76032

Newly open health benefits SPA special offer @ 799 Bapuji Nagar. 8018429809. D-76172

**LOST**

ମୁଁ ଆଫ୍ରିଦ୍ ହୁସେନ୍, ପିତା- ଫାଜିଲ୍ ହୁସେନ୍, ଜିଲ୍ଲା- କୋରାପୁଟ, ଗତ ୧୦।୧୧।୨୦୨୪ରେ କୋରାପୁଟରୁ ଭୁବନେଶ୍ୱର ଯାଉଥିବାବେଳେ ମୋର ଦଶମ ଶ୍ରେଣୀ ସାର୍ଟିଫିକେଟ୍ ଏବଂ ମାର୍କସିଟ୍ ହଜିଯାଇଛି। କୌଣସି ବ୍ୟକ୍ତି ପାଇଥିଲେ ଉକ୍ତ ନମ୍ବରରେ ଜଣାଇବେ। ମୋ- ୯୮୬୧୬୦୩୨୨୧. ଧ-୨୦୭୭

କ୍ଷେତ୍ରମଣି ସାହୁ, ୫୯ ବର୍ଷ, ସ୍ୱା- ଆର୍ତ୍ତତ୍ରାଣ ସାହୁ, ଗ୍ରାମ- ଡେଲାଙ୍ଗ- କୋଠବାଡ଼, ପୋ/ବ୍ଲକ୍/ଥାନା- ଡେଲାଙ୍ଗ, ଜିଲ୍ଲା- ପୁରୀ, ଗତ ୨୨।୧୧।୨୦୨୪ ଅପରାହ୍ନରେ ଡେଲାଙ୍ଗ ତହସିଲରୁ ଘରକୁ ଫେରୁଥିବା ସଡ଼କରେ ମୌଜା- ରାମଚନ୍ଦ୍ରପୁର, ସାବକ ଖାତା- ୨୮୪/୩୨, ହାଲ୍ ଖାତା- ୨୮୪/୯୬, ପ୍ଲଟ୍ ନଂ.-୭୪୦, ଏରିଆ- ଏ.୧.୩୪ ଡେସିମିଲ, କ୍ରୟ ଦଲିଲ ନଂ.-୧୧୫୫୧୫୦୦୨୮୦, ତା ୩୧।୦୩।୨୦୧୫ ସହ ଅନ୍ୟ କେତେକ କାଗଜପତ୍ର ଥିବା ବ୍ୟାଗ୍ ହଜିଯାଇଛି। କେହି ପାଇଥିଲେ ଉପରୋକ୍ତ ଠିକଣାରେ ଜଣାଇବାକୁ ଅନୁରୋଧ। ଧ-୨୦୭୫

ଦଲିଲ୍‌ର ବିବରଣୀ: ଦଲିଲ୍ ନମ୍ବର- ୧୧୦, ମୁଁ ଗୋଲକ ବିହାରୀ ବେହେରା, ସା- ଶାଳନିଆ, କେଉଁଝର, ଓଡ଼ିଶା, ପିନ୍- ୭୫୬୧୨୧, ଘରୁ ହାଟଡ଼ିହି ତହସିଲକୁ ଯିବା ରାସ୍ତାରେ ମୋର ଦଲିଲ୍‌ଟି ଖସି ପଡ଼ିଛି। ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲ୍‌କୁ ପାଆନ୍ତି ସହୃଦୟେ ମୋର ମୋବାଇଲ ନଂ.- ୯୧୭୮୬୯୧୮୯୯ରେ ଯୋଗାଯୋଗ କରିବେ। ଧ-୨୦୭୮

**AFFIDAVIT**

I, Rabi Narayan Choudhury, S/o- Basudev Choudhury, 33 years, Address- Choudhury Street, Lalagorji, Aska has changed my name from Rabi Narayan Choudhury to Rabinarayan Choudhury vide affidavit dated 21.11.2024 sworn before P.K. Padhi, Notary, Aska. D-2074

I, Banditarani Mishra, W/o- Kranti Kumar Satpathy, resident of Ward No.-8, Hig-22/2,H.B.Colony, P.O./P.S.-Chandrasekharpur, Dist.- Khurda, Pin-751016, Odisha declare by this affidavit No.- 73AA976635 dtd.- 20.11.2024 that now onwards I shall be known as BANDITARANI SATPATHY for all future purposes. D-2076

By affidavit in the Court of Executive Magistrate, Kanika, Kendrapara, CF No.- 64AA 633674, dtd- 12.11.2024, I have been recognized, indentified & known as Madhusudan Pal, S/o- Brajabandhu Pagal, At- Deogan, P.O.- Chhadesh, P.S.- Rajkanika, Dist.- Kendrapara instead of Madhusudan Pagal for all purposes. D-2069

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Tanweesri Ray, D/o- Kalicharan Roy, resident of Plot No.-193/A, Sahid Nagar, Bhubaneswar, Dist.-Khurdha, PIN-751007, Odisha declare that by this affidavit No.-778, dtd. 25.11.2024 that now onwards I shall be known as Tanweesri Roy for all future purposes. D-75581

By virtue of an affidavit sworn before Aswini Kumar Pradhan, Notary Public, Bhubaneswar, dated 13.11.2024, I, Bidyadhar Gochhayat, Address Haripur, P.O.- Haripur Jemadeipur, P.S.- Sukinda, Dist.- Jaipur, Odisha- 755018 declare that I have changed my daughter's name from Sikshya Gochhayat to Sai Salonika Gochhayat. Henceforth, she shall be known as Sai Salonika Gochhayat for all purposes.
Sd./- Bidyadhar Gochhayat D-75800

I, Bidyut Kumar Mohanty, S/o- Late Baikuntha Mohanty, resident of At/P.O.- Kapilaprasad, Sundarpada, P.S.- Airfield, Bhubaneswar- 751002, District.- Khordha declare by this affidavit No.-737, dtd.-26.11.2024 that now onwards I shall be known as Bidut Kumar Mohanty for all future purposes. D-75351

# ଏନ୍‌ଟିପିସି ତାଳଚେର ଥର୍ମାଲକୁ ସୁରକ୍ଷା ପୁରସ୍କାର





ଏନ୍‌ଟିପିସି ତାଳଚେର ଥର୍ମାଲକୁ ସୁରକ୍ଷା ପୁରସ୍କାର ପ୍ରଦାନ କରାଯାଉଛି।

**ତାଳଚେର,୨୬।୧୧(ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରସ୍ଥିତ ଏନ୍‌ଟିପିସି ଦ୍ୱାରା ପରିଚାଳିତ ତାଳଚେର ଥର୍ମାଲକୁ ବୃତ୍ତିଗତ ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ୨୦୨୪ର ସମ୍ମାନଜନକ ପ୍ଲାଟିନମ୍ ପୁରସ୍କାର ପ୍ରଦାନ କରାଯାଇଛି। ଗତ ୨୩ ତାରିଖରେ ଆପେକ୍ସ ଭାରତୀୟ ସଂସ୍ଥାନ ଦ୍ୱାରା ଗୋଆଠାରେ ଅନୁଷ୍ଠିତ ନବମ ଆପେକ୍ସ ପୁରସ୍କାର ପ୍ରଦାନ ଉତ୍ସବରେ ଅବସରପ୍ରାପ୍ତ ମେଜର ଜେନେରାଲ ପି. କେ. ସାଇଗଲ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅବସରପ୍ରାପ୍ତ ଡିରେକ୍ଟର ଜେନେରାଲ ଡ. ଅବନିସ ସିଂ ଉପସ୍ଥିତ ଥିଲେ। ଏନ୍‌ଟିପିସି ତାଳଚେର ଥର୍ମାଲର ସୁରକ୍ଷା ବିଭାଗ ଡିଜିଏମ୍ ରାଜେନ୍ଦ୍ର ସିଂ ରାବତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହି ସୁରକ୍ଷା ପୁରସ୍କାର ଗ୍ରହଣ କରିଥିଲେ। ତାଳଚେର ଥର୍ମାଲ ପ୍ରକଳ୍ପ ମୁଖ୍ୟ ବିଜୟ ଚାନ୍ଦଙ୍କ ସୁରକ୍ଷା ସମ୍ପର୍କିତ ପ୍ରତିବଦ୍ଧତା ଓ ପରାମର୍ଶ ଏହି ପ୍ରକଳ୍ପରେ କାମ କରୁଥିବା କର୍ମଚାରୀ, ଅଫିସର ଓ କମ୍ପାନୀ କର୍ମଚାରୀମାନଙ୍କୁ ଉତ୍ସାହିତ କରିଛି। ଚାନ୍ଦଙ୍କ ମତରେ ସୁରକ୍ଷା ସମସ୍ତଙ୍କର ପ୍ରଥମ ଲକ୍ଷ୍ୟ ହେବା ଉଚିତ ଓ ଏହା ସମସ୍ତ ବାଧାବିଘ୍ନକୁ ଦୂରେଇ ଦେବାରେ ସହାୟକ ହେବ। ଏନ୍‌ଟିପିସି ତାଳଚେର ଥର୍ମାଲ ଏହି ଅବସରରେ ସମସ୍ତ କର୍ମଚାରୀ ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଇଛି। ଏହି ପୁରସ୍କାର ତାଳଚେର ଥର୍ମାଲର ସୁରକ୍ଷା ପ୍ରତି ପ୍ରତିବଦ୍ଧତା ଓ ବୃତ୍ତିଗତ ସ୍ୱାସ୍ଥ୍ୟ ଉପରେ ଦୃଷ୍ଟି ନିବଦ୍ଧର ନିଛକ ପ୍ରତିଫଳନ ବୋଲି ଏନ୍‌ଟିପିସି ପକ୍ଷରୁ କୁହାଯାଇଛି।

# ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଆକର୍ଷଣୀୟ ରିହାତି

**ନୂଆଦିଲ୍ଲୀ,୨୬।୧୧**

ପ୍ରତି ଥର ଭଳି ଚଳିତ ଥର ମଧ୍ୟ ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କ ଚାହିଦା ଅନୁଯାୟୀ ଆମାଜନ୍.ଇନ୍ ୱିଣ୍ଟର ୱେଲ୍‌ନେସ୍ ଷ୍ଟୋର ଜରିଆରେ ଆକର୍ଷଣୀୟ ରିହାତି ପ୍ରଦାନ କରୁଛି। ଏପରିକି ୱିଣ୍ଟର ୱେଲ୍‌ନେସ୍ ଷ୍ଟୋରରେ ଉଭୟ ଅନ୍ତର୍ଜାତୀୟ ଏବଂ ଭାରତୀୟ ବ୍ରାଣ୍ଡର ଗ୍ରୋସେରି, ବେବି ଆଇଟମ୍, ଗୃହପାଳିତ ପଶୁଯତ୍ନ, ସ୍ୱାସ୍ଥ୍ୟ ଏବଂ ବ୍ୟକ୍ତିଗତ ଯତ୍ନ ଉତ୍ପାଦ ଭଳି ବର୍ଗକୁ ଅନ୍ତର୍ଭୁକ୍ତକରି ଏକ ବିସ୍ତୃତ ପ୍ରଡକ୍ଟରେ ସାମିଲ ରହିଛି। ଅପରପକ୍ଷରେ ଡାବର ଦ୍ୱାରା ପ୍ରାୟୋଜିତ ୱିଣ୍ଟର ୱେଲ୍‌ନେସ୍ ଷ୍ଟୋର ଗ୍ରାହକମାନଙ୍କୁ ଆଗାମୀ ଶୀତଋତୁ ପାଇଁ ଏକ ସୁବିଧାଜନକ ଉପାୟ ପ୍ରଦାନ କରିଛି। ଏପରିକି ଗ୍ରାହକମାନେ ଆମାଜନ୍‌ର ଦ୍ରୁତ ଏବଂ ବିଶ୍ୱସନୀୟ ଡେଲିଭରି ସହ କମ୍ ମୂଲ୍ୟରେ ଶୀତକାଳୀନ ଯତ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଏକ ବିସ୍ତୃତ ଚୟନ ଉପଲବ୍ଧ କରିପାରିବେ। ଉଲ୍ଲେଖଯୋଗ୍ୟ, ପ୍ରାୟୋଜକ ଡାବର ସହ ଗ୍ରାହକମାନେ କପିଭା, କୋଫୋଲ, କୁଇକ, ବୈଦ୍ୟନାଥ ଅସଲି ଆୟୁର୍ବେଦ, ହର୍ଲିକ୍ସ ଏବଂ କେରଳ ଆୟୁର୍ବେଦ ଭଳି ଶୀର୍ଷ ବ୍ରାଣ୍ଡରୁ ଶୀତକାଳୀନ ଯତ୍ନ ଅଫର ପାଇପାରିବେ, ଯେଉଁଥିରେ କିଛି ଶୀତକାଳୀନ ସ୍ୱାସ୍ଥ୍ୟସେବା ଏବଂ ଅତ୍ୟାବଶ୍ୟକ ଗ୍ରୋସେରି ସାମଗ୍ରୀ ଉପରେ ୪୫% ପର୍ଯ୍ୟନ୍ତ ରିହାତି ମିଳିବ। ସେହିଭଳି ଶୀତଦିନର ସମସ୍ୟାକୁ ଏହିସବୁ ଜରୁରୀ ସ୍ୱାସ୍ଥ୍ୟ ଉପଚାର ସହ ଦୂରକରିବା। ଯେଉଁଥିରେ ବେବିଅର୍ଗାନୋ ୧୦୦% ଆୟୁର୍ବେଦିକ ସ୍ୱର୍ଣ୍ଣପ୍ରସନ ଇମ୍ୟୁନିଟି ବୁଷ୍ଟର ଡ୍ରପ୍ସ, କୋଫୋଲ ରୋଲ ଅନ୍, ବିବେଟର ଅର୍ଥୋ ଉର୍ଜା, ବୋଲ୍ଡଫିଟ୍ ହଟ୍ ୱାଟର ବ୍ୟାଗ୍ ଆଇସ୍ ବ୍ୟାଗ୍, ଓଜୋନ୍ କୁଇକ୍ ଯନ୍ତ୍ରଣା ଉପଶମ ତେଲ ସାମିଲ ରହିଛି।

# ଶୀତଦିନେ ପଶୁପାଳନ



**ଶୀ**ତଦିନରେ ଗୋରୁମାନଙ୍କଠାରେ ଭୂତାଣୁଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ । ତେଣୁ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଟିକା ଦିଅନ୍ତୁ । ଗୋରୁ, ଛେଳି, ମେଣ୍ଢା, କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବ ନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇବେ । ଛେଳି ଥିବା ଘରେ ତଳେ ଭାଡ଼ି ବା ବାଉଁଶ ଚାଅଁଡ଼ାର ବନ୍ଦୋବ୍ୟସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ । ଜଳସେଚନ ସୁବିଧା ଥିବା ଅଞ୍ଚଳରେ ଓ ଅଧିକ ଥଣ୍ଡା ପଡୁଥିବା ଅଞ୍ଚଳରେ ଏହି ମାସ ବରସିମ୍ ଏବଂ ଓଟ୍ ଘାସ ଚାଷ କରନ୍ତୁ ।

# ଫୁଲ ଚାଷ ପ୍ରସ୍ତୁତି

**ଗେ**ଣ୍ଡୁଚାଷ ପାଇଁ ପଟାଳି ପ୍ରସ୍ତୁତକରି ସିରାକୋଲ୍ ବି.ଏମ୍.-୨ ଏବଂ ବି.ଏମ୍.-୩ କିସମର ଗେଣ୍ଡୁଚାରା ଲଗାନ୍ତୁ । ଡେଙ୍ଗାକିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୩୦ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଏବଂ ବାମନ କିସମଗୁଡ଼ିକ ଧାଡ଼ିକୁ ଧାଡ଼ି ୨୦-୩୦ ସେ.ମି. ଓ ଗଛକୁ ଗଛ ୨୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗୋଲାପ ଗଛକୁ କାଟଛାଣ୍ଟ ପରେ ଉକୁଣିଆ ଓ ଜଉପୋକ ଦମନ ପାଇଁ ୨ ମି.ଲି. ଡାଇମିଥଏଟ୍ ବା ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଗେଣ୍ଡୁଚାଷରେ ପତ୍ରପୋଡ଼ା, କଡ଼ଶଢ଼ା, ଫୁଲଶଢ଼ା ରୋଗ ପାଇଁ କାର୍ବେଣ୍ଡାଜିମ୍ ୧ ଗ୍ରାମ୍ / ମାଙ୍କୋଜେବ୍ ୨.୫ ଗ୍ରାମ୍ / ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ନୂଆ ଗେଣ୍ଡୁର କିସମ ମଧ୍ୟରେ ରହିଛି ସିରାକୋଲ୍, ଜାଏଣ୍ଟ ଡବଲ ଆଫ୍ରିକାନ୍ ୟେଲୋ, ଜାଏଣ୍ଟ ଡବଲ୍ ଆଫ୍ରିକାନ୍ ଅରେଞ୍ଜ୍, ବି.ଏମ୍.-୨ ଏବଂ ବି.ଏମ୍.-୩ । ଚାରା ମାସକର ବା ୪୦ ଦିନ ହୋଇଥିଲେ ଅଗ୍ରମୁକୁଳ ଭାଙ୍ଗିଦିଅନ୍ତୁ । ମୂଳସାର ଦେବାର ୧ ମାସ ପରେ କୋଡ଼ାଖୁସାକରି ହେକ୍ଟର ପ୍ରତି ୧୦୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ଗ୍ଲାଡିଓଲସ୍ ଗଛର ୨ପତ୍ର ଅବସ୍ଥାରେ ହେକ୍ଟର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ବର୍ତ୍ତମାନ ମଧ୍ୟ ଗ୍ଲାଡିଓଲସ୍ ଲଗାଇ ପାରିବେ । ଲଗାଇବା ପୂର୍ବରୁ କନ୍ଦାକୁ ଶତକଡ଼ା ୦.୨ ଭାଗ କାର୍ବେଣ୍ଡାଜିମ୍‌ରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ବୁଡ଼ାଇ ଲଗାନ୍ତୁ ।



# ଧାନ କାଟିବା ପୂର୍ବରୁ ଜଳ ନିଷ୍କାସନ

## ଡିସେମ୍ବର ମାସର କୃଷି ସୂଚନା

**ଧା**ନ କାଟିବାର ୧ ସପ୍ତାହ ପୂର୍ବରୁ କିଆରିରୁ ଜଳ ନିଷ୍କାସନ କରିଦିଅନ୍ତୁ। ଧାନରେ କେଣ୍ଡାକଟା ପୋକ ଦେଖାଦେଲେ ଅପରାହ୍ନରେ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫% ଏସ୍.ସି. କିମ୍ବା ୧ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୫୦ ଭାଗ ସେଚଗୁଣ୍ଡ ସିଞ୍ଚନ କରନ୍ତୁ ଓ ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡକୁ ସନ୍ଧ୍ୟାରେ ହୁଡ଼ା ଉପରେ ସିଞ୍ଚନ କରନ୍ତୁ । ଅନ୍ୟପକ୍ଷରେ ଡାଲୁଅ ଧାନ ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ, ଗଜାକରି ଗାଲି ଫିଟିବା ପରେ କାଦୁଅ ତଳିପଟିରେ ବୁଣନ୍ତୁ । ତଳିପଟିର ଓସାର ୩-୪ ଫୁଟ ରଖନ୍ତୁ। ପ୍ରତି ପଟି ପରେ ୧ ଫୁଟ ନାଳି ରଖନ୍ତୁ। ତଳିଘରା ପାଇଁ ୧୦ ଡେସିମିଲି ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବର ଖତ, ୧୨ କି.ଗ୍ରା. ସିଙ୍ଗିଲ ସୁପର ଫସ୍‌ଫେଟ୍ ଓ ୨ କି.ଗ୍ରା. ମ୍ୟୁରେଟ ଅଫ୍ ପଟାସ ସାର ଶେଷଓଡ଼ ଚାଷ ସମୟରେ ମାଟିରେ ମିଶାଇ ଦିଅନ୍ତୁ। ବିହନରୁ କଣ୍ଟା ଓ ଅଗାଡ଼ି ବାହାରକରିବା ପାଇଁ ଲୁଣପାଣି ଉପଚାର କରନ୍ତୁ । ଡିସେମ୍ବର ଶେଷସୁଦ୍ଧା ଡାଲୁଆ ଧାନ ପାଇଁ ତଳି ପକାଇବା କାମ ଶେଷ କରନ୍ତୁ। ତଳି ପକାଇବା ପାଇଁ ସଅଳ ଓ ମଧ୍ୟମ କିସମ ବିହନ ବ୍ୟବହାର କରନ୍ତୁ । ବିହନ ବିଶୋଧନ ପାଇଁ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୧ କି.ଗ୍ରା. ବିହନ ପ୍ରତି ବ୍ୟବହାର କରନ୍ତୁ ।

**ଗହମ :** ଗହମ ବୁଣିବାର ୨୧ ଦିନ ପରେ କୋଡ଼ାଖୁସାକରି ଘାସ ବାଛିଦିଅନ୍ତୁ । ଗହମ ଫସଲରେ ମୁକୁଟ ବା ଶିଖା ଚେର ବାହାରିବା ସମୟ ହେଉଛି ଫସଲର ଜଳ ଆବଶ୍ୟକତାର ସଙ୍କଟ କାଳ । ତେଣୁ ମାଟିର ବତରକୁ ଚାହିଁ ଜଳସେଚନ ବ୍ୟବସ୍ଥା କରନ୍ତୁ । ମଞ୍ଜି ଗଜା ହେବାର ୨୧ ଦିନ ପରେ ହେକ୍ଟର ପ୍ରତି ୨୫-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ । ସଅଳ ବୁଣାହୋଇଥିବା ଗହମ ୩୫ ଦିନର ହୋଇଥିଲେ ହେକ୍ଟର ପ୍ରତି ୨୫-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।

ରବି ଚିନାବାଦାମ ଚାଷ ପାଇଁ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୪୦ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ । ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨.୫ ଗ୍ରାମ୍ କ୍ୟାପ୍‌ଟାନ୍ କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ । ଖରାଦିନିଆ ଚିନାବାଦାମ ଚାଷ ପାଇଁ ଜଳସେଚନର ସୁବିଧା ଥିବା ନିଗିଡ଼ା ବାଲିଆ ଜମି ଚୟନ କରନ୍ତୁ ।



**ସୂର୍ଯ୍ୟମୁଖୀ:** ସୂର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶଁବାଳୁଆ, ଧଳାମାଛି, ଥ୍ରୀପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷକରି ଥ୍ରୀପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାରକରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ୧ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ । ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ବିଷ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ଶୋଷକ ପୋକ ଯଥା- ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ ବିଷାକ୍ତ ଔଷଧ ପ୍ରୟୋଗକରନ୍ତୁ ନାହିଁ । ନିମ ଜାତୀୟ ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ରୁ ୩୦ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛିଦିଅନ୍ତୁ। ଉନ୍ନତ କିସମ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

**କପା:** ବକରା ଫାଟିବାର ୪୦ ଦିନ ମଧ୍ୟରେ ୪ ରୁ ୫ ଥର କପା ଅମଳ କରନ୍ତୁ । କାକର ପଡୁଥିଲେ ଦିନ ୧୦ଟା ପରେ ଅମଳ କରନ୍ତୁ । ଅମଳକରି ପ୍ରଥମ ତୋଳା, ପରବର୍ତ୍ତୀ ତୋଳା ଗୁଡ଼ିକୁ ଅଲଗା ଅଲଗା ଶୁଖାଇ ବସ୍ତାରେ ରଖନ୍ତୁ ।

**ପିଆଜ:** ପିଆଜ ତଳିଗୁଡ଼ିକ ୧୨-୧୫ ସେ.ମି. ଉଚ୍ଚ ହୋଇଗଲେ ସେଗୁଡ଼ିକ ଉପରବେଳା ଉପାଡ଼ି ଲଗାନ୍ତୁ । ତଳି ରୋଇବାର ୨ଦିନ ଆଗରୁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗକରି ପଟାଳି ପ୍ରସ୍ତୁତ କରନ୍ତୁ ।

**ଫଳଚାଷ :** ଆମ୍ବ ବଉଳର ସୁରକ୍ଷା ପାଇଁ ବଉଳ ଆସିବାର ୭ ରୁ ୧୫ ଦିନ ପୂର୍ବରୁ ୦.୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ ୧ ଲିଟର ପାଣିରେ ଗୋଳାଇ ପତ୍ର ଓ ଡାଳରେ ଭଲଭାବେ ସିଞ୍ଚନ କରନ୍ତୁ । ବଉଳ ହେବାର ୭ ଦିନ ପରେ ଓ ଆମ୍ବଚଣା କଷି ଅବସ୍ଥାରେ ଏହାକୁ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ସହ ଆଉ ଥରେ ସିଞ୍ଚନ କରନ୍ତୁ । ଅଷ୍ଟପଦୀରୁ ରକ୍ଷାପାଇବା ପାଇଁ ୧ ମି.ଲି. ସ୍ପିରୋମେସିଫେନ୍ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

– କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର -୩

# ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ



**ସୋ**ରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ସାମ୍ ୨୫ ଏସ୍.ଜି.- ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ। ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ଆଳୁ ଫସଲ ୨-୩ ସପ୍ତାହର ହୋଇଥିଲେ..

**ଆ**ଳୁ ଫସଲ ୨-୩ ସପ୍ତାହର ହୋଇଯାଇଥିଲେ ପ୍ରଥମ କୋଡ଼ାଖୁସାକରି ହୁଡ଼ା ଟେକିଦିଅନ୍ତୁ । ଏହି ସମୟରେ ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ପଟାସ୍ ଆଳୁ ଗଛରେ ଧାଡ଼ିରେ ଦୁଇପାଖରେ ୭-୧୦ ସେ.ମି. ଦୂରତାରେ ୨-୩ ସେ.ମି. ଗଭୀରରେ ପ୍ରୟୋଗ କରନ୍ତୁ । ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଆଗତୁରା ଆଳୁଗଛରେ ଭଲଭାବରେ ସିଞ୍ଚନ କରନ୍ତୁ । ସିଞ୍ଚନ ବେଳେ ଏହାର ପତ୍ରର ଉପର ଓ ତଳପାଖରେ ପଡ଼ିବା ଉଚିତ । ପିଆଜ ଫସଲରେ ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦୦୦ ମି.ଲି. ବାସାଲିନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ ବା ୧୫୦୦ ମି.ଲି. ଟ୍ରିବୁଲିନ୍ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ। ଏହାଦ୍ୱାରା ଅନାବନା ଘାସ ଦାଉରୁ ରକ୍ଷା ମିଳିଥାଏ । କୋବି ଜାତୀୟ ଫସଲରେ ବନ୍ଧାକୋବିର ବିନ୍ଧାପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି କୀଟର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜଏଟ୍ ବା ୫୦୦ ଗ୍ରାମ୍ ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଶୀତଦିନରେ ଭଲଭାବରେ ବଢୁଥିବା ପୋଦିନା, ଧନିଆ, ମେଥି, କୋଶଳା, ପାଳଙ୍ଗ ଆଦି ଶାଗ ଚାଷ କରନ୍ତୁ । ମଝିଆଳି କିସମ ଫୁଲକୋବିରେ ଲିଟର ପ୍ରତି ୩ ଗ୍ରାମ୍ ହିସାବରେ ବୋରନ୍ ସିଞ୍ଚନ କରନ୍ତୁ ।







ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ଟୀକାକରଣ

୨୦୨୫ ମସିହା ସୁଦ୍ଧା ଦେଶକୁ ଯକ୍ଷ୍ମାମୁକ୍ତ କରିବା ନିମନ୍ତେ ଭାରତ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ପୂର୍ବରୁ କେବଳ ଶିଶୁମାନଙ୍କୁ ଯକ୍ଷ୍ମା ପ୍ରତିଷେଧକ ବି.ସି.ଜି. ଟୀକା ଦିଆଯାଉଥିବା ବେଳେ ଏବେ ବୟସ୍କ ଲୋକମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଟୀକାକରଣ ଶିବିରରେ ଏହି ଟୀକା ଦିଆଯାଉଅଛି । ଯେଉଁମାନେ ଏହି ଟୀକା ନେବାକୁ ଯୋଗ୍ୟ ସେମାନେ ହେଲେ -

- ୬୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବ୍ୟକ୍ତି
- ୧୮ ବର୍ଷରୁ ୬୦ ବର୍ଷ ବୟସ ମଧ୍ୟରେ ଥିବା ବ୍ୟକ୍ତି ଯିଏକି -
  - ବିଗତ ୫ ବର୍ଷ ମଧ୍ୟରେ ଯକ୍ଷ୍ମା ରୋଗୀ ଭାବେ ଚିହ୍ନଟ ଓ ଚିକିତ୍ସିତ ହୋଇଥିବେ,
  - ବିଗତ ୩ ବର୍ଷ ମଧ୍ୟରେ ଯକ୍ଷ୍ମା ରୋଗୀର ସଂସ୍ପର୍ଶରେ ଆସିଥିବେ,
  - ମଧୁମେହ ରୋଗୀ ହୋଇଥିବେ,
  - ଧୂମପାନ କରୁଥିବେ କିମ୍ବା
  - କୁପୋଷଣର ଶିକାର ହୋଇଥିବେ

ଏହି କାର୍ଯ୍ୟକ୍ରମ ପାଇଁ ଆମ ରାଜ୍ୟର ୧୫ଟି ଜିଲ୍ଲା (ବଲାଙ୍ଗୀର, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଗଜପତି, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, ମୟୁରଭଞ୍ଜ, ନବରଙ୍ଗପୁର, ନୟାଗଡ, ରାୟଗଡା ଓ ସୁନ୍ଦରଗଡ) ଚିହ୍ନଟ ହୋଇଛି ।

କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆପଣମାନଙ୍କର ସହଯୋଗ ଏକାନ୍ତ କାମ୍ୟ ।

ଆସନ୍ତୁ ସମସ୍ତେ ମିଶି ଏହାକୁ ସଫଳ କରିବା, ଦେଶକୁ ଯକ୍ଷ୍ମାମୁକ୍ତ କରିବା

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

OIPR-10003/13/0107/2425

# ଓଡ଼ିଶାର ସାତ୍ତ୍ୱିକଙ୍କୁ ବିରଳ ସଫଳତା

## ୱାର୍ଲ୍ଡ କ୍ୟାଡେଟ ଚେସ୍‌ରେ ଜିତିଲେ ରୌପ୍ୟ ପଦକ

**ଭୁବନେଶ୍ୱର, ୨୬।୧୧ (ତପନ ସ୍ୱାଇଁ)**

ସମ୍ପ୍ରତି ସିଙ୍ଗାପୁରରେ ଭାରତର ଡି. ଗୁକେଶ ଓ ଚାଇନାର ଡିଙ୍ଗ୍ ଲିରେନଙ୍କ ମଧ୍ୟରେ ବିଶ୍ୱ ଚେସ୍ ଚାମ୍ପିୟନଶିପ୍ ଟାଇଟଲ ପାଇଁ ଲଢ଼େଇ ଚାଲିଥିବାବେଳେ ଆଉ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାର ଜୁନିୟର ବର୍ଗରେ ପ୍ରଭାବୀ ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିଛନ୍ତି ଓଡ଼ିଶାର ଜଣେ ବିସ୍ମୟ ଚେସ୍ ପ୍ରତିଭା। ସେ ହେଲେ ସାତ୍ତ୍ୱିକ ସ୍ୱାଇଁ। ଇଟାଲୀରେ ଅନୁଷ୍ଠିତ ଫିଡେ ୱାର୍ଲ୍ଡ କ୍ୟାଡେଟ ଚେସ୍ ଚାମ୍ପିୟନଶିପ୍‌ର ୮ ବର୍ଷରୁ କମ୍ ଓପନ ବର୍ଗରେ ଚମତ୍କାରିତା ଦେଖାଇ ସେ ରୌପ୍ୟ ପଦକ ହାସଲ କରିଛନ୍ତି। ୧୧ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ଚାଇନାର ଗୁଓ ଜିମିଙ୍ଗ୍ ଓ ଅନ୍ୟତମ ଭାରତୀୟ ଡିଭିଥ ରେଞ୍ଜୀ ଅବ୍ଦୁଲ୍ଲାଙ୍କ ସମକକ୍ଷ ୯ ପଏଣ୍ଟ ପାଇଥିଲେ। ତେବେ ବୁକୋଲଜରେ ଅବ୍ଦୁଲ୍ଲା ଚାମ୍ପିୟନ ଓ ସାତ୍ତ୍ୱିକ ରନରଅପ୍ ହୋଇଥିଲେ ଏବଂ ଜିମିଙ୍ଗ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ।

୧୨ ନମ୍ବରରେ ରହି ଖେଳ ଆରମ୍ଭ କରିଥିବା ସାତ୍ତ୍ୱିକ ପ୍ରଥମ ଦୁଇ ରାଉଣ୍ଡରେ ଯଥାକ୍ରମେ ଭିଏତନାମର ଏନଗୁଏନ ଥାନ୍ ସାନ୍ ଓ ଏନଗୁଏନ ଫୁକ୍ କାଓ ଡାନଙ୍କୁ ହରାଇଥିବାବେଳେ ପରବର୍ତ୍ତୀ ୩ ରାଉଣ୍ଡରେ ପୋଲାଣ୍ଡର ଜାବୁରସ୍କି ଇଗ୍ନାସି, ଜର୍ମାନୀର ମୁଡ୍ରିଭସ୍କି ଜାନ୍ ଓ ଫିଡେ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ମୋରୋଜୋଭ ଅର୍ଟ୍ୟମଙ୍କୁ ପରାସ୍ତ କରିଥିଲେ। ଏହାପରେ କ୍ରମାଗତ ୪ଟି ଗେମ୍ ସେ ଯଥାକ୍ରମେ ସ୍ୱେନ୍‌ର ଡେମଚେଙ୍କୋ ଟିମୋଫି, ଆମେରିକାର ଲି ଏଡେନ ଲିନ୍ୟୁଆନ, ଫ୍ରାନ୍ସର ଲୁକା ପ୍ରୋଟୋପୋପେସ୍କୁ ଓ ଫାମ୍ ହାନ୍ ନାମ୍‌ଙ୍କ ବିପକ୍ଷରେ ପଏଣ୍ଟ ଭାଗ କରିଥିଲେ। ୧୦ମ ରାଉଣ୍ଡରେ ସେ ଫିଡେ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ମୋରୋଜେଭିଚ୍ କିରିଲ ଆଲେକ୍ସଙ୍କୁ ହରାଇ ପଦକ ଦାବିଦାର ସମ୍ଭାବନା ଉଜ୍ଜୀବିତ କରିଥିଲେ। ୧୧ଶ ତଥା ଅନ୍ତିମ ରାଉଣ୍ଡରେ ଉଜବେକିସ୍ତାନର ରାଜାବୋଭ ଅବଦୁରହମନଙ୍କୁ ହରାଇ ପଦକ ନିଶ୍ଚିତ କରିଥିଲେ।


ସାତ୍ତ୍ୱିକ ସ୍ୱାଇଁ

ପ୍ରକାଶ ଯୋଗ୍ୟ ଯେ, ଚଳିତ ବର୍ଷ ଜୁଲାଇରେ ଜର୍ଜିଆର ବାଟୁମିରେ ଅନୁଷ୍ଠିତ ଫିଡେ ଚେସ୍ ବିଶ୍ୱକପର ୮ ବର୍ଷରୁ କମ୍ ଓପନ ବର୍ଗରେ ସାତ୍ତ୍ୱିକ ବ୍ରୋଞ୍ଜ ପଦକ ଜିତି ଓଡ଼ିଶା ଓ ଭାରତକୁ ଗର୍ବିତ କରିଥିଲେ। ସୋନମ ସରିତା ମହାନ୍ତି ଓ ସମ୍ବିତ ସ୍ୱାଇଁଙ୍କ ସାତ୍ତ୍ୱିକ ସମ୍ପ୍ରତି କିଙ୍ଗ୍ ଚେସ୍ ଏକାଡେମୀରେ ପ୍ରତିଷ୍ଠିତ କୋଚ୍ ବିଶ୍ୱଜିତ ରାୟଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ଏପରି ବିରଳ ସଫଳତା ଯୋଗୁ ସାତ୍ତ୍ୱିକଙ୍କୁ କୋଚ୍ ବିଶ୍ୱଜିତ ରାୟଙ୍କ ସମେତ ସର୍ବଭାରତୀୟ ଚେସ୍ ଫେଡେରେଶନର ପୂର୍ବତନ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ଜି.ସି. ମହାପାତ୍ର, ସମ୍ପାଦକ ଦେବବ୍ରତ ଭଞ୍ଜ, ଟ୍ରିପଲ-ସି ଚେସ୍ ସେଣ୍ଟରର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଏସଆର ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, କେନ୍ଦ୍ରାପଡ଼ା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, କଟକ ଜିଲା ଚେସ୍ ଆସୋସିଏଶନ ସଭାପତି ବିବେକ ତିବରୱାଲ, ବିଶିଷ୍ଟ କୋଚ୍ ଅର୍ଘ୍ୟ ଅର୍ପଣ ପରିଡ଼ା, ପ୍ରଶାନ୍ତ ଜେନା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ବିଶ୍ୱ ଚେସ୍ ଚାମ୍ପିୟନଶିପ୍

# ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ଡ୍ର

**ସିଙ୍ଗାପୁର, ୨୬।୧୧ (ପି.ଟି.):** ଭାରତର ଡି. ଗୁକେଶ ଓ ଚାଇନାର ଡିଫେଣ୍ଡିଂ ଚାମ୍ପିୟନ ଡିଙ୍ଗ୍ ଲିରେନଙ୍କ ମଧ୍ୟରେ ଖେଳା ଯାଉଥିବା ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍ ଡ୍ରରେ ଶେଷ ହୋଇଛି। ସୋମବାର ପ୍ରଥମ ରାଉଣ୍ଡରେ ଗୁକେଶ ଅପ୍ରତ୍ୟାଶିତ ଭାବରେ ପରାଜିତ ହୋଇଥିଲେ। ତେବେ ମଙ୍ଗଳବାର କଳା ଗୋଟି ନେଇ ଖେଳିଥିଲେ ମଧ୍ୟ ଚମତ୍କାର ପ୍ରଦର୍ଶନ କରି ପଏଣ୍ଟ ବାଣ୍ଟିବାରେ ସମର୍ଥ ହୋଇଛନ୍ତି ଗୁକେଶ। କଳା ଗୋଟିରେ ଡ୍ର ରଖିବା କଷ୍ଟସାଧ୍ୟ ହୋଇଥିଲେ ମଧ୍ୟ ନିଜ ପ୍ରଦର୍ଶନକୁ ନେଇ ଗୁକେଶ ସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଥମ ସୋମବାର ଆରମ୍ଭ ହୋଇଛି। ଭାରତୀୟ ଗ୍ରାଣ୍ଡମାଷ୍ଟର ଗୁକେଶ ଫେଭରାଇଟ ବିବେଚିତ ହେଉଥିଲେ ହେଁ ପ୍ରଥମ ରାଉଣ୍ଡରେ ପରାଜିତ ହୋଇଥିଲେ। ଟୁର୍ନାମେଣ୍ଟ ଆଗକୁ ବଢ଼ିବା ସହିତ ଅଧିକ ସଫଳତା ମିଳିବ ବୋଲି ଗୁକେଶ ପ୍ରକାଶ କରିଛନ୍ତି। ପ୍ରଥମ ଗେମ୍ ବିଜୟୀ ହୋଇ ଲିରେନ ମନସ୍ତାତ୍ତ୍ୱିକ ଅଗ୍ରଣୀ ମଧ୍ୟ ହାସଲ କରିଥିଲେ। ତେବେ ଦ୍ୱିତୀୟ ରାଉଣ୍ଡ ଶେଷ ବେଳକୁ ଗୁକେଶ ମଧ୍ୟ ପଏଣ୍ଟ ଅର୍ଜନ କରିଛନ୍ତି। ୨.୫ ମିଲିଅନ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଟୁର୍ନାମେଣ୍ଟରେ ଯେଉଁ ଖେଳାଳି ପ୍ରଥମେ ୭.୫ ପଏଣ୍ଟରେ ପହଞ୍ଚିବେ ସେ ଚାମ୍ପିୟନ ଘୋଷିତ ହେବେ। ସମାନ ଭାବରେ ଦ୍ୱିତୀୟ ରାଉଣ୍ଡ ଡ୍ରକୁ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି ୩୨ ବର୍ଷୀୟ ଡିଙ୍ଗ ଲିରେନ୍।

# ରାଜ୍ୟଗୋଷ୍ଠୀ କରାଟେରେ ଓଡ଼ିଶାରୁ ୨୫


ରାଜ୍ୟଗୋଷ୍ଠୀ କରାଟେ ଚାମ୍ପିୟନଶିପ୍ ପାଇଁ ମନୋନୀତ ଓଡ଼ିଶା କରାଟେକା।

**ଭୁବନେଶ୍ୱର, ୨୬।୧୧**
**(ସରୋଜ କୁମାର ଜେନା)**

ଦକ୍ଷିଣ ଆଫ୍ରିକାର ଡର୍ବାନରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କରାଟେ ଚାମ୍ପିୟନଶିପ ପାଇଁ ଓଡ଼ିଶାରୁ ୨୫ କରାଟେକା ମନୋନୀତ ହୋଇଛନ୍ତି। ଏହି ଦଳର ୧୬ ଜଣ ଖେଳାଳି ରାଜ୍ୟଗୋଷ୍ଠୀ କରାଟେ ପ୍ରତିଯୋଗିତାରେ ଓ ଅବଶିଷ୍ଟ ୯ ଖେଳାଳି ରାଜ୍ୟଗୋଷ୍ଠୀ କ୍ଲବ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ନଭେମ୍ବର ୨୮ରୁ ଡିସେମ୍ବର ୧ ତାରିଖ ଯାଏ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ।

ଭାଲେନା ଭାଲେଣ୍ଟିନା, ସୁରମିତା ସିହ୍ନା, ବେଦାନ୍ତ ଦାସ, ତମନ୍ନା ମେହେର, ଆଲିସା ସୁବୁଦ୍ଧି, ସୁଭକାନ୍ତ ବିଶ୍ୱାଳ, ରୀତେଶ ରାୟ, ଲୋମା ସ୍ୱାଇଁ, ଓମ୍ ଶୁଭମ ମହାନ୍ତି, ଆଦ୍ୟାଶା ପ୍ରିୟଦର୍ଶିନୀ, ସୁପ୍ରିୟା ମହାନ୍ତି, ଅମୈସା ଝା, ସୂର୍ଯ୍ୟପ୍ରକାଶ ଘଡେଇ, ଆର୍ଯ୍ୟବ୍ରତ ବିଶ୍ୱାଳ, ପୁଲକ ପାଢ଼ୀ ଓ ପୁନିତ କୁମାର ମହାନ୍ତି ରାଜ୍ୟଗୋଷ୍ଠୀ କରାଟେ ଚାମ୍ପିୟନଶିପରେ ଅଂଶ ଗ୍ରହଣ କରିବେ। ସେହିପରି ଚିତ୍ରାକାଶ ଦାସ, ଶ୍ରେୟାଂସ ସାହୁ, ବୈଶାଳୀ ପାତ୍ର, ଶ୍ରେୟା କାନୁନ୍‌ଗୋ, ବୈଭବ ପଟ୍ଟନାୟକ, ଯଶସ୍ୱୀ ମିଶ୍ର, ଶରଣ୍ୟା ସାହୁ, ଶ୍ୱେତଲିନା ସାହୁ, ଶ୍ରେୟା ବେହେରା ପ୍ରମୁଖ ରାଜ୍ୟଗୋଷ୍ଠୀ କ୍ଲବ ପ୍ରତିଯୋଗିତାରେ ଭାଗ ନେବେ। ରାଜ୍ୟ କରାଟେ ଡୋ ସଂଘ ପକ୍ଷରୁ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଯାଇଛି।

# କିଟ୍ ଷ୍ଟାଡିୟମରେ ଭାରତ-ଅଷ୍ଟ୍ରେଲିଆ ଦ୍ୱିପାକ୍ଷିକ ସିରିଜ

## ବିଶ୍ୱବିଦ୍ୟାଳୟ କ୍ରିକେଟ

**ଭୁବନେଶ୍ୱର, ୨୬।୧୧ (ତପନ ସ୍ୱାଇଁ)**

ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟିଜ୍ (ଏଆଇୟୁ) ଆନୁକୂଲ୍ୟରେ ଅଷ୍ଟ୍ରେଲିଆ ଓ ଭାରତୀୟ ବିଶ୍ୱବିଦ୍ୟାଳୟ ପୁରୁଷ କ୍ରିକେଟ ଦଳ ମଧ୍ୟରେ ଏକ ଦ୍ୱିପାକ୍ଷିକ କ୍ରିକେଟ ସିରିଜ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ପ୍ରଥମ ପର୍ଯ୍ୟାୟ ମ୍ୟାଚ ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମ ଓ ଦ୍ୱିତୀୟ ପର୍ଯ୍ୟାୟ କିଟ୍ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ସିରିଜ ବୁଧବାରଠାରୁ ଆରମ୍ଭ ହୋଇ ଡିସେମ୍ବର ୫ରେ ଶେଷ ହେବ। କାର୍ଯ୍ୟସୂଚୀ ଅନୁସାରେ ଡିୱାଇ ପାଟିଲ ଷ୍ଟାଡିୟମରେ ନଭେମ୍ବର ୨୭, ୨୮ ଓ ୩୦ରେ ୩ଟି ଟି୨୦ ମ୍ୟାଚ ନଭି ମୁମ୍ବାଇରେ ହେବ। ଏହାପରେ କିଟ୍ ଷ୍ଟାଡିୟମରେ ଡିସେମ୍ବର ୩ରେ ଟି୨୦ ଏବଂ ୧୨ରେ ଏକଦିବସୀୟ ମ୍ୟାଚ ଖେଳାଯିବ। ଏହି ସିରିଜ ପାଇଁ ଇଣ୍ଡିଆନ ୟୁନିଭର୍ସିଟିଜ୍ ଦଳର ଚୟନ ଟ୍ରାଏଲ୍ ଓ କୋଚିଂ କ୍ୟାମ୍ପ କିଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ମନୋନୀତ ଭାରତୀୟ ଦଳରେ କିଟ୍ ବିଶ୍ୱବିଦ୍ୟାଳୟର ୨ ଖେଳାଳି ମାରୋଜୁ ପ୍ରଶାନ୍ତ ଓ ପାର୍ଥ ସାରଥି ନାୟକ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୁଜଲ କେ. ସିଂ ସ୍ଥାନ ପାଇଛନ୍ତି। ସେହିପରି କିଟ୍‌ର ସନ୍ତୋଷ ଜେନା କୋଚ୍ ଓ ସମ୍ବଲପୁରର ଅବିନାଶ କର ମ୍ୟାନେଜର ନିଯୁକ୍ତ ହୋଇଛନ୍ତି।

**ଭାରତୀୟ ବିଶ୍ୱବିଦ୍ୟାଳୟ ଦଳ:** ମାରୋଜୁ ପ୍ରଶାନ୍ତ, ପାର୍ଥ ସାରଥି ନାୟକ, ସୁଜଲ କେ. ସିଂ, ପ୍ରଞ୍ଜଲ ସଇନି, ଆଦିତ୍ୟ ଚୌହାନ, ଦୀପିନ ଚିକ୍କାରା, ବିକ୍ରାନ୍ତ ରାଣା, ଅଭିଷେକ କୌଶଲ, ଅମର ଚୌଧାରୀ, ଜମଶେଦ ଅସଲାମ, ଯଶ ଦବାସ, ନଚିକେତ ଠାକୁର, ତୁଷାର ଚୌର୍ଦିଆ, ରାମଦେବ ଆଚାର୍ଯ୍ୟ, ଯଶୋବର୍ଦ୍ଧନ ସିଂ। କୋଚ୍: ବୈଭବ ରାୟ ଓ ସନ୍ତୋଷ ଜେନା। ମ୍ୟାନେଜର: ଅବିନାଶ କର।

# ସଙ୍ଗୀତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା



ସଙ୍ଗୀତା ନାୟକ ଓ ଲିଲୁବାଳା ମହାପାତ୍ରଙ୍କୁ ଓଏଲ୍‌ଏସ୍ ପରିସରରେ ସମ୍ବର୍ଦ୍ଧିତ କରାଯାଉଛି।

**ଭୁବନେଶ୍ୱର, ୨୬।୧୧**
**(ସରୋଜ କୁମାର ଜେନା)**

ଦିଲ୍ଲୀରେ ଅନୁଷ୍ଠିତ ସ୍ପେଶାଲ୍ ଅଲିମ୍ପିକ୍ସ ଏସିଆ ପାସିଫିକ୍ ବୋଲିଂ ଗେମ୍ସରେ ପଦକ ବିଜୟିନୀ ସଙ୍ଗୀତା ନାୟକଙ୍କୁ ମଙ୍ଗଳବାର ସ୍ୱେଚ୍ଛାସେବୀ ସଙ୍ଗଠନ ଓପନ ଲର୍ନିଙ୍ଗ ସିଷ୍ଟମ(ଓଏଲ୍‌ଏସ୍) ପରିସରରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବୋଲିଂ ଗେମ୍ସରେ ସଙ୍ଗୀତା ବ୍ୟକ୍ତିଗତ ରୌପ୍ୟ ପଦକ ଜିତିଥିବା ବେଳେ ଦଳଗତ ଇଭେଣ୍ଟରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଥିଲେ। ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତା ୧୮ରୁ ୨୩ ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ସଙ୍ଗୀତାଙ୍କ ପ୍ରଶିକ୍ଷକ ଲିଲୁବାଳା ମହାପାତ୍ରଙ୍କୁ ମଧ୍ୟ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଓଏଲ୍‌ଏସ ଉପାଧ୍ୟକ୍ଷ କସ୍ତୁରୀ ମହାପାତ୍ର, ବିଆରଏମ୍ ଆଶା ଉପାଧ୍ୟକ୍ଷ ପ୍ରଦୀପ୍ତ କୁମାର ରଥ, ସଦସ୍ୟ ପ୍ରୀତି ସୁଷମା, ବୋର୍ଡ ମେମ୍ବର ମନତୋଷ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସଙ୍ଗୀତା ଓ ଲିଲୁଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

# ଭାରତ ଫେରିଲେ ଗୌତମ ଗମ୍ଭୀର

**ପର୍ଥ, ୨୬।୧୧ (ପି.ଟି.):** ବର୍ଡର-ଗାଭାସ୍କର ସିରିଜର ପ୍ରଥମ ମ୍ୟାଚରେ ବିଜୟୀ ଭାରତୀୟ ଦଳର କୋଚ୍ ଗୌତମ ଗମ୍ଭୀର ଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଘରେ ଜରୁରୀ ପରସ୍ଥିତି କାରଣରୁ ଗମ୍ଭୀର ଭାରତ ଫେରିଥିବା ବେଳେ ଆଡିଲେଡ୍‌ରେ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ସେ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣା ପଡିଛି। ବର୍ଡର-ଗାଭାସ୍କର ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ଆଡିଲେଡ୍‌ରେ ଡିସେମ୍ବର ୬ ତାରିଖରେ ଖେଳାଯିବ। ଏହି ଟେଷ୍ଟ ମ୍ୟାଚ୍‌ଟି ଦିବାରାତ୍ର ପିଙ୍କ ବଲ୍ ଫର୍ମାଟରେ ଖେଳାଯିବ। ଏହି ଟେଷ୍ଟ ପାଇଁ ପ୍ରଧାନମନ୍ତ୍ରୀ ଏକାଦଶ ସହ ଖେଳା ଯିବାକୁ ଥିବା ୨ ଦିନିଆ ଅଭ୍ୟାସ ମ୍ୟାଚ୍‌ରେ ମଧ୍ୟ ଗମ୍ଭୀର ଅନୁପସ୍ଥିତ ରହିବେ।

# ଅଶୋକ କୁମାରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି

**ନୂଆଦିଲ୍ଲୀ, ୨୬।୧୧ (ପି.ଟି.):** କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ପୁତ୍ର ତଥା ଭାରତର ପୂର୍ବତନ ହକି ଖେଳାଳି ଅଶୋକ କୁମାରଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ତାଙ୍କ ପରିବାର ସୂତ୍ରରୁ ପ୍ରକାଶ। ରବିବାର ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ କୁମାରଙ୍କୁ ରବିବାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ହୃଦ୍‌ଘାତରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ଆଗାମୀ ୨ରୁ ୩ ଦିନ ମଧ୍ୟରେ ସେ ହସ୍ପିଟାଲରୁ ଡିସ୍‌ଚାର୍ଯ୍ୟ ହେବେ ବୋଲି ଆଶା କରାଯାଉଛି।

# ଫାଇନାଲ୍‌ରେ ବାଲେଶ୍ୱର ଓ ରମାଦେବୀ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର, ୨୬।୧୧ (ତପନ ସ୍ୱାଇଁ)**

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ହାଇଟେକ୍ ମେଡିକାଲ୍ କଲେଜର ସହଯୋଗରେ ଚାଲିଥିବା ୩ ଦିନିଆ ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ଟୁର୍ନାମେଣ୍ଟର ଲିଗ୍ ମ୍ୟାଚ୍ ଏବଂ ୨ଟି ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଭୁବନେଶ୍ୱରର ଲୁଇସ ବ୍ରେଲ ସ୍କୁଲ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଦଳକୁ ହରାଇ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ଦଳ ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳର ଫୁଲ ସୋରେନ ୩୨ ରନ୍ କରି ପ୍ଲେୟର ଅଫ ଦି ମ୍ୟାଚ୍ ହୋଇଛନ୍ତି। ୨ୟ ସେମି ଫାଇନାଲ୍‌ରେ ବାଲେଶ୍ୱର ରାଣୀପାଟଣାର ସ୍କୁଲ ଫର୍ ଦି ବ୍ଲାଇଣ୍ଡ ଦଳ ମୟୂରଭଞ୍ଜ ଦୃଷ୍ଟିହୀନ ମହିଳା କ୍ରିକେଟ ଦଳକୁ ପରାସ୍ତ କରିଛି। ରାଣୀପାଟଣା ଦଳର ଇତିକ୍ରିଷ୍ଟା ଭଞ୍ଜ ୧୭ ରନ୍ କରିବା ସହ ୧ ଉଇକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଆନ୍ତର୍ଜାତିକ ଦୃଷ୍ଟିହୀନ କ୍ରିକେଟର ତଥା ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘର ସଭାପତି ମହମ୍ମଦ ଜାଫର ଇକବାଲ୍ ମୁଖ୍ୟ ଅତିଥି ଏବଂ ବିସିସିଆଇ ସ୍ୱୀକୃତିପ୍ରାପ୍ତ ଅମ୍ପାୟର ତଥା ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ୍ ସଂଘର ଉପସଭାପତି ପ୍ରମୋଦ ନାରାୟଣ ଦାସ, ଅନ୍ତର୍ଜାତୀୟ ଦୃଷ୍ଟିହୀନ କ୍ରିକେଟର ସୁଖରାମ ମାଝୀ, ପଙ୍କଜ ଭୁଏ, ନକୁଳ ବଡ଼ନାୟକ, ଲିଙ୍ଗରାଜ ରାଉତରାୟ ଏବଂ ଦେବରାଜ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ଅଲ୍ ଇଣ୍ଡିଆ ଏଲ୍‌ଆଇସି ଗେମ୍ସ ଆରମ୍ଭ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ଭୁବନେଶ୍ୱର, ୨୬।୧୧ (ବିଜୟ ରଣା)**

ରାଜସ୍ଥାନ ରାଜ୍ୟ ଅନ୍ତର୍ଗତ ଜୟପୁରସ୍ଥିତି ସୱାଇ ମାନସିଂ ଷ୍ଟାଡିୟମରେ ଅଲ୍ ଇଣ୍ଡିଆ ଏଲ୍‌ଆଇସି ଗେମ୍ସ ୨୦୨୪ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଲ୍‌ଆଇସି ଅଫ୍ ଇଣ୍ଡିଆର ସିଇଓ ତଥା ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ମହାନ୍ତି ଏହାକୁ ଉଦ୍‌ଘାଟନ କରିଛନ୍ତି। ଲାଇଫ୍ ଇନସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆର ବାର୍ଷିକ କ୍ରୀଡ଼ା ମହୋତ୍ସବ ଏଲ୍‌ଆଇସି ଗେମ୍ସ ୪ ଦିନ ଧରି ଚାଲିବ। ଏଥିରେ ୬ଟି ଖେଳର ପ୍ରତିଯୋଗିତା ହେବ। ସେଗୁଡ଼ିକ ହେଲା କ୍ୟାରମ, ଚେସ୍, ଟେବୁଲ ଟେନିସ, ବ୍ୟାଡ୍‌ମିଣ୍ଟନ, ଭଲିବଲ୍ ଓ ଆଥଲେଟିକ୍ସ। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚ୍‌ଆର୍‌ଡି) ସଲିଲ ବିଶ୍ୱନାଥ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (କର୍ପୋରେଟ୍ କମ୍ୟୁନିକେଶନ୍ସ) ଆଦିତ୍ୟ ଗୁପ୍ତା, ଏଲ୍‌ଆଇସି ନର୍ଦ୍ଦର୍ନ ଜୋନ୍ ଜୋନାଲ ମ୍ୟାନେଜର ଜେପିଏସ୍ ବଜାଜ ଏବଂ ଜୟପୁର ଡିଭିଜନର ସିନିୟର ଡିଭିଜନାଲ ମ୍ୟାନେଜରଗଣ ଉପସ୍ଥିତ ଥିଲେ। ଗେମ୍ସରେ କର୍ପୋରେଶନର ୮ଟି ଜୋନ୍‌ରୁ ପ୍ରାୟ ୪୫୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ନଭେମ୍ବର ୨୯ରେ ଉଦ୍‌ଯାପନୀରେ ପରିଚାଳନା ନିର୍ଦ୍ଦେଶକ ସତ୍‌ପାଲ୍ ମୁଖ୍ୟ ଅତିଥି ରହିବେ।

# ଦଧିଚୀ ଦ ୱାରିୟର୍ସର ସିଲେକ୍ସନ ଟ୍ରାଏଲ୍ସ

**କଣ୍ଟାପଡ଼ା, ୨୬।୧୧ (ସୁର ନାରାୟଣ ସାହୁ):** କ୍ରିକେଟ୍ ଏକାଡେମୀ ଅଫ୍ ପଠାନ୍ସ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ୟଙ୍ଗଷ୍ଟର୍ସ ପ୍ରିମିୟର ଲିଗ୍ ପାଇଁ ଦଧିଚୀ ଦ ୱାରିୟର୍ସର ସିଲେକ୍ସନ ଟ୍ରାଏଲ୍ସ ମଙ୍ଗଳବାର ଦଧିଚୀ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇ ଯାଇଛି। ୟଙ୍ଗଷ୍ଟର୍ସ ପ୍ରିମିୟର ଲିଗ୍‌ର ପ୍ରଥମ ସଂସ୍କରଣ ଡିସେମ୍ବର ୨୦ରୁ ଆରମ୍ଭ ହେବ। ଏହି ଟୁର୍ନାମେଣ୍ଟରେ ଦଧିଚୀ ଏଜୁକେଶନ ଟ୍ରଷ୍ଟ ୮ ଫ୍ରାଞ୍ଚାଇଜ ମଧ୍ୟରୁ ଅନ୍ୟତମ। ଦଧିଚୀ ଏଜୁକେଶନ ଟ୍ରଷ୍ଟର ଚେୟାରମ୍ୟାନ୍ ମନୋଜ ଦାସ ସିଲେକ୍ସନ ଟ୍ରାଏଲ୍ସକୁ ନେଇ ଖୁସି ଜାହିର କରିଛନ୍ତି।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ